# ସକାଳ THE SAKALA

RNI REGD NO: 42041/83
www.sakalaepaper.com
/thesakalanews
/TheSakala
www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-181 ◆BHUBANESWAR ◆TUESDAY ◆26 DECEMBER 2023 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୧୮୧ ◆ଭୁବନେଶ୍ୱର ◆ମଙ୍ଗଳବାର ◆୨୬ ଡିସେମ୍ବର ୨୦୨୩ ◆ପୃଷ୍ଠା-୧୬ ◆ଟ.୬.୦୦




ଅଲ୍ଟିମେଟ୍ ଖୋ ଖୋ-୨

**ଜାଏଣ୍ଟସ କବ୍‌ଜାରେ ୱାରିୟର୍ସ**

▶ପୃଷ୍ଠା ୧୬ ଦେଖନ୍ତୁ...

ଗୁରୁତ୍ୱପୂର୍ଣ୍ଣ ସ୍ତରରେ ପ୍ରବେଶକଲା ମହାକାଶ ଯାନ

## ଲକ୍ଷ୍ୟସ୍ଥଳ ଛୁଇଁବାକୁ ଆଦିତ୍ୟ ଏଲ୍-୧ର ଉଦ୍ୟମ

■ **ନୂଆଦିଲ୍ଲୀ, ୨୫।୧୨(ଏଜେନ୍ସି):** ସୂର୍ଯ୍ୟ ଅଭିଯାନରେ ଭାରତର ଆଦିତ୍ୟ-ଏଲ ୧ ମହାକାଶ ଯାନ ଏହାର ଯାତ୍ରା ସଫଳତାର ସହ ଅବ୍ୟାହତ ରଖିଥିଲା ବେଳେ ସୋମବାର ସୁଦ୍ଧା ଏହା ନିଜ ଲକ୍ଷ୍ୟସ୍ଥଳ ଛୁଇଁବାକୁ ଉଦ୍ୟମ ଆରମ୍ଭ କରିଛି। ସୂର୍ଯ୍ୟବଳୟ ନିକଟରେ ରହିଥିବା ଏବଂ ପୃଥିବୀ ଓ ସୂର୍ଯ୍ୟ ମଧ୍ୟରେ ମାଧ୍ୟାକର୍ଷଣ ଶକ୍ତିର ଏକ ସମତୁଲ ପଏଣ୍ଟ ଭାବେ ପରିଚିତ ଲାଗରେଞ୍ଜ ପଏଣ୍ଟ ୧( ଏଲ-୧) କକ୍ଷପଥରେ ପ୍ରବେଶ କରିବାକୁ ଆଦିତ୍ୟ-ଏଲ ୧ ପ୍ରସ୍ତୁତ ହୋଇସାରିଛି ବୋଲି ଇସ୍ରୋ ପକ୍ଷରୁ ସୂଚନା ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ଆଦିତ୍ୟ-ଏଲ ୧ ମହାକାଶରେ ୧୫ ଲକ୍ଷ କିମିରୁ ଅଧିକ ପଥ ଅତିକ୍ରମ କରିବା ସହିତ ନିଜର ଲକ୍ଷ୍ୟପଥ ନିକଟବର୍ତ୍ତୀ ହୋଇଛି ବୋଲି କୁହାଯାଇଛି।



ଏଲ-୧ ପଏଣ୍ଟ କକ୍ଷପଥରେ ପ୍ରବେଶ ପ୍ରକ୍ରିୟା ଅତ୍ୟନ୍ତ ଜଟିଳ ବୋଲି ଇସ୍ରୋ କହିଥିଲେ ହେଁ ଏଥିରେ ଆଦିତ୍ୟ-ଏଲ ୧ ମହାକାଶ ଯାନ ସଫଳ ହେବ ବୋଲି ଇସ୍ରୋ ବୈଜ୍ଞାନିକମାନେ କହିଛନ୍ତି। ଏଲ-୧ ପଏଣ୍ଟରେ ପହଞ୍ଚିବା ପୂର୍ବରୁ ଆଦିତ୍ୟ ଏଲ-୧ ପୃଥିବୀର ବହୁ ଗୁରୁତ୍ୱପୂର୍ଣ୍ଣ କକ୍ଷପଥ ଦେଇ ଅତିକ୍ରମ କରିଛି। ଏହି ପ୍ରକ୍ରିୟା ମଧ୍ୟ କଷ୍ଟସାଧ୍ୟ ଥିଲା। କିନ୍ତୁ ଏହାକୁ ମଧ୍ୟ ଆଦିତ୍ୟ ଏଲ-୧ ସଫଳତାର ସହ ସମ୍ପନ୍ନ କରିଛି ବୋଲି ଇସ୍ରୋ ବୈଜ୍ଞାନିକମାନେ କହିଛନ୍ତି। ଏଲ-୧ ପଏଣ୍ଟରେ ପ୍ରବେଶକରି ଆଦିତ୍ୟ-ଏଲ ୧ ସୌର ପରିବେଶ ସହିତ ଚୁମ୍ବକୀୟ ସୌର ଝଡ଼କୁ ନେଇ ପଥିବୀ ଉପରେ ରହିଥିବା ପ୍ରଭାବ ସମ୍ପର୍କରେ ଅଧ୍ୟୟନ କରିବ ବୋଲି କୁହାଯାଇଛି।

ମହିଳା ସଫ୍ଟୱେୟାର୍ ଇଞ୍ଜିନିୟରଙ୍କୁ ଜିଅନ୍ତା ଜାଳିଦେଲେ ସହପାଠିନୀ

## ବାହାହେବା ପାଇଁ ବଦଳାଇଥିଲେ ଲିଙ୍ଗ

■ **ଚେନ୍ନଇ, ୨୫।୧୨ (ଏଜେନ୍ସି):** ଚେନ୍ନଇର ଥଲମ୍ବୁରରୁ ବିଚଳିତ କରିବା ଭଳି ଏକ ଘଟଣା ସାମ୍ନାକୁ ଆସିଛି। ଜନ୍ମଦିନର ଗୋଟିଏ ଦିନ ପୂର୍ବରୁ ଜଣେ ସଫ୍ଟୱେୟାର୍ ଇଞ୍ଜିନିୟର ଆର୍ ନନ୍ଦିନୀ (୨୪)ଙ୍କୁ ଅତି ନୃଶଂସ ଭାବେ ହତ୍ୟା କରାଯାଇଛି। ଯୁବତୀଙ୍କ ଆଖିରେ ପଟି ବାନ୍ଧି ଶିକୁଳିରେ ଟାଣି, ବ୍ଲେଡ୍‌ରେ କାଟିବା ପରେ ଜିଅନ୍ତା ଜାଳି ହତ୍ୟା କରାଯାଇଛି। ନନ୍ଦିନୀଙ୍କ ସହ ଗୋଟିଏ ରୁମ୍‌ରେ ରହୁଥିବା ସହପାଠିନୀ ପାଣ୍ଡି ମାହେଶ୍ୱରୀ(୨୭) ଏହି ଜଘନ୍ୟ କାଣ୍ଡ ଘଟାଇଛି। ସେ ନନ୍ଦିନୀଙ୍କୁ ଭଲପାଉଥିଲା। ବାହା ହେବା ପାଇଁ ଲିଙ୍ଗ ପରିବର୍ତ୍ତନ କରି ମହିଳାରୁ ପୁରୁଷ ହୋଇଥିଲା। ପରେ ନାମ ବଦଳାଇ ପାଣ୍ଡି ମାହେଶ୍ୱରୀରୁ ଭେଟ୍ରିମାରନ (ଟ୍ରାନ୍ସମ୍ୟାନ) କରି ଦେଇଥିଲା। କିନ୍ତୁ ନନ୍ଦିନୀ ତାକୁ ବାହା ହେବାକୁ ମନା କରିଦେଇଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଭେଟ୍ରିମାରନ ରାକ୍ଷସ ପାଲଟି ଯାଇଥିଲା। ନିଜ ପିଲାଦିନର ବାନ୍ଧବୀ ନନ୍ଦିନୀଙ୍କୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର କରିଥିଲା।



ପୁଲିସ ସୂଚନା ଅନୁଯାୟୀ ମଦୁରାଇର ଭେଟ୍ରିମାରନ ଏବଂ ନନ୍ଦିନୀ ଚେନ୍ନଇର ଏକ ଆଇଟି କମ୍ପାନୀରେ ଚାକିରି କରୁଥିଲେ। ରବିବାର ନନ୍ଦିନୀଙ୍କ ଜନ୍ମଦିନ ଥିଲା। ଏହା ପୂର୍ବଦିନ ଶନିବାର ଭେଟ୍ରିମାରନ ତାଙ୍କୁ ଫୋନ କରିଥିଲା। ଜନ୍ମଦିନରେ ଚମକାଇବା ଭଳି ଉପହାର ଦେବାକୁ ଡାକିଥିଲା। ଉଭୟେ ଏକାଠି ସଫିଂ କରି ତାମ୍ବରମ ସ୍ଥିତ ଏକ ଅନାଥାଶ୍ରମକୁ ଯାଇଥିଲେ। ଏହା ପରେ ଭେଟ୍ରିମାରନ ଘରେ ଛାଡ଼ି ଆସିବା ପାଇଁ ନନ୍ଦିନୀକୁ କହିଥିଲା। ବାଟରେ ଯିବା ସମୟରେ ଏକ ଶୂନଶାନ ରାସ୍ତାରେ ନନ୍ଦିନୀଙ୍କୁ ସେ ଅତି ବୀଭତ୍ସ ଭାବେ ହତ୍ୟା କରିଥିଲା।

# ଶ୍ରୀମନ୍ଦିର ସୁରକ୍ଷା ପାଇଁ ସ୍ୱତନ୍ତ୍ର ବାଟାଲିୟନ୍

## ‘୫-ଟି’ ଅଧ୍ୟକ୍ଷଙ୍କ ପ୍ରସ୍ତାବକୁ ଅନୁମୋଦନ ଦେଲେ ମୁଖ୍ୟମନ୍ତ୍ରୀ



■ **ଭୁବନେଶ୍ୱର, ୨୫।୧୨ (ସମିସ):** ଶ୍ରୀମନ୍ଦିରର ସୁରକ୍ଷା ଆହୁରି ସୁଦୃଢ଼ ହେବ; ଭିଡ଼ ନିୟନ୍ତ୍ରଣ କ୍ଷମତା ବି ବଢ଼ିବ। ‘୫-ଟି’ ଉପକ୍ରମ ଅଧୀନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପାଇଁ ସ୍ୱତନ୍ତ୍ର ସୁରକ୍ଷା ବାଟାଲିଅନ୍ (ଏସ୍‌ଏସ୍‌ବି) ଗଠନକୁ ବିଧିବଦ୍ଧ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଶ୍ରୀମନ୍ଦିର ସହ ଜଡ଼ିତ ସମସ୍ତ ଅଂଶୀଦାରଙ୍କ ସହ ଆଲୋଚନା ଆଧାରରେ ‘୫-ଟି’ ଓ ‘ନବୀନ ଓଡ଼ିଶା’ ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଏହି ପ୍ରସ୍ତାବ ଦେଇଥିଲେ। ସେଥିରେ ଆଜି ମୁଖ୍ୟମନ୍ତ୍ରୀ ମୋହର ମାରିଛନ୍ତି। ପୁରୀ ଏସ୍‌ପିଙ୍କ ଅଧୀନରେ ପରିଚାଳିତ ହେବାକୁ ଥିବା ଏହି ବାଟାଲିଅନ୍ ମୁଖ୍ୟତଃ ଶ୍ରୀମନ୍ଦିରର ସୁରକ୍ଷା, ଭିଡ଼ ପରିଚାଳନା ଦାୟିତ୍ୱରେ ରହିବ। ଏହାସହ ଶ୍ରୀକ୍ଷେତ୍ରକୁ ଆସୁଥିବା ଲକ୍ଷଲକ୍ଷ ଶ୍ରଦ୍ଧାଳୁଙ୍କ ସମସ୍ୟା ଦୂର କରିବା କାମରେ ନିୟୋଜିତ ହେବ।

> ସୁରକ୍ଷା, ଭିଡ଼ ନିୟନ୍ତ୍ରଣ ଓ ଶ୍ରଦ୍ଧାଳୁଙ୍କ ସୁବିଧା ହେବ ମୁଖ୍ୟ ଦାୟିତ୍ୱ
>
> ପୁରୀ ଏସ୍‌ପିଙ୍କ ଅଧୀନରେ କାର୍ଯ୍ୟ କରିବେ ୧୧୯୦ କର୍ମଚାରୀ
>
> ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପରେ ଭିଡ଼ ଆହୁରି ବଢ଼ିବ

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନାନୁସାରେ, ହିନ୍ଦୁ ଧର୍ମାବଲମ୍ବୀମାନଙ୍କ ପାଇଁ ଶ୍ରୀଜଗନ୍ନାଥ ମନ୍ଦିର ଆସ୍ଥା ଓ ଶ୍ରଦ୍ଧାର କେନ୍ଦ୍ରବିନ୍ଦୁ। ତେଣୁ ପ୍ରତିଦିନ ଭାରତ ସମେତ ବିଶ୍ୱର କୋଣଅନୁକୋଣରୁ ଲକ୍ଷାଧିକ ଶ୍ରଦ୍ଧାଳୁ ଶ୍ରୀକ୍ଷେତ୍ରକୁ ଛୁଟି ଆସନ୍ତି। କରୋନା ମହାମାରୀ ପରେ ଶ୍ରଦ୍ଧାଳୁଙ୍କ ସଂଖ୍ୟାରେ ଆହୁରି ବୃଦ୍ଧି ଘଟିଛି। ସାଧାରଣ ଦିନମାନଙ୍କରେ ଦୈନିକ ପ୍ରାୟ ୫୦ ହଜାର ଏବଂ ପର୍ବପର୍ବାଣୀ ଓ ଛୁଟି ଦିନଗୁଡ଼ିକରେ ଏହି ସଂଖ୍ୟା ଦୁଇ/ତିନିଗୁଣା ବୃଦ୍ଧି ପାଉଥିବା ପରିଲକ୍ଷିତ ହେଉଛି। ଅନେକ ସମୟରେ ଅତ୍ୟଧିକ ଭିଡ଼ ଯୋଗୁଁ ଠେଲାପେଲା ଭଳି ଅଭାବନୀୟ ଘଟଣା ବି ଦେଖିବାକୁ ମିଳୁଛି। ଶ୍ରଦ୍ଧାଳୁମାନେ ଠିକ୍ ଭାବେ ମହାପ୍ରଭୁଙ୍କ ଦର୍ଶନ କରିପାରୁ ▶ପୃଷ୍ଠା-୯

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ

## ସକାଳ ୮ ଟାରେ ‘ନିମନ୍ତ୍ରଣ’ ଲଗ୍ନ

■ **ପୁରୀ, ୨୫।୧୨ (ସମିସ):** ଆସନ୍ତା ଜାନୁଆରୀ ୧୭ ତାରିଖରେ ଓଡ଼ିଶା ସହ ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିର ଇତିହାସରେ ଯୋଡ଼ି ହେବ ସ୍ୱର୍ଣ୍ଣିମ ଫର୍ଦ୍ଦ। ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ହେବ ଲୋକାର୍ପଣ। ଏଥିପାଇଁ ଭବ୍ୟ ଆୟୋଜନ ଆରମ୍ଭ କରିଛି ଶ୍ରୀମନ୍ଦିର ପ୍ରଶାସନ। ଏହି ଧାର୍ମିକ କାର୍ଯ୍ୟରେ ସାରା ଦେଶକୁ ସାମିଲ କରିବା ନିମନ୍ତେ ଖସଡ଼ା ପ୍ରସ୍ତୁତ ହୋଇଛି। ଦେଶର ପ୍ରମୁଖ ଦେବଦେବୀ ପୀଠ, ଚାରିଧାମର ପୀଠାଧୀଶ୍ୱର, ବିଶିଷ୍ଟ ଧର୍ମଗୁରୁ ଓ ଖ୍ୟାତନାମା ବ୍ୟକ୍ତିମାନଙ୍କୁ ଏହି କାର୍ଯ୍ୟକ୍ରମକୁ ନିମନ୍ତ୍ରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଜଗଦଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ନିମନ୍ତ୍ରଣ ପତ୍ର ପ୍ରଦାନ କରାଯାଇ ସାରିଛି।



> ୩୦ ଟିମ୍‌ରେ ୧୨୪ ସେବାୟତ ସାମିଲ
>
> ପ୍ରତ୍ୟେକ ଟିମ୍‌ରେ ଜଣେ ଲେଖାଏଁ ନୋଡାଲ୍ ଅଫିସର

ଏହି କ୍ରମରେ ମାର୍ଗଶିର ପୂର୍ଣ୍ଣିମା ଅର୍ଥାତ ଆସନ୍ତାକାଲିଠାରୁ ଦେଶର ପ୍ରମୁଖ ଦେବପୀଠଗୁଡ଼ିକୁ ନିମନ୍ତ୍ରଣ ନିମନ୍ତେ ୩୦ଟି ଟିମ୍ ରାଜ୍ୟ ଓ ରାଜ୍ୟ ବାହାରକୁ ଯାତ୍ରା ଆରମ୍ଭ କରିବେ। ରାଜ୍ୟ ମଧ୍ୟରେ ପ୍ରମୁଖ ▶ପୃଷ୍ଠା-୯

# ‘ଏକ ଦେଶ-ଏକ ନିର୍ବାଚନ’ ନକ୍ସା ପ୍ରସ୍ତୁତ

■ **ନୂଆଦିଲ୍ଲୀ,୨୫।୧୨(ସମିସ):** ଆସନ୍ତା ୨୦୨୯ରେ ଦେଶରେ ହୋଇପାରେ ଏକକ ନିର୍ବାଚନ। ଏକ ସମୟରେ ରାଜ୍ୟଗୁଡ଼ିକର ବିଧାନସଭା ନିର୍ବାଚନ ସହ ସାଧାରଣ ନିର୍ବାଚନ ନିମନ୍ତେ ନକ୍ସା ପ୍ରସ୍ତୁତ କରିଛି ‘ଏକ ଦେଶ, ଏକ ନିର୍ବାଚନ’ କମିଟି। ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ବହୁ ବିଚାରବିମର୍ଶ ପରେ ଏ ସଂକ୍ରାନ୍ତରେ ପ୍ରସ୍ତୁତ କରିଥିବା ଦଲିଲ ଅନୁମୋଦନକୁ ଅପେକ୍ଷା କରିଛି। ତେବେ ଏ କ୍ଷେତ୍ରରେ ଗୋଟିଏ ପ୍ରତିବନ୍ଧକ ରହିଛି, ତାହା ହେଉଛି ରାଜ୍ୟଗୁଡ଼ିକର ବିଧାନସଭା ନିର୍ବାଚନ। ୨୦୨୬ ସୁଦ୍ଧା ଦେଶର ୨୫ଟି ରାଜ୍ୟର ବିଧାନସଭା ନିର୍ବାଚନ ହୋଇପାରିଲେ ୨୦୨୯ରେ ଏକ ଦେଶ, ଏକ ନିର୍ବାଚନ ପଥ ପରିଷ୍କାର ହୋଇପାରିବ। ନିକଟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିବା ମଧ୍ୟପ୍ରଦେଶ, ରାଜସ୍ଥାନ, ତେଲଙ୍ଗାନା, ଛତିଶଗଡ଼ ଓ ମିଜୋରାମକୁ ଏଥିରୁ ବାଦ୍ ଦିଆଯାଇଛି। ଏହି ରାଜ୍ୟଗୁଡ଼ିକର ବିଧାନସଭା ଅବଧି ୨୦୨୮ରେ ଶେଷ ହେଉଛି। ବିଶେଷ ପରିସ୍ଥିତିରେ ବିଧାନସଭା କାର୍ଯ୍ୟକାଳଗୁଡ଼ିକୁ ୬ ମାସ ବୃଦ୍ଧି କରାଯିବା ନିମନ୍ତେ ରହିଥିବା ପ୍ରାବଧାନର ଉପଯୋଗ କରାଯାଇ ଲୋକସଭା ନିର୍ବାଚନ ସହ ଏହି ରାଜ୍ୟର ବିଧାନସଭା ନିର୍ବାଚନ କରାଯାଇପାରେ ବୋଲି କୁହାଯାଉଛି।

> ▶ ୨୦୨୯ରେ ସାରା ଦେଶରେ ହୋଇପାରେ ଏକକ ନିର୍ବାଚନ
>
> ▶ ହ୍ରାସ ହୋଇପାରେ ୨୫ ରାଜ୍ୟର ବିଧାନସଭା କାର୍ଯ୍ୟକାଳ ଅବଧି
>
> ▶ ୨୦୨୬ ସୁଦ୍ଧା ହୋଇପାରେ ୨୫ ରାଜ୍ୟର ବିଧାନସଭା ନିର୍ବାଚନ
>
> ▶ ବିଧି ଆୟୋଗର ମତାମତ ଲୋଡ଼ିବେ କମିଟି ଅଧ୍ୟକ୍ଷ ରାମନାଥ
>
> ▶ ସ୍ୱାଧୀନତା ପରେ ୪ଥର ଦେଶରେ ହୋଇଛି ଏକକ ନିର୍ବାଚନ



୨୦୨୪ରେ ଦେଶର ୮ଟି ରାଜ୍ୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟରେ ଆନ୍ଧ୍ରପ୍ରଦେଶ, ଓଡ଼ିଶା, ଅରୁଣାଚଳ ପ୍ରଦେଶ, ସିକିମ ନିର୍ବାଚନ ଜୁନ୍ ୨୦୨୪ ସୁଦ୍ଧା ଶେଷ ହେବ। ସେହିପରି ହରିଆଣା, ମହାରାଷ୍ଟ୍ର, ଝାଡ଼ଖଣ୍ଡର ନିର୍ବାଚନ ବର୍ଷର ଶେଷ ଭାଗରେ ଅନୁଷ୍ଠିତ ହେବ। ଏହାବ୍ୟତୀତ ଜାମ୍ମୁକାଶ୍ମୀର ବିଧାନସଭା ନିର୍ବାଚନ ମଧ୍ୟ ଆଗାମୀ ବର୍ଷ ହେବାର ସମ୍ଭାବନା ରହିଛି। ଏକ ସମୟରେ ସାଧାରଣ ନିର୍ବାଚନ ଓ ବିଧାନସଭା ନିର୍ବାଚନ ପାଇଁ ପ୍ରଥମ ୪ ରାଜ୍ୟ ଓଡ଼ିଶା, ଆନ୍ଧ୍ର, ଅରୁଣାଚଳ ପ୍ରଦେଶ ଓ ସିକିମ ପାଇଁ କିଛି ସମସ୍ୟା ନାହିଁ। ତେବେ ଅନ୍ୟ ୪ ରାଜ୍ୟ ମହାରାଷ୍ଟ୍ର, ହରିଆଣା, ଝାଡ଼ଖଣ୍ଡ, ଜାମ୍ମୁ-କାଶ୍ମୀର ବିଧାନସଭା ଅବଧିକୁ ୬ ମାସ ହ୍ରାସ କରି ଏକକ ନିର୍ବାଚନରେ ସାମିଲ କରାଯିବାକୁ ଖସଡ଼ା ▶ପୃଷ୍ଠା-୯

ରୂପାନ୍ତରଣର ନୂଆ ଅଧ୍ୟାୟ ଲେଖିବ ସ୍ୱାଭିମାନ ଅଞ୍ଚଳ

# ମାଲକାନଗିରିକୁ ଉଡ଼ିବ ବିମାନ

■ **ଭୁବନେଶ୍ୱର, ୨୫।୧୨ (ସମିସ):** ବିମାନ ଦେଖିବ ରାଜ୍ୟର ସବୁଠାରୁ ଉପାନ୍ତ ଜିଲ୍ଲା ମାଲକାନଗିରି। ଆସନ୍ତା ଜାନୁଆରୀ ମାସ ପ୍ରଥମ ସପ୍ତାହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଲୋକାର୍ପଣ କରିବେ। ଭୁବନେଶ୍ୱରରୁ ମୁଖ୍ୟମନ୍ତ୍ରୀ ମାଲକାନଗିରି ବିମାନବନ୍ଦରରେ ପହଞ୍ଚିବା ପରେ ସେଠାରୁ ନୂତନ ବିମାନ ଚଳାଚଳର ଶୁଭାରମ୍ଭ କରିବେ। ଏ ନେଇ କ୍ରୀଡ଼ା ସଚିବ ତଥା ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଆର ଭିନିଲ କ୍ରିଷ୍ଣା ନିଜ ଏକ୍ସ ଆକାଉଣ୍ଟରେ ସୂଚନା ଦେଇଛନ୍ତି।

ଜାନୁଆରୀରେ ମାଲକାନଗିରିରୁ ବିମାନ ଚଳାଚଳ ଆରମ୍ଭ ହେବା ନେଇ ପ୍ରଥମେ ‘ସକାଳ’ ପକ୍ଷରୁ ରିପୋର୍ଟ ପ୍ରକାଶ ପାଇଥିଲା। ଏକଦା ମାଓବାଦୀଙ୍କ ଗଡ଼ ଥିବା ମାଲକାନଗିରି ଜିଲ୍ଲା ଆଜି ରକ୍ତପାତର ଆତଙ୍କରୁ ବାହାରି ରୂପାନ୍ତରଣ ନୂଆ ଅଧ୍ୟାୟ ଲେଖିବାକୁ ଯାଉଛି। ଗତ ୨୦୧୮ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱାଭିମାନ ଅଞ୍ଚଳରେ ଗୁରୁପ୍ରିୟା ▶ପୃଷ୍ଠା-୯

> ଜାନୁଆରୀରେ ମୁଖ୍ୟମନ୍ତ୍ରୀ କରିବେ ଉଦ୍‌ଘାଟନ



> ସପ୍ତାହକୁ ଉଡ଼ିବ ୩ ଦିନ

## ରାଉରକେଲା-କୋଲକାତା ବିମାନ ଚଳାଚଳ ଆଜିଠୁ

■ **ରାଉରକେଲା, ୨୫।୧୨(ସମିସ):** ରାଉରକେଲାବାସୀଙ୍କ ଦୀର୍ଘ ଦିନର ଦାବି ପୂରଣ ହେବାକୁ ଯାଉଛି। ଆସନ୍ତାକାଲି (ମଙ୍ଗଳବାର) ରାଉରକେଲା-କୋଲକାତା ମଧ୍ୟରେ ସିଧାସଳଖ ବିମାନ ଚଳାଚଳ ଆରମ୍ଭ ହେବ। ସପ୍ତାହର ମଙ୍ଗଳବାର, ଗୁରୁବାର ଏବଂ ଶନିବାର; ୩ଦିନ ରାଉଲକେଲା ଓ କୋଲକାତା ମଧ୍ୟରେ ଏହି ଏଟିଆର-୭୨ ବିମାନ ଚଳାଚଳ କରିବ। ବିମାନଟି ପୂର୍ବାହ୍ନ ୧୧ଟାରେ କୋଲକାତା ବିମାନବନ୍ଦରରୁ ବାହାରି ରାଉରକେଲାରେ ସାଢ଼େ ୧୨ଟାରେ ପହଞ୍ଚିବ। ▶ପୃଷ୍ଠା-୯

## ଲୋକକଥା




ରାଜ୍ୟବାସୀଙ୍କର ସେବାରେ ନବୀନ  
ବିତାଅନ୍ତି ଦିନ ରାତି,  
ବିକାଶ କେମିତି ହେବ ଏ ମାଟିର  
କାଳ ବିତେ ଭାବିଚିନ୍ତି।  
ଅସରନ୍ତି ଦୃଢ଼ ନୀତି  
ଦୁର୍ନୀତି ଦୂରେଇ ବାଟ ସଜାଡ଼ନ୍ତି,  
ଗତି କରିବ ପ୍ରଗତି !!

# ୨୭ ବର୍ଷରେ ବିଜେଡି: ଅଦମିତ, ଅପରାଜେୟ

■ **ଭୁବନେଶ୍ୱର, ୨୫।୧୨ (ସମିସ):** ଆସନ୍ତାକାଲି ବିଜୁ ଜନତା ଦଳକୁ ୨୬ ପୂରିବ। ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଅବର୍ତ୍ତମାନରେ ତାଙ୍କର ଆଦର୍ଶକୁ ନେଇ ୧୯୯୭ ଡିସେମ୍ବର ୨୬ ତାରିଖରେ ଗଠନ ହୋଇଥିବା ବିଜୁ ଜନତା ଦଳ ୨୭ ବର୍ଷରେ ପଦାର୍ପଣ କରିବ। ଏହି ଦୀର୍ଘ ଯାତ୍ରା ପଥରେ ବିଜେଡିକୁ କ୍ରମାଗତ ଭାବରେ ମିଳିଛି ରାଜ୍ୟବାସୀଙ୍କ ଅସୀମ ଶ୍ରଦ୍ଧା। ନିରବଚ୍ଛିନ୍ନ ନିରଙ୍କୁଶ ସଂଖ୍ୟା ଗରିଷ୍ଠତା, ନିରନ୍ତର କ୍ଷମତା। ପ୍ରତିଦାନରେ ବିଜେଡି ଦେଇଛି ରାଜ୍ୟବାସୀଙ୍କୁ ଏକ ସ୍ଥିର ସରକାର, ଦୃଢ଼ ଶାସନ, ପର୍ଯ୍ୟାପ୍ତ ଲୋକହିତକର ଯୋଜନା। ନିର୍ବାଚନ ଆସିଛି, ଯାଇଛି; ମାତ୍ର ପ୍ରତ୍ୟେକ ନିର୍ବାଚନରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ସୃଷ୍ଟି କରିଛି ଗୋଟିଏ ଗୋଟିଏ ନୂଆ ମାଇଲଖୁଣ୍ଟ। ସାଧାରଣ ଲୋକଙ୍କ ଅବାରିତ ସମର୍ଥନ, ଆସ୍ଥା ଓ ବିଶ୍ୱାସ ବିଜେଡିକୁ କରିଛି ଅଧିକ ଦାୟିତ୍ୱ ସଚେତନ। ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାର ସୁଫଳକୁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବାରେ ନିରନ୍ତର ପ୍ରୟାସ ଦଳୀୟ ସଙ୍ଗଠନକୁ କରିଛି ସଶକ୍ତ। ବିଜେଡିର ଦୃଢ଼ ନେତୃତ୍ୱ ଓ ସାଙ୍ଗଠନିକ ଭିତ୍ତିଭୂମି ଏକ ସମୃଦ୍ଧ ‘ନବୀନ ଓଡ଼ିଶା’ର ପଥ ପ୍ରସ୍ତୁତ କରିଛି।




> ଦଳର ଶୃଙ୍ଖଳିତ ଏବଂ ନମ୍ର କର୍ମୀ ଦଳ ପାଇଁ ଆଣିଛନ୍ତି ବିପୁଳ ସଫଳତା
>
> ବିଜେଡିର ଈର୍ଷଣୀୟ ସଫଳତା ଦେଶବ୍ୟାପୀ ଚର୍ଚ୍ଚାରେ

ଗତ ୨୬ ବର୍ଷ ମଧ୍ୟରେ ଦଳରେ ଘଟିଛି ଅନେକ ରୂପାନ୍ତର, ଅନେକ ଘଟାନ୍ତର। ଏହା ସତ୍ତ୍ୱେ ରାଜନୈତିକ ବାଦବିବାଦ ଓ ବିରୋଧୀଙ୍କ ଆଘାତ-ପ୍ରତିଘାତକୁ ଅତିକ୍ରମ କରି ବିଜେଡି ରାଜ୍ୟର ଅପ୍ରତିଦ୍ୱନ୍ଦ୍ୱୀ ରାଜନୈତିକ ଦଳ ସହ ସାମୂହିକ ଆନ୍ଦୋଳନରେ ପରିଣତ ହୋଇଛି। ଦଳର ସଭାପତି ନବୀନ ପଟ୍ଟନାୟକ ‘ସେବାର ସାଧକ’ ବ୍ରାଣ୍ଡରେ ପରିଣତ ହୋଇଛନ୍ତି। ରାଜ୍ୟବାସୀଙ୍କ ହିତ ଓ ରାଜ୍ୟର ସ୍ୱାର୍ଥ ନିମନ୍ତେ କେନ୍ଦ୍ର ସହ ଲଢ଼ିବାକୁ ନବୀନଙ୍କ ଆହ୍ୱାନକୁ ବୀଜମନ୍ତ୍ର ଭାବରେ ବିଜେଡି ଗ୍ରହଣ କରିଛି। ନବୀନଙ୍କ ରାଜ୍ୟବାସୀଙ୍କ ନିମନ୍ତେ ଉତ୍ସର୍ଗୀକୃତ ସେବା ହେଉଛି କ୍ଷମତାର ଏକମାତ୍ର ପରିଭାଷା। ସେବାର ସାଧକ ଭାବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ୨୭ ବର୍ଷ ମଧ୍ୟରେ ବିଜୁ ଜନତା ଦଳକୁ ଉତ୍ସର୍ଗୀକୃତ ସେବାର ପ୍ରତିଷ୍ଠାନ ଭାବରେ ଗଢ଼ିବାକୁ ସକ୍ଷମ ହୋଇଛନ୍ତି। ଏକ ଆଞ୍ଚଳିକ ଦଳ ଭାବରେ ବିଜେଡି ରାଜ୍ୟର ଲୋକଙ୍କ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ନିମନ୍ତେ ଲଢ଼େଇ କରିବା ସହ ନିଜସ୍ତରରେ ରାଜ୍ୟବାସୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟକ୍ରମ ଜାରି ରଖିଛି।

୧୯୯୭ ମସିହାରେ ନବୀନଙ୍କ ନେତୃତ୍ୱାଧୀନ ବିଜେଡ଼ି ପ୍ରତ୍ୟେକ ବିଧାନସଭା ନିର୍ବାଚନରେ ଗୋଟିକ ପରେ ଗୋଟିଏ କୀର୍ତ୍ତିମାନ ସୃଷ୍ଟି କରିଛି। ୧୯୯୮ରେ ବିଜେଡିକୁ ମିଳିଥିଲା ୩୬.୬୯ ଲକ୍ଷ ଲୋକଙ୍କ ସମର୍ଥନ। ମାତ୍ର ୨୦୨୨ରେ ଏହା ୪ଗୁଣକୁ ବୃଦ୍ଧି ପାଇଛି। ପଞ୍ଚାୟତ ଓ ପୌର ନିର୍ବାଚନରେ ଏହି ଭୋଟ ସଂଖ୍ୟା ୧୨୦ ଲକ୍ଷ ଅତିକ୍ରମ କରିଛି। ▶ପୃଷ୍ଠା-୯

## କଣ୍ଟାବାଞ୍ଜିରେ ଝାଡ଼ାବାନ୍ତି; ୨ ମୃତ



■ **ତୁରେକେଲା/ କାଣ୍ଟାବାଞ୍ଜି, ୨୫।୧୨(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜିରେ ଝାଡ଼ାବାନ୍ତିରେ ୨ଜଣଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, ଖୋଲାନ ପୋଡ଼ାପଦର ଗାଁର ମୀରା ସାହୁ ଓରଫ୍ ଚାନ୍ଦିନୀ ଓ ମୁରିବାହାଲ ମାଳିବାହାଲ ଗାଁର ସନ୍ତୋଷ ମାଝୀ। ଏମାନଙ୍କ ବ୍ୟତୀତ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଆଉ ୩ଜଣ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ମୃତାହତମାନେ ଆଜି ସକାଳେ ହସ୍ପିଟାଲରେ ଆଡମିଟ୍ ହୋଇଥିଲେ। ଖବର ପାଇ ଉପଜିଲ୍ଲାପାଳ ଦୟାମୟ ପାଢ଼ୀ, ସିଡିଏମ୍‌ଓ କୁବେର ମହନ୍ତ ଡାକ୍ତରଖାନାରେ ପହଞ୍ଚି ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ମୃତକଙ୍କ ପରିବାରକୁ ▶ପୃଷ୍ଠା-୯

> ସ୍ଥିତି ପରଖିଲେ ଉପଜିଲ୍ଲାପାଳ ଓ ସିଡିଏମ୍‌ଓ



# ୨୭ରେ ବିଜୁ ଜନତା ଦଳ

# ସଫଳତାର ସୋପାନ ଚଢ଼ିଚାଲିଛି ବିଜେଡି

ପ୍ରହଲାଦ କୁମାର ସିଂହ

୨୬ ଡିସେମ୍ବର ୨୦୨୩ରେ ୨୬ବର୍ଷ ପୂରଣ କରି ୨୭ବର୍ଷ ବୟସରେ ପାଦ ଥାପିଛି ବିଜୁ ଜନତା ଦଳ(ବିଜେଡି)। ୧୯୯୭ ଡିସେମ୍ବର ୨୬ରେ ଜନ୍ମଲାଭ କରିଥିବା ଏହି ନୂଆ ଆଞ୍ଚଳିକ ଦଳ ତାହାର ଯାତ୍ରାପଥରେ ଅନେକ ବାଧାବିଘ୍ନ ଅତିକ୍ରମ କରି ଓଡ଼ିଶାବାସୀଙ୍କ ମନ ଜିଣିବା ସହ ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ମଧ୍ୟ ଢେର୍ ପ୍ରଶଂସା ସାଉଁଟିଛି। ୧୯୯୭ରୁ ନିର୍ବାଚନୀ ରାଜନୀତିରେ ପାଦ ଥାପିଥିବା ନବୀନ ପଟ୍ଟନାୟକ ଏଯାବତ୍ ଅପରାଜେୟ ହୋଇ ରହିଛନ୍ତି। ଇତିମଧ୍ୟରେ ତାଙ୍କ ନେତୃତ୍ୱରେ ବିଜେଡି ଓଡ଼ିଶାରେ ୫ଥର ସରକାର ଗଢ଼ିବା ପରେ ଏବେ ୨୦୨୪ରେ ପୁଣି ଷଷ୍ଠ ପାଳି ଆଡ଼କୁ ଯାଉଛି।

୧୯୪୬ରୁ ୧୯୯୭ ପର୍ଯ୍ୟନ୍ତ ୫୧ବର୍ଷ ଧରି ବିଜୁ ପଟ୍ଟନାୟକ ରାଜ୍ୟ ଓ କେନ୍ଦ୍ର ରାଜନୀତିରେ ବେଶ୍ ସକ୍ରିୟ ଥିଲେ। ଶାସନ କ୍ଷମତାରେ ଥାଆନ୍ତୁ କି ନଥା'ନ୍ତୁ ବିଜୁ ବାବୁଙ୍କର କିନ୍ତୁ ଲୋକଙ୍କ ନିକଟରେ ଢେର୍ ଗ୍ରହଣୀୟତା ଥିଲା। ସତେଯେମିତି ସେ ଜୟ ପରାଜୟରୁ ଉର୍ଦ୍ଧ୍ୱରେ ଥିଲେ। କ୍ରମାଗତ ପ୍ରାକୃତିକ ଦୁର୍ବିପାକ ସହ କେନ୍ଦ୍ରୀୟ ଅବହେଳାର ଶିକାର ହୋଇଆସିଛି ଓଡ଼ିଶା। କେନ୍ଦ୍ରୀୟ ଦଳଗୁଡ଼ିକର ଓଡ଼ିଶା ପ୍ରତି ହେୟ ମନୋଭାବ ବିଜୁବାବୁଙ୍କୁ ବ୍ୟଥିତ କରୁଥିଲା।୧୯୯୫ ପରେ ଓଡ଼ିଶାର ସ୍ୱାଭିମାନ ଓ ସ୍ୱାର୍ଥ ରକ୍ଷା ପାଇଁ ପୁଣି ଏକ ଆଞ୍ଚଳିକ ଦଳ ପ୍ରତିଷ୍ଠା ପରିକଳ୍ପନାରେ ଥିଲେ ବିଜୁବାବୁ। ତେବେ ୧୯୯୭ ଏପ୍ରିଲ ୧୭ ତାରିଖରେ ତାଙ୍କର ବିୟୋଗ ଘଟିବାରୁ ଅନେକ ସ୍ୱପ୍ନ ଭଳି ଏହା ବି ଅଧୁରା ରହିଗଲା। ଏ ପରିପ୍ରେକ୍ଷୀରେ ଦଳମତ ନିର୍ବିଶେଷରେ ବିଜୁବାବୁଙ୍କୁ ଭଲ ପାଉଥିବା କୋଟି କୋଟି ଓଡ଼ିଆଙ୍କ ଆଗ୍ରହକ୍ରମେ ତାଙ୍କ କନିଷ୍ଠ ପୁତ୍ର ନବୀନ ପଟ୍ଟନାୟକ ରାଜନୈତିକ କ୍ଷେତ୍ରରେ ପ୍ରବେଶ କରି ଉପନିର୍ବାଚନ ଲଢ଼ି ଆସିକାରୁ ଲୋକସଭାକୁ ଜନତା ଦଳ ପ୍ରାର୍ଥୀ ଭାବେ ନିର୍ବାଚିତ ହେଲେ। ତେବେ ଓଡ଼ିଶାବାସୀଙ୍କ ଆଗ୍ରହ ପ୍ରତି ସମ୍ମାନ ଜଣାଇ ନବୀନ ବାବୁ ସେହିବର୍ଷ ବିଜୁ ବାବୁଙ୍କ ନାମରେ ଆଞ୍ଚଳିକ ଦଳ 'ବିଜେଡି' ଗଠନ ପାଇଁ ମନ ବଳାଇଲେ। ଏହି ପରିକଳ୍ପନା ସଫଳ ହେଲା ୧୯୯୭ ଡିସେମ୍ବର ୨୬ ତାରିଖରେ। ଏହାପରେ ନବୀନ ବାବୁଙ୍କ ନେତୃତ୍ୱରେ ଗଠିତ ମେଣ୍ଟ ଓଡ଼ିଶାରେ ଲୋକସଭା ନିର୍ବାଚନରେ ଆଶାତୀତ ସଫଳତା ଲାଭ କଲା ଏବଂ ସେ ଅଟଳ ବିହାରୀ ବାଜପେୟୀଙ୍କ ସରକାରରେ କ୍ୟାବିନେଟ୍ ମନ୍ତ୍ରୀ ଭାବେ ଯୋଗଦେଇ ଅଭୂତପୂର୍ବ ସଫଳତା ହାସଲ କଲେ। ପରବର୍ତ୍ତୀ ସମୟରେ ତାଙ୍କ ନେତୃତ୍ୱରେ ୨୦୦୦ ମସିହାରେ ଓଡ଼ିଶାରେ ମେଣ୍ଟ ସରକାର ଗଠିତ ହେଲା। ୨୦୦୪ରେ ବି ମେଣ୍ଟ ସରକାରର ନେତୃତ୍ୱ ନବୀନ ବାବୁ ନେଲେ। ତେବେ ପରବର୍ତ୍ତୀ ସମୟରେ ସୃଷ୍ଟି ହୋଇଥିବା ସାମ୍ପ୍ରଦାୟିକ ବିଦ୍ୱେଷ କାରଣରୁ ମେଣ୍ଟ ଛାଡ଼ି ଚାଲିଗଲା ବିଜେପି ଏବଂ ୨୦୦୯ର ଲୋକସଭା ଓ ବିଧାନସଭା ନିର୍ବାଚନରେ ଲୋକେ ବିଜେଡିକୁ ବିପୁଳ ସମର୍ଥନ ଦେବା ସହ ବିଜେପି ଓ କଂଗ୍ରେସକୁ ପ୍ରତ୍ୟାଖ୍ୟାନ କଲେ। ଏକାକୀ ନିର୍ବାଚନ ଲଢ଼ି ବିଜେଡି ପୁଣି ୨୦୧୪ ଓ ୨୦୧୯ରେ ଅଭୂତପୂର୍ବ ସଫଳତା ହାସଲ କଲା ଓ ନବୀନବାବୁ କ୍ରମାଗତ ଭାବେ ୫ଥର ଧରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ରହିବା କ୍ଷେତ୍ରରେ ନୂଆ ରେକର୍ଡ ସୃଷ୍ଟି କଲେ।

ରାଜନୀତି କ୍ଷେତ୍ରରେ ସେତେବେଳେ ସମ୍ପୂର୍ଣ୍ଣ ନବାଗତ ଥିବା ନବୀନ ପଟ୍ଟନାୟକଙ୍କୁ ବିଜେଡି ଗଠନ ସମୟରେ ସାମ୍ବାଦିକମାନେ ପ୍ରଶ୍ନ କରିଥିଲେ ସେ କିପରି ଏହି ଆଞ୍ଚଳିକ ଦଳର ନେତୃତ୍ୱ ନେବେ ଓ ଏଥିରେ କେତେଦୂର ସଫଳ ହେବେ ବୋଲି। 'କଥା କମ୍, କାମ ବେଶୀ'ରେ ବିଶ୍ୱାସ କରୁଥିବା ନବୀନ ବାବୁ ୨୬ବର୍ଷ ତଳେ ସେଦିନ ତାଙ୍କ ସଂକ୍ଷିପ୍ତ ଉତ୍ତରରେ କହିଥିଲେ, 'ରାଜନୀତି କରିବାକୁ ମୁଁ ଆସିନାହିଁ, ଓଡ଼ିଶା ଲୋକଙ୍କ ସେବା କରିବାକୁ ଆସିଛି।' ଏହି ଭାବଗର୍ଭକ ଓ ସଂକ୍ଷିପ୍ତ ବକ୍ତବ୍ୟ ସେ ସମୟରେ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ବିଶ୍ୱାସଘାତକତାକୁ ସେ ତାଙ୍କ ସରଳତା, ନିର୍ଭୀକତା ଓ ଦୃଢ଼ତା ବଳରେ ଅତିକ୍ରମ କରି ରାଜନୈତିକ କ୍ଷେତ୍ରରେ ନୂଆ ମାଇଲଖୁଣ୍ଟ ସୃଷ୍ଟି କରିଛନ୍ତି। ଅନ୍ୟ ରାଜନୈତିକ ଦଳମାନେ ନିର୍ବାଚନ ପୂର୍ବରୁ ବିବୃତିବାଜି କରି ସରଗରମ୍ ପରିସ୍ଥିତି ସୃଷ୍ଟି କରିବା ପାଇଁ ଉଦ୍ୟମ କରୁଥିବା ବେଳେ ନବୀନବାବୁ କିନ୍ତୁ ତାଙ୍କ ସରକାର ଓ ଦଳକୁ ବର୍ଷର ୧୨ମାସ, ସପ୍ତାହର ୭ଦିନ ଓ ପ୍ରତିଦିନର ୨୪ଘଣ୍ଟା ତଳୁ ଉପର ପର୍ଯ୍ୟନ୍ତ ସକ୍ରିୟ କରି ରଖି ସାଧାରଣ ଜନତାଙ୍କ ଦ୍ୱାରା ଏପରି ଆଦୃତ ହୋଇଛନ୍ତି ଯେ ଓଡ଼ିଶାରେ ତାଙ୍କ ବିକଳ୍ପ ନାହିଁ ବୋଲି ବିରୋଧୀମାନେ ବି ସ୍ୱୀକାର କରିବାକୁ ବାଧ୍ୟ ହେଉଛନ୍ତି। ଉଭୟ ସରକାର ଓ ସଙ୍ଗଠନ ନବୀନ ବାବୁଙ୍କ ପାଇଁ ସମାନ ଗୁରୁତ୍ୱ ବହନ କରିଥାଏ।

ପ୍ରାକୃତିକ ଦୁର୍ବିପାକ ପରିଚାଳନାଠାରୁ ଆରମ୍ଭ କରି କୋଭିଡ୍ ମହାମାରୀର ସଫଳ ମୁକାବିଲା କ୍ଷେତ୍ରରେ ଏବଂ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ବୀମାଠାରୁ ମହିଳା ସଶକ୍ତୀକରଣ ପର୍ଯ୍ୟନ୍ତ୨୪ବର୍ଷର ଶାସନକାଳ ମଧ୍ୟରେ ବିଜେଡି ବିକାଶର ଯେଉଁ ନୂଆ ଛବି ଆଙ୍କିଛି ତାହା ଅନେକ ରାଜ୍ୟ ପାଇଁ ରୋଲ୍ ମଡେଲ୍ ହୋଇଛି। ଓଡ଼ିଶା ଏବେ ଧାନ ଉତ୍ପାଦନ କ୍ଷେତ୍ରରେ ବଳକା ରାଜ୍ୟରେ ପରିଣତ ହେବା ସଙ୍ଗେ ସଙ୍ଗେ ଦେଶ ଓ ବିଶ୍ୱକୁ 'ମିଲେଟ୍ ମିଶନ'ର ବାର୍ତ୍ତା ଦେଇଛି। ୨୬ବର୍ଷ ଅତିକ୍ରମ କରିଥିବା ବିଜେଡି ଏବେ ଜାତୀୟ ରାଜନୀତିରେ ଏକ ଦ୍ରୁମ ଭାବେ ଉଭା ହୋଇଛି। ■



# ୨୭ ବର୍ଷର ଅପରାଜେୟ ଯାତ୍ରା

ପ୍ରଦୋଷ ପଟ୍ଟନାୟକ
ଭୁବନେଶ୍ୱର, ମୋ: ୯୮୬୧୦୨୬୬୪୦

୧୯୯୭ ଅପ୍ରେଲ୍ ୧୭ ତାରିଖ। ଓଡ଼ିଶା ରାଜନୀତିର ଉତ୍ତୁଙ୍ଗ ବ୍ୟକ୍ତିତ୍ୱ, ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଆକସ୍ମିକ ବିୟୋଗ ରାଜ୍ୟବାସୀଙ୍କୁ କରିଥିଲା ଶୋକାଭିଭୂତ। ଦିଗହରା ହୋଇଥିଲା ରାଜ୍ୟର ଅଣକଂଗ୍ରେସ ରାଜନୀତି। ସେହି ଘଡ଼ି ସନ୍ଧିକ୍ଷଣରେ ବିଜୁବାବୁଙ୍କ କେତେକ ଘନିଷ୍ଠ ସହଯୋଗୀଙ୍କ ଉଦ୍ୟମରେ ଓଡ଼ିଶାରେ ଜନ୍ମ ନେଇଥିଲା ଏକ ନୂତନ ଆଞ୍ଚଳିକ ଦଳ, ଯାହାର ମଙ୍ଗ ଧରିଥିଲେ ତାଙ୍କର କନିଷ୍ଠ ପୁତ୍ର ନବୀନ ପଟ୍ଟନାୟକ। ପ୍ରବାଦ ପୁରୁଷଙ୍କ ଅଧୁରା ସ୍ୱପ୍ନକୁ ସାକାର କରିବାର ଲକ୍ଷ୍ୟ ନେଇ ପରିକଳ୍ପିତ ଏହି ନୂତନ ରାଜନୈତିକ ସଂଗଠନକୁ 'ବିଜୁ ଜନତା ଦଳ' ରୂପେ ନାମିତ କରାଯିବା ସଂଗେ ସଂଗେ ସେହିବର୍ଷ ଡିସେମ୍ବର ୨୬ ତାରିଖରେ ଏହା ବିଧିବଦ୍ଧ ଭାବରେ ଜନ୍ମ ନେଲା। ସେଦିନ ଓଡ଼ିଶା ରାଜନୀତିରେ ସମ୍ପୂର୍ଣ୍ଣ ଅନଭିଜ୍ଞ ତଥା ନବାଗତ ବ୍ୟକ୍ତିତ୍ୱ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଯେଉଁ ସଂଗଠନର ଚାରା ରୋପଣ କରାଯାଇଥିଲା, ତାହା ୨୬ ବର୍ଷ ପରେ ଆଜି ଏକ ମହାଦ୍ରୁମରେ ପରିଣତ ହୋଇଛି।

ଆଜି ଅପରାଜେୟ ବିଜୁ ଜନତା ଦଳ କେବଳ ଓଡ଼ିଶା ନୁହେଁ, ସମଗ୍ର ଦେଶରେ ଏକ ସୁଦୃଢ଼ ଓ ଶକ୍ତିଶାଳୀ ଆଞ୍ଚଳିକ ଦଳ ରୂପେ ପରିଗଣିତ ହୋଇଛି। ସେଦିନର ନବୀନ ସଫଳତାର ଦୀର୍ଘପଥ ଅତିକ୍ରମ କରି ଆଜି ରାଜନେତାରୁ ରାଷ୍ଟ୍ରନେତା ହେବାର ଗୌରବ ଅର୍ଜନ କରିଛନ୍ତି। ତାଙ୍କର ବଳିଷ୍ଠ ନେତୃତ୍ୱରେ ପରିଚାଳିତ ବିଜୁ ଜନତା ଦଳ ନିରବଚ୍ଛିନ୍ନ ଭାବରେ ଦୀର୍ଘ ୨୪ ବର୍ଷ ଧରି ଓଡ଼ିଶାର ଶାସନ ଡୋରିକୁ ସମ୍ଭାଳି ଆସିଥିବା ବେଳେ ଏହାର ସମକକ୍ଷ ହେବା ଭଳି କୌଣସି ରାଜନୈତିକ ଦଳ ଦୃଶ୍ୟମାନ ହେଉନାହାନ୍ତି। ଏକାଦିକ୍ରମେ ପାଞ୍ଚଥର ମୁଖ୍ୟମନ୍ତ୍ରୀ ମୁକୁଟ ପିନ୍ଧି ନବୀନ ବାବୁ ଦେଶର ଦ୍ୱିତୀୟ ଦୀର୍ଘତମ ଅବଧିର ମୁଖ୍ୟମନ୍ତ୍ରୀ ହେବାର ଯଶ ଓ ଖ୍ୟାତି ଅର୍ଜନ କରିବା ସଂଗେ ସଂଗେ ପଶ୍ଚିମବଙ୍ଗର ଅବିସମ୍ବାଦିତ ମୁଖ୍ୟମନ୍ତ୍ରୀ ଜ୍ୟୋତି ବସୁଙ୍କ ରେକର୍ଡ ଭଙ୍ଗ କରିବାକୁ ସକ୍ଷମ ହୋଇଛନ୍ତି। ଓଡ଼ିଶାର ସାମଗ୍ରିକ ବିକାଶ ଓ ସମାଜର ସବୁଠାରୁ ତଳ ସ୍ତରରେ ଥିବା ଗରିବ ଓ ଅବହେଳିତ ମଣିଷଙ୍କ କଲ୍ୟାଣ ସାଧନକୁ ଜୀବନର ବ୍ରତ ରୂପେ ଗ୍ରହଣ କରିଥିବା ନବୀନ ବାବୁଙ୍କ ଜାତକରେ ଯେପରି ପରାଜୟ ଶବ୍ଦ ନଥିଲା ଭଳି ମନେ ହେଉଛି।

ବିଜେଡି ସରକାର ରାଜ୍ୟର କୃଷକ, ଶ୍ରମିକ, ମହିଳା, ଦଳିତ ଓ ଆଦିବାସୀ ବର୍ଗର ଲୋକଙ୍କ କଲ୍ୟାଣ ଏବଂ ବିକାଶ ପାଇଁ ବହୁ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗମନାଗମନ, କ୍ରୀଡ଼ା ଆଦି କ୍ଷେତ୍ରରେ ବହୁ ଯୁଗାନ୍ତକାରୀ ପଦକ୍ଷେପ ନିଆଯାଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ, ଶିକ୍ଷାର ରୂପାନ୍ତରୀକରଣ, ଓଡ଼ିଶାକୁ ବିଶ୍ୱ କ୍ରୀଡ଼ା ମାନଚିତ୍ରରେ ସ୍ଥାନିତ କରିବା, ଐତିହ୍ୟପୀଠଗୁଡ଼ିକର ସୌନ୍ଦର୍ଯ୍ୟକରଣ ଓ ବିକାଶ ଭଳି କେତେକ ଅଭିନବ କାର୍ଯ୍ୟକ୍ରମ ନବୀନ ସରକାରଙ୍କ ସଫଳତାର ଗୋଟିଏ ଗୋଟିଏ ମାଇଲ ଖୁଣ୍ଟ ରୂପେ ବିବେଚିତ ହେଉଛି। ପ୍ରାକୃତିକ ବିପର୍ଯ୍ୟୟଗୁଡ଼ିକର ସଫଳ ମୁକାବିଲା ଏବଂ ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଆପଣେଇ ରାଜ୍ୟ ସରକାର ଜାତୀୟ ଓ ଅର୍ନ୍ତଜାତୀୟ କ୍ଷେତ୍ରରେ ବେଶ୍ ଚର୍ଚ୍ଚିତ ଓ ପ୍ରଶଂସିତ ହୋଇଛନ୍ତି। ମହାମାରୀ କରୋନା ସାରା ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିଥିବା ବେଳେ ନବୀନ ସରକାର ନିଜ ରାଜ୍ୟର ଆବଶ୍ୟକତାକୁ ପୂରଣ କରି ଦେଶର ଅନ୍ୟ ରାଜ୍ୟକୁ ଅମ୍ଳଜାନ ସିଲିଣ୍ଡର ଯୋଗାଇ ଏକ ବିରଳ ଉଦାହରଣ ସୃଷ୍ଟି କରିଛନ୍ତି।

ନବୀନ ବାବୁଙ୍କ ନେତୃତ୍ୱାଧୀନ ବିଜେଡି ସରକାର ରାଜ୍ୟକୁ କେବଳ ରାଜନୈତିକ ସ୍ଥିରତା ଦେଇନାହିଁ, ଅର୍ଥନୈତିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ସହିତ ବାର୍ଷିକ ବଜେଟ୍ ପରିମାଣ ୨ଲକ୍ଷ ୩୦ ହଜାର କୋଟି ଟଙ୍କାରେ ପହଞ୍ଚାଇବାକୁ ସକ୍ଷମ ହୋଇଛନ୍ତି। କେନ୍ଦ୍ର ସରକାରଙ୍କ ବିନା ଅନୁଦାନରେ ରାଜ୍ୟର ନିଜସ୍ୱ ସମ୍ବଳରେ ବହୁ ବଡ଼ ବଡ଼ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। '୫-ଟି' ଏବଂ 'ମୋ ସରକାର' ଭଳି ଅଭିନବ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଶାସନକୁ ଜନସାଧାରଣଙ୍କ ନିକଟତର କରିବାର ପ୍ରୟାସ ଜାରି ରହିଛି। ରାଜ୍ୟ ପ୍ରଶାସନରେ ସ୍ୱଚ୍ଛତା ଆଣି ଏହାକୁ ଜନସାଧାରଣଙ୍କ ଉତ୍ତରଦାୟୀ କରିବାକୁ ବିଜେଡି ସରକାରଙ୍କ ପଦକ୍ଷେପକୁ ପ୍ରତିଦ୍ୱନ୍ଦ୍ୱୀମାନେ ମଧ୍ୟ ପ୍ରଶଂସା କରିବାକୁ ପଛାଇନାହାନ୍ତି। ■

# ବିଜେଡି @୨୭

ଲଳିତ ମୋହନ ମିଶ୍ର
ଭୁବନେଶ୍ୱର, ମୋ: ୭୦୦୮୨୩୩୭୨୯

୨୬ ଡିସେମ୍ବର ୧୯୯୭ ଦିନ ପ୍ରତିଷ୍ଠିତ ବିଜୁ ଜନତା ଦଳ ୨୬ ଡିସେମ୍ବର ୨୦୨୩ରେ ଏହାର ୨୭ତମ ସ୍ଥାପନା ଦିବସ ପାଳନ କରୁଛି। ୨୬ବର୍ଷର କାଳଖଣ୍ଡ ମଧ୍ୟରେ ଦଳ କେବଳ ରାଜ୍ୟରେ ସୁଶାସନ ପ୍ରଦାନ କରି ପ୍ରତ୍ୟେକ ନିର୍ବାଚନରେ ଶାସନକୁ ଆସୁନି, ବରଂ ସଂସଦରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଲ୍‌କୁ ସମର୍ଥନ କରି ଏହାର ରାଷ୍ଟ୍ରବାଦୀ ଭୂମିକାକୁ ନିର୍ବାହ କରିଛି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଅନେକ ସରକାରୀ କାର୍ଯ୍ୟକ୍ରମ କେନ୍ଦ୍ର ଦ୍ୱାରା ପ୍ରଶଂସିତ ହୋଇଥିବା ବେଳେ ରାଜ୍ୟର ବିପର୍ଯ୍ୟୟ ପରିଚାଳନା ଓ ଖାଦ୍ୟ ସୁରକ୍ଷା ମଡେଲ୍ ମିଳିତ ଜାତିସଂଘ ଦ୍ୱାରା ପ୍ରଶଂସିତ ହୋଇଛି। କ୍ରୀଡ଼ା, ଶ୍ରୀମନ୍ଦିର ସୌନ୍ଦର୍ଯ୍ୟକରଣ, ଶିଳ୍ପାୟନ ଆଦି କ୍ଷେତ୍ରରେ ବିକାଶ, ଆନ୍ତର୍ଜାତିକ କ୍ଷେତ୍ରରେ ଓଡ଼ିଶାର ଗୌରବ ବୃଦ୍ଧି କରିଛି। ବିଜୁ ଜନତା ଦଳର ଏହି ସଫଳଯାତ୍ରା ବିଷୟରେ ସଂକ୍ଷେପରେ ଅଲୋକପାତ କରିବାର ପ୍ରାସଙ୍ଗିକତା ରହିଛି।

ବିଜୁ ଜନତା ଦଳର କ୍ରମାଗତ ରାଜନୈତିକ ସଫଳତାର ପ୍ରମୁଖ କାରଣ ହେଲା ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଅକ୍ଷୁଣ୍ଣ ଲୋକପ୍ରିୟତା। ଏବେ ବି ବିଭିନ୍ନ ସର୍ଭେରେ ସେ ଶ୍ରେଷ୍ଠ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ବିବେଚିତ ହେଉଛନ୍ତି। ରାଜନୈତିକ ସମୀକ୍ଷକଙ୍କ ମତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକପ୍ରିୟତାର କେତେକ କାରଣ ହେଲା- ସରଳ ଜୀବନଯାପନ ଶୈଳୀ, ଲୋକଙ୍କ ପାଇଁ ସମ୍ମାନ, ସମାଜର ଅବହେଳିତ ବର୍ଗ ଓ ମହିଳାମାନଙ୍କ ସଶକ୍ତୀକରଣ ପାଇଁ ସଂକଳ୍ପ, ଓଡ଼ିଶାକୁ ଏକନମ୍ବର ରାଜ୍ୟ ରୂପେ ଗଢ଼ି ତୋଳିବା ପାଇଁ ପ୍ରୟାସ, ବିରୋଧୀ ଦଳ ତଥା ଗଣତାନ୍ତ୍ରିକ ଅନୁଷ୍ଠାନମାନଙ୍କ ପାଇଁ ସମ୍ମାନ ଏବଂ ଶୃଙ୍ଖଳିତ ଦଳ ପରିଚାଳନା।

ବିଜୁ ଜନତା ଦଳର ସଫଳତାର ଦ୍ୱିତୀୟ କାରଣ ହେଲା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ରାଜ୍ୟ ସରକାରର ସଫଳ ବିକାଶ, ଜନମଙ୍ଗଳ ଓ ରୂପାନ୍ତରଣ କାର୍ଯ୍ୟକ୍ରମ, ରାଜ୍ୟରେ ଅଇନ ଶୃଙ୍ଖଳା ରକ୍ଷା, ପ୍ରଶାସନରେ ଦୁର୍ନୀତି ବିରୋଧୀ କାର୍ଯ୍ୟକ୍ରମ ଓ '୫-ଟି' ଉପକ୍ରମ, ରାଜ୍ୟର ବଜେଟ୍‌ରେ ଶୃଙ୍ଖଳା ଏବଂ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ହାର କ୍ରମାଗତ ଭାବେ ବୃଦ୍ଧି, ସ୍ୱାସ୍ଥ୍ୟ, ଶିକ୍ଷା, ଐତିହ୍ୟ, କ୍ରୀଡ଼ା ଆଦିର ରୂପାନ୍ତରଣକୁ ପ୍ରାଥମିକତା ପ୍ରଦାନ କରାଯିବା ସହିତ ମହିଳାଙ୍କ ରାଜନୈତିକ ତଥା ମିଶନ ଶକ୍ତି କାର୍ଯ୍ୟକ୍ରମ ମାଧ୍ୟମରେ ମହିଳାଙ୍କୁ ଆର୍ଥିକ ସଶକ୍ତୀକରଣ।

ବିଜୁ ଜନତା ଦଳ ରାଜନୈତିକ ସଫଳତାର ତୃତୀୟ କାରଣ ହେଲା ସାମଜିକ-ଆର୍ଥିକ-ଲିଙ୍ଗଗତ-ଆଞ୍ଚଳିକ ନ୍ୟାୟ, ଆଦର୍ଶ ଓ ଉପଯୁକ୍ତ ନିର୍ବାଚନ ପରିଚାଳନା। ଦଳ ଜଣେ ଦଳିତ ମହିଳା ଓ ଜଣେ ଆଦିବାସୀ ନେତାଙ୍କୁ ବିଧାନସଭାର ବାଚସ୍ପତି ଓ ଉପବାଚସ୍ପତି ଦାୟିତ୍ୱ ଦେଇଛି ଓ ୫ ଜଣ ମହିଳାଙ୍କୁ ଲୋକସଭା ପଠାଇଛି। ପଞ୍ଚାୟତ ଓ ନଗରପାଳିକା ନିର୍ବାଚନରେ ଅନେକ ପଛୁଆବର୍ଗ, ମହିଳା, ଯୁବକ, ଆଦିବାସୀ ଓ ଦଳିତ ବ୍ୟକ୍ତିଙ୍କୁ ଦଳ ଲୋକ ପ୍ରତିନିଧି ହେବାର ସୁଯୋଗ ପ୍ରଦାନ କରିଛି। ଫଳରେ ବିଜୁ ଜନତା ଦଳ ରାଜ୍ୟର ପ୍ରଗତି ପାଇଁ ଏକ ସାମାଜିକ ଅନ୍ଦୋଳନରେ ପରିବର୍ତ୍ତନ ହୋଇଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ■



## ଆଉ ୨ ଦିନ ଘନ କୁହୁଡ଼ି

**ଭୁବନେଶ୍ୱର, ୨୫ ।୧୨(ସମିସ):** ରାଜ୍ୟର ବିଭିନ୍ନ ସ୍ଥାନରେ ଘନ କୁହୁଡ଼ି ଜାରି ରହିଛି । ରାଜ୍ୟକୁ ବର୍ତ୍ତମାନ ପ୍ରଚୁର ମାତ୍ରାରେ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବେଶ କରୁଛି । ଏହାଦ୍ୱାରା ତାପମାତ୍ରା ବୃଦ୍ଧି ପାଇବା ସହ କୁହୁଡ଼ି ପାଇଁ ପାଗ ଅନୁକୂଳ ରହିଛି । ଏପରି ସ୍ଥିତି ଆହୁରି ଦୁଇ ଦିନ ପର୍ଯ୍ୟନ୍ତ ଲାଗି ରହିବ । ତେଣୁ ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ବିଭିନ୍ନ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ମଙ୍ଗଳବାର ସକାଳେ ପ୍ରାୟ ୨୨ଟି ଜିଲ୍ଲାରେ ଘନ କୁହୁଡ଼ି ଆଶଙ୍କା ରହିଛି ।

**୨୨ ଜିଲ୍ଲାକୁ ୟେଲୋୱାର୍ଣ୍ଣିଂ**

ସେହିପରି ମଙ୍ଗଳବାର ରାତିରୁ ବୁଧବାର ସକାଳ ମଧ୍ୟରେ ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ଅନୁଗୁଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, କଟକ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୋନପୁର, ବୌଦ୍ଧ, ବଲାଙ୍ଗିର, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଆଦି ଜିଲ୍ଲାରେ ଘନ କୁହୁଡ଼ି ହେବାର ଆଶଙ୍କା ରହିଛି । ଏହି ସବୁ ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । କୁହୁଡ଼ି ଯୋଗୁଁ ଦୃଶ୍ୟମାନ କ୍ଷମତା ଯଥେଷ୍ଟ ହ୍ରାସ ପାଇବ । ତେଣୁ ଯାନବାହନ ଚଳାଚଳ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବାକୁ ପାଣିପାଗ କେନ୍ଦ୍ର ପରାମର୍ଶ ଦେଇଛି ।

**ଜଳବାୟୁ ପରିବର୍ତ୍ତନର ପ୍ରଭାବ**

# ସଙ୍କଟରେ ଉପକୂଳ ସୁରକ୍ଷା କବଚ ହେନ୍ତାଳବନ



- ଉପକୂଳ ଅଞ୍ଚଳକୁ ମାଡ଼ିଆସିବ ୫ ମିଟର ଉଚ୍ଚର ଜୁଆର
- ଭିତରକନିକାରେ ରହିଛି ୭୦ ପ୍ରଜାତିର ହେନ୍ତାଳ ବୃକ୍ଷ

**ଭୁବନେଶ୍ୱର,୨୫ ।୧୨(ସମିସ):** କ୍ରମାଗତ କିଛି ବର୍ଷ ହେଲା ଋତୁଚକ୍ର ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ପରିଲକ୍ଷିତ ହେଉଛି । ପରିବେଶ ଓ ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ ଯୋଗୁଁ ପ୍ରାକୃତିକ ଜୈବ ବିବିଧତା ମଧ୍ୟ ଏହାଦ୍ୱାରା ପ୍ରଭାବିତ ହେବାରେ ଲାଗିଛି । ଉପତ୍ୟକାରୁ ଉପକୂଳ ପର୍ଯ୍ୟନ୍ତ ପ୍ରତିକୂଳ ପାଣିପାଗ ଓ ଜଳବାୟୁ ଜୀବଜଗତ ପାଇଁ ନୂଆ ଆହ୍ୱାନ ସୃଷ୍ଟି କରିଛି । ପାର୍ବତ୍ୟାଞ୍ଚଳରୁ କ୍ଷରିତ ଅନେକ ନଦନଦୀ ଓ ଝରଣାର ସ୍ୱତଃସ୍ଫୂର୍ତ୍ତ ଜଳଧାରା ଆଉ ଚିରସ୍ରୋତା ହେଉ ନଥିବା ବେଳେ ଉପକୂଳ ପାଇଁ ସୁରକ୍ଷା କବଚ ସାଜିଥିବା ହେନ୍ତାଳବନର ସଙ୍କଟଜନକ ସ୍ଥିତି ପରିବେଶବିତ୍‌ମାନଙ୍କ ପାଇଁ ଚିନ୍ତାର କାରଣ ସାଜିଛି ।

ଉପକୂଳ ଓଡ଼ିଶାର କେନ୍ଦ୍ରାପଡ଼ା, ଭଦ୍ରକ, ଜଗତସିଂହପୁର ଓ ବାଲେଶ୍ୱର ଭଳି ଜିଲ୍ଲାର ସୁରକ୍ଷା କବଚ ସାଜିଥିବା ଭିତରକନିକାର ହେନ୍ତାଳବନର ସୁରକ୍ଷା ଜରୁରୀ ହୋଇପଡ଼ିଛି । କାରଣ ଭାରତୀୟ ଉପକୂଳରେ ଦେଖାଯାଉଥିବା ହେନ୍ତାଳବନ ମଧ୍ୟରୁ ଓଡ଼ିଶାରେ ଥିବା ଏହି ସର୍ବୋତ୍ତମ ପ୍ରାକୃତିକ ଭୂଖଣ୍ଡ ରାଜ୍ୟକୁ ଅନେକ ବିପଦରୁ ରକ୍ଷା କରୁଛି । ଯଦି ଏହି ହେନ୍ତାଳବନ ପ୍ରଭାବିତ ହୁଏ, ତେବେ ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା ବାତ୍ୟାର ତୀବ୍ରତା ବୃଦ୍ଧି ହେବା ସହ ଉପକୂଳ ଅଞ୍ଚଳକୁ ୫ ମିଟର ଉଚ୍ଚର ସାମୁଦ୍ରିକ ଜୁଆର ମାଡ଼ିଆସିବାର ଆଶଙ୍କା ରହିଛି । ଏହାସହିତ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଅପ୍ରତ୍ୟାଶିତ ବର୍ଷା ବଢ଼ିବା ଯୋଗୁଁ ତଳିଆ ଅଞ୍ଚଳରେ ବନ୍ୟା ସୃଷ୍ଟି ହେବ । ରାଜ୍ୟ ସରକାର, ଇଣ୍ଟରନ୍ୟାସନାଲ୍ କ୍ଲାଇମେଟ୍ ଇନିସିଏଟିଭ୍ ଓ ଅନ୍ୟ କିଛି ସଂସ୍ଥାଙ୍କ ଦ୍ୱାରା କରାଯାଇଥିବା ଏକ ସର୍ଭେରୁ ଏହା ସ୍ପଷ୍ଟ ହୋଇଛି ।

ରାଜ୍ୟ ସରକାର ଓ ଏହି ଆନ୍ତର୍ଜାତିକ ସଂସ୍ଥା ଦ୍ୱାରା କରାଯାଇଥିବା 'ଭିତରକନିକା ହେନ୍ତାଳବନ ଜଳବାୟୁ ବିପଦର ମୂଲ୍ୟାଙ୍କନ' ଶୀର୍ଷକ ଅଧ୍ୟୟନ ଅନୁଯାୟୀ ସମୁଦ୍ର ପତ୍ତନ ବୃଦ୍ଧି ଏବଂ ବାତ୍ୟାର ପୁନଃପୌନିକତା ଭିତରକନିକା ଭଳି ରାମ୍‌ସାର୍ ସାଇଟ୍ ଉପରେ ବଡ଼ ପ୍ରଭାବ ପକାଇବାର ଆଶଙ୍କା ରହୁଛି । ମୁଖ୍ୟତଃ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଏଭଳି ସମସ୍ୟା ବୃଦ୍ଧି ପାଉଛି । ଏହାସହିତ ଫେବୃଆରୀ-ମାର୍ଚ୍ଚ ମଧ୍ୟରେ ବର୍ଷାର ହ୍ରାସ ଓ ଗ୍ରୀଷ୍ମ ଋତୁରେ ତାପମାତ୍ରାରେ ବିଶେଷ ବୃଦ୍ଧି ଯୋଗୁଁ ହେନ୍ତାଳବନ ପାଇଁ ସମସ୍ୟା ସୃଷ୍ଟି ହେଉଥିବା ନେଇ ଏହି ସର୍ଭେରେ ଦର୍ଶାଯାଇଛି ।

ହେନ୍ତାଳବନ କୁମ୍ଭୀର ଏବଂ ମାଛମାନଙ୍କୁ ଏକ ପ୍ରମୁଖ ବାସସ୍ଥାନ ଯୋଗାଇଥାଏ । ଏଥିପାଇଁ ଭିତରକନିକାକୁ ପର୍ଯ୍ୟଟଙ୍କର ମଧ୍ୟ ଆଗମନ ବଢ଼ିଥାଏ । ହେନ୍ତାଳବନକୁ ପ୍ରତିବର୍ଷ ଲକ୍ଷାଧିକ ବିଦେଶାଗତ ପକ୍ଷୀ ମଧ୍ୟ ଆସିଥା'ନ୍ତି । ଯେହେତୁ ହେନ୍ତାଳବନର ସ୍ଥାୟୀତ୍ୱ ପ୍ରତି ଆହ୍ୱାନ ସୃଷ୍ଟି ହେଉଛି, ମନୁଷ୍ୟ ସହିତ ସାମୁଦ୍ରିକ ଜୀବଜଗତଙ୍କ ଉପରେ ମଧ୍ୟ ଏହାର ପ୍ରଭାବ ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି । ହେନ୍ତାଳବନ ପ୍ରତି ବିପଦ ସୃଷ୍ଟିହେଲେ ଏହି ସମସ୍ତ ଜୀବଜଗତ ଓ ପର୍ଯ୍ୟଟନ ଉପରେ ମଧ୍ୟ ପ୍ରଭାବ ପଡ଼ିବା ନେଇ ପୂର୍ବାନୁମାନ କରାଯାଇଛି ।

ଭିତରକନିକା ହେନ୍ତାଳବନ ପ୍ରାୟ ୬୫ ହଜାର ହେକ୍ଟର ଜମିରେ ବ୍ୟାପ୍ତ ହୋଇ ରହିଛି । ଏହାର ପ୍ରସିଦ୍ଧି ଯୋଗୁଁ ୨୦୦୨ରେ ଭିତରକନିକାକୁ ରାମ୍‌ସାର୍ ସାଇଟ୍ ଭାବରେ ଘୋଷଣା କରାଯାଇଛି । ସେହିପରି ଜାତୀୟ ବନ୍ୟଜନ୍ତୁ ସୁରକ୍ଷା ଅଧିନିୟମ ଅନୁଯାୟୀ, ୧୯୭୫ ମସିହାରେ ଭିତରକନିକାକୁ ବନ୍ୟଜନ୍ତୁ ଅଭୟାରଣ୍ୟ ଭାବରେ ମଧ ଘୋଷଣା କରାଯାଇଛି । ବନ୍ୟଜନ୍ତୁ ସୁରକ୍ଷା ଅଧିନିୟମ ଅନୁଯାୟୀ ଏଠାରେ କଠୋର ସଂରକ୍ଷଣ ପରିଚାଳନା ପାଇଁ ୧୪ ହଜାର ୫୦୦ ହେକ୍ଟର ଜଙ୍ଗଲକୁ ଜାତୀୟ ଉଦ୍ୟାନ ଭାବରେ ବିଭକ୍ତ କରାଯାଇଛି । ଏଠାକୁ ପ୍ରତି ବର୍ଷ ପାଖାପାଖି ୫ଲକ୍ଷ ଅଲିଭ୍‌ରିଡଲେ କଇଁଛ ଆସୁଥିବାବେଳେ ଏଠାକୁ ବିଶ୍ୱର ପ୍ରମୁଖ ଦେଶରୁ ୨୮୦ ପ୍ରଜାତିର ପକ୍ଷୀ ଆସିଥା'ନ୍ତି । ଯାହାକି ଭିତରକନିକାକୁ ଆନ୍ତର୍ଜାତୀୟ ସ୍ତରରେ ସ୍ୱତନ୍ତ୍ର ପରିଚୟ ଦେଇଥାଏ । ଭିତରକନିକାରେ ବର୍ତ୍ତମାନ ପ୍ରାୟ ୧୭୦୦ରୁ ଅଧିକ ବଉଳା କୁମ୍ଭୀର ରହୁଥିବାବେଳେ ଏହା ଦେଶର ସର୍ବାଧିକ ଘନତା ବିଶିଷ୍ଟ ହେନ୍ତାଳବନର ମାନ୍ୟତା ପାଇଛି । ଏହି ଜଙ୍ଗଲରେ ୭୦ ପ୍ରଜାତିର ହେନ୍ତାଳ ଗଛ ଦେଖାଦେଇଥାଏ । ଏହି ହେନ୍ତାଳବନ ଭୟଙ୍କର ଘୂର୍ଣ୍ଣିଝଡ଼ ଏବଂ ଜୁଆରରୁ ସ୍ଥାନୀୟ ଅଞ୍ଚଳକୁ ସୁରକ୍ଷା ଯୋଗାଉଛି । ତେଣୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଇ ହେନ୍ତାଳବନର ସୁରକ୍ଷା ପାଇଁ ଆଗୁଆ ପଦକ୍ଷେପ ଗ୍ରହଣ କରିବାକୁ ପରିବେଶବିତ୍ ମହଲରେ ଦୃଢ଼ ଦାବି ହୋଇଛି ।

# ବିଜେଡି ପ୍ରତିଷ୍ଠା ଦିବସ ଆଜି

- ଆନନ୍ଦ ଭବନରୁ-ଶଙ୍ଖ ଭବନ ବିଶାଳ ସାଇକେଲ ରାଲି
- 'ଜନସେବା ଶପଥ'ନେବେ ଦଳୀୟ କର୍ମୀ ଓ କର୍ମକର୍ତ୍ତା

**ଭୁବନେଶ୍ୱର,୨୫ ।୧୨(ସମିସ):** ମଙ୍ଗଳବାର ଦିନ ବିଜୁ ଜନତା ଦଳ ପାଳିବ ୨୭ମ ପ୍ରତିଷ୍ଠା ଦିବସ । ରାଜନୈତିକ ଦଳର ପରିସୀମାରୁ ବାହାରି ଏକ ସାମାଜିକ ଆନ୍ଦୋଳନରେ ପରିଣତ ହୋଇଥିବା ବିଜେଡି ସବୁଥର ପରି ଏଥର ମଧ୍ୟ ସାମାଜିକ ପ୍ରତିବଦ୍ଧତାକୁ ଦୋହରାଇବ । ଏହି ଅବସରରେ ଆସନ୍ତାକାଲି ସକାଳ ୮ଟାରେ ଏକ ବିଶାଳ ସାଇକେଲ କଟକସ୍ଥିତ ଆନନ୍ଦ ଭବନରୁ ବାହାରି ଭୁବନେଶ୍ୱରରେ ଶଙ୍ଖଭବନରେ ପହଞ୍ଚିବ । ଏହାପରେ ଭୁବନେଶ୍ୱର ବିମାନବନ୍ଦର ନିକଟରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତୀ ନିକଟରେ ସାଇକେଲ ଅଭିଯାତ୍ରୀମାନେ ମାଲ୍ୟାର୍ପଣ ପ୍ରଦାନ କରିବେ ।। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସକାଳ ୧୦.୩୦ ମିନିଟ ସମୟରେ ଦଳୀୟ କର୍ମୀ ଓ କର୍ମକର୍ତ୍ତାଙ୍କୁ ନିଷ୍ଠାପର ଭାବରେ ଓଡ଼ିଶାବାସୀଙ୍କ ସେବା ଜାରି ରଖିବା ସହ ଏକ ବିକଶିତ ଓଡ଼ିଶା ଗଠନ ନିମନ୍ତେ ଅଙ୍ଗୀକାରବଦ୍ଧ ହେବା ନିମନ୍ତେ କର୍ମୀ ଓ କର୍ମକର୍ତ୍ତାଙ୍କୁ ଗୁରୁମନ୍ତ୍ର ପ୍ରଦାନ କରିବେ । ଅନୁରୂପ ଭାବରେ କର୍ମୀ ଓ କର୍ମକର୍ତ୍ତାମାନେ ବିଜୁଙ୍କ ପ୍ରତିମୂର୍ତ୍ତି ନିକଟରେ ଜନସେବାର ଶପଥ ନେବେ । ସାଙ୍ଗଠନିକ ସମ୍ପାଦକ ପ୍ରଣବପ୍ରକାଶ ଦାସ ତତ୍ତ୍ୱାବଧାନ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଆୟୋଜିତ ଏହି ସାଇକେଲ ରାଲିକୁ ଯୁବ ବିଜେଡି ସଭାପତି ବ୍ୟୋମକେଶ ରାୟ, ଛାତ୍ର ବିଜେଡ଼ି ସଭାପତି ଦେବୀରଞ୍ଜନ ତ୍ରିପାଠୀ, ଦଳର ଛାତ୍ର-ଯୁବ ବ୍ୟାପାର ସାଧାରଣ ସମ୍ପାଦକ ପ୍ରଣବ ବଳବନ୍ତରାୟ ପ୍ରମୁଖ ସଂଯୋଜନା କରିବେ । ଏହି କାର୍ଯ୍ୟକ୍ରମରେ ଦଳର ସବୁ ବରିଷ୍ଠ ନେତା ଓ କର୍ମକର୍ତ୍ତା ଯୋଗଦାନ କରିବେ ।

ଅନୁରୂପ ଭାବରେ ଦଳର ୨୭ତମ ପ୍ରତିଷ୍ଠା ଦିବସ ସମାରୋହ ନିର୍ବାଚନ ମଣ୍ଡଳୀ/ବ୍ଲକ୍/ପୌରାଞ୍ଚଳରେ ପାଳନ କରାଯିବ ।ଏଥିରେ ରାଜ୍ୟ କର୍ମକର୍ତ୍ତା, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟା/ସଭ୍ୟ, ଜିଲ୍ଲା ପର୍ଯ୍ୟବେକ୍ଷକ, ସାଂସଦ, ସାଂସଦ ପ୍ରାର୍ଥୀ, ବିଧାୟିକା, ବିଧାୟକ, ଜିଲ୍ଲା ସଭାପତି, ସାମ୍ମୁଖ୍ୟ ସଂଗଠନର ରାଜ୍ୟ ଓ ଜିଲ୍ଲା ସଭାପତି, ଜିଲ୍ଲା ପରିଷଦ ସଭାପତି, ଉପ-ସଭାପତି, ପୌରାଞ୍ଚଳ ମେୟର, ଡେପୁଟି ମେୟର, ଅଧକ୍ଷ, ଉପାଧକ୍ଷ ଓ ବ୍ଲକ୍ ତଥା ନଗର ସଭାପତି ଏହି ଦିବସରେ ଗଣଦୌଡ଼, ସଭା ସହ ରକ୍ତଦାନ ଶିବିର, ବୃକ୍ଷରୋପଣ ଭଳି କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିବେ ।

ଗତ ୧୪ ତାରିଖରେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳୀୟ କର୍ମୀ ଓ କର୍ମକର୍ତ୍ତାଙ୍କୁ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ ସମ୍ପର୍କରେ ଚିଠି ଲେଖିଥିଲେ । ଏହି ଚିଠିରେ ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିବା ମାର୍ଗଦର୍ଶନ ଅନୁସାରେ ଦଳ ପ୍ରତିଷ୍ଠା ଦିବସ ପାଳନ କରିବ ବୋଲି ଦଳୀୟ କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି । ବିଜୁ ବାବୁଙ୍କ ଆଦର୍ଶରେ ଓଡ଼ିଶାର ସବୁ କ୍ଷେତ୍ରର ଏବଂ ସବୁ ବର୍ଗର ଲୋକଙ୍କ ବିକାଶ ପାଇଁ ବିଜେଡିର ଆଭିମୁଖ୍ୟ ଓଡ଼ିଶାର ଅଗଣିତ ଜନସାଧାରଣଙ୍କ ଆକୁଣ୍ଠ ସମର୍ଥନ ଶୁଭେଚ୍ଛା ପାଇ ଆସିଛି । ଦଳର କର୍ମକର୍ତ୍ତା, ନଜପ୍ରତିନିଧି, ଗାଁରୁ ସହର ତଥା ବସ୍ତି ଯାଏଁ ଲୋକଙ୍କ ସେବାରେ ନିୟୋଜିତ କର୍ମୀ, ଆଗୁଆ ସାଥୀ ମାନଙ୍କ ନିଷ୍ଠା, କଠିନ ପରିଶ୍ରମ ଆଜି ବିଜେଡିକୁ ଲୋକଙ୍କ ଆସ୍ଥାଭାଜନ କରିଛି । ତାହାକୁ ବଜାୟ ରଖିବା ସହ ରାଜ୍ୟର ଲୋକଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରିବାକୁ ଆସନ୍ତାକାଲି କର୍ମୀମାନେ ପୁଣିଥରେ ପ୍ରତିବଦ୍ଧତା ଦୋହରାଇବେ ବୋଲି ଦଳୀୟ କର୍ମକର୍ତ୍ତା ସୂଚନା ଦେଇଛନ୍ତି ।

# ଦେଢ଼ଘଣ୍ଟା ଅଟକିଲା ପୁରୀ- ଜଳେଶ୍ୱର ଟ୍ରେନ୍

**ହରିୟାଣାର ୩ ଯୁବକ ଗିରଫ**

**ଡେଲାଙ୍ଗ/ପୁରୀ,୨୫।୧୨(ସମିସ):** ୩ଜଣ ଯୁବକଙ୍କ ଉନ୍ମତ୍ତକାଣ୍ଡ ଯୋଗୁଁ ଡେଲାଙ୍ଗ ରେଳ ଷ୍ଟେସନ୍‌ରେ ପୁରୀ-ଜଳେଶ୍ୱର ଯାତ୍ରୀବାହୀ ଟ୍ରେନ୍ ପାଖାପାଖି ଦେଢ଼ଘଣ୍ଟା ଧରି ଅଟକି ରହିବା ଭଳି ଅଭାବନୀୟ ଘଟଣା ଘଟିଛି । ଏହି ଘଟଣାରେ ପୁରୀ ରେଳ ସୁରକ୍ଷା ବଳ (ଆର୍‌ପିଏଫ୍) ଅଭିଯୁକ୍ତ ଯୁବକମାନଙ୍କୁ ଗିରଫ କରିଛି । ସେମାନେ ହେଲେ, ଶୁଭମ୍ ସିଂ, ବିକ୍ରମ ତନୱାର୍ ଓ ବିକାଶ ତନୱାର୍ । ବିକ୍ରମ ଓ ବିକାଶ ଦୁଇ ଭାଇ । ଏମାନଙ୍କ ଘର ହରିୟାଣାରେ ବୋଲି ଜଣାଯାଇଛି । ଏହି ଘଟଣାରେ ପୁରୀ ଆର୍‌ପିଏଫ୍ ପୁଲିସ ନିଜ ଆଡ଼ୁ ମାମଲା ରୁଜୁ କରିଛି । ଏମାନଙ୍କୁ ଗିରଫ କରିବା ପରେ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହୋଇଥିବା ଜଣାଯାଇଛି ।

ସୂଚନା ମୁତାବକ, ପୁରୀ-ଜଳେଶ୍ୱର ଟ୍ରେନ୍‌ଟି ଆଜି ଯଥାସମୟରେ ପୁରୀରୁ ବାହାରିଥିଲା । ଟ୍ରେନ୍‌ରେ ଅନ୍ୟ ଯାତ୍ରୀଙ୍କ ସହ ହରିୟାଣାର ୩ଜଣ ଯୁବକ ଓ ୨ଜଣ ଯୁବତୀ ଯାତ୍ରା କରୁଥିଲେ । ଟ୍ରେନ୍‌ଟି ଡେଲାଙ୍ଗ ଷ୍ଟେସନ୍‌ରେ ପହଞ୍ଚିବା ପରେ ରେଞ୍ଚ ପଞ୍ଚାୟତ ଅଧୀନ ବେଲେଶ୍ୱରପାଟଣା ଗ୍ରାମର ଜଣେ ମହିଳା ତାଙ୍କ ବିବାହିତା ଝିଅ ସହ ଟ୍ରେନ୍‌ରେ ଚଢ଼ିଥିଲେ । ଏତିକିବେଳେ ସମ୍ପୃକ୍ତ ୩ ଯୁବକ ସେମାନଙ୍କୁ ବଗି ଭିତରକୁ ବାଟ ଛାଡ଼ିନଥିଲେ । ମହିଳାଦ୍ୱୟ ଯେନତେନ ଉପାୟରେ ଟ୍ରେନ୍‌ରେ ଚଢ଼ିଯିବାରୁ ଯୁବକମାନେ ତାଙ୍କ ସହ ପାଟିତୁଣ୍ଡ କରିଥିଲେ । ଏହାକୁ ନେଇ ମହିଳାଙ୍କୁ ଛାଡ଼ିବାକୁ ଆସିଥିବା ତାଙ୍କ ପୁଅ ଓ ଅଭିଯୁକ୍ତମାନଙ୍କ ମଧ୍ୟରେ ବଚସା ହୋଇଥିଲା । ଏଥିରେ ଉତ୍‌କ୍ଷିପ୍ତ ହୋଇ ୩ଜଣ ଯାକ ମିଳିତ ଭାବେ ମହିଳାଙ୍କ ସମେତ ତାଙ୍କ ପୁଅକୁ ମାଡ଼ ମାରିବା ତଳକୁ ଓହ୍ଲାଇ ଦେଇଥିଲେ ।

ପରେ ମହିଳାଙ୍କ ପୁଅ ନିଜ ସମ୍ପର୍କୀୟଙ୍କୁ ଏ ବାବଦରେ ଜଣାଇବାରୁ ପରିସ୍ଥିତି ଆହୁରି ଜଟିଳ ହୋଇପଡ଼ିଥିଲା । ଗ୍ରାମର ୧୫ରୁ ଊର୍ଦ୍ଧ୍ୱ ଯୁବକ ସେଠାରେ ପହଞ୍ଚିଯିବାରୁ ମାଡ଼ ଭୟରେ ଅଭିଯୁକ୍ତ ଯୁବକମାନେ ବଗିରୁ ଓହ୍ଲାଇ ଦୌଡ଼ି ଇଞ୍ଜିନ୍ ଭିତରେ ପଶିଯାଇଥିଲେ । ସେଠାରେ ଡ୍ରାଇଭର୍‌ଙ୍କୁ ଭୟଭୀତ କରାଇ ତଳକୁ ଠେଲି ଦେଇ ଭିତରପଟୁ ଇଞ୍ଜିନ୍‌ର ଦୁଆର ବନ୍ଦ କରିଦେଇଥିଲେ । ଏଥିଯୋଗୁଁ ଅଚଳାବସ୍ଥା ସୃଷ୍ଟି ହୋଇଥିଲା । ଟ୍ରେନ୍‌ଟି ଡେଲାଙ୍ଗ ଷ୍ଟେସନ୍‌ରେ ପାଖାପାଖି ଦେଢ଼ ଘଣ୍ଟା ଧରି ଅଟକି ରହିଥିଲା । ଯାତ୍ରୀମାନେ ନାହିଁନଥିବା ହଇରାଣ ହୋଇଥିଲେ । ଖବର ପାଇ ଡେଲାଙ୍ଗ ପୁଲିସ ପହଞ୍ଚି ସ୍ଥାନୀୟ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ । କିନ୍ତୁ ଯୁବକମାନେ ଇଞ୍ଜିନ୍ ଡୋର୍ ଖୋଲି ନଥିଲେ । ତେବେ ରେଳବାଇ ପୁଲିସର ଜଣେ କର୍ମଚାରୀ ଚତୁରତାର ସହ ଇଞ୍ଜିନ୍‌ର ପଛପଟୁ ପଶି ଡୋର୍ ଖୋଲିବାରେ ସଫଳ ହୋଇଥିଲେ । ପୁଲିସ ଯୁବକମାନଙ୍କୁ ଡେଲାଙ୍ଗ ଥାନାକୁ ଟେକି ନେଇଥିଲା । ପରେ ସେମାନଙ୍କୁ ପୁରୀ ଆର୍‌ପିଏଫ୍ ପୁଲିସକୁ ହସ୍ତାନ୍ତର କରାଯାଇଥିଲା ।

**ଶ୍ରୀମନ୍ଦିରରେ ଅସମ୍ଭାଳ ଭିଡ଼**

# ବ୍ୟାରିକେଡ୍ ଠେଲି ଧସେଇ ପଶିଲେ ଭକ୍ତ

**ପୁରୀ, ୨୫।୧୨(ସମିସ):** ଆଜି ବଡ଼ଦିନ ଉପଲକ୍ଷେ ପୁରୀରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିବା ବେଳେ ଶ୍ରୀମନ୍ଦିର ସିଂହଦ୍ୱାରରେ ଆଜି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି । ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିବା ଶ୍ରଦ୍ଧାଳୁ ସିଂହଦ୍ୱାର ସମ୍ମୁଖରେ ଥିବା ବ୍ୟାରିକେଡ୍‌କୁ ଠେଲି ମନ୍ଦିର ଭିତରକୁ ଧସେଇ ପଶିଛନ୍ତି । ଭିଡ଼ ନିୟନ୍ତ୍ରଣ ପାଇଁ ସେଠାରେ ମୁତୟନ ଥିବା ପୁଲିସ କର୍ମଚାରୀ ଶ୍ରଦ୍ଧାଳୁଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ । ଫଳରେ ଶତାଧିକ ଭକ୍ତ ଏହିଭଳି ଭାବେ ମନ୍ଦିରରେ ପ୍ରବେଶ କରିଥିଲେ ।

ଭୋର୍ ୪ଟା ୪୫ରେ ଶ୍ରୀମନ୍ଦିର ଦ୍ୱାର ଫିଟିବା ପରେ ସାଢ଼େ ୫ଟାରେ ମଙ୍ଗଳ ଆଳତି ବଢ଼ି ଅନ୍ୟାନ୍ୟ ନୀତି ଚାଲିଥିଲା । ଭୋରରୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଆରମ୍ଭ ହୋଇଯାଇଥିଲା । ଭିତରେ ପୂଜା ପାଇଁ ଯେତିକି ସମୟ ଦର୍ଶନ ବନ୍ଦ ରହୁଥିଲା, ସେହି



ସମୟରେ ବଡ଼ଦାଣ୍ଡରେ ଭକ୍ତଙ୍କ ଧାଡ଼ି ଲମ୍ବୁଥିଲା । ଏପରିକି ଅନେକ ଶ୍ରଦ୍ଧାଳୁ ସିଂହଦ୍ୱାର ସମ୍ମୁଖରେ ସେବାୟତଙ୍କ ପାଇଁ ରହିଥିବା ପ୍ରବେଶପଥ ନିକଟରେ ଭିଡ଼ ଜମାଇଥିଲେ । ସେହି ବାଟ ଦେଇ କିଛି ଯାତ୍ରୀ ଗୁମାସ୍ତା ଭକ୍ତଙ୍କୁ ଭିତରକୁ ନେଇ ଯାଉଥିଲେ । ଏହାଦେଖି ଅନ୍ୟ ଶ୍ରଦ୍ଧାଳୁମାନେ ମଧ ସେହି ବାଟ ଦେଇ ଯିବା ପାଇଁ ଚାହିଁଥିଲେ । ମାତ୍ର ପୁଲିସ ସେମାନଙ୍କୁ ବାରଣ କରିଥିଲା । ଭୋଗମଣ୍ଡପ ଉଠିବା ପରେ ମଧ୍ୟାହ୍ନ ପ୍ରାୟ ୧୨ଟାରେ ଶ୍ରଦ୍ଧାଳୁମାନଙ୍କ ଧୈର୍ଯ୍ୟ ଭାଙ୍ଗିଲା । ସେମାନେ ବ୍ୟାରିକେଡ୍ ଠେଲି ଭିତରକୁ ଧସେଇ ପଶିଥିଲେ । ସେଠାରେ ମାତ୍ର ୨/୩ ଜଣ ପୁଲିସ କର୍ମଚାରୀ ଥିବାରୁ ଲୋକଙ୍କୁ ଅଟକାଇ ପାରି ନଥିଲେ । ଅନେକ ଶ୍ରଦ୍ଧାଳୁ ବ୍ୟାରିକେଡ୍ ଉପରେ ବିପଦପୂର୍ଣ୍ଣ ଭାବେ ଚଢ଼ି ମନ୍ଦିର ଭିତରକୁ ଯାଉଥିବା ଦେଖିବାକୁ ମିଳିଥିଲା । ପରେ ଅନ୍ୟ ପୁଲିସ କର୍ମଚାରୀ ଓ ସେବାୟତ ପହଞ୍ଚି ସେମାନଙ୍କୁ ଅଟକାଇଥିଲେ ।

# ବନ କର୍ମଚାରୀଙ୍କ ପାଇଁ ଆସିବ ୧୫୦୦ ବନ୍ଧୁକ

**ଭୁବନେଶ୍ୱର, ୨୫ ।୧୨(ସମିସ):** ବନ୍ୟଜନ୍ତୁ ସୁରକ୍ଷା ଓ ଜଙ୍ଗଲ ରକ୍ଷା ନିୟୋଜନରେ କାର୍ଯ୍ୟ କରୁଥିବା କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କ କ୍ଷମତାବୃଦ୍ଧି ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି । ଏଥିପାଇଁ ବନ୍ୟଜନ୍ତୁ ଚୋରାଚାଲାଣ ଏବଂ ଶିକାରୀଙ୍କ ସହ ପ୍ରଭାବଶାଳୀ ମୁକାବିଲା କରିବାକୁ ରାଜ୍ୟ ସରକାର ୧୫୫୦ଟି ବନ୍ଧୁକ କିଣିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ରାଜ୍ୟର ଟେରିଟୋରିଆଲ୍ ଓ ବନ୍ୟଜୀବ ବନଖଣ୍ଡ ସହ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି । ଏଥିପାଇଁ ପ୍ରାୟ ୭.୧୬ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡ଼ିଛି । ପରବର୍ତ୍ତୀ ସମୟରେ ଅବଶିଷ୍ଟ ବନାଞ୍ଚଳ ପାଇଁ ଅସ୍ତ୍ରଶସ୍ତ୍ର ଯୋଗାଇଦେବା ପାଇଁ ପଦକ୍ଷେପ ନିଆଯିବ ବୋଲି ସୂଚନା ମିଳିଛି । ରାଜ୍ୟର ବିଭିନ୍ନ ଜଙ୍ଗଲର ସୁରକ୍ଷା ପାଇଁ ୪୧୦୦ରୁ ଅଧିକ ଅସ୍ତ୍ରଶସ୍ତ୍ରର ଆବଶ୍ୟକତା ରହିଛି । ପର୍ଯ୍ୟାୟକ୍ରମେ ଏହି ଅସ୍ତ୍ରଶସ୍ତ୍ର କିଣାଯିବ ବୋଲି ନିଷ୍ପତ୍ତି ହୋଇଛି । ସରକାରଙ୍କ ଦ୍ୱାରା କିଣାଯିବାକୁ ଥିବା ଅସ୍ତ୍ରଶସ୍ତ୍ରରେ ୯ ମିମି ପିସ୍ତଲ, ୫.୫୬ ମିମି ରାଇଫଲ, ୧୨-ଗଜ୍ ପମ୍ପ ଆକ୍ସନ୍ ବନ୍ଧୁକ ଆଦି ଅନ୍ତର୍ଭୁକ୍ତ ରହିଛି । ଶିମିଳିପାଳ ପାଇଁ ଏହି ତାଲିକାରେ ୫.୫୬ ଏମ୍‌ଏମ୍ ରାଇଫଲ ମଧ୍ୟ ଅନ୍ତର୍ଭୁକ୍ତ ଅଛି । ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଶିମିଳିପାଳକୁ ନିକଟରେ ୧୫ଟି ବନ୍ଧୁକ ଯୋଗାଇ ଦିଆଯାଇଥିବା ବେଳେ ଏହା ଆଂଶିକ ମାତ୍ରାରେ ଅଭାବ ପୂରଣ କରିଛି । ଖୁବ୍‌ଶୀଘ୍ର ନୂଆ ବନ୍ଧୁକ ଯୋଗାଇ ଦିଆଯାଇ ଶିମିଳିପାଳ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଯୋଜନା କରାଯାଇଛି । ବନ ବିଭାଗ ପକ୍ଷରୁ ଶିମିଳିପାଳ ଟାଇଗର୍ ପ୍ରୋଟେକସନ୍ ଫୋର୍ସ (ଏସଟିପିଏଫ) କୁ ସୁଦୃଢ଼ କରିବା ସହ ଏହାକୁ ଶିମିଳିପାଳ ଏବଂ କୁଲଡିହା-ହଦଗଡ଼ ଆଦିରେ ଶିକାରୀଙ୍କ ଉପରେ କଡ଼ା ନଜର ରଖିବାକୁ ଯୋଜନା କରାଯାଇଛି । ବନ୍ୟପ୍ରାଣୀ ୱିଙ୍ଗ୍‌ର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ଏସଟିପିଏଫରେ ୪୦ ତାଲିମପ୍ରାପ୍ତ ବନ କର୍ମଚାରୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ ୪୦ ପୂର୍ବତନ ପୂର୍ବତନ କର୍ମଚାରୀଙ୍କୁ ସାମିଲ କରିବାକୁ ଯୋଜନା କରାଯାଇଛି । ସଂରକ୍ଷିତ ଅଞ୍ଚଳକୁ ଜଗିବା ପାଇଁ ଶିମିଳିପାଳରେ ଏକ ମିଳିତ ଟାସ୍କଫୋର୍ସ ମଧ୍ୟ ରହିଛି । ଅଗଷ୍ଟରେ କ୍ଷେତ୍ର ନିର୍ଦ୍ଦେଶକଙ୍କ ନେତୃତ୍ୱରେ ଗଠିତ ଏହି ଟାସ୍କଫୋର୍ସ କାର୍ଯ୍ୟ ଜାରି ରଖିଛି ।

ସୂଚନା ଥାଉ କି ଚଳିତ ବର୍ଷ ଜୁଲାଇରେ ରାଜ୍ୟ ସରକାର ବନ କର୍ମଚାରୀଙ୍କୁ ଅସ୍ତ୍ରଶସ୍ତ୍ର ବ୍ୟବହାର ପାଇଁ ଅନୁମତି ଦେଇଥିଲେ । ଏହାପରେ ବନ କର୍ମଚାରୀଙ୍କ ପାଇଁ ଅସ୍ତ୍ରଶସ୍ତ୍ର କ୍ରୟ ଆରମ୍ଭ ହୋଇଥିଲା । ଶିକାରୀଙ୍କ ଗୁଳିରେ ଶିମିଳିପାଳରେ ଦୁଇଜଣ ବନ କର୍ମଚାରୀଙ୍କ ହତ୍ୟା ହେବା ପରେ ଏହି ପଦକ୍ଷେପ ନିଆଯାଇଥିଲା ।

**ମାଓବାଦୀଙ୍କୁ ଓଡ଼ିଶା ମନା**

# ୭ ବର୍ଷରେ ୨୪୧ ମାଓବାଦୀ ଗିରଫ

**ଭୁବନେଶ୍ୱର,୨୫ ।୧୨(ପ୍ରସନଜିତ ମହାଲିକ):**

ମାଓବାଦୀ ବିରୋଧୀ ଅଭିଯାନକୁ ଆହୁରି ଜୋରଦାର କରିଛି ଓଡ଼ିଶା ପୁଲିସ । ରାଜ୍ୟ ସରକାରଙ୍କ ମାଓମୁକ୍ତ ଓଡ଼ିଶା ଗଠନ ଲକ୍ଷ୍ୟ ପଦକ୍ଷେପକୁ ବଳ ଯୋଗାଇ ହାତମୁଠାକୁ ଟାଣ କରୁଛନ୍ତି ସୁରକ୍ଷାକର୍ମୀ । ଓଡ଼ିଶାରେ ମାଓ କାର୍ଯ୍ୟକଳାପ ହ୍ରାସ କରିବା ଲାଗି ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ ହୋଇଛି । ସୁରକ୍ଷା କର୍ମୀଙ୍କ ସାହସିକତା ଓ ରାଜ୍ୟ ସରକାରଙ୍କ ଉଦ୍ୟମ ଯୋଗୁଁ ମାଓ ବିରୋଧ ଲଢ଼େଇରେ ମିଳୁଛି ଜିତାପଟ୍ । ଗତ ୭ବର୍ଷରେ ୨୪୫ମାଓବାଦୀ ଓ ମାଓ ସମର୍ଥକଙ୍କୁ ଓଡ଼ିଶା ପୁଲିସ ଗିରଫ କରିଛି । ଏମାନଙ୍କ ମଧ୍ୟରେ କିଛି ମହିଳା ଥିବା ବେଳେ ଆଉ କିଛି ମୋଷ୍ଟୱାଣ୍ଟେଡ୍ ମାଓନେତା ରହିଛନ୍ତି । ସେହିପରି ଆନ୍ଧ୍ରପ୍ରଦେଶ, ଛତିଶଗଡ଼ ଓ ଝାଡ଼ଖଣ୍ଡରେ ସକ୍ରିୟ ରହିଥିବା କିଛି କୁଖ୍ୟାତ ମାଓବାଦୀ ମଧ ଗିରଫ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ କିଛି ଜଣଙ୍କ ମୁଣ୍ଡ ଉପରେ ୧୦ରୁ ୨୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପୁରସ୍କାର ରାଶି ମଧ ରହିଥିଲା । ସେହିପରି ମାଓବାଦୀଙ୍କଠାରୁ ବିପୁଳ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ଜବତରେ ମଧ୍ୟ ଓଡ଼ିଶା ପୁଲିସକୁ ସଫଳତା ମିଳିଛି । ଏପର୍ଯ୍ୟନ୍ତ ମାଓବାଦୀଙ୍କଠାରୁ ୨୭୪ବନ୍ଧୁକ ଓ ୩୫୬ ଆଇଡି ବିସ୍ଫୋରଣ ଜବତ କରାଯାଇଛି । ଏହି ଅସ୍ତ୍ରଶସ୍ତ୍ର ପାଇଁ ମାଓବାଦୀ ସୁରକ୍ଷାକର୍ମୀଙ୍କ ଉପରେ ଭାରୀ ପଡୁଥିଲେ ।

ଓଡ଼ିଶାକୁ ମାଓମୁକ୍ତ କରିବାରେ ରାଜ୍ୟ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ମାଓ ବିରୋଧୀ ଅଭିଯାନ ସହ ଅପନ୍ତରା ଓ ବିଚ୍ଛିନ୍ନାଞ୍ଚଳରେ ବ୍ୟାପକ ଲୋକାଭିମୁଖୀ ପ୍ରକଳ୍ପ ଯୋଗୁଁ ମାଓବାଦୀମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ନିଜକୁ ପୁଲିସ ନିକଟରେ ଆତ୍ମସମର୍ପଣ କରୁଛନ୍ତି । ଆତ୍ମସମର୍ପଣ କରୁଥିବା ମାଓବାଦୀଙ୍କୁ ଆତ୍ମନିର୍ଭରଶୀଳ କରିବା ସହ ଉପଯୁକ୍ତ ଥଇଥାନ

| ବର୍ଷ | ଗିରଫ | ଆତ୍ମସପର୍ମଣ |
|---|---|---|
| ୨୦୧୬ | ୩୫ | ୩୧ |
| ୨୦୧୭ | ୩୫ | ୨୬ |
| ୨୦୧୮ | ୩୯ | ୨୭ |
| ୨୦୧୯ | ୫୦ | ୧୩ |
| ୨୦୨୦ | ୩୪ | ୨୧ |
| ୨୦୨୧ | ୩୬ | ୨୧ |
| ୨୦୨୨ | ୧୨ | ୦୩ |

- ୧୪୨ ମାଓବାଦୀଙ୍କ ଆତ୍ମସମର୍ପଣ
- ୨୭୪ବନ୍ଧୁକ ଓ ୩୫୬ ଆଇଡି ବିସ୍ଫୋରକ ଜବତ
- ମାଓ ବିରୋଧୀ ଲଢ଼େଇରେ ଓଡ଼ିଶା ଆଗରେ

ମଧ ସରକାରଙ୍କ ପକ୍ଷରୁ କରାଯାଉଛି । ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣିତ 'ଘର ୱାପସି' ଓ 'ପୁନର୍ବାସ' ଯୋଜନାରେ ସାମିଲ କରାଯାଉଛି । ସେମାନଙ୍କ ପିଛା ରାଜ୍ୟ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ଗତ ୭ବର୍ଷରେ ୧୪୫ଜଣ ମାଓବାଦୀ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି । ଆତ୍ମସମର୍ପଣ କରିବା ମାତ୍ରେ ୧୦ହଜାର ଟଙ୍କା ଓ ଅସ୍ତ୍ରଶସ୍ତ୍ର ସହ ଆତ୍ମସମର୍ପଣ କଲେ ମାଓବାଦୀଙ୍କ ପିଛା ୨୦ ହଜାର ଟଙ୍କା ଅର୍ଥ ରାଶି ତୁରନ୍ତ ଯୋଗାଇ ଦିଆଯାଉଛି । ପରେ ସେମାନଙ୍କୁ ଜମି, ଘର, ନିଯୁକ୍ତି ଆଦି ଯୋଗାଇ ଦିଆଯାଉଛି । ଏପରିକି ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ଦେହ ଅସୁସ୍ଥ ହେଲେ ହସ୍ପିଟାଲରେ ମାଗଣା ଚିକିତ୍ସା, ପିଲାଛୁଆଙ୍କୁ ମାଗଣା ପାଠପଢ଼ା, ବିବାହ ଲାଗି ଆର୍ଥିକ ପ୍ରୋତ୍ସାହନ ରାଶି, ବ୍ୟାଙ୍କରୁ ଋଣ ସହ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି ।

ରାଜ୍ୟରେ କଳାହାଣ୍ଡି-କନ୍ଧମାଳ-ବୌଦ୍ଧ-ନୟାଗଡ଼ (କେକେବିଏନ୍) କ୍ୟାଡର୍ ଏବେ ସକ୍ରିୟ ରହିଛି । ଛତିଶଗଡ଼ ସଂଲଗ୍ନ ନୂଆପଡ଼ା ଜିଲ୍ଲାରେ ଏବେ ମେନପୁର ଡିଭିଜନ୍ ସକ୍ରିୟ ରହିଛି । ୯ଟି ଡିଭିଜନ୍‌ରେ ଅଧୀନରେ ପ୍ରାୟ ୨୭୫ ମାଓବାଦୀ ସକ୍ରିୟ ରହିଛନ୍ତି । ଓଡ଼ିଶା ରାଜ୍ୟ କମିଟି ଅଧୀନରେ ୫ଟି, ଆନ୍ଧ୍ର ଓଡ଼ିଶା ସୀମା ସ୍ପେଶାଲ କମିଟି ଅଧୀନରେ ୨ଟି ଓ ଦଣ୍ଡକାରଣ୍ୟ ସ୍ପେଶାଲ କମିଟି ଅଧୀନରେ ୨ଟି ଡିଭିଜନ୍ କାର୍ଯ୍ୟ କରୁଛି । ଓଡ଼ିଶାରେ ୯୦ ପ୍ରତିଶତ ଛତିଶଗଡ଼ୀ ମାଓବାଦୀ ରହିଛନ୍ତି । ରାଜ୍ୟରେ ମାତ୍ର ୧୬ ଜଣ ଓଡ଼ିଆ ମାଓବାଦୀ ରହିଛନ୍ତି । ସିପିଆଇଏମ୍ କେନ୍ଦ୍ରୀୟ କମିଟିର ସଦସ୍ୟ ଥିବା କ୍ୟାଡର୍ ମାଓବାଦୀ ମୁରଲୀ ଓ ମୋଦମ୍ ବାଲା କ୍ରିଷ୍ଣା ଓଡ଼ିଶା ଜୋନାଲ କମିଟିର ନେତୃତ୍ୱ ନେଉଛନ୍ତି ।

କୋରାପୁଟ୍, ମାଲକାନାଗିରି, ରାୟଗଡ଼ା, ବରଗଡ଼, ବଲାଙ୍ଗିର, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, କନ୍ଧମାଳ ଓ ସୁନ୍ଦରଗଡ଼ ଆଦି ୧୦ ଜିଲ୍ଲା ମାଓବାଦୀ ସକ୍ରିୟ ରହିଥିବା କୁହାଯାଉଛି । ଏବେ ବୌଦ୍ଧ, କନ୍ଧମାଳ, କଳାହାଣ୍ଡି ଓ କେନ୍ଦୁଝର ଜିଲ୍ଲାରେ ମାଓବାଦୀଙ୍କ ଚଳପ୍ରଚଳ ସାମାନ୍ୟ ବଢ଼ିବା ସହ ସକ୍ରିୟ ହୋଇଛନ୍ତି । କିନ୍ତୁ ଆଶ୍ୱସ୍ତିର କଥା ହେଲା, ସୁନ୍ଦରଗଡ଼ ମାଓମୁକ୍ତ ଆଡ଼କୁ ଗତି କରୁଥିବା ବେଳେ ମାଲକାନଗିରି ଓ କୋରାପୁଟ ଗତିବିଧି କମିଛି ।

ଅନ୍ୟପକ୍ଷରେ ମାଓଦମନ କ୍ଷେତ୍ରରେ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶା ପୁଲିସ ଆଗରେ ରହିଛି । ଏହାକୁ ଆହୁରି ଗତିଶୀଳ କରିବା ଲାଗି ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରାଯାଉଛି । ସୀମାନ୍ତ ଜିଲ୍ଲାର ଏସ୍‌ପି ଓ ରେଞ୍ଜ ଆଇଜିଙ୍କ ସୁରକ୍ଷା ବ୍ୟବସ୍ଥା ବିଷୟରେ ଆଲୋଚନା ହେଉଛି । ମାଓ ପ୍ରଭାବିତ ଜିଲ୍ଲାରେ ସ୍ୱତନ୍ତ୍ର ତାଲିମ୍‌ପ୍ରାପ୍ତ ସୁରକ୍ଷାକର୍ମୀଙ୍କୁ ମୁତୟନ କରାଯାଉଛି । ନୂଆ ବାଇକ୍ ଯୋଗାଇ ଦିଆଯାଇ ପାଟ୍ରୋଲିଂ ବ୍ୟବସ୍ଥାକୁ ସୁଦୃଢ଼ କରାଯାଉଛି । ସେହିପରି ମାଓ ବିରୋଧୀ ଅପରେସନ୍‌କୁ ଆହୁରି ତୀବ୍ର କରିବା ଲାଗି ଅତ୍ୟାଧୁନିକ ଜ୍ଞାନକୌଶଳ ଥିବା ୬ଟି ଡ୍ରୋନ୍, କର୍ଣ୍ଣର ସଟ୍ ବନ୍ଧୁକ ଆଣିବା ଲାଗି ଯୋଜନା ହୋଇଥିବା ନିକଟରେ ହୋଇଥିବା ମାଓ ବିରୋଧୀ ବୈଠକରେ ନିଷ୍ପତ୍ତି ହୋଇଛି । ଓଡ଼ିଶା ପୁଲିସ ସହ କେନ୍ଦ୍ରୀୟ ସୁରକ୍ଷା କର୍ମୀଙ୍କୁ ନେଇ ମିଳିତ ମାଓ ବିରୋଧୀ ଅଭିଯାନ ଚଳାଇଛି ।

**■ ସର୍ଚ୍ଚ ଅପରେସନ୍ ବେଳେ ସଫଳତା**

# ବିପୁଳ ଅସ୍ତ୍ରଶସ୍ତ୍ର ସହ ୧୬ ଟିଫିନ୍ ବୋମା ଓ ୫ ଗ୍ରେନେଡ୍ ଜବତ



**ମାଲକାନଗିରି, ୨୫ ।୧୨ (ସମିସ):** ମାଓ ଦମନ କ୍ଷେତ୍ରରେ ମାଲକାନଗିରି ପୁଲିସକୁ ଆଜି ଏକ ବଡ଼ ସଫଳତା ମିଳିଛି । ମାଓବାଦୀମାନେ ମାଟିତଳେ ଲୁଚାଇ ରଖିଥିବା ବିପୁଳ ପରିମାଣର ବିସ୍ଫୋରକ ଆଜି ସର୍ଚ୍ଚ ଅପରେସନ୍ ବେଳେ ପୁଲିସ ଜବତ କରିଛି । ଜବତ ବିସ୍ଫୋରକ ମଧ୍ୟରେ ୧୬ଟି ଟିଫିନ୍ ବୋମା, ୫ଟି ଗ୍ରେନେଡ୍,୩୯ ଜିଲୋଟିନ ଷ୍ଟିକ୍, କଡେକ୍ସ ତାର ସମେତ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ଓ ମାଓ ପୁସ୍ତିକା ରହିଛି । ଟିଫିନ୍ ବୋମାଗୁଡ଼ିକର ଓଜନ ଦେଢ଼ରୁ ୧୫କେଜି ପର୍ଯ୍ୟନ୍ତ ରହିଛି । ଏହି ବିସ୍ଫୋରକ ଆନ୍ଧ୍ର-ଓଡ଼ିଶା ବର୍ଡର୍ ଜୋନାଲ ମାଓ କମିଟିର ବୋଲି କୁହାଯାଉଛି ।

ବିଶେଷ ସୂତ୍ରରୁ ସୂଚନା ପାଇ ମାଲକାନଗିରି ଏସ୍‌ପି ନିତେଶ ୱାଧୱାନିଙ୍କ ନିର୍ଦ୍ଦେଶକ୍ରମେ ଡିଭିଏଫ୍ ଓ ଏସ୍‌ଓଜି ଯବାନମାନେ ଆନ୍ଧ୍ର ସୀମାବର୍ତ୍ତୀ କାଲିମେଲା ଥାନା ଅନ୍ତର୍ଗତ କୁର୍ମାନୁର ଗ୍ରାମ ନିକଟ ଜଙ୍ଗଲରେ ସର୍ଚ୍ଚ ଅପରେସନ୍ ଚଳାଇଥିଲେ । ଏହି ସମୟରେ ଯବାନମାନଙ୍କୁ ମାଟିତଳେ ପୋତା ଯାଇଥିବା ବିପୁଳ ପରିମାଣର ବିସ୍ଫୋରକ ମିଳିଥିଲା । ଏତେ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତରୁ ଅନୁମାନ କରାଯାଉଛି ଯେ ଏହି ଅଞ୍ଚଳରେ ମାଓବାଦୀମାନେ କିଛି ବଡ଼ଧରଣର ଅଘଟଣ ଘଟାଇବା ପାଇଁ ଯୋଜନା କରୁଥିଲେ । ତେଣୁ ସର୍ଚ୍ଚ ଅପରେସନ୍‌କୁ ଜୋରଦାର୍ କରାଯାଇଛି । ଲାଲ୍‌ବାହିନୀ କୌଣସି ଅଘଟଣ ଘଟାଇବା ପାଇଁ ଚେଷ୍ଟା କଲେ, ସେମାନଙ୍କୁ ଉଚିତ ଜବାବ ଦେବା ପାଇଁ ପୁଲିସ ପ୍ରଶାସନ ସର୍ବଦା ପ୍ରସ୍ତୁତ ରହିଛି ବୋଲି ଏସ୍‌ପି ଶ୍ରୀ ୱାଧୱାନି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

## ନିଆରା ବ୍ୟକ୍ତିତ୍ୱ

# ଝିଅ ଜନମକୁ ସାର୍ଥକ କରାଇଛନ୍ତି ଅହଲ୍ୟା

ବଲାଙ୍ଗିର, ୨୫ ।୧୨(ସମିସ)

ଦିନ ଥିଲା ଝିଅ ମାନଙ୍କ ପାଠପଢ଼ା କୁ ଗୁରୁତ୍ୱ ଦିଆଯାଉ ନ ଥିଲା। ଝିଅ ପାଠ ପଢ଼ି କ'ଣ କରିବ, ବାହା ହୋଇ ରୋଷେଇ କରିବ। ଏଭଳି କିଛି ମନୋଭାବକୁ ଦୂର କରିବା ପାଇଁ ଅନେକ ସାମାଜିକ ସଂଗଠନ ସ୍ୱର

> 'ସମାଜରେ ଏମିତି ଅନେକ ବ୍ୟକ୍ତିତ୍ୱ ରହିଛନ୍ତି ଯେଉଁମାନଙ୍କ ବ୍ୟକ୍ତିତ୍ୱ ହିଁ ତାଙ୍କ ପରିଚୟ ସାଜିଥାଏ। ସେମାନଙ୍କ ନିଆରା କାର୍ଯ୍ୟ, ଦୂରଦୃଷ୍ଟି ସେମାନଙ୍କୁ ଅନ୍ୟମାନଙ୍କ ଠାରୁ ସ୍ୱତନ୍ତ୍ର ଭାବେ ଗଢି ତୋଲିଥାଏ। ଏମିତି କିଛି ବ୍ୟକ୍ତିଙ୍କ ବ୍ୟକ୍ତିତ୍ୱକୁ ସାମ୍ନାକୁ ଆଣିବା ପାଇଁ ଆମର ଏହି ପ୍ରୟାସ 'ନିଆରା ବ୍ୟକ୍ତିତ୍ୱ'।

ଉଠାଇଛନ୍ତି। ଏପରିକି ବର୍ତ୍ତମାନ ସମୟରେ ବେଟି ପଢ଼ାଓ ବେଟି ବଚାଓ ଅଭିଯାନ ମଧ୍ୟ ସରକାରୀସ୍ତରରେ ଜାରି ରହିଛି। ଏହି ଅଭିଯାନକୁ ଅକ୍ଷରେ ଅକ୍ଷରେ ପାଳନ କରି ଝିଅମାନଙ୍କୁ ଉଚ୍ଚ ଶିକ୍ଷିତା କରସ୍ୱିଜ ଗୋଡରେ ନିଜ ଠିଆ ହେବାପାଇଁ ଦମ୍ଭ ଦେଇଆସୁଛନ୍ତି ଜଣେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ। ନିଜେ ଜଣେ ଶିକ୍ଷୟିତ୍ରୀ, ଶିକ୍ଷାର ମହତ୍ୱକୁ ଭଲ ଭାବେ ବୁଝି ନିଜ ଝିଅମାନଙ୍କୁ ଉଚିତ ଶିକ୍ଷା ଦେଇପାରିଛନ୍ତି। ପରିଣାମସ୍ୱରୂପ ତାଙ୍କ ଦୁଇ ଝିଅ ଡାକ୍ତରୀ ପାଠ ପଢ଼ୁଥିବାବେଳେ ଗୋଟିଏ ଝିଅ ଶିକ୍ଷୟିତ୍ରୀ ହୋଇପାରିଛନ୍ତି। ଏଭଳି ଜଣେ ନିଆରା ବ୍ୟକ୍ତିତ୍ୱ ହେଉଛନ୍ତି ବଲାଙ୍ଗିର ଜିଲ୍ଲା ଲୋଇସିଂହାର ଅହଲ୍ୟା ମଲ୍ଲିକ।



ଯେଉଁ ସମୟରେ ମହିଳା ମାନଙ୍କ ଶିକ୍ଷା, ଚାକିରିକରିବାକୁ ଏତେ ଗୁରୁତ୍ୱ ଦିଆଯାଉ ନ ଥିଲା ସେହି ସମୟରେ ଲୋଇସିଂହାର ଅହଲ୍ୟା ମଲ୍ଲିକ ପାଠ ପଢ଼ିବା ସଙ୍ଗେସଙ୍ଗେ ଶିକ୍ଷୟିତ୍ରୀ ଭାବେ ନିଯୁକ୍ତି ପାଇଥିଲେ। ଚାକିରି କରିବା ପରେ ସେ ବଂଶୀଧର କାଲସାଏଙ୍କୁ ବିବାହ କରିଥିଲେ। ଶ୍ରୀ କାଲସାଏ ଜଣେ ବ୍ୟାଙ୍କ କର୍ମଚାରୀ ହୋଇଥିବାବେଳେ ତାଙ୍କର ଗୋଟିଏ ପୁଅ ଓ ତିନି ଝିଅ। ସାଧାରଣତଃ ଝିଅ ଜନମ ପରେ ଘରକୁ ଚିନ୍ତାଧାରା ଲୋକଙ୍କ ଭିତରେ ଥିବାବେଳେ ଅହଲ୍ୟା ମଲ୍ଲିକଙ୍କ ଚିନ୍ତାଧାରା ଭିନ୍ନ ରହିଥିଲା। ଯାହାପାଇଁ ସେ ନିଜ ଝିଅମାନଙ୍କୁ ଉଚ୍ଚଶିକ୍ଷିତ କରିବାକୁ ମନସ୍ଥ କରିଥିଲେ। ବଡ଼ପୁଅ ଅରବିନ୍ଦ କାଲସାଏ ଡାକ୍ତରୀ ପାଠ ପଢ଼ି ଶିଶୁରୋଗ ବିଶେଷଜ୍ଞଭାବେ କାର୍ଯ୍ୟ କରୁଥିବାବେଳେ ବଡ଼ ଝିଅ ପ୍ରତିଭା କାଲସାଏ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଅଛନ୍ତି। ସେହିପରି ତାଙ୍କ ମଝିଆ ଝିଅ ପ୍ରଜ୍ଞା ପରମିତା କାଲସାଏ ଏବେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଭାବେ କାର୍ଯ୍ୟ କରୁଛନ୍ତି। ଛୋଟ ସମୟରୁ ଆଉ ଜଣେ ଝିଅକୁ ନିଜ ପାଖରେ ରଖି ତାଙ୍କୁ ମଧ୍ୟ ଉଚ୍ଚଶିକ୍ଷା ଦେଇଛନ୍ତି। ବର୍ତ୍ତମାନ ତାଙ୍କ ସହିତ ରହୁଥିବା ମନିଷା ମହାକୁର ସ୍ଥାନୀୟ ଏକ ଘରୋଇ ସ୍କୁଲରେ ଶିକ୍ଷକତା କରୁଛନ୍ତି। କେବଳ ଏତିକି ନୁହେଁ ନିଜ ସମ୍ପର୍କୀୟ, ପଡୋଶୀ ତଥା ଗାଁର ଗରିବ ଝିଅମାନଙ୍କ ଶିକ୍ଷା ପାଇଁ ସେ ସବୁବେଳେ ସହାୟତା ଦେଇଆସୁଥିବା ଦେଖିବାକୁ ମିଳିଛି। ଅହଲ୍ୟା ବର୍ଷକ ପୂର୍ବରୁ ଅବସର ନେଇଛନ୍ତି। ସେ ତାଙ୍କର ୩୮ ବର୍ଷ ଶିକ୍ଷକତା ଜୀବନରେ କର୍ଲିପାଟ, ସରଗାଡ, ସେମେଲମୁଣ୍ଡା ଓ ଲୋଇସିଂହା ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟ କରିଥିବା ବେଳେ ଅନେକଙ୍କ ଉଜ୍ଜ୍ୱଳ ଭବିଷ୍ୟତର ମୂଳଦୁଆ ପକାଇବାରେ ସହାୟକ ହୋଇଛନ୍ତି। କିଛି ଦିନ ତଳେ ଭୁବନେଶ୍ୱର ଜୟଦେବ ଭବନ ଠାରେ ସାମାଜିକ ସଂଗଠନ 'ଓମେଗ୍' ପକ୍ଷରୁ ନାରୀରତ୍ନ ସମ୍ମାନ ପ୍ରଦାନ କରାଯାଇଥିଲା। ବର୍ତ୍ତମାନ ତାଙ୍କର ଏହିଭଳି କାର୍ଯ୍ୟ ପାଇଁ ସେ ମହିଳା ମାନଙ୍କ ପାଇଁ ଉଦାହରଣ ସାଜିଥିବା ବେଳେ ଝିଅମାନଙ୍କ ଶିକ୍ଷା ଉପରେ ଆଗକୁ ଅଧିକ କାମ କରିବାକୁ ସେ ଲକ୍ଷ୍ୟ ରଖିଥିବା କହିଛନ୍ତି। ନିଜ ସ୍ୱାମୀଙ୍କ ଏଭଳି ନିଆରା ଚିନ୍ତାଧାରା ତାଙ୍କୁ ସବୁବେଳେ ସ୍ୱତନ୍ତ୍ର ପରିଚୟ ଦେଇ ଆସିଥିବାବେଳେ ସବୁବେଳେତାଙ୍କ ପଛରେ ଛିଡ଼ା ହୋଇଥିବା କହନ୍ତି ବଂଶୀଧର କାଲସାଏ।

## ୭ ଦାଦନ ଶ୍ରମିକ ଉଦ୍ଧାର, ଦଲାଲ କୋର୍ଟ ଚାଲାଣ

**ଖପ୍ରାଖୋଲ, ୨୫ ।୧୨(ସମିସ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଥାନା ବେଲପଡ଼ା ବ୍ଲକ ଦର୍ଲିପାଲି ପଞ୍ଚାୟତର ଗୋଡ଼ଭଙ୍ଗା ଗାଁ ନିକଟରୁ ଖପ୍ରାଖୋଲ ପୁଲିସ ୭ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଥିବାବେଳେ ଜଣେ ଦଲାଲକୁ ସୋମବାର କୋର୍ଟ ଚାଲାଣ କରିଛି। ରବିବାର ବିଳମ୍ବିତ ରାତିରେ ପୁଲିସ ପାଟ୍ରୋଲିଂ କରୁଥିବାବେଳେ କିଛି ଶ୍ରମିକ ଚାଲାଣ ହେଉଥିବା ଖବରପାଇ ସମସ୍ତଙ୍କୁ ପଚରାଉଚରାବେଳେ ଶ୍ରମିକ ମାନଙ୍କୁ ତେଲେଙ୍ଗାନାର ଏକ ଇଟା ଭାଟିକୁ ଚାଲାଣ ହେଉଥିବା ଜାଣି ଉଦ୍ଧାର କରିଥିଲେ। ଉଦ୍ଧାର ଶ୍ରମିକ ମଧ୍ୟରୁ ୨ଜଣ ମହିଳା ଓ ୫ଜଣ ପୁରୁଷ ଥିବା ବେଳେ ସମସ୍ତେ ଗୋଡଭଙ୍ଗା ଗାଁର ବୋଲି ଜଣାପଡ଼ିଛି। ଏନେଇ ଖପ୍ରାଖୋଲ ଥାନାରେ ଏକ ମାମଲା ରୁଜୁକରି ବେଲପଡ଼ା ଥାନା କପାଣି ଗାଁର ଦାଦନ ଦଲାଲ୍ ମହେନ୍ଦ୍ର ସୁନାନି (୩୬)କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏହାସହ ଦୁଇଟି ମୋଟର ସାଇକେଲ ଜବତ କରିଥିବା ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ ସୂଚନା ଦେଇଛନ୍ତି।



## ବଙ୍ଗୋମୁଣ୍ଡା ଶିଶୁ ମନ୍ଦିରରେ ସଂସ୍କାର ବିଦ୍ୟାରମ୍ଭ ଯଜ୍ଞ

ବଙ୍ଗୋମୁଣ୍ଡା, ୨୫।୧୨(ସମିସ) : ବଙ୍ଗୋମୁଣ୍ଡା ସରସ୍ୱତୀ ଶିଶୁମନ୍ଦିର ପରିସରରେ ସଂସ୍କାର ବିଦ୍ୟାରମ୍ଭ ଯଜ୍ଞ ଅନୁଷ୍ଠିତ ହୋଇଛି। ଏହି ଯଜ୍ଞରେ ହୋମଯଜ୍ଞ ହୋଇଥିଲା। ନବାଗତ ଶିଶୁଙ୍କ ପାଇଁ ଏହି ଯଜ୍ଞ ହୋଇଥିବାବେଳେ ଅବିଭାବକ ମହଲରେ ଏହି କାର୍ଯ୍ୟକ୍ରମକୁ ସ୍ୱାଗତ କରାଯାଇଥିଲା। ପୂଜକ ଭୁବନେଶ୍ୱର ସଗରିଆ ଏବଂ କନ୍ଦର୍ପ ଦାସ ପୂଜାକାର୍ଯ୍ୟ ତୁଲାଇଥିବାବେଳେ ଶିଶୁ ମନ୍ଦିର ପରିଚାଳନା କମିଟିର ସମ୍ପାଦକ ଅନୀଲ କୁମାର ଖମାରୀ ଯୋଗଦେଇ ଥିଲେ।

## ତିନିଦିନିଆ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିର

ତୁରେକେଲା, ୨୫ ।୧୨(ସମିସ): ଓଡ଼ିଶା ମୂଳନିବାସୀ ଛାତ୍ର ଏବଂ ଯୁବ ସମ୍ମୁଖ୍ୟର ରାଜ୍ୟସ୍ତରୀୟ ତ୍ରି ଦିବସୀୟ ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଯାପିତ ହୋଇଛି। ଏଥିରେ ସଂଗଠନର ଉପଦେଷ୍ଟା ମୁକେଶ ସୁନା ଶ୍ରୀପତି କୁମ୍ଭାର ଏବଂ କବି ହେମନ୍ତ ଦଳପତି, ଚନ୍ଦନ ନାଗ, ଅଶ୍ୱିନୀ ବାଗ, ଗୋବର୍ଦ୍ଧନ ଛାତର, ସଂଗଠନର ଜିଲ୍ଲା କର୍ମକର୍ତ୍ତା ଫାଲଗୁନି ମାଝୀ, ଦେବରାଜ ପୁଟେଲ, ମେଘନାଦ ରାଉତ, କାହ୍ନା ରାଉତ ଯଶୋବନ୍ତ ମାଝୀ ପ୍ରମୁଖ ଉପସ୍ଥିତ ରହି ଶିବିର କୁ ସଫଳ କରିଥିଲେ।ଶେଷରେ ରାଜ୍ୟ ସଂଯୋଜକ ମନୋଜ ତାଣ୍ଡି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ହାତୀ ସୁରକ୍ଷା ସଚେତନତା

ଲୋଇସିଂହା, ୨୫ ।୧୨(ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ବନାଞ୍ଚଳ ଅଧୀନରେ ଥିବା ହାତୀ ଉପଦ୍ରବ ଗାଁରେ ସ୍ଥାନୀୟ ବନବିଭାଗ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ରେଞ୍ଜର ପାଉଲ ହରପାଲଙ୍କ ନେତୃତ୍ୱରେ ବନବିଭାଗ କର୍ମଚାରୀମାନେ ଗାଁଗାଁ ବୁଲି ହାତୀ ସୁରକ୍ଷା ନେଇ ଲୋକଙ୍କୁ ସଚେତନ କରାଇଥିଲେ। ବର୍ତ୍ତମାନ ଧାନ ଅମଳ ସମୟ ହୋଇଥିବାରୁ ପ୍ରତିବର୍ଷ ଏହି ସମୟରେ ବଣୁଆ ହାତୀ ଲୋଇସିଂହା ଅଞ୍ଚଳର ବିଭିନ୍ନ ଗାଁକୁ ପ୍ରବେଶ କରିଥାନ୍ତି। ଯାହାକୁ ନେଇମଣିଷ - ହାତୀ ଲଢ଼େଇ ହୋଇ ଉଭୟ ପକ୍ଷର କ୍ଷତି ହୋଇଥାଏ। ଏହି ସମୟରେ ଲୋକେ କିଭଳି ହାତୀ ଆକ୍ରମଣରୁ ନିଜକୁ ଦୂରେଇ ରଖିବେ, ହାତୀକୁ କିଭଳି ବ୍ୟବହାର କରିବେ ସେ ନେଇ ଫରେଷ୍ଟର ବାବୁଲା ଦାସ ଗାଁ ଲୋକଙ୍କୁ ସଚେତନ କରିଥିଲେ। ଏଥିରେ ଫରେଷ୍ଟ ଗାର୍ଡ ସଞ୍ଜୀବ ନାଏକ, ଜମିନି ମିଶ୍ର, ବସନ୍ତ ମହାକୁର, ଗଜସାଥୀ, ପାରା କର୍ମଚାରୀ ଉପସ୍ଥିତ ଥିଲେ।

## ଲାଠୋର ମେହେରପଡ଼ାରେ ନାମଯଜ୍ଞ

**ଖପ୍ରାଖୋଲ, ୨୫ ।୧୨(ସମିସ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଲାଠୋର ଗ୍ରାମର ମେହେର ପଡ଼ାରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ନାମଯଜ୍ଞରେ ପୂଜାକର୍ତ୍ତା ଭାବରେ ସତ୍ତ୍ୱିକ ରାମଜିତ ମେହେର ପୂଜା କାର୍ଯ୍ୟ ତୁଲାଇଥିବା ବେଳେ ସ୍ଥାନୀୟ ପୂଜକ ପୌରୋହିତ୍ୟ କରିଥିଲେ। ଏହି ନାମଯଜ୍ଞରେ ୮ଟି ଉଦଣ୍ଡ ସଙ୍କୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ମେହେରପଡ଼ାର ପୂଜା କମିଟି ସଦସ୍ୟ ତଥା ପଡ଼ାବାସୀ ସହଯୋଗ କରିଥିଲେ।



## ସାହିତ୍ୟ ଆଲୋଚନାଚକ୍ର

# ଓଡ଼ିଆ ଗଳ୍ପରେ ସାମାଜିକ ବାସ୍ତବତାର ଚିତ୍ର ପ୍ରଚୁର

**କଣ୍ଟାବାଞ୍ଜି, ୨୫ ।୧୨(ସମିସ):** ଓଡ଼ିଆ ଗଳ୍ପରେ ସାମାଜିକ ବାସ୍ତାବତାର ଚିତ୍ର ପ୍ରଚୁର। ଫକୀରମୋହନଙ୍କ ରେବତୀ ଠାରୁ ବର୍ତ୍ତମାନ ସମୟ ଯାଏଁ ଓଡ଼ିଆ ଗଳ୍ପ ବିଭିନ୍ନ ଧାରାଦେଇ ଗତି କରିଛି। ବିଭିନ୍ନ ପରୀକ୍ଷା ନିରୀକ୍ଷା ହୋଇଛି ଗଳ୍ପରେ। କିନ୍ତୁ ସବୁବେଳେ ସମାଜର କଥାକୁ କହିଛି ଗଳ୍ପ। କେନ୍ଦ୍ର ସାହିତ୍ୟ ଏକାଡେମୀ ଓ କେଭି ଡିଗ୍ରୀ ମହାବିଦ୍ୟାଳୟ କଣ୍ଟାବାଞ୍ଜି ପକ୍ଷରୁ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା। ସ୍ୱାଗତ ଭାଷଣ ଦେଇଥିଲେ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ଡ. ସଞ୍ଜୟ କୁମାର ମିଶ୍ର। ସଭାରେ ଅଧ୍ୟକ୍ଷତା କରିଥିଲେ କେନ୍ଦ୍ର ସାହିତ୍ୟ ଏକାଡେମୀର ଓଡ଼ିଆ ଉପଦେଷ୍ଟା ମନୋଜ କୁମାର ପଣ୍ଡା, ମୁଖ୍ୟ ଅତିଥି ଭାବରେ ଦେବେନ୍ଦ୍ର ମେହେର ଯୋଗଦେଇଥିଲେ। ଡ. ସେସାନ ବିଶି, ଡ. କୌତୁକ ପନ୍ଦର ଓ ଅଧ୍ୟାପିକା ଜାମିନି ଦାସ ଓଡ଼ିଆ ଗଳ୍ପରେ ସାମାଜିକ ବାସ୍ତବତା ବିଷୟରେ ପ୍ରବନ୍ଧ ପାଠ କରିଥିଲେ।



# ବରପାଲି ପଡ଼ାରେ ଅଣସଂକ୍ରାମକ ରୋଗ ଚିହ୍ନଟ ଶିବିର

**ବଲାଙ୍ଗିର, ୨୫ ।୧୨(ସମିସ):** ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର କନ୍ଧପାଲି ପଡ଼ା ତରଫରୁ ଏକ ଅଣସଂକ୍ରାମକ ରୋଗ ଚିହ୍ନଟ ସ୍ୱାସ୍ଥ୍ୟ ଶିବିର ବରପାଲି ପଡ଼ା ଭାଗବତ ମନ୍ଦିର ଗୃହ ଠାରେ ଅନୁଷ୍ଠିତ ହୋଇଥିଲା। ଏହି ସ୍ୱାସ୍ଥ୍ୟ ଶିବିରର ମୂଳ ଉଦ୍ଦେଶ୍ୟ ଅଣସଂକ୍ରମକ ରୋଗର ଚିହ୍ନଟ ସହ ମାଗଣା ରକ୍ତ ପରୀକ୍ଷା, ମାଗଣା ଔଷଧ, ଜୀବନ ଶୈଳୀ ଓ ଖାଦ୍ୟପେୟ ଉପରେ ପରାମର୍ଶ ଏବଂ ମାଗଣା ଡାକ୍ତର ସେବା। ଏହି ସ୍ୱାସ୍ଥ୍ୟ ଶିବିର ରେ ୧୮୫ରୁ ଉର୍ଦ୍ଧ୍ୱ ସଂଖ୍ୟକ ରୋଗୀ ଚିକିତ୍ସା ଲାଭ କରିଥିଲେ। ଶିବିରରେ ୧୮୫ ଜଣଙ୍କ ରକ୍ତଚାପ, ୧୮୫ ଜଣଙ୍କ ଶର୍କରା ପରୀକ୍ଷା ହୋଇଥିଲା। ଏହି ଶିବିରରେ ୧୩୫ ରୋଗୀଙ୍କ ଦୃଷ୍ଟି ପରୀକ୍ଷା ହୋଇଥିଲା। ଚକ୍ଷୁ ବିଶେଷଜ୍ଞ ଡାକ୍ତର ନିରୁପମା ସାହୁ ପରୀକ୍ଷା କରି ରୋଗୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଡାକ୍ତର ଉଷାରାଣୀ ଦାଶ ସମସ୍ତଙ୍କୁ ଉତ୍ସାହିତ କରିବା ସହ ଏହି ଶିବିରର କାର୍ଯ୍ୟ ତଦାରଖ କରିଥିଲେ। ଡା. ନନ୍ଦ କିଶୋର ପାଢ଼ୀ ଓ ଭୀମଭୋଇ ମେଡିକାଲ କଲେଜର ଡାକ୍ତର ଭକ୍ତଚରଣ ଛୁରା, ଭୃଗୁରାମ ରାଉଳ, ଭୂପେନ୍ଦ୍ର ଅଗ୍ରୱାଲ, ପୂଜାଶ୍ରୀ ନନ୍ଦ ରୋଗୀଙ୍କୁ ପରୀକ୍ଷଣ କରିଥିଲେ। ମହିଳା ସ୍ୱାସ୍ଥ୍ୟ କର୍ମୀ ସଂଯୁକ୍ତା ମିଶ୍ର ଓ ପ୍ରବତାହଂସ୍ୱି ଦାଶଙ୍କ ସହିତ ଆଶାକର୍ମୀ ବବିତା କବାଟ, ପୁଷ୍ପାଞ୍ଜଳି ବିଶି, ସୁଜାତା ପଧାନ, ପଦ୍ମିନୀ ଭୋଇ ସହଯୋଗ କରିଥିଲେ। ଷ୍ଟାଫ୍ ନର୍ସ ସନ୍ତୋଷନୀ କରନ, ରାଧାକାନ୍ତ ନାଏକ, ଫାର୍ମାସିଷ୍ଟ ମୁକେଶ ରଣା, ପ୍ରମୋଦ ଥନପତି, ସୁଜ୍ଞାନ ମିଶ୍ର, ସୁମନ ଭାଟି, ସଗୀର ମହମ୍ମଦ, ମାନସ ହୋତା, ସ୍ୱରଜିତ ଶତପଥୀ ସହଯୋଗ କରିଥିଲେ। ରାଜେନ୍ଦ୍ର ଯୁବକ ସଂଘର ସମ୍ପାଦକ ରାଜେନ୍ଦ୍ର ପାଣିଗ୍ରାହୀଙ୍କ ତତ୍ତ୍ୱାବଧନରେ ଶିବିର ପରିଚାଳନା ହୋଇଥିଲା।



# ଦେଓଗାଁ ପାକ୍ସକୁ ରାଜ୍ୟ କିଷାନ କଂଗ୍ରେସ ପ୍ରତିନିଧିଦଳର ପରିଦର୍ଶନ

**ଦେଓଗାଁ, ୨୫।୧୨(ସମିସ) :** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଦେଓଗାଁ ପ୍ରାଥମିକ କୃଷିସେବା ସମବାୟ ସମିତିକୁ ସୋମବାର ରାଜ୍ୟ କଂଗ୍ରେସ କିଷାନ ସେଲର ଏକ ଟିମ୍ ପରିଦର୍ଶନ କରିଛନ୍ତି। ରାଜ୍ୟ କିଷାନ କଂଗ୍ରେସ ସଭାପତି ଅମିୟ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟ କିଷାନ କଂଗ୍ରେସ ସମ୍ପାଦକ ସେରାଜ କୁମାର ରଥ, ଜିଲ୍ଲା ସଭାପତି ସାନନ୍ଦ କୁମାର ମିଶ୍ର ଓ ଜିଲ୍ଲା କିଷାନ କଂଗ୍ରେସ କୋଷାଧ୍ୟକ୍ଷ ଜୁଲୁ ପଟ୍ଟନାୟକ ପ୍ରମୁଖ ପରିଦର୍ଶନ କରିଥିଲେ। ଏହାସହ ପାକ୍ସ ସମ୍ପାଦକ ହିମାଂଶୁ ଶେଖର ପଟ୍ଟନାୟକ ଓ ଡିଇଓ ଶ୍ରୀକାନ୍ତ ସାହୁଙ୍କୁ ଧାନକ୍ରୟ ବିଷୟରେ ସବିଶେଷ ପଚାରି ବୁଝିଥିଲେ। ଯଦି ଚାଷୀଙ୍କ ଧାନବିକ୍ରିରେ ସମସ୍ୟା ତଥା ଅଧିକ କଟନୀ ଛଟ୍‌ନୀ କଲେ ପାକ୍ସରେ ତାଲାଦେଇ ଆନ୍ଦୋଳନ କରିବ କିଷାନ ସେଲ ବୋଲି ଚେତାବନୀ ଦେଇଛନ୍ତି। ମିଲର୍ସ ମାନେ କ୍ୱିଣ୍ଟାଲ ପ୍ରତି ୫ରୁ ୧୦ କେଜି ପର୍ଯ୍ୟନ୍ତ କଟ୍‌ନିଛଟନି କରୁଥିବା ବାରମ୍ବାର ଅଭିଯୋଗ ଆସୁଥିବା ପ୍ରତିନିଧିଟିମ କହିବାସହ ଚାଷୀଙ୍କୁ ଏଦିଗରେ ସଚେତନ ରହିବାପାଇଁ ପରାମର୍ଶ ଦେଇଥିଲେ। ଏ ଅବସରରେ ବ୍ଲକ କିଷାନ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କୈଳାସ ତାଣ୍ଡି, ବ୍ଲକ ଯୁବ କଂଗ୍ରେସ ସଭାପତି ସମୀର କୁମାର ସାହୁ, ଜ୍ୱାଲା ପୋଢ଼, ଶିବ ପ୍ରସାଦ ପଣ୍ଡା ତଥା ଅନ୍ୟ କର୍ମକର୍ତ୍ତା ଓ ଚାଷୀମାନେ ଉପସ୍ଥିତ ଥିଲେ।



# ଯୁବକବି କୃଷ୍ଣେନ୍ଦୁ ହୋତାଙ୍କୁ 'ବାଣୀପୁତ୍ର' ସମ୍ମାନ

**ବଲାଙ୍ଗିର, ୨୫।୧୨(ସମିସ):** ରାଜ୍ୟସ୍ତରରେ ଚମକିଲେ ଯୁବ ପ୍ରତିଭା। ବଲାଙ୍ଗିର ଜିଲ୍ଲା ତୁଷୁରା ମାଟିର ପୁଅ କୃଷ୍ଣେନ୍ଦୁ ହୋତାଙ୍କୁ ରାଜ୍ୟସ୍ତରୀୟ ବାଣିପୁତ୍ର ସମ୍ମାନରେ ସମ୍ମାନିତ କରାଯାଇଛି। କଟକସ୍ଥିତ କର୍ମବୀର ଗୌରୀଶଙ୍କର ଟାଉନହଲ ଠାରେ ଅନୁଷ୍ଠିତ ୪୭ ତମ ରାଜ୍ୟ ସାରସ୍ୱତ ସମାରୋହରେ ସରଗଡ଼ା ଗ୍ରାମର ଯୁବକବି କୃଷ୍ଣେନ୍ଦୁ ହୋତାଙ୍କୁ ରାଜ୍ୟସ୍ତରୀୟ ବାଣୀପୁତ୍ର ସମ୍ମାନରେ ସମ୍ମାନିତ କରାଯାଇଛି। ଶ୍ରୀଚନ୍ଦନ ସାହିତ୍ୟ ସଂସ୍କୃତି ଏକାଡେମୀ କଟକ, ପୂଜ୍ୟପୂଜା ପରିଷଦ କଟକ, ଅଗ୍ନିସ୍ଫୁଲିଙ୍ଗ ରାଉରକେଲା ଓ ଚିନ୍ମୟ ସାହିତ୍ୟ ସଂସଦ କଟକର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ମାନ୍ୟଗନ୍ୟ ବ୍ୟକ୍ତି ମାନେ ଉପସ୍ଥିତ ଥିଲେ।



# ନିର୍ଝରିଣୀର ଦ୍ୱାଦଶ ରାଜ୍ୟସ୍ତରୀୟ ସାରସ୍ୱତ ସମାବେଶ

**କଣ୍ଟାବାଞ୍ଜି, ୨୫ ।୧୨(ସମିସ):** କଣ୍ଟାବାଞ୍ଜି ନିର୍ଝରିଣୀର ଅନୁଷ୍ଠାନର ଦ୍ୱାଦଶ ରାଜ୍ୟସ୍ତରୀୟ ସାରସ୍ୱତ ସମାବେଶ ସ୍ଥାନୀୟ ଜି ଆର୍ ପ୍ୟାଲେସରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଅଧିବେଶନରେ ସଭାପତି ରାମଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ହୋଇଥିଲା। ସମାଜସେବୀ ଅଜୟ ଦାସ ମୁଖ୍ୟଅତିଥି, ନିରୁପମା ମାଝୀ, ସଞ୍ଜୟ ଅଗ୍ରୱାଲ, ଟିକେଲାଲ ବେହେରା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସମ୍ପାଦକ ବିରଞ୍ଚି ନାରାୟଣ ଦାଶ ବିବରଣୀ ପଠନ, ସୂର୍ଯ୍ୟକାନ୍ତ ରଣା, ଉପସଭାପତି ଧନ୍ୟବାଦ ଅର୍ପଣ କରିଥିଲେ। କବି ନୀଳମଣି ସାହୁ, ସବିତା ଭୋଇ, ସଂଯୁକ୍ତା ପରିଚ୍ଛା, ସଂଯୁକ୍ତା ଚନ୍ଦନ, ପ୍ରଦ୍ୟୁମ୍ନ ଚିନ୍ଦା କବିତା ସଂଯୋଜନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ହାଜୀ ମହମ୍ମଦ ଆୟୁବ ଖାନ, ପୂର୍ବତନ ବିଧାୟକ ମୁଖ୍ୟଅତିଥି, ଭିକାରିଚରଣ ମିଶ୍ର ମୁଖ୍ୟବକ୍ତା, ବରିୟାମ ସିଂ ସାଲୁଜା, ନଗରପାଳ, ନାରାୟଣ ମିଶ୍ର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଜ୍ୟୋତି ପ୍ରକାଶ ଗଡ଼ତ୍ୟା ସଭା ପରିଚାଳନା, ବିଭୁ ପ୍ରସାଦ ସାହୁ ସ୍ୱାଗତଭାଷଣ ଦେଇଥିଲେ। ବାଲ୍ ସାହିତ୍ୟ ପୁରସ୍କାରପ୍ରାପ୍ତ ଡ.ଯୁଗଳ କିଶୋର ଷଡ଼ଙ୍ଗୀଙ୍କ ପ୍ରୀତି ପୀୟୂଷ, କବି ଗଜେନ୍ଦ୍ର ବାଗଙ୍କ କୁଟୁମ ପୁସ୍ତକ ଉନ୍ମୋଚିତ ହୋଇଥିଲା। ତାପରେ ଡ.ସଚ୍ଚିଦାନନ୍ଦ କର, ମହେନ୍ଦ୍ର ଘଡେଇ, ଡ.ସଞ୍ଜୟ କୁମାର ପଣ୍ଡା, ସଂଯୁକ୍ତା ପାଣିଗ୍ରାହୀ, ପ୍ରମୋଦ ରାଉଳ, ସୁପ୍ରଭା ସାମଲ, ରୋହିଣୀ ଦାଶ, ଅର୍ନ୍ତଯ୍ୟାମୀ ବରିହା, ରାଜୀବ ଭୋଇ, ଅର୍ଜୁନ ସାହୁ, ଥମିର ଛତ୍ରିଆ, ଦେବେନ୍ଦ୍ର ନାଏକ, ଦିଲୀପ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଞ୍ଜଳି ମାଝୀ, ମମତା ପଣ୍ଡା, ଉମେଶ ବେହେରା, ଦୀନବନ୍ଧୁ ବଗର୍ତ୍ତୀ, କିଶୋର ବରିହା, ପ୍ରେମରାଜ ପାଣିଗ୍ରାହୀ, ଅନୁପ ଦାଶ, ଧନସିଂ ମାଝୀ, ପ୍ରଶାନ୍ତ ଜୈନ ପ୍ରମୁଖ ସହଯୋଗ କରିଥିଲେ।



# ଅଣସଂକ୍ରମଣ ରୋଗ ଚିହ୍ନଟ ଶିବିର

**ତୁରେକେଲା, ୨୫ ।୧୨(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରର ନୂଆପଡ଼ା ସ୍କୁଲରେ ସହରାଞ୍ଚଳ ଉପ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଅଣ ସଂକ୍ରମଣ ଜନିତ ରୋଗଚିହ୍ନଟ ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ମେଡିକାଲ ଅଫିସର ଡା. ବିଜୟକୁମାର ଗୁପ୍ତା ଉପସ୍ଥିତ ରହି ରୋଗୀଙ୍କୁ ଚିକିତ୍ସା କରିଥିଲେ। ମୋଟ୍ ୧୫୩ ଜଣ ରୋଗୀ ଏହି ଶିବିରରେ ଚିକିତ୍ସା ହୋଇଥିଲେ। ସେହି ରୋଗୀଙ୍କୁ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ଏଥିରେ ଡା ମଳୟ ମେହେର, ଫାର୍ମାସିଷ୍ଟ ଭବାନୀଶଙ୍କର ବନଛୋର, ଲ୍ୟାବ୍ ଟେକ୍‌ନିସିଆନ ଜୟଦେବ ଗହିର, କୋଡିନେଟର ସୂରଜ ମେହେର, ସୁବ୍ରତ କମ୍ପ, ଷ୍ଟାଫନର୍ସ ପ୍ରଭାତ ଛତ୍ରିଆ, ନିକିତା ପ୍ରଧାନ, ପ୍ରଣତୀ ବାଗ ପ୍ରମୁଖ ଉପସ୍ଥିତ ଥିଲେ।



# କାମ କରାଇ ଠକିଦେଲା ଠିକାଦାର

**ବଲାଙ୍ଗିର, ୨୫।୧୨(ସମିସ):** ବଲାଙ୍ଗିର ଜିଲ୍ଲା ସଦର ଥାନା ଅଧୀନ ତୁଲୁସର ଗ୍ରାମର କିଛି ବ୍ୟକ୍ତିଙ୍କୁ ନାଗପୁରରେ ଠକେଇ ହୋଇଥିବା ଅଭିଯୋଗ ହୋଇଛି। ନାଗପୁରରେ ଥିବା ଏକ ସିକ୍ୟୁରିଟି ଗାର୍ଡ ସଂସ୍ଥାର ସୁପରଭାଇଜର ନାଗପୁରରେ ରହୁଥିବା ଦୀପକ ଅଗେରକର ସେମାନଙ୍କୁ ଫୋନ ମାଧ୍ୟମରେ ସମ୍ପର୍କ କରିଥିଲେ। ଟାର୍ଗେଟ ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ ଆଣ୍ଡ ସଲ୍ୟୁସନ ପ୍ରାଇଭେଟ ଲିମିଟେଡ ସଂସ୍ଥା ଜରିଆରେ ସିକ୍ୟୁରିଟି ଗାର୍ଡ କାମ କରିବାକୁ ଡାକିଥିଲା। ସେମାନେ ନାଗପୁରରେ ୪୫ ଦିନ କାମ କଲାପରେ ଦୀପକ ସେମାନଙ୍କୁ ଭବାନୀପାଟଣାକୁ ପଠାଇଥିଲା। ସେଠାରେ ଥିବା ଅଫିସରୁ ତୁମର ଟଙ୍କା ମିଳିବ ବୋଲି ସେ କହିଥିଲା। ସେମାନେ ଭବାନୀପାଟଣାରେ ମଧ୍ୟ ୫୬ ଦିନ ଅପେକ୍ଷାକଲେ ହେଲେ ସେମାନଙ୍କୁ ଟଙ୍କାଟିଏ ବି ମିଳିଲାନି। ଏଭଳି ଭାବରେ ଦୀପକ ସେମାନଙ୍କୁ ଠକେଇ କରି ଓଲଟା ତାଙ୍କୁ ଧମକ ଦେଉଥିବା ଅଭିଯୋଗ କରିଛନ୍ତି। ତାଙ୍କୁ ୪୫ ଦିନ କାମ କରାଇ ଟଙ୍କାଟିଏ ପାରିଶ୍ରମିକ ଦେଇ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଏନେଇ ତୁଲୁସର ଗ୍ରାମର ବାଲଗୋପାଲ ବିଶି, ନମିତା ବିଶି, ଘାସିରାମ ଧରୁଆ, ରୋହିଣୀ ଧରୁଆ, ଗୋବିନ୍ଦଚନ୍ଦ୍ର ମିଶି ସଦର ଥାନାରେ ଏତଲା ଦେଇଛନ୍ତି। ସେମାନଙ୍କ କହିବା ଅନୁସାରେ ତାକୁ ଗିରଫ କରି ତା ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି।



## ଦୁର୍ଘଟଣାର ମାସ ଡିସେମ୍ବର!

# ୨୫ ଦିନରେ ୧୦୦ରୁ ଉର୍ଦ୍ଧ୍ୱ ଦୁର୍ଘଟଣା: ୧୧ ମୃତ

ବଲାଙ୍ଗିର, ୨୫।୧୨(ସମିସ)

ଗମନାଗମନ କ୍ଷେତ୍ରରେ ଦୁର୍ଘଟଣା ଘଟିବା ସ୍ୱଭାବିକ ହେଲାଣି। ପ୍ରତିଦିନ କେଉଁଠି ନା କେଉଁଠି ଦୁର୍ଘଟଣା ଘଟି ମୁଣ୍ଡ ଗଡ଼ୁଛି। ନିଶାସକ୍ତ ଅବସ୍ଥାରେ ଗାଡି ଚାଳନା, ସଡ଼କ ନିୟମ ନମାନିବା ଏଭଳି ବିଭିନ୍ନ କାରଣରୁ ଦୁର୍ଘଟଣା ଘଟୁଛି। ଡିସେମ୍ବର ମାସର ୨୫ ଦିନ ମଧ୍ୟରେ ୧୦୦ରୁ ଉର୍ଦ୍ଧ୍ୱ ଦୁର୍ଘଟଣା ଘଟିଥିବାବେଳେ ୧୧ଜଣଙ୍କର ମୃତ୍ୟୁ ଘଟିଥିବା ଖବର ସାମ୍ନାକୁ ଆସିଛି। ଚଳିତମାସ ୨ ତାରିଖରେ ବଲାଙ୍ଗିର ଚନ୍ଦନଭାଟି ରାସ୍ତାସ୍ଥିତ ବାଦିଘୋର ଗାଁ ନିକଟରେ ସଡ଼କ ଦୁର୍ଘଟଣା ଘଟିଥିଲା। ଦୁଆନପାଲି ଗାଁରୁ ଏକ ମାଙ୍ଗଳିକ କାର୍ଯ୍ୟରେ ଯୋଗଦେଇ ଫେରୁଥିବା ସବିତା ଛତ୍ରିଆ ଓ ତାଙ୍କ ସ୍ୱାମୀଙ୍କ ଉପରେ ହାଇୱା ଚଢ଼ିଯାଇଥିଲା। ଫଳରେ ସବିତାଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ୫ ତାରିଖ ଦିନ ଦୁଇଟି ଦୁର୍ଘଟଣାରେ ଦୁଇ ଜଣ ବ୍ୟକ୍ତିଙ୍କ ଜୀବନ ଯାଇଥିଲା। ରାନୀମାଲ ଗାଁ ନିକଟରେ ଦୁଇ ବାଇକ୍ ଧକ୍କାହୋଇ ପର୍ଶୁରାମ ନାଏକଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ସହିତ ବସିଥିବା ପବନ ବିଶ୍ୱାଲ ଓ ଟୁଟୁ ନାଏକ ଆହତ ହୋଇଥିବାବେଳେ ଅନ୍ୟ ବାଇକ ଆରୋହୀ ମଧ୍ୟ ଆହତ ହୋଇଥିଲେ। ସେହିଦିନ ବଲାଙ୍ଗିର ସହର ଉପକଣ୍ଠସ୍ଥ ଖର୍ଲିକାନୀ ଠାରେ ଏକ ଅଜଣା ଗାଡି ଧକ୍କାରେ ବରପାଲି ପଡ଼ାର ସୁଦାମ ଗୁରୁଙ୍କ ମୃତ୍ୟୁ ହୋଇଥିଲା। ୧୦ ତାରିଖ ଦିନ ଦେଓଗାଁ ଥାନା ଅର୍ଜୁନପୁର ଠାରେ ଏକ ବାଇକ୍ ଧକ୍କାରେ ଜଣେ ଛାତ୍ରଙ୍କ ମୃତ୍ୟୁ ହୋଇଥିଲା। ଅର୍ଜୁନପୁର ହାଇସ୍କୁଲର ଛାତ୍ର ଅଙ୍କିତ ପୁଟା ହାଇସ୍କୁଲରୁ ବାହାରି ଆସୁଥିବାବେଳେ ଏକ ବାଇକ୍ ତାଙ୍କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ୧୬ ତାରିଖ ଦିନ ଦୁଇଟି ଘଟଣା ଘଟି ଦୁଇଜଣଙ୍କ ମୃତ୍ୟୁ ଘଟିଥିଲା। ପୁଇଁତଲା ଥାନା ଛକୋରମାଲ ଛକ ନିକଟରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହୋଇ ବେହେରାପାଲି ଗ୍ରାମେର ସୁରେଶ ନେଗୀଙ୍କ ମୃତ୍ୟୁ ଘଟିଥିଲା। ସେହିଭଳି ବେଲପଡ଼ା ଥାନା ହଟକଟ ଗାଁରେ ସାଇକେଲରେ ଯାଉଥିବା ସୁନ୍ଦରନାଗଙ୍କୁ ଏକ ବାଇକ୍ ପଛପଟୁ ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ୧୭ ତାରିଖ ବଲାଙ୍ଗିର ସମ୍ବଲପୁର ଜାତୀୟ ରାଜପଥ ସ୍ଥିତ ମାଧିଆପାଲି ଠାରେ ଏକ ପିକ୍‌ଅପ୍ ଗାଡ଼ି ଉକ୍ତ ଗ୍ରାମର ନିତ୍ୟା ପଟେଲଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ୧୮ ତାରିଖ ଦିନ ସଇଁତଲା ଥାନା ଟିକ୍ରାପଡ଼ା ବ୍ରିଜ୍ ନିକଟରେ ପୁଲିସ ଗାଡ଼ି ଓଲଟି ପଡ଼ିଥିଲା। ଗାଡ଼ିରେ ବସିଥିବା ଟିକ୍ରାପଡ଼ା ଫାଣ୍ଡିର ୩ ଜଣ ପୁଲିସ କର୍ମଚାରୀ ଆହତ ହୋଇଥିଲେ। ୧୯ ତାରିଖ ବେଲପଡ଼ା ଥାନା ଘାର୍ଗୁଲି ଗ୍ରାମରେ ନିଜପୁଅର ବିବାହ ସାମଗ୍ରୀ କିଣି ଫେରୁଥିବା ସୁଶିଲା ନାଗ ଚଳନ୍ତା ବାଇକ୍‌ରୁ ଖସିପଡ଼ି ତାଙ୍କର ମୃତ୍ୟୁ ଘଟିଥିଲା। ସେହିଭଳି ବଲାଙ୍ଗିର ସୋନପୁର ଜାତୀୟ ରାଜପଥସ୍ଥିତ ବୁରୋଭାଡି ଛକଠାରେ ବୁରୋଭାଡି ଗ୍ରାମର ଗୁହାଲୁ ସୁନା ରାସ୍ତା କଡ଼ରେ ବସ୍‌କୁ ଅପେକ୍ଷା କରିଥିବାବେଳେ ଏକ ଟ୍ରକ ଆସି ତାଙ୍କୁ ଧକ୍କା ଦେଇଥିଲା। ଟ୍ରକ୍‌ଟି ତାଙ୍କର ଗୋଡ଼ଉପରେ ଚଢ଼ିଯିବାରୁ ଗୋଡ଼ଟି ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହୋଇଥିଲା। ଗତ ୨୩ ତାରିଖ ଦିନ ବଲାଙ୍ଗିର ସହର ଗାନ୍ଧିନଗର ପଡ଼ାଠାରେ ଏକ ଟ୍ରକ୍ ବିକାଶ ବଘାରଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଭୀମଭୋଇ ମେଡିକାଲକୁ ନିଆ।ଯାଇଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହିଭଳି ୪ ତାରିଖ ଦିନ ବଲାଙ୍ଗିର ସୋନପୁର ଜାତୀୟ ରାଜପଥସ୍ଥିତ ରଣ୍ଡା ଛକଠାରେ ଏକ ବାଇକ୍ ବୁବେଲ ଗ୍ରାମର ବିଦେଶୀ ପୋଢ଼ଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏଭଳି ଭାବରେ ଚଳିତ ମାସରେ ପ୍ରାୟତଃ ପ୍ରତିଦିନ ଦୁର୍ଘଟଣା ଘଟିଛି।



**● ୧୫ତମ ଜନଜାତି ଯୁବ ବିନିମୟ କାର୍ଯ୍ୟକ୍ରମ**

# ଭୋପାଳ ଯାତ୍ରା କଲେ ୨୦ ଯୁବକ ଯୁବତୀ




**ଭବାନୀପାଟଣା, ୨୫।୧୨ (ସମିସ):** କଳାହାଣ୍ଡିରେ ଥିବା କେନ୍ଦ୍ର ସରକାରଙ୍କ ଗୃହ ମନ୍ତ୍ରଣାଳୟର ୬୪ ବାଟାଲିୟନ ସିଆରପିଏଫ୍ ଏବଂ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ କଳାହାଣ୍ଡି ଜିଲ୍ଲା ନେହେରୁ ଯୁବକେନ୍ଦ୍ରର ମିଳିତ ସହଯୋଗରେ କଳାହାଣ୍ଡି ଜିଲ୍ଲାର ମଦନପୁର ରାମପୁରର ବ୍ଲକର ମୋହନଗିରି ଓ ଅନ୍ୟ ପଞ୍ଚାୟତ ଅଞ୍ଚଳରୁ ୨୦ଜଣ ଯୁବକ ଯୁବତୀ ଭୋପାଳ ଯାତ୍ରା କରିଛନ୍ତି। ସେଠାରେ ଆସନ୍ତା ସାତଦିନ ଧରି ହେବାକୁ ଥିବା ୧୫ତମ ଜନଜାତି ଯୁବ ବିନିମୟର ୬ଷ୍ଠ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ଏମାନେ ଅଂଶଗ୍ରହଣ କରିବେ।ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ମାଲକାନଗିରି ଓ କଳାହାଣ୍ଡି ଜିଲ୍ଲାର ଯୁବକ ଯୁବତୀମାନେ ଅଂଶଗ୍ରହଣ କରି ନିଜ ନିଜ ଜିଲ୍ଲାର କଳା,ସଂସ୍କୃତି, ପରମ୍ପରା,ଐତିହ୍ୟ ଓ ଦର୍ଶନୀୟ ସ୍ଥାନ ସଂପର୍କରେ ନିଜ ଅନୁଭୂତିକୁ ଅନ୍ୟ ରାଜ୍ୟର ଯୁବକ ଯୁବତୀଙ୍କ ମଧ୍ୟରେ ବାଣ୍ଟିବା ଓ ସେମାନଙ୍କ ରାଜ୍ୟ ସମ୍ପର୍କରେ ଅନୁରୂପ ଜ୍ଞାନ ଆହରଣ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଛନ୍ତି ନେହେରୁ ଯୁବକେନ୍ଦ୍ର କଳାହାଣ୍ଡିର ଯୁବ ଅଧିକାରୀ ପ୍ରସନ୍ନ ମେହେର। ଦେଶର ନକ୍ସଲ ପ୍ରଭାବିତ ରାଜ୍ୟରେ ଥିବା ବିଭିନ୍ନ ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଦୁର୍ଗମ ଅଞ୍ଚଳରେ ସୁରକ୍ଷା ଦାୟିତ୍ୱରେ ଥିବା ୬୪ ବାଟାଲିୟନ ସିଆରପିଏଫ୍ ଙ୍କ ପ୍ରତି ଉକ୍ତ ଅଞ୍ଚଳର ଜନସାଧାରଣଙ୍କ ବିଶ୍ୱାସ ଓ ଲୋକପ୍ରିୟତା ବୃଦ୍ଧି ନିମନ୍ତେ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି କଳାହାଣ୍ଡି ୬୪ ସିଆରପିଏଫ୍ ବାଟାଲିୟନ୍ ସୂତ୍ରରୁ ପ୍ରକାଶ।ସ୍ଥାନୀୟ ସିଆରପିଏଫ୍ ୬୪ ବାଟାଲିୟନ୍ କାର୍ଯ୍ୟାଳୟଠାରେ ଯୁବ ବିନିମୟ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଭୋପାଳ ଯାତ୍ରା କରୁଥିବା ଯୁବକ ଯୁବତୀଙ୍କୁ ବିଭିନ୍ନ ସୂଚନା ଦେବାପାଇଁ ସିଆରପିଏଫ୍ ଓ ନେହେରୁ ଯୁବକେନ୍ଦ୍ର କଳାହାଣ୍ଡି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସିଆର୍ ପିଏଫ୍ ର ସେକେଣ୍ଡ କମାଣ୍ଡର ପି.କେ.ମିଶ୍ର, ଉପ-କମାଣ୍ଡାଣ୍ଟ ସଚ୍ଚିଦାନନ୍ଦ ପାତ୍ର ଓ କଳାହାଣ୍ଡି ଯୁବକେନ୍ଦ୍ରର ଯୁବ ଅଧିକାରୀ ପ୍ରସନ୍ନ କୁମାର ମେହେର ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମର ଆବଶ୍ୟକତା ଓ ଯାତ୍ରାକାଳୀନ ସତର୍କତା ସମ୍ପର୍କରେ ଯୁବକ ଯୁବତୀଙ୍କୁ ବିଭିନ୍ନ ସୂଚନା ଦେଇଥିଲେ। ଏହି ଦଳର ସୁରକ୍ଷା ନିମନ୍ତେ ଜଣେ ମହିଳା ହେଡ୍ କନେଷ୍ଟବଳ ଓ ଜଣେ ପୁରୁଷ ହେଡ୍ କନେଷ୍ଟବଳ ମଧ୍ୟ ଭୋପାଳ ଯାତ୍ରା କରିଛନ୍ତି। ସିଆରପିଏଫ୍ ପକ୍ଷରୁ କମାଣ୍ଡାଣ୍ଟ ଓ ନେହେରୁ ଯୁବକେନ୍ଦ୍ର ଅଧିକାରୀ ସବୁଜ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିବା ସହ ଯୁବକ ଯୁବତୀଙ୍କ ଯାତ୍ରାର ସଫଳତା କାମନା କରିଥିଲେ।

**ମଶାଲ ଯାତ୍ରାରେ ଦୁଲୁକିଲା ଦଣ୍ଡପାଟ**

# ମଥୁରା ନଗରୀ ବେହେରାରେ କଂସରାଜୁତି

**ବେହେରା, ୨୫।୧୨ (ସମିସ)**

ଧର୍ମଗଡ଼ ବ୍ଲକ ବେହେରା ହାଇସ୍କୁଲ ପଡିଆରେ ଷଷ୍ଠ ଦଣ୍ଡପାଟ ଧନୁଯାତ୍ରା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ମଧ୍ୟାହ୍ନ ସମୟରେ ଦନ୍ତେଶ୍ୱରୀଙ୍କ ପୂଜନ ପୂର୍ବକ ମନ୍ଦିରଠାରୁ

**● ଷଷ୍ଠ ବର୍ଷରେ ଦଣ୍ଡପାଟ ଧନୁଯାତ୍ରା**

ଏକ ଭବ୍ୟ ମଶାଲଯାତ୍ରା ବାହାର କରାଯାଇ ଗ୍ରାମ୍ୟ ପରିକ୍ରମା କରାଯାଇଥିଲା। ଧର୍ମଗଡ଼ ବିଧାୟକ ମୌସୁଧି ବାଗ, ବେହେରା ସରପଞ୍ଚ କୁମୁଦିନି ଗଇଁନ୍ତା, ସମିତିସଭ୍ୟ କିଶୋରଚନ୍ଦ୍ର ନାଗ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବଳରାମ ପୂଝାରୀ, ପୂର୍ବତନ ସରପଞ୍ଚ ପ୍ରଶାନ୍ତ ତିୱାରୀ, ଗୌର ବାଗ, ଦଣ୍ଡପାଟ ମହିଳା ମଣ୍ଡଳ ତଥା ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ମଶାଲ ଯାତ୍ରାରେ ସାମିଲ ହୋଇଥିଲେ। କୋରାପୁଟର ମହିଳାଙ୍କ ଢେମସା ନୃତ୍ୟ ଓ ଆଦିବାସୀ ଲୋକ ନୃତ୍ୟରେ ଦୁଲୁକି ଯାଇଥିଲା ଦଣ୍ଡପାଟ ଅଞ୍ଚଳ। ପ୍ରଥମ ସନ୍ଧ୍ୟାରେ ଧର୍ମଗଡ଼ ବିଧାୟକ ମୁଖ୍ୟଅତିଥି ଭାବରେ କଂସଙ୍କ ଦରବାରରେ ଉପସ୍ଥିତ ହୋଇ ଆୟୋଜକ କମିଟିକୁ ପ୍ରଶଂସା କରିଥିଲେ। ଦଣ୍ଡପାଟର ଯୁବକଙ୍କ ପ୍ରବଳ ଇଚ୍ଛାଶକ୍ତି ଧନୁଯାତ୍ରାକୁ



ବିକାଶର ଯାତ୍ରାରେ ପରିଣତ କରିଦେଇଛି, ଏହି ମଞ୍ଚରେ ନେତା ମନ୍ତ୍ରୀ ପ୍ରଶାସନ ଅଧିକାରୀଙ୍କୁ ନିମନ୍ତ୍ରଣ କରି ଅଂଚଳର ବିଭିନ୍ନ ସମସ୍ୟାକୁ ଉପସ୍ଥାପନ ପୂର୍ବକ ସମାଧାନର ପ୍ରତିଶ୍ରୁତି ସାଉଁଟି ଧନୁଯାତ୍ରକୁ ଦଣ୍ଡପାଟର ଗଣଉତ୍ସବରେ ପରିଣତ କରି ଦେଇଥିବାରୁ ଧନ୍ୟବାଦ ଜଣାଇଥିଲେ।

ପ୍ରଥମ ସନ୍ଧ୍ୟାରେ ଉଗ୍ରେସନଙ୍କ ଗାଦିଚ୍ୟୁତ ଓ କଂସଙ୍କ ରାଜ୍ୟାଭିଷେକ ମଂଚସ୍ଥ ହୋଇଥିଲା। ଆୟୋଜକ କମିଟିର ସଭାପତି ବାଳକୃଷ୍ଣ ବିଶି, ସମ୍ପାଦକ କାହ୍ନା ଭୋଇ, କୋଷାଧ୍ୟକ୍ଷ ଭବାନୀ ବାରିକ, ବିନ୍ଦୁସାର ବିଶି, ତ୍ରିଲୋକ ସିଂହ, ଉପେନ୍ଦ୍ର ନାଏକ, ଭବେଶ ଗଇନ୍ତା, କ୍ଷୀରସିନ୍ଧୁ ବାଗ, ଚନ୍ଦ୍ରକାନ୍ତ ରଣା, ଅଭୟ ସିଂହ ରାଜପୁତ, ଲଳିତ ବାଣୁଆ, ରଜନୀକାନ୍ତ ନାଏକ ସମେତ ଅନ୍ୟାନ୍ୟ ସଦସ୍ୟ ସହଯୋଗ କରିଥିଲେ। ଏହି ମହୋତ୍ସବ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ମିନା ବଜାର ସମେତ ରଂଗବିରଂଗୀ ଆଲୋକମାଳ ସାଜସଜ୍ଜା ଓ କଂସଙ୍କ ଚମତ୍କାର ଅଭିନୟ ହଜାର ହଜାର ଦର୍ଶକଙ୍କୁ ଆକୃଷ୍ଟ କରୁଥିଲା।

## ଟ୍ରେନ ଲାଇନ୍‌ରେ କଟିଗଲା ଯୁବକଙ୍କ ଗୋଡ଼

**କେସିଙ୍ଗା, ୨୫।୧୨(ସମିସ):** ଜୁନାଗଡ଼ ଥାନା ଅନ୍ତର୍ଗତ ଚିଚୈଗୁଡ଼ାର ରାଜେନ୍ଦ୍ର ବିହାରୀ(୩୨) ଗତ ପାଞ୍ଚଦିନ ଧରି ଘରୁ ନିଖୋଜ ଥିଲେ। ସୋମବାର ଦିନ ପ୍ରାୟ ୧୦ଟା ସମୟରେ କେସିଙ୍ଗା ରେଳ ଷ୍ଟେସନ ନିକଟରେ ତାଙ୍କୁ କ୍ଷତାକ୍ତ ଅବସ୍ଥାରେ ଦେଖିବାକୁ ମିଳିଥିଲା। ଏକ ଯାତ୍ରୀବାହୀ ଟ୍ରେନ ଜଣଙ୍କୁ ଧକ୍କା ଦେଇଥିବା ଖବର ରେଳବାଇ ପୁଲିସ ପାଖରେ ପହଞ୍ଚିଥିଲା। ଟ୍ରେନ ଧକ୍କାରେ ଯୁବକ ଜଣଙ୍କ ଗୋଡ କଟି ଯାଇଥିବା ରେଳବାଇ ପୁଲିସ ପକ୍ଷରୁ ସୂଚନା ଦିଆ ଯାଇଛି। ସେ ଜୁନାଗଡ଼ ବ୍ଲକ୍ ଚିଚୈଗୁଡ଼ାର ରାଜେନ୍ଦ୍ର ବିହାରୀ ବୋଲି ଜଣା ପଡିଛି। ପ୍ରଥମେ ତାଙ୍କୁ କେସିଙ୍ଗା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

## ଶାସ୍ତ୍ରୀ ସ୍ୱରୂପ ବିଦ୍ୟାନିକେତନର ବାର୍ଷିକ ଉତ୍ସବ



**ଭବାନୀପାଟଣା, ୨୫।୧୨ (ସମିସ):** ଶକ୍ତିନଗରପଡାଠାରେ ଥିବା ଆବାସିକ ଶାସ୍ତ୍ରୀ ସ୍ୱରୂପ ବିଦ୍ୟା ନିକେତନର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରିନ୍ସପାଲ୍ କବିତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ମନୋଜ୍ଞ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ପୁରସ୍କାରପ୍ରାପ୍ତ ପ୍ରାକ୍ତନ ଶିକ୍ଷକ ପ୍ରଭାସଚନ୍ଦ୍ର ମିଶ୍ର, ମୁଖ୍ୟବକ୍ତା ଭାବେ ପୁଲିସ ହାଇସ୍କୁଲର ପ୍ରଧାନଶିକ୍ଷକ ଜୟରାମ ସାହୁ, ସମ୍ମାନିତ ଅତିଥି ରୂପେ କଲ୍ୟାଣୀ ଟ୍ରଷ୍ଟର ଅଧ୍ୟକ୍ଷା ତଥା ବିଦ୍ୟାନିକେତନର ମୁଖ୍ୟ ନମିତା ସାହୁ ଉପସ୍ଥିତ ଥିଲେ। ଏହି ଅବସରରେ ଶିକ୍ଷା, କ୍ରୀଡା ତଥା ଅନ୍ୟାନ୍ୟ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ଛାତ୍ରଛାତ୍ରୀ। ବିଦ୍ୟାଳୟର ଶିକ୍ଷୟିତ୍ରୀ ମିନାକ୍ଷୀ ସାହୁ, ଶୁଭସ୍ମିତା ପାଢୀ, ଜ୍ୟୋତିର୍ମୟୀ ବିଶି, ବାନ୍ଧବୀ ରାଉତ, ବିନୋଦ ବିଭାର, ଶିକ୍ଷକ ପୁଣ୍ୟ ନିଆଲ, ବିକାଶ ବାଗ, ବିଦ୍ୟାଳୟ କର୍ମଚାରୀ ଅନୁପମା ଗୁରୁ ଓ ସନ୍ତୋଷୀ ନାଗ ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟରେ ଶିକ୍ଷକ ଥାଇ ସରକାରୀ ଚାକିରି ପାଇ ବିଦ୍ୟାଳୟ ଛାଡିଥିବା ଶିକ୍ଷକ ବିଶିକେଶନ ଦୁର୍ଗା ଓ ଶିକ୍ଷୟିତ୍ରୀ ମୌସୁମୀ ବାଗଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ

**ମ.ରାମପୁର, ୨୫।୧୨(ସମିସ):** ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୋସିଆଲ ୱେଲଫେୟାର ଅର୍ଗନେଜେସନ୍ ତରଫରୁ ମ.ରାମପୁର ବ୍ଲକ୍ ଉରଲାଦାନୀ ପଞ୍ଚାୟତ ସୁଡେଙ୍ଗପଦର, ମୁସୁମ ଓ ପେଞ୍ଜୋରାଣିରେ ଥିବା ଏକ ଆଶ୍ରମର ଅସହାୟ ବୃଦ୍ଧ, ବୃଦ୍ଧା ଓ ଛୋଟ ପିଲାଙ୍କୁ



କମ୍ବଳ ବଣ୍ଟନ କରାଯାଇଛି। ଏହି ସଂସ୍ଥା ୨୦୧୮ରୁ ବିଭିନ୍ନ ସ୍ଥାନରେ ପଥଚାରୀଙ୍କୁ ଜଳଦାନ, ରକ୍ତଦାନ ଶିବିର, ଜରୁରିକାଳୀନ ସମୟରେ ରୋଗୀକୁ ରକ୍ତ ଯୋଗାଇବା, ଶବଦାହ, ବେସାହାରା ଲୋକମାନଙ୍କୁ ବସ୍ତ୍ରଦାନ, ବୃକ୍ଷରୋପଣ, ସଫେଇ ଅଭିଯାନ, ସଚେତନତା ଅଭିଯାନ ପରି ବିଭିନ୍ନ ସେବାମୂଳକ କାର୍ଯ୍ୟ କରିଆସୁଛି। ଏହି କାର୍ଯ୍ୟକ୍ରମରେ ମହିଳା ଟିମ୍ ର ସଭାନେତ୍ରୀ ଶାନ୍ତି ମାଝୀ, ଉପସଭାପତି ଭୋଲାଶଙ୍କର ପାତ୍ର, ହମିତ କୁରାମ ଦାଶ, ରାଜକୁମାରୀ ସରାଫ, ହେମନ୍ତ ନାୟକ ଉପସ୍ଥିତ ଥିଲେ।

## ବିଭିନ୍ନ ସ୍ଥାନରେ ଗୁଡ଼ିଚଗା ପର୍ବ

**ଥୁଆମୂଳ ରାମପୁର,୨୫।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକର ବିଭିନ୍ନ ସ୍ଥାନରେ ଟୁକିମରାର ଆଦ୍ୟପର୍ବ ଗୁଡ଼ିଚଗା ମହାସମାରୋହରେ ପାଳିତ ହୋଇଯାଇଛି।ଯେଉଁଯେଉଁ ଧରନୀ ପୀଠରେ ଟୁକିମରା ପର୍ବ ଆୟୋଜନ ପାଇଁ ନିର୍ଦ୍ଧାରିତ ହୋଇଥାଏ ସେଇ ପୀଠଗୁଡିକରେ ଆଦିବାସୀ ପରମ୍ପରା ଅନୁଯାୟୀ ପର୍ଯ୍ୟାୟ କ୍ରମେ ବିଭିନ୍ନ ସମୟରେ ପୂଜାର୍ଚ୍ଚନା ସହିତ



ବିଭିନ୍ନ କାର୍ଯ୍ୟକ୍ରମ ହୋଇଥାଏ। ଚଳିତ ବର୍ଷ ଆଦିବାସୀ ବହୁଳ ଥୁଆମୂଳ ରାମପୁର ବ୍ଲକର କନ୍ଧାଝାପି,କରାଙ୍ଗ, ତୁନାପରି, ଥୁଆମୂଳ ରାମପୁର,ଏଲ ଜାମଗୁଡା ଏବଂ ତଳଝାପି ଆଦି ସ୍ଥାନରେ ଟୁକିମରା ପର୍ବର ଅନ୍ୟତମ ବିଶେଷ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରି ଏହି ଅଞ୍ଚଳରେ ଆୟୋଜିତ ଗୁଡ଼ିଚଗା ପର୍ବରେ ନବନିର୍ମିତ ଧରନୀ ଗୁଡି ଚଢି ମାଟି ଦେବତାଙ୍କ ପୂଜାର୍ଚ୍ଚନାରେ ସାମିଲ ହୋଇଥିଲେ। ବ୍ଲକ ପ୍ରତିନିଧି ମାଣିକ୍ୟଚନ୍ଦ୍ର ନାଏକ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ମାଝୀ, ବିଜେଡି ବ୍ଲକ ସଭାପତି କପିଳାସ ନାଏକ, ଗୋବିନ୍ଦ ପ୍ରଧାନୀ ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକ ଶ୍ରୀଦିଶାରି ମୋ ଓଡିଶା ନବୀନ ଓଡିଶା ତଥା ନିଜସ୍ୱ ପାଣ୍ଠିରୁ ପ୍ରତ୍ୟେକ ଟୋକିମରାଗୁଡ଼ିକୁ ୨ ଲକ୍ଷରୁ ଅଧିକ ଟଙ୍କାର ଅନୁଦାନ ଯୋଗାଇ ଦେଇଛନ୍ତି। ସୂଚନା ଯେ ଆସନ୍ତା ଜାନୁୟାରୀ ୨୧ ତାରିଖ ରବିବାର ଏହି ଟୁକିମରା ପର୍ବ ବା ପୁଷ୍ ପରବ୍ ଅନୁଷ୍ଠିତ ହେବ ବୋଲି ସୂଚନା ରହିଛି।

**● ବଲଦିଆମାଲରୁ ସନ୍ଧିକୁଲିଆରୀ ଏନ୍‌ଏଚ୍**

## ଛଅ ମାସରେ ମରାମତି; ତଦନ୍ତ ଦାବି



**ଧର୍ମଗଡ଼, ୨୫।୧୨(ସମିସ):** ରାସ୍ତା କାମ ଲୋକଙ୍କ ସୁବିଧା ପାଇଁ କରାଯାଉଥିବା ବେଳେ ଏହା ନିମ୍ନମାନର କରାଯାଇ ସରକାରଙ୍କ ଅନୁଦାନ ବାଟମାରଣା କରିବାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳୁଛି। ବଲଦିଆମାଲଠାରୁ ସନ୍ଧିକୁଲିଆରୀ ଏନ୍ ଏଚ ୧୩୦ ସି ରାସ୍ତା କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ତିଆରି ହୋଇଛି। ରାସ୍ତା ସହ ଡ୍ରେନ ଓ ପୋଲ ରହିଛି। ତିଆରିର ମାତ୍ର ଛ' ମାସ ନ ହେଉ ହେଉ ରାସ୍ତା ମରାମତି ଆରମ୍ଭ ହେଉଛି। ରାସ୍ତା ପିଚୁ କାମ ସରିଲା ପରେ ଠିକାଦାର ସଂସ୍ଥା କ୍ରସର ଗୁଣ୍ଡ ଛିଞ୍ଚିବା ସହସ୍ଥାନେ ସ୍ଥାନେ କଂକ୍ରିଟ ଦେଉଥିବା ଦେଖିବାକୁ ମିଳିଛି। ଏହି ରାସ୍ତା ଓ ସେତୁ ନିର୍ମାଣ ପାଇଁ ରାଜଲକ୍ଷ୍ମୀ କନଷ୍ଟ୍ରକସନ ନାମକ ଠିକାସଂସ୍ଥା ନିୟୋଜିତ ରହିଥିଲା। ବିଭିନ୍ନ ରାଜନୈତିକ ଦଳ, ସଂଗଠନଙ୍କ ଅଭିଯୋଗ ପରେ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀଙ୍କ ପ୍ରତିକ୍ରିୟା ନେବା ପାଇଁ ଚେଷ୍ଟା କରିଥିଲୁ ହେଲେ ଯୋଗାଯୋଗ ହୋଇପାରି ନଥିଲା। ଏହି ରାସ୍ତାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଅଳ୍ପ ଦିନ ମଧ୍ୟରେ ମରାମତି ହେଉଥିବା ସାଧାରଣରେ ଅଭିଯୋଗ ହେବା ସହିତ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ସତ୍ୟତା ଲୋକଲୋଚନକୁ ଆସିବ ବୋଲି ଆଲୋଚନା ହେଉଛି।

## ବିକି ସ୍ମାରକୀ କ୍ରିକେଟ: ଛତିଶଗଡ଼ ଚାମ୍ପିଅନ

**ଧର୍ମଗଡ଼, ୨୫।୧୨(ସମିସ):** ଗୋଲାମୁଣ୍ଡା ବ୍ଲକ ଚିଚିଆ ମାଁ ସେମିଲିଏନ ଆସୋସେସନ ଆନୁକୂଲ୍ୟରେ ଡିସେମ୍ବର ୧୨ତାରିଖରୁ ଆରମ୍ଭ ହୋଇଥିବା ବିକି ମେମୋରିଆଲ




ଜିଲ୍ଲାସ୍ତରୀୟ କ୍ରିକେଟ ପ୍ରତିଯୋଗିତା ୧୬ଟି ଦଳ ମଧ୍ୟରେ ଉଦ୍‌ଯାପିତ ହୋଇଯାଇଛି। ଛତିଶଗଡ଼ର ଯୁବରାଜ-୧୧ ଓ ନୂଆପଡା ମଧ୍ୟରେ ଅନୁଷ୍ଠିତ ଫାଇନାଲରେ ଛତିଶଗଡ଼ର ଦଳ ଚାମ୍ପିଅନ୍ ହୋଇଛି। ୧୭ ଓଭର ବିଶିଷ୍ଟ ଖେଳରେ ଛତିଶଗଡ଼ ପ୍ରଥମେ ବ୍ୟାଟିଙ୍ଗ କରି ୧୮୨ ରନ କରିଥିବା ବେଳେ ଜବାବରେ ନୂଆପଡା ବୋଡ଼େନ ଦଳ ୧୭୬ ରନରେ ଅଲଆଉଟ ହୋଇଥିଲା। ଚାମ୍ପିଅନ ଦଳକୁ ୭୭,୭୭୭ ଟଙ୍କା ସହ ଟ୍ରଫି ଏବଂ ରନର୍ସ ଦଳକୁ ୪୪,୪୪୪ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ଭାବେ ଆନ୍ଧ୍ରପ୍ରଦେଶରେ କେ ଏକ୍ସଚେଞ୍ଜ ଇନଚାର୍ଜ ସିଇଓ ଭାବେ ରହିଥିବା ଫରଙ୍ଗ ଗ୍ରାମର ଅଜିତ, ସମ୍ମାନିତ ଅତିଥି ଭାବେ ଚିଚିଆ ମହାବିଦ୍ୟାଳୟର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ସାହୁ, ସମାଜସେବୀ ଗଣେଶ ନାଏକ, ସାମ୍ବାଦିକ ଇଙ୍ଗିତ ପଣ୍ଡା, ଉମାଶଙ୍କର ବାଗ, ଖମାର ହଳଦୀ ଓ ଚିଚିଆ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଂଜନ ପଣ୍ଡା ଯୋଗ ଦେଇଥିଲେ। ମାଁ ସେମିଲିଏନ କ୍ରିକେଟ ଅନୁଷ୍ଠାନର ସଭାପତି ପ୍ରଦୀପ ପଟେଲ, ଉପସଭାପତି ପ୍ରଭଞ୍ଜନ ସରାପ, ଶଙ୍କର ମଙ୍ଗରାଜ ଅଧ୍ୟକ୍ଷ, ସମ୍ପାଦକ ସୁଜିତ ସରାପ, ସହସମ୍ପାଦକ ପ୍ରଦୀପ୍ତ ସତନାମୀ, କୋଷାଧ୍ୟକ୍ଷ ନରେଶ ମଙ୍ଗରାଜ, ଦୁଷ୍ମନ୍ତ ଚୌଧୁରୀ, ସମାଜସେବୀ ରାଜୁ ସରାପ, ରମେଶ ଠାକୁର, ଶ୍ରଦ୍ଧାନନ୍ଦ ସତନାମୀ, ହୃଷୀକେଶ ବାଗ ସହଯୋଗ କରିଥିଲା ବେଳେ ଅନ୍ୟାନ୍ୟ ସଦସ୍ୟ ତଥା ସ୍ୱେଚ୍ଛାସେବୀ, ପୁଲିସ ବଳ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

## ମୃତଦେହ ଠାବ ଘଟଣା: ହତ୍ୟା ଅଭିଯୋଗ



**ଧର୍ମଗଡ, ୨୫।୧୨ (ସମିସ):** ଧର୍ମଗଡ ଥାନା ଘୁମର-ବୋଡ଼େନ ରାସ୍ତା କେନାଲ କଡ଼ ଭିତରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁଦେହ ରବିବାର ଠାବ ହୋଇଥିଲା। ମୃତକ ଜଣକ ଅଏଲାଜୋର ଗ୍ରାମର ଡିଙ୍ଗର ହାତୀ (୪୫)। ସେ ଶନିବାର ଅପରାହ୍ନରେ ଘୁମର ମଣ୍ଡିକୁ ନିଜ ଧାନ ବିକିବା ପାଇଁ ଯାଇ ଘରକୁ ଫେରି ନ ଥିଲେ। ରବିବାର ମୃତଦେହ ନିକଟରେ ଏକ ଟିଭିଏସ ମଟର ସାଇକଲ ପଡିରହିଥିଲା। ଘଟଣାସ୍ଥଳରେ ଧର୍ମଗଡ ପୁଲିସ ତଦନ୍ତ କରିଛି। ବଲାଙ୍ଗିର ସାଇଣ୍ଟିଫିକ ଟିମ ଏବଂ ସନ୍ଧାନୀ କୁକୁର ମଧ୍ୟ ଆସି ତଦନ୍ତ କରି ଶବ ବ୍ୟବଚ୍ଛେଦ କରାଯାଇଛି। ସୋମବାର ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରିଛି ପୁଲିସ। ଏନେଇ ପରିବାର ଲୋକେ ହତ୍ୟା ହୋଇଥିବା ସନ୍ଦେହ କରି ଧର୍ମଗଡ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଧର୍ମଗଡ ପୁଲିସ ତଦନ୍ତ ଜାରି ରଖିଛି।

## ଘର ଉପରକୁ ଚଢ଼ିଗଲା ଟ୍ରାକ୍ଟର

**ପଲମ/ନର୍ଲା, ୨୫।୧୨(ସମିସ):** ନର୍ଲା ବ୍ଲକ ରୁପ୍ରାରୋଡ ବସ୍ତିରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ରୁପ୍ରାରୋଡ ନିବାସୀ ରାମଗୋପାଳ ଅଗ୍ରୱାଲ ଘର ଉପରକୁ ଏକ ଟ୍ରାକ୍ଟର ଚଢି ଯିବା ଘଟଣା



ଦେଖି ଲୋକେ ଚକିତ ହୋଇଛନ୍ତି। ଖବର ନେବାରୁ ଜଣାଯାଏ ଟ୍ରାକ୍ଟର ଚାଳକଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁଁ ଟ୍ରାକ୍ଟରର ଆଗଚକ ରାମଗୋପାଳଙ୍କ ଘର ଛାତକୁ ଚଢି ଯିବା ପରେ ଏକପ୍ରକାର ଯାତାୟାତ ପାଇଁ ବନ୍ଦ ହୋଇଯାଇଥିଲା। ଗାଡ଼ି ଚାଳକ କୌଣସି ପ୍ରକାରେ ବର୍ତ୍ତିଛନ୍ତି। ଦୁର୍ଘଟଣା ପରେ ଗାଡ଼ି ମାଲିକ ଜେସିବି ସାହାଯ୍ୟରେ ଟ୍ରାକ୍ଟରଟିକୁ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଛି।

## ଚନ୍ଦୁ ସାହାଣୀ ଅଲଓଡ଼ିଶା କ୍ରିକେଟ: ସେମିରେ ସମ୍ବଲପୁର

**ଜୁନାଗଡ଼, ୨୫।୧୨(ସମିସ):** ଜୁନାଗଡ଼ରେ ଚାଲି ଥିବା ଚନ୍ଦୁ ସାହାଣୀ ମେମୋରିଆଲ ଅଲଓଡିଶା ଟୁର୍ନାମେଣ୍ଟରେ ଭବାନୀପାଟଣାକୁ ହରାଇ ସମ୍ବଲପୁର ସେମିଫାଇନାଲରେ ପ୍ରବେଶ କରିଛି। ଆସନ୍ତାକାଲି ନବରଙ୍ଗପୁର ସହ ଖେଳିବ। ଭବାନୀପାଟଣା ୩୦ ଓଭରରେ ୮



ଉଇକେଟ ହରାଇ ୧୮୪ ରନ କରିଥିଲେ। ଜବାବରେ ସମ୍ବଲପୁର ଟିମ ୨୯.୧ ବଲରେ ୮ ଉଇକେଟ ବଦଳରେ ବିଜୟ ଲକ୍ଷ୍ୟ ହାସଲ କରିଥିଲେ। ଭବାନୀପାଟଣାର କେଶବ ଶର୍ମା ୫୮ ରନ କରିଥିଲେ। ପ୍ରିୟରଂଜନ ନାଥ ୫୧ ରନ ସହ ୨ ଉଇକେଟ ନେଇ ମେନ ଅଫ ଦି ମ୍ୟାଚ ହୋଇଥିଲେ। ଅତିଥି ଭାବେ ସନ୍ତୋଷ ର ସିଂଦେଓ, ବିଭୂପ୍ରସାଦ ପାଢ଼ୀ, ଡା ଭଗବାନ ପଣ୍ଡା, ପ୍ରଦୀପ ଦାସ, ରତନ ଅଗ୍ରୱାଲ, ଲାଲା ଅଗ୍ରୱାଲ ଯୋଗ ଦେଇଥିଲେ। ଏନଆରଏସଏସସି ସଭାପତି ହିମାଂଶୁ ଶେଖର ବରାଡ଼, ଉପସଭାପତି ସରୋଜ ପଣ୍ଡା, ସମ୍ପାଦକ କାଳିନ୍ଦୀ ପାଣିଗ୍ରାହୀ ଓ ଅମ୍ପାୟର ଭାବେ ସମୀର ସାହୁ, ଦୀପେନ ସାହୁ ଓ ତୃତୀୟ ଅମ୍ପାୟର ଭାବେ ମାନସ ସାହୁ କାର୍ଯ୍ୟ ତୁଲାଇ ଥିଲେ। ନୀତିସ ମହାପାତ୍ର, ସତୀଶ ପ୍ରଧାନ, ସନ୍ତୋଷ ପୃଷ୍ଟି ଧାରା ବିବରଣୀ ଓ ସ୍କୋରରେ ମୁକେଶ ପୋଡ଼ ଦାୟିତ୍ୱ ତୁଲାଇଥିଲେ।

**ପ୍ରକୃତିର ଅନନ୍ୟ ପର୍ଯ୍ୟଟନସ୍ଥଳୀ ଡୋକରୀ ଚଞ୍ଚରା**

# ଆକର୍ଷିତ କରୁଛି ଜଳପ୍ରପାତ, ଜମୁଛି ପର୍ଯ୍ୟଟକଙ୍କ ଭିଡ଼

**କୋକସରା, ୨୫।୧୨(ସମିସ)**

ପ୍ରାକୃତିକ ଶୋଭାରାଜିରେ ଭରପୂର ପର୍ଯ୍ୟଟନସ୍ଥଳୀ ଗୁଡହାଣ୍ଡି ଡୋକରୀ ଚଞ୍ଚରା। ପ୍ରାକ୍‌ଐତିହାସିକ ଯୁଗର ସ୍ୱାକ୍ଷର ବହନ କରୁଥିବା ଏହି ଅନନ୍ୟ ପର୍ଯ୍ୟଟନସ୍ଥଳୀ କଳାହାଣ୍ଡି ଜିଲ୍ଲାର କୋକସରା ବ୍ଲକ ଖଲିଗଡ ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ପାଦଦେଶରେ ରହିଛି। ବର୍ଷତମାମ ଏହି ସ୍ଥାନ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରି ଥିବାବେଳେ ଏଠାକାର ସବୁଜ ପାହାଡ଼, ଝରଣାର ପ୍ରାକୃତିକ ସୌନ୍ଦର୍ଯ୍ୟ ସହ ଗୁଡହାଣ୍ଡିର ହଜାର ହଜାର ବର୍ଷତଳର ଶିଳାଲିପି, ଯୈନଚିତ୍ର, ପ୍ରକୃତିକ ବିଭବ ସହ ଗୁମ୍ଫା ଦର୍ଶକଙ୍କୁ ବିମୋହିତ କରିପାରିଛି। ଏବେ ଶୀତର ପ୍ରକୋପ ବଢିବା ସହ ପିକନିକ୍ ଋତୁ ଆରମ୍ଭ ହୋଇଥିବାବେଳେ ଏହି ପର୍ଯ୍ୟଟନସ୍ଥଳୀକୁ ଡିସେମ୍ବର ଆରମ୍ଭରୁ ପିକନିକ୍ ପାର୍ଟିର ଭିଡ଼ ଜମିବାରେ ଲାଗିଛି। ଏଠାର ଶ୍ରୀରାମ ମନ୍ଦିର ସହ ଦୁଇ ଜଳପ୍ରପାତ ଡୋକରୀଦର ଓ ଭୈଁରାଘୁମର, ହଳଦିଗୁଣ୍ଡି, ପୂନ୍ୟକୁଣ୍ଡ ସହ ଜଳପ୍ରପାତର ଦୃଶ୍ୟ ସାଙ୍ଗକୁ ଚାରିଆଡ଼େ ବେଷ୍ଟିତ ପାହାଡ଼ର ମନୋରମା ଦୃଶ୍ୟ ବର୍ଷ ବର୍ଷ ଧରି ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ର ରହି ଆସିଛି। ସପ୍ତାହେ ହେବ ବଣଭୋଜି ପାଇଁ ଏହି ସ୍ଥାନ ପର୍ଯ୍ୟଟକଙ୍କ ଆସର ଜମିବାରେ ଲାଗିଛି। ପର୍ଯ୍ୟଟନ ସ୍ଥଳୀର ଦକ୍ଷିଣ-ପଶ୍ଚିମ



ଦିଗରେ ପ୍ରାୟ ୨କିମି. ଦୂରରେ ଭୈଁରାଘୁମର ଝରଣା ରହିଥିବାବେଳେ ଏହି ଝରଣାର ଭୟଙ୍କର ଦୃଶ୍ୟ ପ୍ରାୟ ୨ଶହ ଫୁଟ୍ ରୁ ଉର୍ଦ୍ଧ ହେବ ବୋଲି ଆକଳନ କରାଯାଇଛି। ମନ୍ଦିର ପରିସରରେ ରହିଛି ଡୋକରୀ ଚଞ୍ଚରା ଏକ ପଥର ସଜ୍ଜା। ପଥର ସଜ୍ଜାରେ ଲାଗିକି ରହିଛି ଆଉ ଏକ ଜଳପ୍ରପାତ ଡୋକରୀଦର। ତା' ସହିତ ବହୁ ଆକର୍ଷଣୀୟ ସ୍ଥାନ ରହିଥିବାବେଳେ ଏହାର ଚତୁଃପାର୍ଶ୍ୱରେ ବଣ ପାହାଡ଼ ଘେରା ପ୍ରାକୃତିକ ସୌନ୍ଦର୍ଯ୍ୟ ପରିପୂର୍ଣ୍ଣ ହୋଇରହିଛି। ପ୍ରତି ବର୍ଷ ଏଠାରେ ଚୈତ୍ରା ମାସରେ ୯ ଦିନ ଧରି ଶ୍ରୀ ରାମନବମୀ ଓ ଗୁଡ଼ହାଣ୍ଡି ମହୋତ୍ସବ ଲାଗିଥାଏ। ଶୀତ ଋତୁରେ ଏଠାରେ ବଣଭୋଜି କରିବା ପାଇଁ ହଜାର ହଜାର ପର୍ଯ୍ୟଟକଙ୍କ ଭିଡ ଲାଗିଥିବାବେଳେ ଏଠାକାର ମନରୋମ ଦୃଶ୍ୟକୁ ଉପଭୋଗ କରିବା ପାଇଁ ସକାଳୁ ସନ୍ଧ୍ୟା ଯାଏ ପ୍ରକୃତି ପ୍ରେମୀଙ୍କ ଭିଡ ଜମିଥାଏ। ଏହି ସ୍ଥାନ ୨୦୦୭ରେ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇ ସାରିଥିବାବେଳେ ଏହାର ରୂପରେଖ ବଦଳିବାରେ ଲାଗିଛି। ପର୍ଯ୍ୟଟନ ବିଭାଗ ଓ ରାଜ୍ୟ ସରକାରଙ୍କ ଦ୍ୱାରା ଦୁଇ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଅନୁଦାନରେ ଏହି ସ୍ଥାନର ଅନେକ ବିକାଶ କାର୍ଯ୍ୟ ସରିଥିବାବେଳେ ବର୍ତ୍ତମାନ ମଧ୍ୟ ଅନେକ କାର୍ଯ୍ୟ ବନ ବିଭାଗ ଦ୍ୱାରା ଜାରି ରହିଛି। ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ସାଙ୍ଗକୁ କୃତ୍ରିମ କାରୁକାର୍ଯ୍ୟ ଏବେ ପର୍ଯ୍ୟଟକଙ୍କ ମନକୁ ବେଶ୍ ଛୁଇଁ ପାରିଛି। ପାହାଡର ଛାତିଚିରି ପ୍ରବାହିତ ହେଉଥିବା ଭୈଁରାଘୁମର ଓ ଡୋକରୀଦର ଜଳପ୍ରପାତର ସୁନ୍ଦର ଦୃଶ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସହ ରାଜ୍ୟ ସରକାରଙ୍କ ଅନୁଦାନରୁ ହୋଇଥିବା ମନଲୋଭା କାରୁକାର୍ଯ୍ୟ ଏଠାକାର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିପାରିଛି। ଚଳିତବର୍ଷ ସପ୍ତାହେ ହେବ ଭିଡ଼ ଜମିବାରେ ଲାଗିଛି। ଏଣେ ପର୍ଯ୍ୟଟକଙ୍କ ସ୍ୱାଗତ ନିମନ୍ତେ ଏହି ଐତିହାସିକ ପର୍ଯ୍ୟଟନସ୍ଥଳୀ ସଜେଇ ହୋଇ ନଜରକୁ ଆସିଛି।

### କେମିତି ଯିବେ..

ଜିଲ୍ଲା ସଦର ମହକୁମାରୁ ପାଖାପାଖି ୮୫ କି.ମି ଦୂରରେ ଡୋକରୀ ଚଞ୍ଚରା ଅବସ୍ଥିତ। ଏହି ସ୍ଥାନକୁ ଯିବାକୁ ହେଲେ ଭବାନୀପାଟଣାରୁ ଧର୍ମଗଡ଼ ଗୋଲେଇ ଛକରୁ ବିଜୁ ଏକ୍ସପ୍ରେସ ୱେ ପର୍ଲା, ବେହେରା, ଗୋତମୁଣ୍ଡା ଦେଇ ଘଣ୍ଟିଗୁଡା ଆସିବାକୁ ପଡୁଥିବାବେଳେ ୨୬ନମ୍ବର ଜାତୀୟ ରାଜପଥରେ ଜୁନାଗଡ, ମୋଟେରରୁ କୋକସରା ପହଞ୍ଚି ବଙ୍ଗୋମୁଣ୍ଡା ପେଟ୍ରୋଲ ପମ୍ପ ଛକଠାରୁ ଟେମରା, ମହିମା ଦେଇ ଘଣ୍ଟିଗୁଡା ଆସିବାକୁ ପଡେ। ଘଣ୍ଟିଗୁଡା ଛକଠାରୁ ପଶ୍ଚିମ ଦିଗକୁ ୧୨.କିମି. ଗଲାପରେ ଡୋକରୀ ଚଞ୍ଚରା ପହଞ୍ଚି ପାରିବେ। ସେହିପରି ଅନ୍ୟ ଏକ ରାସ୍ତା କୋକସରାରୁ ବୋବରିଆ ଢାବା ଛକଠାରୁ ଡେଙ୍ଗାଗୁଡା, ଦର୍ଲିପଡା ଛକରୁ ଧୋବେନପାଡା ପରେ ଖଲିଗଡ଼ ଦେଇ ଡୋକରୀ ଚଞ୍ଚରାରେ ପହଞ୍ଚି ପାରିବେ। ସେହିପରି ପଡୋସୀ ଜିଲ୍ଲା ନବରଙ୍ଗପୁର ପଟୁ ଆସୁଥାନ୍ତି ତେବେ ପାପଡାହାଣ୍ଡି, ମୈଦଲପୁର, ଆମପାଣି, ବଡକେନ୍ଦୁଗୁଡା, ଦର୍ଲିପଡା ଛକଠାରୁ ଧୋବେନପଡା, ଖଲିଗଡ଼ ଦେଇ ଡୋକରୀ ଚଞ୍ଚରା ପହଞ୍ଚି ପାରିବେ।

## ଭବିଷ୍ୟ ଇଂରାଜୀ ମିଡିୟମ ସ୍କୁଲ୍‌ର ବାର୍ଷିକ ଉତ୍ସବ

**ବିନିକା, ୨୫।୧୨(ସମିସ):** ବିନିକା ବ୍ଲକ ଅନ୍ତର୍ଗତ ଫୁଲମୁଠିରେ ଥିବା ଭବିଷ୍ୟ ଇଂରାଜୀ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏକାଡେମୀ ମୁଖ୍ୟ ଡ.ଭବାନୀ ଶଙ୍କର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲାପାଳ ବିମଳେନ୍ଦୁ ରାୟ, ସମ୍ମାନିତ ଅତିଥି ଭାବେ ଭବିଷ୍ୟ ସ୍କୁଲ ଅଧ୍ୟକ୍ଷ ସଞ୍ଜୀବ ସୁବୁଦ୍ଧି, ପରିଚାଳନା ନିର୍ଦ୍ଦେଶକ ସୁଧାଂଶୁ ଶେଖର ଦାଶ, ଉପାଧ୍ୟକ୍ଷ ସଞ୍ଜୀବ ପାତ୍ର, ସ୍କୁଲ ଅଧ୍ୟକ୍ଷ ସମ୍ପଦ ଚାନ୍ଦ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ସଫଳ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ସମ୍ପଦ ଚାନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସ୍କୁଲ ପରିଚାଳନା କମିଟି ସହକାରୀ ପରିଚାଳନା ନିର୍ଦ୍ଦେଶକ ସୁନୀଲ ମେହେର ବାର୍ଷିକ ବିବରଣୀ ପଠନ କରିଥିଲେ। ଶିକ୍ଷୟିତ୍ରୀ ସସ୍ମିତା ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଛାତ୍ରୀ ଆୟୁଷୀ ଓ ଛାତ୍ର ଆରବ ସାଂସ୍କୃତିକ କାର୍ଯ୍ୟକ୍ରମରେ ଉଦ୍‌ଘୋଷିକା ଥିଲେ। ପରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଦିନିକିଆ ଭଲିବଲ: ମା' ବାଉରୀ କ୍ଲବ୍ ଚାମ୍ପିଅନ

**ବୌଦ୍ଧ, ୨୫।୧୨(ସମିସ):** ବୌଦ୍ଧ ଭୈରବୀ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଏକଦିନିଆ ଭଲିବଲ ଟୁର୍ନାମେଣ୍ଟରେ ରାମଗଡ଼ ମା' ବାଉରୀ ଭଲିବଲ କ୍ଲବ ଚାମ୍ପିଅନ ହୋଇଛି । ଭୈରବୀ ଖେଳ ପଡିଆରେ ଅନୁଷ୍ଠିତ ହୋଇଥିବା ଏହି ଦିବାରାତ୍ର ପ୍ରତିଯୋଗିତାରେ ୧୬ଟି ଦଳ ଭାଗ ନେଇଥିଲେ। ଫାଇନାଲରେ ତେଲିବନ୍ଧ ଓ ରାମଗଡ ମା' ବାଉରୀ କ୍ଲବ ଭିତରେ ସଂଘର୍ଷପୂର୍ଣ୍ଣ ମ୍ୟାଚ ହୋଇଥିଲା। ପ୍ରଥମ ସେଟରେ ତେଲିବନ୍ଧ ଦଳ ରାମଗଡକୁ ପରାସ୍ତ କରିଥିବା ବେଳେ ଦ୍ୱିତୀୟ ଓ ତୃତୀୟ ସେଟରେ ରାମଗଡ ମା' ବାଉରୀ ଭଲିବଲ କ୍ଲବ ତେଲିବନ୍ଧକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ପ୍ରଦୀପ ଅମାତ, ସମ୍ମାନିତ ଅତିଥି ଭାବେ ବୌଦ୍ଧ ନଗରପାଳ ମୃତ୍ୟୁଞ୍ଜୟ ମିଶ୍ର ଏବଂ ଭୈରବୀ କ୍ଲବ ସମ୍ପାଦକ କୈଳାଶ ବେହେରା ଉପସ୍ଥିତ ଥିଲେ।

## ବଘିଆପାଡ଼ାରେ ଖରିଫ୍ ଧାନମଣ୍ଡି ଆରମ୍ଭ

**ଜହ୍ନାପଙ୍କ, ୨୫।୧୨(ସମିସ):** ବୌଦ୍ଧ ବ୍ଲକ ବଘିଆପଡ଼ା ପାକ୍ସ ପକ୍ଷରୁ ସୋମବାର ଧାନ କିଣା ଆରମ୍ଭ ହୋଇଛି। ସେବା ସମବାୟ ସମିତି, ଯୋଗାଣ ବିଭାଗ ଓ ବୌଦ୍ଧ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଧାନ ମଣ୍ଡିର ଶୁଭାରମ୍ଭ ହୋଇଯାଇଛି। ସମିତିର ସଭାପତି ରୋହିତ ପ୍ରଧାନ ମଣ୍ଡିର ଶୁଭାରମ୍ଭ କରିଥିଲେ। ସମ୍ପାଦକ ନେତ୍ରାନନ୍ଦ ପୁରୋହିତ, ନିୟନ୍ତ୍ରିତ ବଜାର କମିଟି କର୍ମଚାରୀ ଓ ପରିଚାଳନା କମିଟି ସଦସ୍ୟ, ଏସ୍‌ଏଲ୍‌ପିଏସ୍ କମିଟି ସଦସ୍ୟ ଉପସ୍ଥିତ ଥିଲେ। ପ୍ରଥମ ଦିନ ମା' ସେରାବାଲି ଓ ଗୋପୀନାଥ ମିଲର ପକ୍ଷରୁ ୫୦୦ କ୍ୱିଣ୍ଟାଲ ଧାନ କିଣା ଯିବାର ଲକ୍ଷ୍ୟ ଧାର୍ଯ୍ୟ ଥିବା ବେଳେ ମିଲର ପକ୍ଷରୁ ଗାଡି ପଠାଇ ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମଙ୍ଗଳବାରଠାରୁ ଧାନକିଣା ଆରମ୍ଭ ହେବ ବୋଲି ଜଣାପଡିଛି।

## ହାବିଲଦାର ଓ କନେଷ୍ଟବଲ ସଂଘର ଶପଥଗ୍ରହଣ

**ବୌଦ୍ଧ, ୨୫।୧୨(ସମିସ):** ବୌଦ୍ଧ ଟାଉନହଲରେ ଓଡିଶା ପୁଲିସ ହାବିଲଦାର କନେଷ୍ଟବଲ ସଙ୍ଘ ଜିଲ୍ଲା ଶାଖାର ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଆରକ୍ଷୀ ଅଧୀକ୍ଷକ ରାଜ୍ ପ୍ରସାଦ ସପତ୍ନୀକ ଯୋଗ ଦେଇଥିଲେ। ନବ ନିର୍ବାଚିତ ସଭାପତି କୁନ୍ଦନ ମହାକୁଡ, ଉପସଭାପତି ସୌମ୍ୟରଞ୍ଜନ ମେଣ୍ଡିଲୀ, ସମ୍ପାଦକ ଅମିତାଭ ଶତପଥୀ, ଯୁଗ୍ମ ସହସମ୍ପାଦକ ଟୁକୁ ମେହେର ଓ ରାଜକିଶୋର ନାଏକ, କୋଷାଧ୍ୟକ୍ଷ ଯଶୋବନ୍ତ ପ୍ରଧାନ, କାର୍ଯ୍ୟନିର୍ବାହୀ ସଦସ୍ୟ ଇନ୍ଦ୍ରଜିତ ପ୍ରଧାନ, ରାଜବଲ୍ଲଭ ମିଶ୍ର, ପୁରନ୍ଦର ମହାନନ୍ଦିଆ, ପଙ୍କଜ ଜାନୀ, ପ୍ରତିମା କର୍ଣ୍ଣ ପ୍ରମୁଖ ଶପଥ ଗ୍ରହଣ କରିଥିଲେ। ସମସ୍ତଙ୍କୁ ଉପଖଣ୍ଡ ଆରକ୍ଷୀ ଅଧିକାରୀ କୈଳାଶଚନ୍ଦ୍ର ସେଠୀ ଶପଥ ପାଠ କରାଇଥିଲେ। ବୌଦ୍ଧ ଥାନା ଆଇଆଇସି ସାରଦା ପ୍ରସନ୍ନ ଦାଶଙ୍କ ସମେତ ଅନ୍ୟାନ୍ୟ ପୁଲିସ ଅଧିକାରୀ, ଓଡିଶା ପୁଲିସ୍ ହାବିଲଦାର କନେଷ୍ଟବଲ ସଂଘର ସଦସ୍ୟମାନେ ଯୋଗ ଦେଇଥିଲେ। କନେଷ୍ଟବଲ ବିଭୂତି ଭୂଷଣ ବେହେରା ମଞ୍ଚ ପରିଚାଳନା କରିଥିଲେ।

## କାର୍-ବାଇକ୍ ଧକ୍କା; ଦୁଇ ଆହତ

**ଜହ୍ନାପଙ୍କ, ୨୫।୧୨(ସମିସ):** ସୋମବାର ଅପରାହ୍ନରେ ବୌଦ୍ଧ ବଲାଙ୍ଗିର ଜାତୀୟ ରାଜପଥ ନମ୍ବର ୫୭ର ବୌଦ୍ଧ ବ୍ଲକ୍ ବହିରା ହାଇସ୍କୁଲ ଛକ ନିକଟରେ କାର୍ ଓ ବାଇକ ମଧ୍ୟରେ ଧକ୍କା ହେବାରୁ ବାଇକ ଚାଳକ ଗୁରୁତର ଆହତ ହୋଇଥିବା ଜଣାପଡିଛି।



ଅନୁଗୁଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ନୂଆଗାଁ ଗ୍ରାମର ସଂସାର ମେହେର ଓ ଚନ୍ଦ୍ରଶେଖର ମେହେର ବାଉଁଶୁଣୀ ପଟରୁ ବୌଦ୍ଧ ଆଡ଼କୁ ଏକ ବାଇକ ଯୋଗେ ଆସୁଥିବା ସମୟରେ ବହିରା ହାଇସ୍କୁଲ ଛକ ନିକଟରେ ପଛରୁ ଆସୁଥିବା ଏକ କାର୍ ଧକ୍କା ଦେଇଥିଲା। ଫଳରେ ବାଇକ୍ ଚାଳକ ସଂସାର ମେହେର ଗୁରୁତର ଆହତ ହୋଇଥିଲେ ଓ ପଛରେ ବସିଥିବା ଚନ୍ଦ୍ରଶେଖର ସାମାନ୍ୟ ଆହତ ହୋଇଥିଲେ। ପରେ କାରଟି ମଧ୍ୟ ଭାରସାମ୍ୟ ହରାଇ ଏକ ଗଛକୁ ଧକ୍କା ଦେଇଥିଲା। କାର ଯାତ୍ରୀ କେହି ଆହତ ହୋଇ ନଥିବା ବେଳେ ସ୍ଥାନୀୟ ଲୋକେ ଦୁଇ ବାଇକ ଆରୋହୀଙ୍କୁ ଉଦ୍ଧାର କରି ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସଂସାର ମେହେରଙ୍କୁ ବୌଦ୍ଧ ଜିଲ୍ଲା ଚିକିତ୍ସାଳୟ କୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡିଛି।

# ରାଜବଂଶର ଐତିହ୍ୟ ରାମଜୀ ମଠ

**ସୋନପୁର, ୨୫ ।୧୨(ସମିସ)**

ତତ୍କାଳୀନ ସୋନପୁର ଗଡଜାତରେ ଚୌହାନ ରାଜବଂଶର ଶାସନ କାଳରେ ଦେଶର ବିଭିନ୍ନ ସ୍ଥାନରେ ବହୁ କୀର୍ତ୍ତିରାଜି ନିର୍ମାଣ କରିଛନ୍ତି। ରେଭେନ୍ସା କଲେଜର ଇଂରାଜୀ ବିଭାଗର ଛାତ ନିର୍ମାଣ ହେଉ

- ସୋନପୁରିଆଙ୍କ ସହ ଅସ୍ତିତ୍ୱର ସମ୍ପର୍କ
- ଜଗା ଦର୍ଶନ ପାଇଁ ଗଲେ ରହୁଥିଲେ ଅଞ୍ଚଳବାସୀ
- ପୁରୀ ମଠର ପୁନରୁଦ୍ଧାର ଦାବି



କିମ୍ବା କୋଲକାତା ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟରେ ଓଡିଆ ପିଜି ଖୋଲିବା ହେଉ ଏଭଳି ବିଭିନ୍ନ କାମରେ ସୋନପୁର ରାଜା ନିଜର ଛାପ ଛାଡି ଯାଇଛନ୍ତି। ସେହିପରି ଶ୍ରୀକ୍ଷେତ୍ର ପୁରୀରେ ରାମଜୀ ମଠ ପ୍ରତିଷ୍ଠାରେ ସୋନପୁର ରାଜା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ମଠ ସହ ସୋନପୁରିଆଙ୍କ ସଂପର୍କ ବହୁ ପୁରୁଣା। ପୂର୍ବ କାଳରେ ଚାଲି ଚାଲି ଏହି ଅଞ୍ଚଳର ଲୋକେ କାଳିଆ ଦର୍ଶନ ପାଇଁ ପୁରୀ ଗଲେ ଏହି ମଠରେ ଆଶ୍ରା ନେଉଥିଲେ। ଶ୍ରୀକ୍ଷେତ୍ରସ୍ଥିତ ରାମଜୀ ମଠ ଏବେ ଅବହେଳିତ ହୋଇ ପଡି ରହିଛି। ତେବେ ବେସରକାରୀ ସ୍ତରରେ ଏହାର ପୁନୋରୁଦ୍ଧାର ପାଇଁ ପ୍ରାୟସ ଆରମ୍ଭ ହୋଇଛି। ସୋନପୁର ଗଡଜାତ ସମୟରେ ଏହି ଅଞ୍ଚଳ ଲୋକମାନେ ଜଗନ୍ନାଥ ଦର୍ଶନ ସହ ରଥ ଯାତ୍ରା, ସୁନାବେଶ, ହବିଷ ଆଦି କରିବା ପାଇଁ ପୁରୀ ଯାଉଥିଲେ। ସେହି ସମୟରେ ନଦୀ, ନାଳ, ପାହାଡ଼, ଜଙ୍ଗଲ ଦେଇ ଚଳାପଥରେ ଶ୍ରୀକ୍ଷେତ୍ର ଯିବାର କଷ୍ଟସାଧ ଥିଲା। ଐତିହାସିକଙ୍କ ମତରେ ୧୬୩୫ରୁ ୧୬୪୫ରେ ଚୌହାନ ରାଜା ମଦନ ଗୋପାଳ ସୋନପୁର ରାଜ୍ୟକୁ ଶାସନ କରୁଥିଲେ। ତାଙ୍କର ଭାଇ ବାବାଜୀ ବଂଶୀ ଗୋପାଳ ସନ୍ନ୍ୟାସୀ ହୋଇଥିଲେ ମଧ୍ୟ ରାଜାଙ୍କ ଅନୁପସ୍ଥିତରେ ରାଜ୍ୟ କାର୍ଯ୍ୟ ପରିଚାଳିତ କରୁଥିଲେ। ବାବାଜୀ ବଂଶୀ ଗୋପାଳ ଭାଇ ଭାଗର ସମ୍ପତ୍ତିରେ ସୋନପୁର ଓ ପୁରୀରେ ଗୋପାଜୀ ମନ୍ଦିର ଓ ମଠ ନିର୍ମାଣ କରିଥିଲେ। ପରବର୍ତ୍ତୀ ସମୟରେ ପୁରୀର ଉକ୍ତ ମଠରେ ମଠାଧିଶ ଭାବେ ରାମ ଦାଶ ଅଭିଷିକ୍ତ ହୋଇଥିଲେ । ତାଙ୍କ ନାମାନୁସାରେ ପରବର୍ତ୍ତୀ ସମୟରେ ଏହି ମଠର ନାମ ରାମଜୀ ମଠ ହୋଇଥିଲା। ୫୭୦ ବର୍ଷ ତଳର ଏହି ମଠ ଅଧିନରେ ସେହି ସମୟରେ ୯ ଏକର ଜମି ରହିଥିଲା। ଏବେ ମଠ ଅଧିନରେ ୧ ଏକରରୁ କମ ଜାଗା ରହିଥିବା ଜଣାପଡିଛି । ଐତିହ୍ୟ ପୂର୍ଣ୍ଣ ଏହି ରାମଜୀ ମଠ ରକ୍ଷଣାବେକ୍ଷଣ କରିବା ଜରୁରୀ ହୋଇପଡିଛି। ରାଜ୍ୟ ସରକାରୀ ଐତିହ୍ୟପୂର୍ଣ୍ଣ କୀର୍ତ୍ତିରାଜି ଗୁଡିକର ପୁନୋରୁଦ୍ଧାର କରିବା ପାଇଁ ପ୍ରାୟସ କରୁଥିବାରୁ ଏହି ମଠ ଉପରେ ମଧ୍ୟ ଧ୍ୟାନ ଦେବା ପାଇଁ ଦାବି ହୋଇଛି। ମଠର ବ୍ରହ୍ମଚାରୀ ରାମଜୀ ମଠ ପରିସରରେ ଶ୍ରଦ୍ଧାଳୁଙ୍କ ଅବସ୍ଥାନ ପାଇଁ କିଛି ନୂତନ ଘର ନିର୍ମାଣ କରିବା ପାଇଁ ପ୍ରୟାସ କରୁଥିବା ଜଣାପଡିଛି। ସୋନପୁର ଗୋପାଳଜୀ ମଠ ସହ ପୁରୀ ଗୋପାଳଜୀ ମଠର ମଧ୍ୟ ପୁନରୁଦ୍ଧାର ପାଇଁ ଦାବି ହୋଇଛି।

## ନରସିଂହ ଅଗ୍ରୱାଲଙ୍କ ଦେହାନ୍ତ

**ମନମୁଣ୍ଡା, ୨୫।୧୨(ସମିସ):** ମନମୁଣ୍ଡା ମାରୱାଡ଼ି ସମାଜର ବରିଷ୍ଠ ନରସିଂହ ଅଗ୍ରୱାଲଙ୍କ ରବିବାର ରାତ୍ରିରେ ନିଜ ବାସଭବନରେ ଦେହାନ୍ତ ହୋଇଯାଇଛି।



ମୃତ୍ୟୁବେଳକୁ ତାଙ୍କୁ ୭୬ ବର୍ଷ ବୟସ ହେଉଥିଲା। ମାରୱାଡ଼ି ସମାଜ ଓ ଅନେକ ବିଶିଷ୍ଟ ବ୍ୟକ୍ତି ବାଜା ବଜାଇ ଶୋଭାଯାତ୍ରା କରି ମନମୁଣ୍ଡା ସ୍ୱର୍ଗଦ୍ୱାରକୁ ନେଇଥିଲେ। ତାଙ୍କ ବଡ ପୁଅ ମନୋଜ ମୁଖାଗ୍ନି ଦେଇଥିଲେ। ମୃତକଙ୍କ ପତ୍ନୀ ଓ ଅନ୍ୟ ଦୁଇପୁଅ ସରୋଜ ଏବଂ ଶିବା ଦୁଃଖରେ ଭାଙ୍ଗି ପଡିଛନ୍ତି। ମୃତକ ଜଣେ ଶାନ୍ତ ସରଳ ସ୍ୱଭାବ ଓ ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ମନମୁଣ୍ଡାରେ ଶୋକ ଖେଳିଯାଇଛି।




ବୌଦ୍ଧ ଜିଲ୍ଲା ବିଜେପି ତରଫରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ତମ ଜୟନ୍ତୀ ଜିଲ୍ଲାର ସମସ୍ତ ମଣ୍ଡଳ, ଶକ୍ତିକେନ୍ଦ୍ର ଓ ବୁଥ ସ୍ତରରେ ପାଳିତ ହୋଇଯାଇଛି। ଜିଲ୍ଲା ବିଜେପି କାର୍ଯ୍ୟାଳୟ ରାମେଶ୍ୱର ବିହାରରେ ବାଜପେୟୀଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ସ୍ମୃତିଚାରଣ କରାଯାଇଥିଲା।

## ପୁରୁଣା କଟକ ଶିଶୁ ମନ୍ଦିରର ରଜତ ଜୟନ୍ତୀ ଉଦ୍‌ଯାପିତ

**ହରଭଙ୍ଗା, ୨୫।୧୨(ସମିସ):** ପୁରୁଣାକଟକରେ ଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରଜତ ଜୟନ୍ତୀ ଦ୍ୱିତୀୟ ଦିନରେ ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ସୁରେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ବିଚ୍ଛନ୍ଦ ପ୍ରଧାନ, ସମ୍ମାନିତ ଅତିଥି ଅକ୍ରୁର ସେଠୀ, ରଞ୍ଜିତ ମୁନୀ ଏବଂ ମୁଖ୍ୟବକ୍ତା ଭାବେ ଅଜିତ ସାହୁ ଯୋଗ ଦେଇଥିଲେ। ସମ୍ପାଦକ ଡ. ପ୍ରମୋଦ ମହାପାତ୍ର ଅତିଥି ପରିଚୟ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ମକଦ୍ଦମ ମହାରଣା ସମାରୋହ ବୃତ୍ତ ପଠନ କରିଥିଲେ ଓ ଉପଦେଷ୍ଟା



ସତ୍ୟାନନ୍ଦ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ୨୪ ଜଣ ପୂର୍ବ ପରିଚାଳନା ସମିତିର କାର୍ଯ୍ୟକର୍ତ୍ତା, ୫୦ ଜଣ ପୂର୍ବ ଆଚାର୍ଯ୍ୟ/ଆଚାର୍ଯ୍ୟା, ୨୦୦ରୁ ଅଧିକ ପୂର୍ବ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଉଦ୍‌ଯାପନୀ ସଭାରେ ହରଭଙ୍ଗା ବ୍ଲକ୍ ର ଅଧ୍ୟକ୍ଷା ସ୍ନେହଲତା ପ୍ରଧାନ ମୁଖ୍ୟଅତିଥି, ବରିଷ୍ଠ ବୈଜ୍ଞାନିକ ଡଃ ସୁଶୀଲ ପ୍ରଧାନ ଓ ସ୍ଥାନୀୟ ସରପଞ୍ଚ ଅଶୋକ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ପ୍ରାଧ୍ୟାପକ ଡଃ ପବିତ୍ର ସୁବୁଦ୍ଧି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଶିଶୁଙ୍କ ଦ୍ୱାରା ଅଭିନୀତ ନାଟକ "ବାପା" ମଞ୍ଚସ୍ଥ ହେବା ସହିତ ଓଡ଼ିଶୀ ଏବଂ ନାନା ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ଉପଦେଷ୍ଟା ମୃତ୍ୟୁଞ୍ଜୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**■ ତିଳେଶ୍ୱର କପ୍ ରାଜ୍ୟସ୍ତରୀୟ ଫୁଟ୍‌ବଲ୍**

## ଟ୍ରାଇବେକର୍‌ରେ ସୋନପୁର ବିଜୟୀ




**ହରଭଙ୍ଗା, ୨୫।୧୨(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ଅନ୍ତର୍ଗତ ଲାଲ୍ ବାହାଦୁର ବିଦ୍ୟାପୀଠ ଖେଳ ପଡିଆ ତିଳେଶ୍ୱରରେ ବହୁ ପୁରାତନ ୨୦ତମ ରାଜ୍ୟସ୍ତରୀୟ ତିଳେଶ୍ୱର କପ୍ ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ବ୍ଲକ୍ ଅଧ୍ୟକ୍ଷା ସ୍ନେହଲତା ପ୍ରଧାନ ଯୋଗ ଦେଇଥିଲେ। ବଜାର ଆସୋସିଏସନ୍ ର ସଭାପତି ଅର୍ଜୁନ ପ୍ରଧାନ ସମ୍ମାନୀତ ଅତିଥି ଭାବେ ରାମଗଡ଼ ପଞ୍ଚାୟତର ସରପଞ୍ଚ ପ୍ରବାସିନି ଯୋଶୀ ଲୁଣିବାହାଲ ସରପଞ୍ଚ ଚନ୍ଦ୍ରମା ପ୍ରଧାନ ତିଳେଶ୍ୱର ସମିତିସଭ୍ୟା ସାବିତ୍ରୀ ବେହେରା ଯୋଗ ଦେଇଥିଲେ। ବଜାର ଆସୋସିଏସନ୍ ତିଳେଶ୍ୱର୍ ଆନୁକୂଲ୍ୟରେ ଚାଲିଥିବା ଏହି ପ୍ରତିଯୋଗିତା ପାଇଁ ପ୍ରଥମେ ତିଳେଶ୍ୱର୍ ଜଗନ୍ନାଥଙ୍କ ମନ୍ଦିରରୁ ଦିବ୍ୟଜ୍ୟୋତିକୁ ଖେଳ ପଡିଆ ମଞ୍ଚରେ ଅବସ୍ଥାପିତ କରାଯାଇଥିଲା। ଉଦ୍‌ଘାଟନୀ ସମାରୋହ ପରେ ପ୍ରଥମ ମ୍ୟାଚରେ ସୋନପୁର ଟାଇବ୍ରେକର୍ ମାଧ୍ୟମରେ ତିଳେଶ୍ୱରକୁ ୪-୧ ବ୍ୟବଧାନରେ ହରାଇଛି।

## ଫୁଲମୁଠୀ ଗୋକୁଳାଷ୍ଟମୀ ଯାତ୍ରା ଉଦ୍‌ଯାପିତ



**ବିନିକା, ୨୫ ।୧୨(ସମିସ):** ବିନିକା ବ୍ଲକ ଅନ୍ତର୍ଗତ ଫୁଲମୁଠୀରେ ୮ଦିନଧରି ଚାଲିଥିବା ଗୋକୁଳାଷ୍ଟମୀ ଯାତ୍ରା ମହୋତ୍ସବ ଗତକାଲି ରାତିରେ ସମ୍ପନ୍ନ ହୋଇଛି। ମହୁଲଟିକ୍ରା ପଡିଆ ମଥୁରା ନଗରୀରେ ସନ୍ଧ୍ୟାରୁ ରାତି ପର୍ଯ୍ୟନ୍ତ ପୌରାଣିକ ନାଟକ ମାଧ୍ୟମରେ କଂସର ନିଖୁଣ ଅଭିନୟ ଏବଂ କୃଷ୍ଣ-ବଳରାମଙ୍କୁ ମାରିବା ପାଇଁ ଅସୁର ପ୍ରେରଣ ଦୃଶ୍ୟ ହଜାର ହଜାର ଲୋକଙ୍କୁ ବେଶ ଆକୃଷ୍ଟ କରିଥିଲା। ସେହିପରି ଗୋପପୁର ଆଖ୍ୟା ବହନ କରିଥିବା ଫୁଲମୁଠୀ ମାହେଶ୍ୱରୀ ମନ୍ଦିର ମଣ୍ଡପ ଏବଂ ସନ୍ଧ୍ୟାରେ ମେଲଣ ପଡ଼ିଆରେ ପ୍ରଭୁ ଶ୍ରୀକୃଷ୍ଣ ଓ ବଳରାମଙ୍କ ଲୀଳା,କଂସ ପ୍ରେରିତ ଅସୁରଙ୍କୁ ନିଧନ,ଦୋଳ ଲୀଳା,କାଳୀୟ ନାଗର ଶରଣାପନ୍ନ ଆଦି ଅନେକ ଦୃଶ୍ୟ ପ୍ରଦର୍ଶିତ ହୋଇଥିଲା। ଚାଷୀନେତା ଭୀମସେନ ସାହୁ, ସଚେତନ ନାଗରିକ ପ୍ରମୋଦ ଦାଶ, ଯାତ୍ରା ମୁଖ୍ୟ ପୂଜକ ଗଣେଶରାମ ଦାଶ, ରାଜକୁମାର ମିଶ୍ର, ଯୁବ ସଂଗଠକ ଅନ୍ତର୍ଯ୍ୟାମୀ ପଣ୍ଡା, ଯାତ୍ରା କମିଟି ସଭାପତି ଆନନ୍ଦ ହୋତା, କମିଟିର ସକ୍ରିୟ ସଦସ୍ୟ ନୀଳାମ୍ବର ସାହୁ, ଦୀପ୍ତିକାନ୍ତ କର୍ଣ୍ଣ, ରଞ୍ଜନ ନାଏକ, ପ୍ରକାଶ ରଥ, ସୁଧୀର ପଣ୍ଡା, ଜୁବୁଲି ପଣ୍ଡା, ବନ ବିହାରି ମେହେର ପ୍ରମୁଖ କର୍ମକର୍ତ୍ତାଙ୍କ ସହ କମିଟି ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ମହାରାଜ କଂସଙ୍କ ଆଦେଶ କ୍ରମେ ଦରବାରକୁ ନୀଳାମ୍ବର ସାହୁ ସଂଯୋଜନା କରିଥିଲେ। ଦରବାରରେ ନାଚ,ଗୀତ ପରିବେଷଣ କରିଥିବା କଳା ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ଦିଗରେ ପୁଲିସ ବାହିନୀଙ୍କ ସହ କମିଟି ସଦସ୍ୟ ସହଯୋଗ କରିଥିଲେ।

# ବରପଦର ଶ୍ରୀରାମ କ୍ରିକେଟ୍ ପ୍ରତିଯୋଗିତା: ଜୁନାନୀ ଚାମ୍ପିଅନ

**ପଲଶାଗୋରା, ୨୫।୧୨(ସମିସ)**

କଣ୍ଟାମାଳ ବ୍ଲକ ରୁଣ୍ଡିମହୁଲ ପଞ୍ଚାୟତ ବରପଦର ଶ୍ରୀରାମ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ କ୍ରିକେଟ ପ୍ରତିଯୋଗିତା ସୋମବାର ଉଦଯାପିତ ହୋଇଯାଇଛି। ଫାଇନାଲ ଖେଳ ଜୁନାନୀ ଓ କଣ୍ଟାମାଳ ଦଳ ମଧ୍ୟରେ ୩ଟି ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟ ୧୨ ଓଭର ବିଶିଷ୍ଟ ଖେଳରେ ଜୁନାନୀ ଦଳ ୬ ଉଇକେଟ ହରାଇ ୯୭ ରନ କରିଥିଲା। ଜବାବରେ କଣ୍ଟାମାଳ ଦଳ ୬୩ ରନରେ ସମସ୍ତ ଉଇକେଟ ହରାଇଥିଲା। ଦ୍ୱିତୀୟ ଫର୍ମାଟ ୬ ଓଭର ବିଶିଷ୍ଟ ମ୍ୟାଚରେ ଜୁନାନୀ ୪ ଉଇକେଟ ହରାଇ ୬୪ ରନ କରିଥିଲା ଜବାବରେ କଣ୍ଟାମାଳ ୪ ଉଇକେଟ ହରାଇ ୬୫ ରନ କରିଥିଲା। ଉଭୟ ଦଳ ଗୋଟିଏ ଗୋଟିଏ ମ୍ୟାଚ ଜିତିବାରୁ ତୃତୀୟ ଫର୍ମାଟ ୨ ଓଭର ବିଶିଷ୍ଟ ମ୍ୟାଚରେ ଜୁନାନୀ ଦଳ ୩୧ ରନ କରିଥିଲା ବେଳେ କଣ୍ଟାମାଳ




କେବଳ ୧୯ କରି ପରାସ୍ତ ହୋଇଥିଲା। ଫଳରେ ଜୁନାନୀ ଦଳ ଚଳିତ ବର୍ଷର ଚାମ୍ପିଅନ ହୋଇଛି। ମ୍ୟାଚ୍‌ରେ ଅମ୍ପାୟାର ଭାବେ ସନ୍ତୋଷ ସାହୁ ଓ ମନୋଜ ଦନ୍ତା ଥିବା ବେଳେ ସ୍କୋରର ସୌରଭ ଦଣ୍ଡିଆ ଥିଲେ। ବିବେକାନନ୍ଦ ମହାକୁଡ଼, ସୁଧାଂଶୁ ମହାକୁଡ଼, ଅଜିତ ବାଘ ଧାରାବିବରଣୀ ଦେଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ତଥା ବରିଷ୍ଠ ବିଜେଡି ନେତା ଶଙ୍କର୍ଷଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ ବିଜେପି ବରିଷ୍ଠ ନେତା କହ୍ନେଇ ଚରଣ ଡାଙ୍ଗ, ରୁଣ୍ଡିମହୁଲ ସେବା ସମବାୟ ସମିତି ସଭାପତି ସୁଧୀର ଖଟୁଆ, ବିଧାୟକ ପ୍ରତିନିଧି ତଥା ବିଜେଡି ଯୁବନେତା ସୁଧାଂଶୁ ରଣା, ସ୍ୱେଚ୍ଛାସେବୀ ସୁଧୀର ଗୁରୁ, ସ୍ଥାନୀୟ ସରପଞ୍ଚ ପଞ୍ଚାନନ ସାହୁ, ସ୍ୱେଚ୍ଛାସେବୀ ଉମାକାନ୍ତ ବାରିକ, ସରକାରୀ ଓକିଲ ରାଧାବଲ୍ଲଭ ପ୍ରଧାନ, ବିଜେପି ନେତା ଅନିଲ ପ୍ରଧାନ, ଜିଲ୍ଲା କ୍ରିକେଟ ସଙ୍ଘ ସଦସ୍ୟ ରାମଚନ୍ଦ୍ର ମଲିକ, ପୂର୍ବତନ କ୍ରିକେଟ ଖେଳାଳି ରଘୁନାଥ ମିଶ୍ର, ନିବେଦନ ସାହୁ, ଅକ୍ରୁର ପ୍ରଧାନ ଯୋଗ ଦେଇଥିଲେ। ମ୍ୟାନ ଅଫ ଦି ସିରିଜ ଜୁନାନୀ ଦଳର ସତ୍ୟ ଓ ମ୍ୟାନ ଅଫ ଦି ମ୍ୟାଚ ମଧ୍ୟ ସତ୍ୟଙ୍କୁ ପ୍ରଦାନ କରାଯାଇଥିଲା। ଦର୍ଶକଙ୍କ ପାଇଁ ତିନି ଜଣଙ୍କୁ ଲକିଡ୍ର ମାଧ୍ୟମ ସଂପତି ଦାଣ୍ଡିଆ, କରୁଣା କର ପ୍ରଧାନ, ଭାଗିରଥି ମାଝୀ ପୁରସ୍କାର ଦିଆଯାଇଥିଲା। ପୁରସ୍କାର ବିତରଣୀ ଉତ୍ସବକୁ ସୁଧାଂଶୁ ଶେଖର ମହାକୁଡ଼ ପରିଚାଳନା କରିଥିଲେ। କମିଟି ମୁଖ୍ୟ ସଂକେତ ସାହୁ, ଚିନ୍ମୟ ସାହୁ, ଅମିତ ପ୍ରଧାନ, ପିଙ୍କୁ ପ୍ରଧାନ, ତ୍ରିଦେବ ପ୍ରଧାନ, ରଜତ ପ୍ରଧାନ, ସରୋଜ ବରର୍ତି, ଚନ୍ଦନ ପ୍ରଧାନ, ପ୍ରଶାନ୍ତ ଦାସ, ସୁରୁବାବୁ, ରିଙ୍କୁ ପ୍ରଧାନ, ବାଦଲ ଅମାତ, ଜୀନୁ ସାହୁ ଓ କମିଟି ସଦସ୍ୟ ସହଯୋଗ କରିଥିଲେ।

**● ସର୍ବଭାରତୀୟ ୨ତମ ଲୁଡୁରପଙ୍କ କ୍ରିକେଟ୍ କପ୍**

# ଏନ୍‌ଏନ୍‌ଏସ୍ ପ୍ରୟାଗରାଜ ଫାଇନାଲରେ

**ବୀରମହାରାଜପୁର, ୨୫।୧୨(ସମିସ):** ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁଡୁରପଙ୍କସ୍ଥିତ ହାଇସ୍କୁଲ ଖେଳ ପଡ଼ିଆରେ ହେଉଥିବା ୨୭ତମ ସର୍ବଭାରତୀୟ ଜୟ ଜଗନ୍ନାଥ ଲୁଡୁରପଙ୍କ କ୍ରିକେଟ କପ୍ ସୋମବାର ମ୍ୟାଚ୍ ଟି ଏନଏନଏସ କ୍ରିକେଟ ଏକାଡେମି ପ୍ରୟାଗରାଜ ଓ ସ୍ୱାର୍ଟନ ଭୁବନେଶ୍ୱର ମଧ୍ୟରେ ହୋଇଥିଲା। ଟି-୨୦ ଫର୍ମାଟ୍‌ରେ ପ୍ରୟାଗରାଜ ପ୍ରଥମେ ବ୍ୟାଟିଂ କରି ୭ ଉଇକେଟ ହରାଇ ୧୫୪ରନ କରିଥିଲା। ଜବାବରେ ଭୁବନେଶ୍ୱର ଦଳ ୧୯.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୩୩ରନ କରିଥିଲା। ଦ୍ୱିତୀୟ ଫର୍ମାଟରେ ପ୍ରୟାଗରାଜ ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ହରାଇ ୧୩୩ରନ କରିଥିଲା। ଜବାବରେ ଭୁବନେଶ୍ୱର ଦଳ ନିର୍ଦ୍ଧାରିତ ୧୦ ଓଭରରେ ୯ ଉଇକେଟ ହରାଇ ୯୯ରନ କରିଥିଲା। ଉଭୟ ଫର୍ମାଟରେ ବିଜୟୀ ହୋଇ ପ୍ରୟାଗରାଜ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି।




ପୀତାମ୍ବର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରାଣୀ ଉତ୍ସବରେ ସୁବର୍ଣ୍ଣପୁର ଜିଲ୍ଲାପାଳ ବିମଳେନ୍ଦୁ ରାୟ ମୁଖ୍ୟଅତିଥି ଏବଂ ସୁବର୍ଣ୍ଣପୁର ଉପଜିଲ୍ଲାପାଳ ଡ. ଇପସିତା ପ୍ରିୟଦର୍ଶିନୀ ମିଶ୍ର ଓ ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟ ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମ୍ୟାଚଟିକୁ ଓସିଏ ମାନ୍ୟତାପ୍ରାପ୍ତ ଅମ୍ପାୟାର ତପନ ବେହେରା ଓ ବିଶ୍ୱଜିତ ପୁରୋହିତ ପରିଚୋଳନା କରିଥିବା ବେଳେ ବାଙ୍କା ବିହାରୀ ମହାକୁର ସ୍କୋରିଙ୍ଗ ଏବଂ ମ୍ୟାକମିଲନ ମହାକୁର ଧରାବିବରଣୀ ପ୍ରଦାନ କରିଥିଲେ।

## ୩ ଅପରାଧିକ ବିଲ୍ ଉପରେ ରାଷ୍ଟ୍ରପତିଙ୍କ ମୋହର



**ନୂଆଦିଲ୍ଲୀ,୨୫।୧୨(ଏଜେନ୍ସି):** ଗତ ସପ୍ତାହରେ ସଂସଦରେ ଅନୁମୋଦନ ପାଇଥିବା ୩ ନୂଆ ଅପରାଧିକ ବିଧେୟକ ଉପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୋହର ଲଗାଇଛନ୍ତି। ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସହିଂତା ଏବଂ ଭାରତୀୟ ସାକ୍ଷ୍ୟ ଆଇନ ଆଦି ତିନି ନୂଆ ବିଲ୍ ପ୍ରଥମେ ଲୋକସଭାରେ ପାରିତ ହେବା ପରେ ରାଜ୍ୟସଭାରେ ମଧ୍ୟ ବହୁମତରେ ପାରିତ ହୋଇଥିଲା। ଏହାପରେ ଏଗୁଡ଼ିକୁ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଗି ପଠାଯାଇଥିଲା ବେଳେ ସୋମବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହାକୁ ସ୍ୱୀକୃତି ଦେଇଛନ୍ତି। ଫଳରେ ଏହି ବିଧେୟକ ଏବେ ଆଇନରେ ପରିଣତ ହୋଇଛି। ଏହାଦ୍ୱାରା ଏହିସବୁ ଆଇନ ଏଣିକି ବ୍ରିଟିଶ ଅମଳର ଭାରତୀୟ ଦଣ୍ଡବିଧାନ ଆଇନ, ଅପରାଧିକ ଆଇନ ଏବଂ ଭାରତୀୟ ସାକ୍ଷ୍ୟ ଆଇନ, ୧୮୭୨ ବଦଳରେ କାର୍ଯ୍ୟକାରୀ ହେବ।

## ଦିନକରେ ୬୨୮ କରୋନା ରୋଗୀ ଚିହ୍ନଟ

**ନୂଆଦିଲ୍ଲୀ, ୨୫।୧୨ (ଏଜେନ୍ସି):** ଗତ ୨୪ ଘଣ୍ଟାରେ ଦେଶରୁ ୬୨୮ ନୂଆ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ଏଥିସହିତ ଚିକିତ୍ସାଧୀନ ରୋଗୀସଂଖ୍ୟା ୪,୦୫୨ରେ ପହଞ୍ଚି ଯାଇଛି। ତେବେ ଚିନ୍ତାର ବିଷୟ ଏହି କି ଯେ କରୋନାର ନୂଆ ପ୍ରଜାତି ଜେଏନ୍.୧ ମାମଲା ୬୩ ଛୁଇଁଛି। ଏ ପର୍ଯ୍ୟନ୍ତ ଗୋଆରୁ ୩୪ ଜଣ, ମହାରାଷ୍ଟ୍ରରୁ ୯ ଜଣ ଏବଂ କର୍ଣ୍ଣାଟକର ୮ ଜଣ ସଂକ୍ରମିତ ହେଲେଣି। କରୋନାରେ କେରଳ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି। ଏହି ରାଜ୍ୟରୁ ଦିନକରେ ୩୭୬ ରୋଗୀ ଚିହ୍ନଟ ହୋଇଛନ୍ତି। ଜଣେ ସଂକ୍ରମିତ ମଧ୍ୟ ପ୍ରାଣ ହରାଇଛନ୍ତି। ୩୭୬ ମାମଲାରେ ନୂଆ ପ୍ରଜାତିର ୬ ଜଣ ରୋଗୀ ସାମିଲ ଅଛନ୍ତି। ରାଜ୍ୟରେ ଗତ ୫ ଦିନରେ ୮ ଜଣ ରୋଗୀ ପ୍ରାଣ ହରାଇଲେଣି। କେରଳ ପରେ କର୍ଣ୍ଣାଟକ ଏବଂ ମହାରାଷ୍ଟ୍ରରୁ ସର୍ବାଧିକ ମାମଲା ଆସୁଛି। ମହାରାଷ୍ଟ୍ର ମନ୍ତ୍ରୀ ଧନଞ୍ଜୟ ମୁଣ୍ଡେ ମଧ୍ୟ କରୋନା ସଂକ୍ରମିତ ହୋଇଛନ୍ତି। ଏପରି ସମୟରେ ନୂଆ ପ୍ରଜାତିକୁ ନେଇ ସତର୍କ ରହିବା ଜରୁରୀ ବୋଲି ଆଇସିଏମଆରର ପୂର୍ବତନ ମହାନିର୍ଦ୍ଦେଶକ ଡ.ସୌମ୍ୟା ସ୍ୱାମୀନାଥାନ କହିଛନ୍ତି।



**ଜେଏନ୍.୧ ମାମଲା ୬୩ ଛୁଇଁଲା**

■ ସର୍ବିଆ ସରକାରଙ୍କ ବିରୋଧରେ ବିକ୍ଷୋଭ

## ସାରା ଦେଶରେ ଜଳାପୋଡ଼ା

**ବେଲଗ୍ରେଡ୍,୨୫।୧୨(ଏଜେନ୍ସି):** ସର୍ବିଆ ସରକାରଙ୍କ ବିରୋଧରେ ଏବେ ସାରା ଦେଶରେ ତୀବ୍ର ବିକ୍ଷୋଭ ଜାରି ରହିଛି। ଗତ ସପ୍ତାହରେ ଶେଷ ହୋଇଥିବା ସାଧାରଣ ନିର୍ବାଚନରେ ହୋଇଥିବା ଜାଲିଆତି କରାଯାଇଥିବା ଅଭିଯୋଗ କରି ସାରା ଦେଶରେ ଲୋକମାନେ ସରକାରଙ୍କ ବିରୋଧରେ ଏକାଠି ହୋଇଛନ୍ତି। ବିକ୍ଷୋଭକାରୀମାନେ ରବିବାର ରାଜଧାନୀ ବେଲଗ୍ରେଡ ସମେତ ବହୁ ପ୍ରମୁଖ ସହରରେ ହଙ୍ଗାମା କରି ଜଳାପୋଡ଼ା କରିଛନ୍ତି। ଏପରିକି ବେଲଗ୍ରେଡସ୍ଥିତ ଐତିହାସିକ ସିଟି ହଲ୍ ଭିତରକୁ ପ୍ରବେଶ କରିବାକୁ ବିକ୍ଷୋଭକାରୀମାନେ ଉଦ୍ୟମ କରିଛନ୍ତି। ଭିଡ଼କୁ ହଟାଇବା ପାଇଁ ପୁଲିସକୁ ଲୁହବୁହା ଗ୍ୟାସ୍ ପ୍ରୟୋଗ କରିବାକୁ ପଡ଼ିଛି। ଉଲ୍ଲେଖଯୋଗ୍ୟ ଯେ, ଏଠାରେ ଶେଷ ହୋଇଥିବା ସାଧାରଣ ନିର୍ବାଚନରେ ସରକାର ଜାଲିଆତି କରି ବିଜୟୀ ହୋଇଛନ୍ତି ବୋଲି ସାଧାରଣରେ ଅଭିଯୋଗ ଉଠିଛି। କିନ୍ତୁ ଏହାକୁ ମିଛ ଏବଂ ଭିତ୍ତିହୀନ ବୋଲି ରାଷ୍ଟ୍ରପତି ଆଲେକଜାଣ୍ଡର ଭୁସିକ୍ କହିଛନ୍ତି।

## ପିଡିପି ମୁଖ୍ୟ ମେହବୁବା ମୁଫ୍ତି ଗୃହବନ୍ଦୀ

**ଶ୍ରୀନଗର, ୨୫।୧୨ (ଏଜେନ୍ସି):** ଜମ୍ମୁ-କାଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିଡିପି ମୁଖ୍ୟ ମେହବୁବା ମୁଫ୍ତିଙ୍କୁ ସୋମବାର ଗୃହବନ୍ଦୀ କରାଯାଇଛି। ତାଙ୍କ ଦଳ ପକ୍ଷରୁ ଏହି ସୂଚନା ଦିଆଯାଇଛି। ମେହବୁବା ସକାଳେ ପୁଞ୍ଚରେ ପ୍ରାଣ ହରାଇଥିବା ସାଧାରଣ ନାଗରିକଙ୍କ ପରିବାରକୁ ଭେଟିବାକୁ ଯିବାର ଥିଲା। କିନ୍ତୁ ଏହା ପୂର୍ବରୁ ତାଙ୍କୁ ନଜରବନ୍ଦୀ କରାଯାଇଥିଲା।

## ୪ ମାସର ଶିଶୁକୁ ଝୁଣିପକାଇଲେ କୁକୁର

**ହାଇଦରାବାଦ, ୨୫।୧୨ (ଏଜେନ୍ସି):** ଦେଶରେ କୁକୁର କାମୁଡ଼ା ଘଟଣା ଦିନକୁ ଦିନ ବଢିବାରେ ଲାଗିଛି। ଏବେ ହାଇଦରାବାଦର ସେକପେଟ ବିନୋବା ନଗର ଅଞ୍ଚଳ ବସ୍ତିରେ ବୁଲା କୁକୁରଙ୍କ ଆକ୍ରମଣରେ ୪ ମାସର ଶିଶୁର ମୃତ୍ୟୁ ହୋଇଛି। ଗତ ୮ ତାରିଖରେ ଏହି ଆକ୍ରମଣ ଘଟିଥିଲା। ଘରେ ଶିଶୁକୁ ଶୁଆଇ ବାପାମାଆ କାମ କରିବାକୁ ଯାଇଥିବାବେଳେ ବୁଲା କୁକୁରଙ୍କ ଏକ ଦଳ ଶିଶୁଟି ଉପରେ ଆକ୍ରମଣ କରିଥିଲେ। ଏଥିରେ ଶିଶୁଟି ଗୁରୁତର ଆହତ ହୋଇଥିଲା। ୧୭ ଦିନ ଚିକିତ୍ସାପରେ ଶେଷରେ ଶିଶୁଟି ସୋମବାର ପ୍ରାଣ ହରାଇଥିଲା।

## ଲେଫ୍ଟନାଣ୍ଟ କର୍ଣ୍ଣେଲ କରଣବୀର ସହିଦ

୮ ବର୍ଷ ହେଲା କୋମାରେ ଥିଲେ

ସହଯୋଗୀକୁ ବଞ୍ଚାଇବାକୁ ନିଜେ ଗୁଳି ଖାଇଥିଲେ

**ଜଳନ୍ଧର, ୨୫।୧୨ (ଏଜେନ୍ସି):** ଲେଫ୍ଟନାଣ୍ଟ ଜେନେରାଲ କରଣବୀର ସିଂହ ନତ୍ତ ଅମର ହୋଇ ଯାଇଛନ୍ତି। ସେ ରବିବାର ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଏହି ଭାରତୀୟ ବୀର ୮ ବର୍ଷ ହେଲା କୋମାରେ ଥିଲେ। ଜଳନ୍ଧରର ସେନା ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ସେ କିଛି ଖାଇ ପାରୁ ନ ଥିଲେ। ପାଇପ ମାଧ୍ୟମରେ ତାଙ୍କୁ ତରଳ ଖାଦ୍ୟ ଦିଆଯାଉଥିଲା। ତାଙ୍କ ବୀରତ୍ୱର ଗାଥା ସବୁବେଳେ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବ। କରଣବୀର ନିଜ ସହଯୋଗୀଙ୍କୁ ବଞ୍ଚାଇବା ପାଇଁ ଶତ୍ରୁର ଗୁଳିକୁ



ନିଜ ଶରୀରକୁ ନେଇ ଯାଇଥିଲେ। ଶୌର୍ଯ୍ୟ ଚକ୍ର ବିଜେତା ଅବସରପ୍ରାପ୍ତ ବ୍ରିଗେଡିୟର ହରଦୀପ ସିଂହ ସୋହି ତାଙ୍କୁ ଶ୍ରଦ୍ଧାଞ୍ଜଳୀ ଦେଇଛନ୍ତି। ୨୦୧୫ ନଭେମ୍ବର ୨୨ରେ ଘାଟୀର କୁପୱାଡ଼ା ଜଙ୍ଗଲରେ ଆତଙ୍କବାଦୀ ନିରୋଧୀ ଅଭିଯାନ ଚାଲିଥିଲା। କରଣବୀର ସିଂହ ସହଯୋଗୀ ଯବାନଙ୍କ ସହ ହାଜି ନାକା ଗ୍ରାମରେ ତଲାସୀ ଅଭିଯାନ ଚଳାଇ ଥିଲେ। ଏହି ସମୟରେ ଆତଙ୍କବାଦୀ ସେନା ଉପରେ ଆକ୍ରମଣ କରି ଦେଇଥିଲେ। ଆତଙ୍କବାଦୀ ଗୁଳି ଚଳାଇବା ସମୟରେ କରଣବୀର ଜୀବନ ବଞ୍ଚାଇବା ଜଣେ ସହଯୋଗୀ ସୈନିକଙ୍କୁ ଧକ୍କା ଦେଇଥିଲେ। ଏହି ସମୟରେ ଗୁଳି ତାଙ୍କ ମୁହଁରେ ବାଜିଥିଲା। ଥୋଡ଼ି ରକ୍ତ ଜୁଡୁବୁଡୁ ହୋଇ ଯାଇଥିବା ସତ୍ତ୍ୱେ ସେ ଶତ୍ରୁକୁ ଦୃଢ଼ ଜବାବ ଦେଇଥିଲେ। ଏହି ବୀରତା ପାଇଁ ତାଙ୍କୁ ସେନା ମେଡାଲରେ ମଧ୍ୟ ସମ୍ମାନିତ କରାଯାଇଥିଲା। ତାଙ୍କର ଅଧା ମୁହଁ କ୍ଷତିଗ୍ରସ୍ତ ହୋଇଥିଲା ଏବଂ ଜିଭ ଛିଣ୍ଡି ଯାଇଥିଲା। କରଣବୀର ୧୬୦ ପ୍ରାଦେଶିକ ସେନା (ଜେଏକେ ରାଇଫଲ୍ସ) ର ସେକେଣ୍ଡ-ଇନ-କମାଣ୍ଡ ଥିଲେ। ୧୯୭୬ ମାର୍ଚ୍ଚ ୧୮ରେ ପଞ୍ଜାବର ବଟାଲାରେ ସେ ଜନ୍ମଗ୍ରହଣ କରିଥିଲେ।

ଖ୍ରୀଷ୍ଟମାସ୍‌ରେ ସାରା ବିଶ୍ୱ ଉତ୍ସବମୁଖର

# ଯୁଦ୍ଧ ଘନଘଟା ମଧ୍ୟରେ ବେଥଲହେମ୍ ଖାଁ ଖାଁ

**ତେଲ୍ ଆଭିଭ୍,୨୫।୧୨(ଏଜେନ୍ସି)**

ଖ୍ରୀଷ୍ଟମାସକୁ ନେଇ ସାରା ବିଶ୍ୱ ଉତ୍ସବମୁଖର ହୋଇପଡ଼ିଛି। ପବିତ୍ର ବଡ଼ ଦିନରେ କେବଳ ଖ୍ରୀଷ୍ଟିଆନ ଧର୍ମାଲମ୍ବୀ ନୁହନ୍ତି, ବରଂ ସବୁ ସଂପ୍ରଦାୟର ଲୋକ ଏହି ଦିନକୁ ଆନନ୍ଦ ଉଲ୍ଲାସରେ ପାଳନ କରିଛନ୍ତି। ଆମେରିକା ଠାରୁ ୟୁରୋପ, ଆଫ୍ରିକା ଠାରୁ ଅଷ୍ଟ୍ରେଲିଆ ସବୁ ସ୍ଥାନରେ ଆଲୋକ ସଜ୍ଜା ଏବଂ ରଙ୍ଗବେରଙ୍ଗ କାର୍ଯ୍ୟକ୍ରମ ସହ ବଡ଼ ଦିନ ପାଳନ କରାଯାଇଥିଲା ବେଳେ ନୂଆ ବର୍ଷ ପର୍ଯ୍ୟନ୍ତ ସପ୍ତାହବ୍ୟାପି କାର୍ଯ୍ୟକ୍ରମ ପରିବେଷଣକୁ ନେଇ ଲୋକମାନେ ଉତ୍ସବମୁଖର ହୋଇପଡ଼ିଛନ୍ତି। କିନ୍ତୁ ଏହି ପବିତ୍ର ଦିନରେ ପ୍ରଭୁ ଯୀଶୁଙ୍କ ଜନ୍ମସ୍ଥଳ ବେଥଲହେମ୍ ଖାଁ ଖାଁ ହୋଇପଡ଼ିଛି। ହମାସ୍ ଏବଂ ଇସ୍ରାଏଲ ମଧ୍ୟରେ ଲାଗି ରହିଥିବା ଘନଘୋଟ ଯୁଦ୍ଧ ମଧ୍ୟରେ ଚଳିତ ବର୍ଷ ବେଥଲହେମ୍ ସହର ଏକପ୍ରକାର ଅନ୍ଧକାରମୟ ହୋଇପଡ଼ିଥିଲା ବେଳେ ଏଠାକାର ଆକାଶ କେବଳ ବାରୁଦ ଧୂଆଁରେ ଭର୍ତ୍ତି ହୋଇଯାଇଛି। ଉଲ୍ଲେଖଯୋଗ୍ୟ ଯେ, ପ୍ରତିବର୍ଷ ବଡ଼ ଦିନରେ ଯୀଶୁଙ୍କ ଜନ୍ମପୀଠ ବେଥଲହେମ୍ ସହର ଲୋକାରଣ୍ୟ ହୋଇପଡ଼େ। ଡିସେମ୍ବର ୨୫ର ଯଥେଷ୍ଟ ପୂର୍ବରୁ ଏଠାକାର ରାସ୍ତାଘାଟ ଆଲୋକ ସଜ୍ଜିତ ହେବା ସହିତ ସବୁଆଡେ ଖ୍ରୀଷ୍ଟମାସ୍ ଟ୍ରି'ର ସମ୍ଭାର ଭିନ୍ନ ପରିବେଶ ସୃଷ୍ଟି କରିଥାଏ। କେବଳ ଇସ୍ରାଏଲ କିମ୍ବା ଏହାର ଆଖପାଖ ଦେଶ ନୁହେଁ, ବିଶ୍ୱର ବିଭିନ୍ନ ଭାଗରୁ ଜାତିବର୍ଣ୍ଣ ନିର୍ବିଶେଷରେ ଏହି ଦିନରେ ପର୍ଯ୍ୟଟକମାନଙ୍କ ଭିଡ଼ ଜମେ। ପ୍ରାୟ ୫ରୁ ୭ ଦିନ ପର୍ଯ୍ୟନ୍ତ ଚାଲୁ ରହିଥିବା ଖ୍ରୀଷ୍ଟମାସ୍ ସେଲିବ୍ରେସନରେ ହଜାର ହଜାର ଲୋକ ଆନନ୍ଦ ଉଠାନ୍ତି। କିନ୍ତୁ ଚଳିତବର୍ଷ ଏଭଳି କିଛି ଦେଖାଯାଇ ନାହିଁ। ବରଂ ଘମାଘୋଟ ଯୁଦ୍ଧକୁ ନେଇ ଏବର୍ଷ ବେଥଲହେମ୍ ସହରରେ ଖ୍ରୀଷ୍ଟମାସ୍ ଉତ୍ସବ ପାଳନ ବନ୍ଦ ରଖାଯାଇଛି। ଇସ୍ରାଏଲ ଅଧୀନରେ ରହିଥିବା ୱେଷ୍ଟବ୍ୟାଙ୍କର ଜେରୁଜେଲମ ସହରର ନିକଟବର୍ତ୍ତୀ ବେଥଲହେମ୍ ଏବେ ପୁରା ଖାଁ ଖାଁ ହୋଇପଡ଼ିଛି। ଏଠାରେ ରାସ୍ତାଘାଟରେ କେବଳ ସୁରକ୍ଷାକର୍ମୀ ପଇଁତରା ମାରୁଛନ୍ତି। ବଡ଼ ଦିନରେ ଖ୍ରୀଷ୍ଟମାସ୍ ପାଳନ ବେଳେ ବେଥଲହେମ୍ ସହରର ମାଙ୍ଗେର ସ୍କୋୟାର ସବୁଠୁ ଅଧିକ ଜନଗହଳି ହୋଇପଡ଼େ। ବେଥଲହେମ୍‌ର କେନ୍ଦ୍ରସ୍ଥଳରେ ରହିଥିବା ଏହି ଅଞ୍ଚଳରେ ପ୍ରଭୁ ଯୀଶୁଙ୍କ ଜନ୍ମ ବୃତ୍ତାନ୍ତକୁ ନେଇ ବହୁ ବଡ଼ ବଡ଼ ମୂର୍ତ୍ତି ପ୍ରସ୍ତୁତ ହୋଇଥାଏ। ମଦର ମେରୀ ଛୋଟ ଶିଶୁକୁ କୋଳରେ ଧରି ବସିଥିବାର ଦୃଶ୍ୟ ପର୍ଯ୍ୟଟକମାନଙ୍କୁ ସବୁଠାରୁ ବେଶୀ ଆକର୍ଷିତ କରିଥାଏ। ହେଲେ ଏବେ ଏହି ସହରକୁ ଲାଗି ରହିଥିବା ଅଞ୍ଚଳରେ ଦିନକୁ ଶହ ଶହ ଶିଶୁଙ୍କ ଯେଭଳି ମୃତ୍ୟୁ ହେବାରେ ଲାଗିଛି ତାହାକୁ ଅନେକ ସହଜରେ ହଜମ କରିପାରୁନାହାନ୍ତି। ଇତିମଧ୍ୟରେ ଇସ୍ରାଏଲ ଆକ୍ରମଣରେ ଗାଜାରେ ପ୍ରାୟ ୨୨ ହଜାର ଲୋକଙ୍କ ମୃତ୍ୟୁ ହୋଇସାରିଥିଲା ବେଳେ ସେମାନଙ୍କ ମଧ୍ୟରୁ କେବଳ ମହିଳା ଏବଂ ଶିଶୁଙ୍କ ସଂଖ୍ୟା ସର୍ବାଧିକ ରହିଛି। ଗତ ତିନି ଦିନ ମଧ୍ୟରେ ଇସ୍ରାଏଲ ସେନାର ଏୟାରଷ୍ଟ୍ରାଇକ୍‌ରେ ଅନ୍ୟୂନ ୫୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇସାରିଲାଣି। ଗତକାଲି କେନ୍ଦ୍ରୀୟ ଗାଜାରେ ୨୦୦ ପାଲେଷ୍ଟେନୀୟଙ୍କ ମୃତ୍ୟୁ ହୋଇଥିଲା ବେଳେ ସୋମବାର ମଧ୍ୟ ଇସ୍ରାଏଲ ଆକ୍ରମଣରେ ୬୮ ଲୋକଙ୍କ ମୃତ୍ୟୁ ହୋଇଥିବା କୁହାଯାଇଛି। ଏମାନଙ୍କ ମଧ୍ୟରେ ସର୍ବାଧିକ ମହିଳା ଏବଂ ଶିଶୁ ରହିଥିବା ଗାଜା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।



**ଇସ୍ରାଏଲ ଏୟାରଷ୍ଟ୍ରାଇକ୍‌ରେ ୬୮ ଜଣଙ୍କ ମୃତ୍ୟୁ**

### ୧୦୦ ବର୍ଷ ପରେ ଡିସେମ୍ବରରେ ଖ୍ରୀଷ୍ଟମାସ୍ ପାଳନକଲା ୟୁକ୍ରେନ

**କିଭ୍,୨୫।୧୨(ଏଜେନ୍ସି):** ପ୍ରାୟ ୧୦୦ ବର୍ଷ ପରେ ପ୍ରଥମ ଥର ପାଇଁ ୟୁକ୍ରେନ ଡିସେମ୍ବର ମାସରେ ଖ୍ରୀଷ୍ଟମାସ ପାଳନ କରିଛି। ୧୯୧୭ ମସିହା ପରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ୟୁକ୍ରେନରେ ଡିସେମ୍ବର ୨୫ରେ ବଡ଼ ଦିନକୁ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ପାଳନ କରାଯାଇଥିବା ଦେଖାଯାଇଛି। ଜୁଲିୟନ କ୍ୟାଲେଣ୍ଡର ଅନୁସାରେ ପୂର୍ବରୁ ପ୍ରତିବର୍ଷ ଜାନୁଆରୀ ୭ରେ ଏଠାରେ ଖ୍ରୀଷ୍ଟମାସ ପାଳନ କରାଯାଏ। ସାଧାରଣତଃ 'ଅର୍ଥୋଡକ୍ସ ଖ୍ରୀଷ୍ଟିଆନ' ୟୁକ୍ରେନ ସମେତ ରୁଷିଆରେ ମଧ୍ୟ ଏହି ଦିନରେ ଖ୍ରୀଷ୍ଟମାସ୍ ପାଳନ କରିଥାଆନ୍ତି। କିନ୍ତୁ ଏଥର ୟୁକ୍ରେନ ଏହି ପରମ୍ପରା ଭାଙ୍ଗିଛି। ଏହି ପର୍ବ ପାଳନର ଦିନାଙ୍କ ବଦଳାଇ ୟୁକ୍ରେନ୍ ଏହାର ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ଥିବା ରୁଷ୍‌ର ପ୍ରଭାବ ହ୍ରାସ କରିବାକୁ ଚାହୁଁଛି ବୋଲି କୁହାଯାଇଛି।

## କାଶ୍ମୀରରେ ୩ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟଣା | ବ୍ରିଗେଡିୟରଙ୍କ ସମେତ ୪ ସେନାଧିକାରୀଙ୍କ ବଦଳି

**ନୂଆଦିଲ୍ଲୀ,୨୫।୧୨(ଏଜେନ୍ସି):** ରାଜୌରୀ ଏବଂ ପୁଞ୍ଚ ଅଞ୍ଚଳରେ ସୁରକ୍ଷାକର୍ମୀଙ୍କ ହେପାଜତରେ ଥିବା ତିନି ସାଧାରଣ ନାଗରିକଙ୍କ ମୃତ୍ୟୁ ହେବା ଘଟଣାକୁ ନେଇ ସଂପୃକ୍ତ ଅଞ୍ଚଳରେ ଉତ୍ତେଜନା ଦେଖାଯାଇଛି। ଏହି ତିନି ଜଣ ସୁରକ୍ଷାକର୍ମୀଙ୍କ ଅତ୍ୟାଚାରର ଶିକାର ହୋଇ ମୃତ୍ୟୁବରଣ କରିଥିବା ଦାବି କରି ସ୍ଥାନୀୟ ଲୋକଙ୍କ ପକ୍ଷରୁ ବିକ୍ଷୋଭ କରାଯାଇଛି। ଇତିମଧ୍ୟରେ ତିନି ମୃତକଙ୍କ ମରଶରୀରକୁ ସତ୍କାର କରାଯାଇସାରିଥିଲା ବେଳେ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ଦୁଇ ଜିଲ୍ଲାରେ ଇଣ୍ଟରନେଟ୍ ସେବା ବନ୍ଦ କରିଦିଆଯାଇଛି। ଅନ୍ୟପକ୍ଷରେ ଏହି ଘଟଣାର ଯାଞ୍ଚ ପାଇଁ ଭାରତୀୟ ସେନା ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା ବେଳେ ଜଣେ ବ୍ରିଗେଡିୟରଙ୍କ ସହ ଅନ୍ୟ ତିନି ସେନା ଅଧିକାରୀଙ୍କୁ ଏହି ଅଞ୍ଚଳରୁ ଅନ୍ୟତ୍ର ବଦଳି କରାଯାଇଥିବା କୁହାଯାଇଛି। ସ୍ଥଳସେନା ମୁଖ୍ୟ ଜେନେରାଲ ମନୋଜ ପାଣ୍ଡେ ସୋମବାର ଜମ୍ମୁ ଗସ୍ତ କରି ସୁରକ୍ଷା ସ୍ଥିତି ସମୀକ୍ଷା କରିବା ସହିତ ଡେରା କି ଗଲି ଏନକାଉଣ୍ଟର ସ୍ଥଳ ବୁଲି ଦେଖିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଏହି ଅଞ୍ଚଳରେ ସେନା ଗାଡ଼ି ଯାଉଥିଲା ବେଳେ ଏହା ଉପରକୁ ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ। ଏହି ଘଟଣାରେ ୫ ଯବାନ ସହିଦ ହୋଇଥିଲେ।



## ଖାଇକୁ ଖସିଲା ବରଯାତ୍ରୀ ବସ୍; ୩ ମୃତ

**ଶ୍ରୀନଗର, ୨୫।୧୨ (ଏଜେନ୍ସି):** ଜମ୍ମୁ-କାଶ୍ମୀର ରିଆସିର ଦାମିନୀ ଅଞ୍ଚଳରେ ଏକ ବରଯାତ୍ରୀ ବସ୍ ସୋମବାର ସକାଳେ ନିୟନ୍ତ୍ରଣ ହରାଇ ଖାଇକୁ ଖସି ପଡ଼ିଛି। ଏହି ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ହୋଇଛି। ୯ ମହିଳାଙ୍କ ସମେତ ୧୨ରୁ ଅଧିକ ଲୋକ ଆହତ ହୋଇଛନ୍ତି। ୪ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଏହି ବସ୍‌ଟି ବଲମତକୋଟେରୁ ବଦର ଗ୍ରାମକୁ ଯାଉଥିଲା।

ମୋହନ ଯାଦବଙ୍କ ମନ୍ତ୍ରିମଣ୍ଡଳରେ ୨୮ ସାମିଲ

# ୧୭ ନୂଆ ମୁହଁ; ୧୮ ଜଣଙ୍କୁ କ୍ୟାବିନେଟ୍ ପାହ୍ୟା

**ଭୋପାଳ,୨୫।୧୨(ଏଜେନ୍ସି)**




ମଧ୍ୟପ୍ରଦେଶରେ ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କ ମନ୍ତ୍ରିମଣ୍ଡଳର ସଂପ୍ରସାରଣ ହୋଇଛି। ସୋମବାର ୨୮ ଜଣ ମନ୍ତ୍ରୀ ଶପଥ ଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୧୮ ଜଣଙ୍କୁ କ୍ୟାବିନେଟ ପାହ୍ୟା ସହିତ ୬ ଜଣ ସ୍ୱାଧୀନ ଦାୟିତ୍ୱ ଏବଂ ୪ ଜଣ ରାଷ୍ଟ୍ରମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଏହାଦ୍ୱାରା ମଧ୍ୟପ୍ରଦେଶ ମନ୍ତ୍ରିମଣ୍ଡଳ ସଦସ୍ୟଙ୍କ ସଂଖ୍ୟା ୩୧ରେ ପହଞ୍ଚିଛି। ପୂର୍ବରୁ ମୁଖ୍ୟମନ୍ତ୍ରୀ ଯାଦବଙ୍କ ସହ ଜଗଦୀଶ ଦେବଡା ଏବଂ ରାଜେନ୍ଦ୍ର ଶୁକ୍ଳା ଉପମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିସାରିଛନ୍ତି। ଯେଉଁମାନଙ୍କୁ କ୍ୟାବିନେଟ୍ ପାହ୍ୟା ମିଳିଛି ସେମାନଙ୍କ ମଧ୍ୟରେ କୈଲାସ ବିଜୟବର୍ଗୀୟ, ପ୍ରଦ୍ୟୁମ୍ନ ସିଂହ ତୋମାର, ତୁଳସୀ ସିଲାୱତ, ଏଡାଲ ସିଂ କସାନା, ନାରାୟଣ ସିଂହ କୁଶୱାହା, ବିଜୟ ଶାହା, ରାକେଶ ସିଂ, ପ୍ରହ୍ଲାଦ ପଟେଲ, କରଣ ସିଂ ବର୍ମା, ସମ୍ପତିୟା ୱିକେ, ଉଦୟ ପ୍ରତାପ ସିଂ, ନିର୍ମଳା ଭୂରିଆ, ଶ୍ୱାସ ସାରଙ୍ଗ, ଗୋବିନ୍ଦ ସିଂ ରାଜପୁତ, ଇନ୍ଦ୍ର ସିଂ ପରମାର, ନାଗର ସିଂ ଚୌହାନ, ଚୈତନ୍ୟ କଶ୍ୟପ ଓ ରାକେଶ ଶୁକ୍ଳା ରହିଛନ୍ତି। ସେହିପରି ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ମାନେ ହେଲେ କ୍ରିଷ୍ଣା ଗୌର, ଧର୍ମେନ୍ଦ୍ର ଲୋଧି, ଦିଲ୍ଲୀପ ଜୟସ୍ୱାଲ, ଗୌତମ ଟେଟ୍ୱାଲ, ଲେଖା ପଟେଲ, ନାରାୟଣ ପାୱାର। ସବୁଠାରୁ ବଡ଼ କଥା ହେଲା ଏହି ସଂପ୍ରସାରଣରେ ୧୭ ନୂଆ ମୁହଁ ରହିଛନ୍ତି। ଅନ୍ୟପକ୍ଷରେ ଶିବରାଜ ସିଂ ଚୌହାନ ସରକାରରେ ସାମିଲ ଥିବା ୧୦ ପୂର୍ବତନ ମନ୍ତ୍ରୀଙ୍କୁ ଯାଦବଙ୍କ ସରକାରରେ ସ୍ଥାନ ମିଳି ନାହିଁ। ୧୦ ଥର ବିଧାୟକ ରହିଥିବା ପୂର୍ବତନ ମନ୍ତ୍ରୀ ଗୋପାଳ ଭାର୍ଗବଙ୍କ ଠାରୁ ଆରମ୍ଭ କରି ଭୁପେନ୍ଦ୍ର ସିଂ, ବ୍ରିଜେନ୍ଦ୍ର ପ୍ରତାପ ସିଂ, ଉଷା ଠାକୁର ଏବଂ ମୀନା ସିଂଙ୍କ ଭଳି ବରିଷ୍ଠ ନେତାଙ୍କୁ ନୂଆ ମନ୍ତ୍ରିମଣ୍ଡଳରୁ ବାଦ୍ ଦିଆଯାଇଛି। ସର୍ବାଧିକ ୩୩ ସଦସ୍ୟ ବିଶିଷ୍ଟ ମଧ୍ୟପ୍ରଦେଶ ମନ୍ତ୍ରିମଣ୍ଡଳରେ ଆଉ କେବଳ ଦୁଇଟି ସ୍ଥାନ ପୂରଣ ହେବାକୁ ରହିଛି।

**ଓବିସିରୁ ୧୧, ଅନୁସୂଚିତ ଜାତି ଓ ଜନଜାତିରୁ ୧୦ ମନ୍ତ୍ରୀ**

## ସରକାରୀ ସାକ୍ଷୀ ହେବେ ନ୍ୟୁଜ୍‌କ୍ଲିକ ଏଚ୍‌ଆର

**ନୂଆଦିଲ୍ଲୀ, ୨୫।୧୨ (ଏଜେନ୍ସି):** ଚୀନ୍ କମ୍ପାନୀ ଏବଂ ସଂଗଠନଠାରୁ ପାଣ୍ଠି ଆଣିବା ମାମଲାରେ ଫସିଥିବା ନ୍ୟୁଜ୍ ପୋର୍ଟାଲ 'ନ୍ୟୁଜ୍‌କ୍ଲିକ୍' ର ଏଚ୍‌ଆର ମୁଖ୍ୟ ଅମିତ ଚକ୍ରବର୍ତ୍ତୀ ସରକାରୀ ସାକ୍ଷୀ ହୋଇପାରନ୍ତି। ସେ ସୋମବାର ସାକ୍ଷୀ ହେବା ପାଇଁ ଦିଲ୍ଲୀର ଏକ କୋର୍ଟରେ ଆବେଦନ କରିଛନ୍ତି। ପାଖରେ ଥିବା ଗୁରୁତ୍ୱପୂର୍ଣ୍ଣ ସୂଚନାକୁ ପୁଲିସକୁ ଦେବାକୁ ଚାହୁଁଥିବା କହିଛନ୍ତି। ଗତ ସପ୍ତାହରେ ଅମିତ ଦିଲ୍ଲୀର ଏକ କୋର୍ଟରେ ଆବେଦନ କରି କ୍ଷମା ଅନୁରୋଧ କରିଥିଲେ। ସୂଚନାଯୋଗ୍ୟ ଯେ ଅକ୍ଟୋବର ୩ରେ ଦିଲ୍ଲୀ ପୁଲିସ ନ୍ୟୁଜ୍ ପୋର୍ଟାଲର ଅନେକ ସାମ୍ବାଦିକଙ୍କ ଠିକଣାରେ ଚଢ଼ଉ କରିଥିଲା। ଏହା ପରେ ନ୍ୟୁଜ୍‌କ୍ଲିକ୍ ପ୍ରତିଷ୍ଠାତା ପ୍ରବୀର ପୁରକାୟସ୍ଥ ଏବଂ ଅମିତଙ୍କୁ ଗିରଫ କରାଯାଇଥିଲା। ଏବେ ଉଭୟେ ନ୍ୟାୟିକ ହେପାଜତରେ ଅଛନ୍ତି। ସିବିଆଇ ସହିତ ୫ଟି ଏଜେନ୍ସି ଏହି ମାମଲାର ଯାଞ୍ଚ କରୁଛନ୍ତି।

■ ପାକିସ୍ତାନ ନିର୍ବାଚନରେ ଆତଙ୍କବାଦୀ

## ଇମ୍ରାନ୍‌ଙ୍କ ବିରୋଧରେ ଲଢ଼ିବ ହାଫିଜର ପୁଅ

**ଇସଲାମାବାଦ, ୨୫।୧୨ (ଏଜେନ୍ସି)**

ଆତଙ୍କବାଦକୁ ପାକିସ୍ତାନ ରାଷ୍ଟ୍ରନୀତି କରିଛି। ସଂଖ୍ୟାଲଘୁଙ୍କ ଧାର୍ମିକସ୍ଥଳ ଉପରେ ଆକ୍ରମଣ ହେଉ କି ଧର୍ମାନ୍ତରଣ କିମ୍ବା ପଡ଼ୋଶୀ ରାଷ୍ଟ୍ର ଉପରେ ଆତଙ୍କବାଦୀ ଆକ୍ରମଣ ସବୁଠି ଏହି ଦେଶର ଅସଲ ମୁଖା ପଦାରେ ପଡ଼ି ଯାଇଛି। ଏବେ ଏହାର ଆଉ ଏକ ଉଦାହରଣ ବିଶ୍ୱବାସୀଙ୍କ ସାମ୍ନାକୁ ଆସିଛି। ମୁମ୍ବଇ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ହାଫିଜ ସୟିଦର ପୁଅ ତାଲ୍ହା ସୟିଦ ପାକିସ୍ତାନର ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛି। ସେ ଲାହୋରର ଏନଏ-୧୨୭ ଆସନରୁ ପାକିସ୍ତାନ ମରକଜି ମୁସଲିମ ଲିଗ୍ (ପିଏମଏମଏଲ) ଟିକଟରୁ ନାମାଙ୍କନ ଦାଖଲ କରିଛି। ଏହି ଆସନରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ମଧ୍ୟ ଲଢୁଛନ୍ତି। ଉଭୟଙ୍କ ମଧ୍ୟରେ କଡ଼ା ମୁକାବିଲା ହୋଇପାରେ। ତାଲ୍ହା ଲଢୁଥିବା ଦଳ ତା' ବାପା ହାଫିଜ ସୟିଦର ବୋଲି କୁହାଯାଉଛି। କାରଣ ପିଏମଏମଏଲ୍‌ର ସମସ୍ତ ଖର୍ଚ୍ଚ ସୟିଦ ବହନ କରୁଛି। ହାଫିଜର ଅଜ୍ଞାତ ଉତ୍ସରୁ ଏହି ଦଳ ପାଇଁ ଅର୍ଥ ଆସୁଛି। ଆତଙ୍କବାଦୀ ହାଫିଜ ଜେଲ୍‌ରେ ଥିବା ନେଇ ପାକିସ୍ତାନ ଦାବି କରୁଥିଲେ ମଧ୍ୟ ଅନେକ ରିପୋର୍ଟରେ ସେ ନିଜ ଘରେ ଥିବା ସୂଚନା ମିଳିଛି। ଥରେ ଏହି ଆତଙ୍କବାଦୀର ଘରେ ବାହାରେ ଆକ୍ରମଣ ମଧ୍ୟ ହୋଇଥିଲା। ଏହି ମାମଲାରେ ୫ ଜଣଙ୍କୁ ଗିରଫ କରାଯାଇଛି। ସୂଚନାଯୋଗ୍ୟ ଯେ ଆସନ୍ତା ବର୍ଷ ଫେବୃଆରୀ ୮ରେ ପାକିସ୍ତାନରେ ସାଧାରଣ ନିର୍ବାଚନ ହେବାକୁ ଯାଉଛି।



ନଦୀ ଅଶେଷ ପ୍ରଜ୍ଞା ଧାରଣ କରିଛି ଓ ତାହାର ରହସ୍ୟ ମଣିଷର ହୃଦୟକୁ ସବୁବେଳେ ସ୍ପନ୍ଦିତ କରି ଆସିଛି
-ମାର୍କ ଟ୍ୱେନ୍

ସକାଳ
THE SAKALA

# ଅଶାନ୍ତ କାଶ୍ମୀରର ଆହ୍ୱାନ

ଧାରା ୩୭୦ର ଉଚ୍ଛେଦ ସହିତ କାଶ୍ମୀରର ରାଜ୍ୟ ପାହ୍ୟା ପରିବର୍ତ୍ତନ ପରେ ଏହାକୁ କେନ୍ଦ୍ର ଶାସିତ ଅଞ୍ଚଳ କରି ଭାରତ ସରକାର ଶାନ୍ତି ଓ ସମୃଦ୍ଧିର ଯେଉଁ ଅଧ୍ୟାୟ ଆରମ୍ଭ କରିଥିଲେ ସେଥିରେ କିଛି ପ୍ରଗତି ଦୃଷ୍ଟିଗୋଚର ହୋଇଥିଲା। ସ୍ଥାନୀୟ ରାଜନୈତିକ ଦଳ ଓ ନେତାଙ୍କ ବିରୋଧ ଓ ଅସନ୍ତୋଷ ସତ୍ତ୍ୱେ ଜାମ୍ମୁ ଓ କାଶ୍ମୀରରେ ଯେ ନବନିର୍ମାଣର ଏକ ଯୁଗ ଆରମ୍ଭ ହୋଇଥିଲା, ତାହା କହିଲେ ଅତ୍ୟୁକ୍ତି ହେବ ନାହିଁ। ବିଗତ ତିନିଚାରି ବର୍ଷ ଧରି କାଶ୍ମୀର ଉପତ୍ୟକାରେ ଆତଙ୍କବାଦ ଉଲ୍ଲେଖନୀୟ ଭାବେ ହ୍ରାସ ପାଇବା ସହିତ ଅନୁପ୍ରବେଶ ବହୁ ପରିମାଣରେ କମିଥିଲା। ତେବେ ଏ ବର୍ଷ ଶେଷ ଆଡ଼କୁ ଭୂସ୍ୱର୍ଗ ଉପତ୍ୟକାରେ ଆତଙ୍କବାଦ ପୁନର୍ବାର ମୁଣ୍ଡ ଟେକିଛି। ଏଥିରେ ଉଭୟ ସାମରିକ ଓ ବେସାମରିକ ଲୋକ ପ୍ରାଣ ହରାଉଛନ୍ତି।

ଏହା ସତ ଯେ ବରଫ ପଡ଼ିବା ପୂର୍ବରୁ ଆତଙ୍କବାଦୀମାନେ ପାକିସ୍ତାନରୁ ଭାରତକୁ ଅନୁପ୍ରବେଶ କରି କାଶ୍ମୀରରେ ଆତ୍ମଗୋପନ କରିଥା'ନ୍ତି। ଆମ ଯବାନ ଓ ନିରାପତ୍ତା ବାହିନୀ ସେମାନଙ୍କର ଏହି ଉଦ୍ୟମକୁ ପଣ୍ଡ କରିବା ସତ୍ତ୍ୱେ ଜଟିଳ ଭୂଗୋଳର ସୁଯୋଗ ନେଇ ସେମାନେ ପଶି ଆସନ୍ତି। ସେମାନଙ୍କର ଆଶ୍ରୟ ପାଇଁ କାଶ୍ମୀରରେ ଆଉ ପୂର୍ବଭଳି ଠିକଣା ବା ଆଡ୍ଡା ନଥିଲେ ମଧ୍ୟ କେତେକ ଡରାଇ ଧମକାଇ ଲୋକଙ୍କ ଘରେ ଲୁଚି ରହୁଛନ୍ତି ଏବଂ ସୁବିଧା ଦେଖି ନିରପରାଧ ବ୍ୟକ୍ତିଙ୍କୁ ହତ୍ୟା କରୁଛନ୍ତି। ଏବେ ମଧ୍ୟ କାଶ୍ମୀର ଉପତ୍ୟକାରେ କିଛି କିଛି ଲୋକ ଅଛନ୍ତି, ଯେଉଁମାନେ ଆତଙ୍କବାଦୀଙ୍କୁ ଗୁପ୍ତରେ ସାହାଯ୍ୟ କରୁଛନ୍ତି। ଧରାପଡ଼ିବା ପରେ ସେମାନଙ୍କୁ ସ୍ୱାଭାବିକ ଭାବେ ସୁରକ୍ଷା ବାହିନୀ ଓ ସେନା ଗିରଫ କରି ଆଣୁଛି ଏବଂ ଆତଙ୍କବାଦୀ ଓ ସେମାନଙ୍କ ଷଡ଼ଯନ୍ତ୍ର ସମ୍ପର୍କରେ ପଚରାଉଚୁରା କରୁଛି। ଅଞ୍ଚଳ ଓ ଦେଶର ସୁରକ୍ଷା ଦୃଷ୍ଟିରୁ ଏହା ଅନିବାର୍ଯ୍ୟ ଏବଂ ଏକ ଗତାନୁଗତିକ ବୈଶ୍ୱିକ ପ୍ରକ୍ରିୟା। କିନ୍ତୁ ପଚରାଉଚୁରା ସମୟରେ ସେନାବାହିନୀ ଓ ସୁରକ୍ଷା କର୍ମୀମାନେ ଅଟକ ବ୍ୟକ୍ତିମାନଙ୍କୁ ମାତ୍ରାଧିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଆସୁଛି। ନିକଟରେ ସଂଦିଗ୍ଧ ଅବସ୍ଥାରେ ଗିରଫ ହୋଇଥିବା କିଛି ବେସାମରିକ ଲୋକଙ୍କ ମଧ୍ୟରୁ ତିନିଜଣଙ୍କର ସେନା ହାଜତରେ ମୃତ୍ୟୁ ଘଟିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସେପଟେ ଆତଙ୍କବାଦୀଙ୍କ ଗୁଳିମାଡ଼ରେ ଆମର ଛ'ଜଣ ଯବାନ ସହିଦ ହୋଇଛନ୍ତି। ପାଲଟା ଆକ୍ରମଣରେ କେଇଜଣ ଆତଙ୍କବାଦୀ ମଧ୍ୟ ନିହତ ହୋଇଛନ୍ତି।

ସୁପ୍ରିମକୋର୍ଟଙ୍କ ସଦ୍ୟତମ ରାୟ ପରେ କାଶ୍ମୀରର ସ୍ୱତନ୍ତ୍ର ପାହ୍ୟା ଏକ ଇତିହାସ ପାଲଟିଥିବାବେଳେ ସେଠାରେ ଶୀଘ୍ର ନିର୍ବାଚନ କରି ରାଜ୍ୟ ପାହ୍ୟା ପୁନର୍ବାର ପ୍ରଦାନ କରିବାର ବାଟ ସଫା ହୋଇଛି। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଅଥଚ ସ୍ପର୍ଶକାତର ସମୟରେ କାଶ୍ମୀର ଉପତ୍ୟକାରେ ଆତଙ୍କବାଦ ଓ ଅସ୍ଥିରତା ସୃଷ୍ଟି ହେବା ନିଶ୍ଚିତ ଚିନ୍ତାଜନକ। ଏହା ପଛରେ ପାକିସ୍ତାନ ଓ ଚୀନ୍‌ର ମିଳିତ ଷଡ଼ଯନ୍ତ୍ର ଥିବା ସ୍ପଷ୍ଟ ହୋଇଯାଇଛି। ଭୌଗୋଳିକ ରାଜନୀତି ଓ ଅର୍ଥନୈତିକ ବାସ୍ତବତା ଦୃଷ୍ଟିରୁ ଭାରତରେ ଚୀନ ଅସ୍ଥିରତା ସୃଷ୍ଟି କରିବାକୁ ଚାହିଁବା ସ୍ୱାଭାବିକ। ସେଥିପାଇଁ ଚୀନ୍ ତାହାର ପୁରୁଣା ମିତ୍ର ତଥା ଭାରତର ପାରମ୍ପରିକ ଶତ୍ରୁ ପାକିସ୍ତାନ ସହିତ ହାତ ମିଳାଇଛି। କାଙ୍ଗାଳ ପାକିସ୍ତାନ ଏବେ ରାଜନୈତିକ ଓ ଅର୍ଥନୈତିକ ସଂକଟ ମଧ୍ୟରେ ଥିଲେ ମଧ୍ୟ ସେଠାକାର ଅସଲ ଶାସକ 'ସେନା' ଆତଙ୍କବାଦୀଙ୍କୁ ଭାରତ ବିରୋଧରେ ନିୟୋଜିତ କରୁଛି। ଚୀନ ଏହି କାମରେ ଅର୍ଥ ଓ ଅସ୍ତ୍ରଶସ୍ତ୍ର ଯୋଗାଉଛି।

ଏଭଳି ସ୍ଥିତିରେ ଉଭୟ ଭାରତ ସରକାର ଓ ଆମ ନିରାପତ୍ତା ବାହିନୀକୁ କାଶ୍ମୀରରେ ଅଧିକ ସତର୍କତାର ସହ କାମ କରିବାକୁ ପଡ଼ିବ। ଆତଙ୍କବାଦୀ ଅନୁପ୍ରବେଶ କରି ସେଠାକାର ଶାନ୍ତି ଓ ସ୍ଥିରତାକୁ ଯେପରି ବିପନ୍ନ ନ କରନ୍ତି, ସେଥିପାଇଁ ଅଧିକ ସତର୍କ ହେବାକୁ ହେବ। ଏହା ସତ୍ୟ ଯେ ଜାମ୍ମୁ-କାଶ୍ମୀର ଭୌଗୋଳିକ ସ୍ଥିତି ଯାହା, ସେଠାରେ ନିରାପତ୍ତା ବ୍ୟବସ୍ଥାକୁ ଚଉକଶ କରି ରଖିବା ଏକ ଅତି ଦୁଃସାଧ୍ୟ ଓ ଅସମ୍ଭବପ୍ରାୟ ବ୍ୟାପାର। ଏହାସତ୍ତ୍ୱେ ଆମ ନିରାପତ୍ତା ବାହିନୀ ପ୍ରଶଂସନୀୟ କାର୍ଯ୍ୟ କରୁଛି। ତେଣୁ ସେନା ଓ ନିରାପତ୍ତା ବାହିନୀର ମନୋବଳ ଭାଙ୍ଗିବା ଭଳି କୌଣସି କାମ ସରକାର କରିବା ଅନୁଚିତ। ବିନା ଗୁପ୍ତ ଆଶ୍ରୟରେ ଆତଙ୍କବାଦୀ କାଶ୍ମୀରରେ ତିଷ୍ଠିବା କଷ୍ଟ। ତେଣୁ ସେମାନଙ୍କୁ ସେଠାକାର କିଛି ଲୋକ ଆଶ୍ରୟ ଦେଉଛନ୍ତି, ଏହାକୁ ଅସ୍ୱୀକାର କରାଯାଇ ନ'ପାରେ। ତେଣୁ ସନ୍ଦେହରେ ଯେଉଁମାନଙ୍କୁ ଗିରଫ କରାଯାଉଛି, ସେମାନେ ଯେ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ତାହା ମଧ୍ୟ କୁହାଯାଇ ନ'ପାରେ। ତଥାପି ବେସାମରିକ ବ୍ୟକ୍ତିଙ୍କ ମୃତ୍ୟୁ ଘଟଣାର ନିରପେକ୍ଷ ତଦନ୍ତ ଲୋଡ଼ା। ଏଭଳି ଘଟଣାରେ ସ୍ଥାନୀୟ ପ୍ରଶାସନ ଅଧିକ ସତର୍କତା ଅବଲମ୍ବନ କରିବା ଉଚିତ। ଯେଉଁମାନେ ଆତଙ୍କବାଦୀଙ୍କୁ ଆଶ୍ରୟ ଦେଉଛନ୍ତି, ସେମାନଙ୍କୁ ଚିହ୍ନଟ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ଜରୁରୀ।

ପୀର ପାଞ୍ଜାଲ ପାର୍ବତ୍ୟାଞ୍ଚଳ ଏବେ ଆତଙ୍କବାଦୀଙ୍କ ଚରାଭୂମି ପାଲଟିଛି। ପାକିସ୍ତାନରେ ଅସ୍ଥିରତା, ଆଫଗାନିସ୍ତାନରେ ତାଲିବାନର ରାଜୁତି, ଇସ୍ରାଏଲ୍-ହମାସ ଯୁଦ୍ଧ ଓ ଚୀନ୍‌ର ଭାରତ ବିରୋଧୀ ଭୂମିକା କାଶ୍ମୀର ପରିସ୍ଥିତିକୁ ପ୍ରଭାବିତ କରିବାର ଆଶଙ୍କା ଅଧିକ। ଏଥିସହିତ ସେଠାରେ ଧର୍ମକୁ ବ୍ୟବହାର କରି ଅସ୍ଥିରତା ସୃଷ୍ଟି ପାଇଁ ଆନ୍ତର୍ଜାତିକ ଉଦ୍ୟମ ଚାଲିଛି ଓ ସ୍ଥାନୀୟ ଯୁବକମାନେ ଅର୍ଥଲୋଭରେ ଆତଙ୍କବାଦୀ ସଂଗଠନରେ ଯୋଗ ଦେଉଛନ୍ତି। ଏସବୁ ପରିସ୍ଥିତିରେ କାଶ୍ମୀରରେ ଶାନ୍ତି ଓ ସ୍ଥିରତା ରକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସୁଖର କଥା, ଜାମ୍ମୁ-କାଶ୍ମୀରର ଅଧିକାଂଶ ଲୋକ ଶାନ୍ତି, ସ୍ଥିରତା ଓ ବିକାଶ ଚାହାନ୍ତି ଏବଂ ଆତଙ୍କବାଦୀକୁ ବିରୋଧ କରନ୍ତି। ତେଣୁ ସେମାନଙ୍କୁ ବିଶ୍ୱାସକୁ ନ ନେଲେ ଭାରତ ସରକାର ନୂଆ କାଶ୍ମୀର ଗଠନ କରିବା କଷ୍ଟ ହେବ। କେନ୍ଦ୍ର ସରକାର ଅବଶ୍ୟ ଏ ଦିଗରେ କାମ କରି ଲୋକଙ୍କ ବିଶ୍ୱାସଭାଜନ ହେଉଛନ୍ତି। ସେଠାରେ ଶୀଘ୍ର ନିର୍ବାଚନ କରାଇ ଜାମ୍ମୁ-କାଶ୍ମୀରକୁ ରାଜ୍ୟ ପାହ୍ୟା ଫେରାଇ ଦେଲେ ସ୍ଥାନୀୟ ଅଧିବାସୀଙ୍କ ଅସନ୍ତୋଷ ଓ ଆହତ ଭାବନାର ଅବଶ୍ୟ ଅବସାନ ଘଟିବ। ତେବେ ପ୍ରଥମେ ସେଠାରେ ଶାନ୍ତି ଓ ସ୍ଥିରତା ଲୋଡ଼ା। ଏଥିପାଇଁ ଭାରତ ସରକାରଙ୍କୁ ଯେ କୌଣସି ମୂଲ୍ୟ ଦେଇ ତାହାକୁ ବଜାୟ ରଖିବାକୁ ପଡ଼ିବ। ଏହା କେବଳ ସରକାର, କାଶ୍ମୀରବାସୀ ଓ ଦେଶବାସୀଙ୍କ ଆନ୍ତରିକ ଇଚ୍ଛା ନୁହେଁ, ବରଂ ଅଶାନ୍ତ, ଅସ୍ଥିର ଆତଙ୍କବାଦ ଅଧ୍ୟୁଷିତ କାଶ୍ମୀର ଆହ୍ୱାନ।

# ଆମ ଦୁନିଆର ବିପରୀତ ଚରିତ୍ରମାନେ



ବୈକୁଣ୍ଠନାଥ ମିଶ୍ର
ଜଗତସିଂହପୁର, ମୋ: ୯ ୯୩୭୪୫୦୫୪୦

ଯୁଗେ ଯୁଗେ ଦୁଇ ବିପରୀତ ଚରିତ୍ରମାନେ ସମାଜରେ ଆବିର୍ଭୂତ ହୋଇ ଜନମାନସକୁ ଆନ୍ଦୋଳିତ କରନ୍ତି। ଜଣେ ଅସତ୍ ଉପାୟରେ ଧନକୁବେର ସାଜୁଥିବା ବେଳେ ଆଉ ଜଣେ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକଭାବେ ସ୍ୱଉପାର୍ଜିତ ସତ୍‌ଧନକୁ ଦୁଃସ୍ଥମଣିଷଙ୍କୁ ଦାନ କରି ନିଃସ୍ୱଭାବେ ଫୁଟପାଥରେ ଆଶ୍ରୟ ନିଏ। ପୁଣି କେହି ଧନପ୍ରାପ୍ତି ନିଶାରେ ନିଜ ପରିବାରକୁ ହତ୍ୟାକରେ ତ ଆଉ କେହି ସତ୍ୟ, ଧର୍ମ ଓ ନ୍ୟାୟର ପକ୍ଷ ଗ୍ରହଣ କରି ଆତ୍ମଜଙ୍କୁ ମଧ୍ୟ କୁକର୍ମ ଓ ଅପରାଧ ପାଇଁ ଦଣ୍ଡିତ କରିପାରେ।

ଆମ ଦୃଷ୍ଟିରେ ଭିକାରି କହିଲେ ଏପରି ଜଣେ ଚରିତ୍ରକୁ ବୁଝାଏ ଯିଏ ନିଜର ଓ ପରିବାରର ପେଟଚାଖଣ୍ଡକ ପାଇଁ ଦ୍ୱାରଦ୍ୱାର ବୁଲି ଭିକ୍ଷା ଯାଚନା କରେ। କିନ୍ତୁ ଆଶ୍ଚର୍ଯ୍ୟର କଥା ଏପରି ମଧ୍ୟ ଛଳନାମୟ ବ୍ୟକ୍ତି ଏ ପୃଥିବୀରେ ଅଛନ୍ତି ଯେ କୋଟିପତି ହୋଇ ସୁଦ୍ଧା ଭିକ୍ଷାବୃତ୍ତିକୁ ଆଦରିଛନ୍ତି। ଭିକ୍ଷାବୃତ୍ତି ଏକ ସହଜଲଭ୍ୟ ପନ୍ଥା, ଯେଉଁଥିରେ ଶାରୀରିକ ଶ୍ରମର ଆବଶ୍ୟକ ନଥାଏ। ତା'ର ଛଳନାପୂର୍ଣ୍ଣ ଆଚରଣରେ ଭ୍ରମିତ ହୋଇ ଲୋକେ ଅଜାଡ଼ି ଦିଅନ୍ତି ତାଙ୍କ କଷ୍ଟଲବ୍ଧ ଧନ। ଜଣେ ଭିକାରି କୋଟିପତି ହେବା ଶୁଣିଲେ ନିହାତି ଆଶ୍ଚର୍ଯ୍ୟ ଲାଗେ। ଫଳରେ ଭିକାରି ପ୍ରତି ଦୟାଶୀଳ ହେବା ପରିବର୍ତ୍ତେ ଆମେ କଠୋର ହେଉ ଏବଂ ପ୍ରକୃତ ଭିକାରିକୁ ରିକ୍ତହସ୍ତରେ ଫେରାଇ ଦେଉ। ମୁମ୍ବାଇ ସହରରେ ରହୁଛନ୍ତି 'ଭରତ ଜୈନ' ନାମକ ଜଣେ ଏଭଳି କୋଟିପତି ଭିକାରି, ଯାହାଙ୍କ ନିକଟରେ ଅଛି ଅମାପ ଧନ ସମ୍ପତ୍ତି। ତାଙ୍କର ଅଛି ମୁମ୍ବାଇ ସହରରେ ଦୁଇଟି ମୂଲ୍ୟବାନ ପ୍ଲଟ, ଦୁଇଟି ଫ୍ଲାଟ୍ ଓ ମାର୍କେଟ କମ୍ପ୍ଲେକ୍ସରେ ତିନିଟି ଘର, ଯାହା ବ୍ୟବସାୟ ପ୍ରତିଷ୍ଠାନ ଉଦ୍ଦେଶ୍ୟରେ ଭଡ଼ା ସୂତ୍ରରେ ଦିଆଯାଇଛି। ଏତଦ୍‌ବ୍ୟତୀତ ଏକ ସୁଦୃଶ୍ୟ ବାସଗୃହ ଯେଉଁଠି ତାଙ୍କ ପରିବାର ରହନ୍ତି। କେବଳ ଭିକ୍ଷାବୃତ୍ତିରୁ ତାଙ୍କର ମାସିକ ଆୟ ୭୦/୮୦ ହଜାର ଟଙ୍କା। ଭରତଙ୍କର ବର୍ତ୍ତମାନ ସମ୍ପତ୍ତିର ମୂଲ୍ୟ ସାଢ଼େ ସାତକୋଟି ଟଙ୍କାରୁ ଅଧିକ। ରାତି ପାହିବା ପୂର୍ବରୁ ଭିକାରି ବେଶ ଧାରଣ କରି ସେ ରାଜରାସ୍ତାକୁ ବାହାରି ପଡ଼ନ୍ତି। ନିଜର ଏବଂ ପରିବାରର ଖାଦ୍ୟଗଣ୍ଡାକ ସେ ଭିକ୍ଷାସୂତ୍ରରେ ଲାଭ କରନ୍ତି। ତାଙ୍କର ବ୍ୟକ୍ତିଗତ ଖର୍ଚ୍ଚ ଆଦୌ ନାହିଁ କହିଲେ ଚଳେ। ସାମାନ୍ୟ ଅସାବଧାନତାରୁ ତାଙ୍କର ପରିଚୟ ପ୍ରଘଟ ହେବା ପରେ ଏବେ ସେ ଗଣମାଧ୍ୟମ ନଜରକୁ ଆସିଛନ୍ତି ଓ ତାଙ୍କ କାରବାର ଲୋକଲୋଚନକୁ ଆସିଛି।

ଅପରପକ୍ଷରେ ଜଣେ ସ୍ୱତନ୍ତ୍ର ଚରିତ୍ରର ଅଧିକାରୀ ହେଲେ ଚେନ୍ନାଇର କଲ୍ୟାଣ ସୁନ୍ଦରମ୍। ବୟସ ପ୍ରାୟ ୭୫। ସେ ସେପରି ଧନୀ ନୁହନ୍ତି; ମାତ୍ର ତାଙ୍କ ଜୀବନର ସମସ୍ତ ରୋଜଗାରକୁ ସେ ଦାନ କରିଛନ୍ତି ନିଃସ୍ୱ ଦରିଦ୍ରଙ୍କ କଲ୍ୟାଣ ପାଇଁ। କଲ୍ୟାଣ ସୁନ୍ଦରମ୍ ଅତ୍ୟନ୍ତ ବିନୟୀ, ନମ୍ର, ଦରଦୀ ଭାବର ଜଣେ ବିରଳ ମଣିଷ। ନିଜ ତିରିଶ ବର୍ଷ ଚାକିରି ଜୀବନର ସମସ୍ତ ବେତନ ସେ ଦାନ ସୂତ୍ରରେ ଦେଇ ସାରିଛନ୍ତି। ଅବସର ପରେ ମଧ୍ୟ ତାଙ୍କ ମାସିକ ପେନସନକୁ ସେ ଜନକଲ୍ୟାଣ ପାଇଁ ଦାନ କରୁଛନ୍ତି। ନିଜସ୍ୱ ବାସଗୃହ ଖଣ୍ଡେ ତାଙ୍କର ନାହିଁ। ରାତିରେ ଫୁଟପାଥରେ ଦିନ ମଜୁରିଆଙ୍କ ସହ ସେ ଜୀବନ ବିତାଉଛନ୍ତି। ଯାହା ମିଳେ ଖାଆନ୍ତି। ନଚେତ



ପାଣିମୁନ୍ଦେ ପିଇ ଶୋଇଯା'ନ୍ତି। ସେ ତାମିଲ ଭାଷାରେ ସ୍ନାତକୋତ୍ତର ସମାପ୍ତି ପରେ ଗ୍ରନ୍ଥାଗାର ବିଜ୍ଞାନରେ ଡିଗ୍ରୀ ହାସଲ କରି ଟ୍ୟୁଟିକୋରିନର ଏକ ପ୍ରତିଷ୍ଠିତ ମହାବିଦ୍ୟାଳୟରେ ଗ୍ରନ୍ଥାଗାରିକ ଭାବେ ତାଙ୍କ ଜୀବନ ଅତିବାହିତ କରିଛନ୍ତି। ୧୯୬୨ ଭାରତ-ଚୀନ ଯୁଦ୍ଧ ସମୟରେ ପଣ୍ଡିତ ନେହେରୁଙ୍କ ଆହ୍ୱାନରେ ଅନୁପ୍ରାଣିତ ହୋଇ ନିଜ ସୁନା ଚେନଟିକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ କାମରାଜଙ୍କୁ ଦାନ କଲେ। ସେବେଠାରୁ ସେ ଆଉ ପଛକୁ ଫେରି ଚାହିଁ ନାହାନ୍ତି। ନିଜ ପୈତୃକ ସମ୍ପତ୍ତି ଓ ବାସଗୃହକୁ ବିକ୍ରିକରି ପାଇଥିବା ଏକଲକ୍ଷ ଟଙ୍କାକୁ ସେ ଅନାଥଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ଦାନ କରିଛନ୍ତି। ତାଙ୍କ ମାନବ କଲ୍ୟାଣ ଓ ଉତ୍ସର୍ଗୀକୃତ ତ୍ୟାଗକୁ ମିଳିଛି ଜାତିସଙ୍ଘର ସ୍ୱୀକୃତି। ଆମେରିକାର ଏକ ସଂଗଠନ ତାଙ୍କୁ 'ସହସ୍ରାବ୍ଦୀର ବ୍ୟକ୍ତିତ୍ୱ' ଭାବେ ସମ୍ମାନିତ କରି ପ୍ରଦାନ କରିଛନ୍ତି ତିରିଶ କୋଟି ଟଙ୍କାର ପୁରସ୍କାର ରାଶି, ଯାହାକୁ ସେ ସମାଜକଲ୍ୟାଣ ପାଇଁ ଦାନ କରି ଦେଇଛନ୍ତି। ଆଜି ଆମେ ଯେଉଁ କଳାଟଙ୍କାର ପାହାଡ଼ ଦେଖୁଛୁ, କଲ୍ୟାଣ ସୁନ୍ଦରମ୍ ହେଉଛନ୍ତି ତା'ର ଏକ ବଳିଷ୍ଠ ବ୍ୟତିକ୍ରମ। ତାଙ୍କ ମତରେ ପେଟ ପୂରିଲେ କ୍ଷୁଧା ଦୂର ହୁଏ; ମାତ୍ର ଅର୍ଥ କ୍ଷୁଧାର ପରିସମାପ୍ତି ନୁହେଁ। ଅର୍ଥ କ୍ଷୁଧାର ପରିସମାପ୍ତି ପାଇଁ ଏକ ଉଦାର ହୃଦୟର ଆବଶ୍ୟକତା ଅଛି।

ସେହିପରି ଜଣେ ଅର୍ଥ ପିପାସୁ ଜଘନ୍ୟ ଚରିତ୍ରର ମହିଳା ହେଲେ କେରଳର ଜଲି ଆମ୍ମା ଯୋଶେଫ୍ (ଡାକ ନାମ ଜଲି)। ମାତ୍ର ୧୪ ବର୍ଷ ବୟସରେ ସେ ପ୍ରେମବିବାହ କରିଥିଲେ ସମ୍ଭ୍ରାନ୍ତ ଘରର ପୁଅ ରୟଟମାସ୍‌ଙ୍କୁ। ବିବାହର ଅଳ୍ପ କେତେଦିନ ମଧ୍ୟରେ ସ୍ୱାମୀଙ୍କୁ ବିଷ ଦେଇ ହତ୍ୟା କଲା ପରେ ସେ ହେଲେ ସ୍ୱାମୀଙ୍କର ଅଚଳାଚଳ ସମ୍ପତ୍ତିର ମାଲିକ। ସେ ଅତି ଚତୁରତାର ସହ ୨୦୦୬ରେ ଶାଶୂ ଆନାମ୍ମାଟମାସ ଓ ୨୦୦୮ରେ ଶ୍ୱଶୁର ଟମ୍‌ଟମାସଙ୍କୁ ହତ୍ୟା କଲେ। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ କମ୍ ବୟସରେ ବିଧବା ହୋଇଥିବାରୁ ତାଙ୍କ ଉପରେ ଅଜାଡ଼ି ହୋଇ ପଡ଼ିଲା ପରିବାରର ଅବଶିଷ୍ଟ ସଦସ୍ୟଙ୍କ ସ୍ନେହ ସହାନୁଭୂତି। ଏହାପରେ କୌଶଳରେ ସେ ହତ୍ୟା କରିଚାଲିଲେ ଦେଢ଼ଶୂରଙ୍କର ଦୁଇ ପୁଅ ଓ ଶିଶୁକନ୍ୟାକୁ। ଶେଷରେ ତାଙ୍କ ଶିକାର ହେଲେ ବଡ଼ ଯାଆ ଶିଲି। ପ୍ରତି ହତ୍ୟାକାଣ୍ଡର ସଫଳତା ତାଙ୍କ ପାଇଁ ଆଣି ଦେଉଥାଏ ନୂତନ ଉତ୍ସାହ ଓ ପ୍ରେରଣା। ତାଙ୍କର ସୁନ୍ଦର ସଲ୍ଲଜ ମୁଖମଣ୍ଡଳ ଓ ନିରପରାଧ ଚାହାଣି ଶେଷରେ ଦେଢ଼ଶୁର ରଜ୍ଜୋଟମାସଙ୍କୁ ଆକର୍ଷିତ କଲା। ରଜ୍ଜୋଙ୍କର ଆମେରିକାରେ ଏକ ବିରାଟ ବ୍ୟବସାୟ ପ୍ରତିଷ୍ଠାନ ଥିଲା ଏବଂ ସେ ଥିଲେ ଅମାପ ସମ୍ପତ୍ତିର ମାଲିକ। କ୍ରମେ ରଜ୍ଜୋ ଓ ଜିଲିଙ୍କ ମଧ୍ୟରେ ପ୍ରଥମେ ପ୍ରେମ ଓ ପରେ ବିବାହ ମଧ୍ୟ ସମ୍ପନ୍ନ ହୋଇଗଲା। ବିବାହ ପରେ ପ୍ରଥମ ରାତିରେ ଜଲିଙ୍କର ଧନ ପିପାସା ଓ ପାପ ପ୍ରବୃତ୍ତିର ପରିଚୟ ପାଇଗଲେ ରଜ୍ଜୋ। ସେ ପୁଲିସରେ ଅଭିଯୋଗ କଲେ। ପରେ ଜଲି ନିଜ ଦୋଷ ସ୍ୱୀକାର କରିଥିଲେ। ବିଗତ ଚଉଦବର୍ଷ ମଧ୍ୟରେ ସେ ପରିବାରର ସାତଜଣଙ୍କୁ ହତ୍ୟା କରିଥିଲେ। ତାଙ୍କର ଦୁଇ ପୁରୁଷ ବନ୍ଧୁ ଏମ୍.ଏସ୍.ମାଥ୍ୟୁ ଓ ପ୍ରାଜିକୁମାର ଏହି ହତ୍ୟାକାଣ୍ଡରେ ଜଲିଙ୍କୁ ସବୁ ପ୍ରକାର ସାହାଯ୍ୟ କରୁଥିଲେ। ଜଲି ଓ ତାଙ୍କ ଦୁଇବନ୍ଧୁ ବର୍ତ୍ତମାନ ବିଚାରଧୀନ ବନ୍ଦୀ ଭାବେ ଜୀବନ ଅତିବାହିତ କରୁଛନ୍ତି। ଜଲିଙ୍କୁ ଫାଶୀଦଣ୍ଡରେ ଦଣ୍ଡିତ କରିବା ପାଇଁ ସାଧାରଣରେ ଦାବି ଉଠିଛି।

ଏହାର ବିପରୀତ ବ୍ୟକ୍ତିତ୍ୱ ହେଉଛନ୍ତି ନିଃସ୍ୱାର୍ଥପର, ନିଷ୍କଳଙ୍କ ଓ ନୀତିବାନ ଚରିତ୍ରର ଅଧିକାରୀ ଓଡ଼ିଶାର ଜନୈକ ବରିଷ୍ଠ ପ୍ରଶାସନିକ ଅଧିକାରୀ। ୨୦୦୪ରେ ସେ ବାଲେଶ୍ୱର ଜିଲ୍ଲା ନୀଳଗିରିର ଉପଜିଲ୍ଲାପାଳ ଥିବା ସମୟର ଏକ ଘଟଣା। ତାଙ୍କ ଏକମାତ୍ର ପୁଅ ଭୁବନେଶ୍ୱରରେ ସ୍ନାତକୋତ୍ତର ଅଧ୍ୟୟନ କରୁଥା'ନ୍ତି। ଛୁଟି କାଟିବା ପାଇଁ ସେ କିଛିଦିନ ନୀଳଗିରି ଆସିଥିଲେ। ଛୁଟି ପୂର୍ବଦିନ ସେ ଭୁବନେଶ୍ୱର ଫେରିବା ପାଇଁ ତାଙ୍କ ଘରେ ନିୟୋଜିତ ସରକାରୀ ପିଅନଙ୍କୁ ନିଜ ଗଣ୍ଠିଲି ସଜାଡ଼ିବାକୁ ନିର୍ଦ୍ଦେଶ ଦେଇ କ୍ରିକେଟ ଖେଳିବାକୁ ଚାଲିଗଲେ। ଘରକୁ ଫେରି ଦେଖନ୍ତି ତ ଗଣ୍ଠିଲି ସଜଡ଼ା ହୋଇନାହିଁ। ଅତ୍ୟନ୍ତ କ୍ରୋଧିତ ହୋଇ ସେ କ୍ରିକେଟ୍‌ବ୍ୟାଟରେ ପିଅନଙ୍କୁ ପିଟିବାକୁ ଲାଗିଲେ। ପିଅନ ଯେତେ ଆକୁଳ ପ୍ରାର୍ଥନା କଲେ ମଧ୍ୟ ତାହା କୌଣସି ପ୍ରଭାବ ପକାଇ ପାରି ନଥିଲା। ଯନ୍ତ୍ରଣାରେ ଛଟପଟ ହୋଇ ଶେଷରେ ପିଅନ ଆଖି ବୁଜିଦେଲେ। ଏହାପରେ ସେ ଯୁବକ କେଉଁଆଡ଼େ ଅନ୍ତର୍ଦ୍ଧାନ ହୋଇଗଲେ। ତାଙ୍କର ବିଶ୍ୱାସ ଥିଲା ଯେ ବାପା ଏ କଥାକୁ ଅତି ସାମାନ୍ୟ ଭାବେ ଗ୍ରହଣ କରି ଅପତ୍ୟସ୍ନେହ ବଳରେ ଘଟଣାକୁ ଚାପିଦେବେ। କିନ୍ତୁ ଜନୈକ ଅଧିକାରୀ ଜଣକ ଥିଲେ ଭିନ୍ନ ଉପାଦାନରେ ଗଢ଼ା ମଣିଷ। ଘରକୁ ଫେରି ପିଅନର ମୃତଶରୀର ଓ ନିକଟରେ ପଡ଼ିଥିବା ବ୍ୟାଟକୁ ଦେଖି ସେ ସବୁକଥା ବୁଝିଗଲେ। ସତ୍ୟର ପ୍ରତିଷ୍ଠା ଓ କର୍ତ୍ତବ୍ୟର ଆହ୍ୱାନ ସମ୍ମୁଖରେ ଫିକା ପଡ଼ିଗଲା ଅପତ୍ୟ ସ୍ନେହ। ନିଜ ପୁଅ ବିରୁଦ୍ଧରେ ଥାନାରେ ଏତଲା ଦେଇ ଚବିଶଘଣ୍ଟା ମଧ୍ୟରେ ଗିରଫ କରିବା ପାଇଁ ପୁଲିସ୍‌କୁ ନିର୍ଦ୍ଦେଶ ଦେଲେ। କେବଳ ସେତିକି ନୁହେଁ, ବିଚାରାଳୟରେ କାଠଗଡ଼ାରେ ଠିଆ ହୋଇ ସେ ପୁଅ ବିରୁଦ୍ଧରେ ସାକ୍ଷୀ ଦେଲେ। ଫଳସ୍ୱରୂପ ପୁଅ ଆଜୀବନ ବନ୍ଦୀ ଭାବେ କାଳାତିପାତ କରୁଛି। ସେ ପ୍ରଥିତଯଶା, ପ୍ରେରଣାଦାୟୀ, ସଚ୍ଚୋଟ ପ୍ରଶାସନିକ ଅଧିକାରୀ ଆଜି ଇହାଧାମରେ ନାହାନ୍ତି। ତାଙ୍କର ଏତାଦୃଶ୍ୟ କାର୍ଯ୍ୟପାଇଁ ତାଙ୍କୁ ଯେତେ ପ୍ରଶଂସା କଲେ ବି ଊଣା ହେବ।

ଉପରୋକ୍ତ ଚାରୋଟି ଦୃଷ୍ଟାନ୍ତରେ ଉଭୟ ସକାରାତ୍ମକ ଓ ନକାରାତ୍ମକ ଚରିତ୍ରମାନେ ଅଛନ୍ତି। ଆମେ କେଉଁ ଚରିତ୍ରକୁ ଗ୍ରହଣ କରିବା ତାହା ଆମ ଚିନ୍ତା, ଚେତନା ଓ ଦୃଷ୍ଟିକୋଣ ଉପରେ ନିର୍ଭର କରେ।

# ବିପନ୍ନ ଜୀବନରେଖା



ପଞ୍ଚାନନ ଅଗ୍ରୱାଲ
ଭୁବନେଶ୍ୱର, ମୋ: ୯୭୭୭୭୪୦୭୧

ମାନବ ସଭ୍ୟତାର ଜୀବନ ରେଖା ରୂପେ ପରିଚିତ ନଦୀମାନଙ୍କ ସ୍ଥିତି ଏବେ ବିପଦାପନ୍ନ। ବିଶ୍ୱର ସବୁଠାରୁ ବଡ଼ ବିଡ଼ମ୍ବନା ହେଉଛି ନଦୀ ଯେଉଁ ଆଦିମ ମାନବ ସଭ୍ୟତାକୁ ଜନ୍ମ ଦେଇଥିଲା ଆଜି ସେହି ସଭ୍ୟତା ହିଁ ଅଧିକ ଉନ୍ନତ ଓ ବିକଶିତ ହୋଇ ନଦୀକୁ ବିପର୍ଯ୍ୟୟ ମୁଖକୁ ଠେଲି ଦେଇଛି। ଏବେ ବିଶ୍ୱର ଏଭଳି କୌଣସି ଦେଶ କିମ୍ବା ଅଞ୍ଚଳ ନାହିଁ ଯେଉଁଠାରେ ନଦୀ ପ୍ରଦୂଷିତ, ବିପର୍ଯ୍ୟସ୍ତ ଓ ଲୁପ୍ତ ହୋଇନାହିଁ। ଆମ ଦେଶରେ ୩୫୧ ନଦୀର ଜଳ ପ୍ରଦୂଷିତ ହୋଇଥିବା ସରକାରୀ ଭାବେ କୁହାଯାଉଥିବା ବେଳେ ସେଥିମଧ୍ୟରେ ଓଡ଼ିଶାର ମଧ୍ୟ ୧୮ଟି ନଦୀ ରହିଛି। ବିଶେଷକରି ସହରାଞ୍ଚଳରୁ ପ୍ରତିଦିନ ନିର୍ଗତ ହେଉଥିବା ବର୍ଜ୍ୟଜଳ ଯୋଗୁଁ ନଦୀଜଳ ପ୍ରଦୂଷିତ ହୋଇ ବିଷାକ୍ତ ପାଲଟୁଛି।

ସରକାରୀ ତଥ୍ୟ ଅନୁସାରେ, ଆମ ରାଜ୍ୟର ସହରାଞ୍ଚଳଗୁଡ଼ିକରୁ ସାମଗ୍ରିକ ଭାବେ ପ୍ରତିଦିନ ୮୮୦ ନିୟୁତ ଲିଟରରୁ ଊର୍ଦ୍ଧ୍ୱ ବର୍ଜ୍ୟଜଳ ନିର୍ଗମନ ହେଉଛି। ନଗର ଉନ୍ନୟନ ବିଭାଗ ପକ୍ଷରୁ ୩, ୭୭, ୫୫୭ ଏମ୍‌ଏଲ୍‌ଡି କ୍ଷମତା ସମ୍ପନ୍ନ ବର୍ଜ୍ୟ ବିଶୋଧନ ପ୍ଲାଣ୍ଟର ବ୍ୟବସ୍ଥା କରାଯାଇଛି। କଟକର କାଠଯୋଡ଼ି ନଦୀ ଅଞ୍ଚଳରେ ବର୍ଜ୍ୟ ନିଷ୍କାସନ ଓ ବିଶୋଧନ ପାଇଁ ପ୍ରକଳ୍ପ ଅଞ୍ଚଳ ଚିହ୍ନଟ ହୋଇଛି। ସେହିପରି ରାଜ୍ୟର ବିଭିନ୍ନ ଶିଳ୍ପାଞ୍ଚଳ ନିକଟରେ ୧୨୯୦ଟି ବର୍ଜ୍ୟ ବିଶୋଧନ ପ୍ଲାଣ୍ଟ ରହିଛି। ତଥାପି ଯେଉଁ ହାରରେ ପ୍ରଦୂଷଣ ବଢୁଛି ଏହି ପ୍ଲାଣ୍ଟଗୁଡ଼ିକ ଆଶାନୁରୂପ ବିଶୋଧନ କରିବାରେ ସଫଳ ହୋଇପାରୁନାହାନ୍ତି। ତେଣୁ ବର୍ଜ୍ୟଜଳ ସିଧାସଳଖ ନଦୀପାଣିରେ ମିଶି ତାହାକୁ ପ୍ରଦୂଷିତ କରୁଛି। ଏହାଛଡ଼ା ବ୍ୟାପକ ଭାବେ ନିୟମ ବହିର୍ଭୂତ ବାଲି ଓ ପଥର ଖନନ, ବୃକ୍ଷ ଛେଦନ ଆଦି ଯୋଗୁଁ ନଦୀର ଜଳସ୍ତର ହ୍ରାସ ପାଇ ଶୁଷ୍କଗର୍ଭା ହେବାରେ ଲାଗିଛନ୍ତି।

୨୦୧୭, ଜୁଲାଇ ୧୬ ତାରିଖରେ ନାଗାବଳୀ ନଦୀରେ ଉଭୟଙ୍କର ବନ୍ୟା ଆସି ବ୍ୟାପକ କ୍ଷତି ଘଟାଇଥିଲା। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, କଲ୍ୟାଣସିଂହପୁର ବ୍ଲକର ଉପର ମୁଣ୍ଡଠାରୁ ଆରମ୍ଭ କରି ରାୟଗଡ଼ା ବ୍ଲକର ତଳମୁଣ୍ଡ ପର୍ଯ୍ୟନ୍ତ ସବୁଠି ବେଆଇନ ଭାବେ ବ୍ୟାପକ ପରିମାଣରେ ବାଲି ଓ ପଥର ନଦୀ ଗର୍ଭରୁ ଖନନ ହେଉଛି। ଫଳରେ ନଦୀର ଗତିପଥରେ ପରିବର୍ତ୍ତନ ଘଟି ଜନବସତିକୁ ବନ୍ୟାପ୍ଲାବିତ କରୁଛି। ଏହାଦ୍ୱାରା ନଦୀର ଜଳଧାରଣ କ୍ଷମତା ମଧ୍ୟ କମିବାରେ ଲାଗିଛି। ରାଜ୍ୟର ଅନ୍ୟତମ ପୁଣ୍ୟତୋୟା ବୈତରଣୀ ନଦୀ ମଧ୍ୟ ଏବେ ବିପଦରେ। ଏହି ଚିରସ୍ରୋତା ନଦୀ ଦିନକୁ ଦିନ ପୋତିହେବାରେ ଲାଗିଛି। ନଦୀ ପାର୍ଶ୍ୱରେ ଖଣି ଖନନ, କମ୍ପାନୀର ବର୍ଜ୍ୟବସ୍ତୁ ନଦୀକୁ ଛାଡ଼ିବା ଓ ମୃତ୍ତିକା କ୍ଷୟ ଏହାର



ମୁଖ୍ୟ କାରଣ ବୋଲି ଶାହା କମିଶନ ରିପୋର୍ଟରେ ଦର୍ଶାଇଥିଲେ। କେନ୍ଦୁଝର ଜିଲ୍ଲାର ବାଂଶପାଳ ବ୍ଲକ ଅଧୀନ ଗୋନାସିକା ପାହାଡ଼ରୁ ବୈତରଣୀ ବାହାରି ପ୍ରାୟ ୩୫୦ କି.ମି. ଅତିକ୍ରମ କରି ଭଦ୍ରକ ଜିଲ୍ଲା ଦେଇ ବଙ୍ଗୋପସାଗରରେ ମିଶିଛି। ବୈତରଣୀର ବାମ ପାର୍ଶ୍ୱରୁ ୩୫ ଓ ଡାହାଣ ପାର୍ଶ୍ୱରେ ୩୦ ନାଳ, ଝରଣା ଆଦି ମିଶୁଥିବା ବେଳେ ସେ ସବୁ ମଧ୍ୟ ପ୍ରଦୂଷିତ ହେଉଛି। ବହୁ ଖଣିସଂସ୍ଥା ଓ କମ୍ପାନୀ ଆଇନକୁ ଫାଙ୍କି ଅବିଚାରିତ ଭାବେ ଖଣି ଖନନ ଓ ଶିଳ୍ପ ପ୍ରତିଷ୍ଠା କରିଛନ୍ତି। ସେ ସବୁରୁ ନିର୍ଗତ ବର୍ଜ୍ୟବସ୍ତୁର ପରିଚାଳନା ଠିକ୍ ଭାବେ ହୋଇପାରୁନଥିବାରୁ ବୈତରଣୀ ନଦୀ ଜଳ ପ୍ରଦୂଷିତ ହେଉଛି।

ଦିନ ଥିଲା ଶ୍ରୀକ୍ଷେତ୍ର ପୁରୀର ପ୍ରମୁଖ ଜଳଉତ୍ସ ତଥା ଜୀବନରେଖା ଭାବେ ପରିଚିତ ଥିଲା ଐତିହ୍ୟସମ୍ପନ୍ନ ମୂଷାନଈ। ହୁଳୁହୁଳିଆ ପୋଲ ଓ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ବ୍ୟାପକ ଜବରଦଖଲ ହେବା ଫଳରେ ମୂଷାନଈ ସଙ୍କୁଚିତ ହୋଇଗଲାଣି। ମୂଷାନଈର ପ୍ରଥମ ନାମ ଥିଲା ଅଠରନଳା ନଦୀ। ଭାର୍ଗବୀ ନଦୀର ଶାଖା ମୂଷାନଈ ହୁଳୁହୁଳିଆ ପୋଲ ଦେଇ ଅଠରନଳା ତଳେ ଯାଇ ମଙ୍ଗଳା ନଦୀରେ ମିଶିଥିଲା। ଗତ ଦୁଇ ଦଶନ୍ଧି ଭିତରେ ମୂଷାନଈ ସଙ୍କୁଚିତ ହୋଇପଡ଼ିଛି। ସରକାରୀ ସ୍ତରରେ ମୂଷାନଈର ପୁନରୁଦ୍ଧାର ପାଇଁ ୨୦୦୫ ଜୁନ୍ ୧୨ରେ ପ୍ରଥମେ ଉଦ୍ୟମ ଆରମ୍ଭ ହୋଇଥିଲା। ମାତ୍ରା ତାହା ଫଳପ୍ରଦ ହୋଇ ପାରିନାହିଁ। ଅନୁଗୋଳ ଜିଲ୍ଲା ତାଳଚେର ସହରର ଜୀବନରେଖା କୁହାଯାଉଥିବା ବ୍ରାହ୍ମଣୀ ନଦୀ ପ୍ରଦୂଷିତ ହେବାରେ ଲାଗିଛି। ତାଳଚେର କୋଇଲା ଖଣିର କୋଇଲା ଗୁଣ୍ଡ ମିଶା କଳାପାଣି ବଙ୍ଗାରୁ ଜୋର ଦେଇ ବ୍ରାହ୍ମଣୀରେ ମିଶିଛି। ନଦୀର ଉପର ମୁଣ୍ଡରେ ଥିବା କାରଖାନାରୁ ରାସାୟନିକ ପଦାର୍ଥ ମିଶ୍ରିତ ପାଣି ନଦୀରେ ଆସୁଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ରାୟଗଡ଼ା ଜିଲ୍ଲା ଗୁଣୁପୁର ଉପଖଣ୍ଡର ଜୀବନରେଖା ସାଜିଥିବା ବଂଶଧାରା ନଦୀ ଏବେ ବାଲୁକା ଶଯ୍ୟାରେ ପରିଣତ ହେବାକୁ ଯାଉଥିବା ଅଭିଯୋଗ ହେଉଛି। ୨୧୭ କି.ମି. ଦୈର୍ଘ୍ୟ ବିଶିଷ୍ଟ ବଂଶଧାରାର ୧୨୫ କି.ମି. ଓଡ଼ିଶାରେ ପ୍ରବାହିତ। କେନ୍ଦ୍ରପଡ଼ାର ଗୁପ୍ତ ଗଙ୍ଗା ଭାବେ ପରିଚିତ ଗୋବରୀ ନଦୀ ନିଜ ଅସ୍ତିତ୍ୱକୁ ନେଇ ଏବେ ସଂଗ୍ରାମ କରୁଛି। ୧୧୩ କି.ମି. ଦୈର୍ଘ୍ୟ ବିଶିଷ୍ଟ ଏହି ନଦୀ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ଖଇରା ନିକଟରୁ ବାହାରି ଓଳାଶୁଣି ଦେଇ କଟକ ଓ କେନ୍ଦ୍ରପଡ଼ା ଜିଲ୍ଲାର ୫ଟି ବ୍ଲକରେ ପ୍ରବାହିତ ହେଉଛି। ଏହାର ପ୍ରସ୍ଥ କେଉଁଠି ୧୦ ମିଟର ଅଛି ତ କେଉଁଠି ୫୦୦ ମିଟର। ୨୦୦ରୁ ଊର୍ଦ୍ଧ୍ୱ ଗ୍ରାମର ୫ଲକ୍ଷ ଲୋକଙ୍କ ଜୀବିକା ସହ ଗୋବରୀ ଜଡ଼ିତ। ନଦୀ ପଠାର ଏକାଧିକ ସ୍ଥାନରେ ମାଟି ତାଡ଼ି ହୋଇଯିବାରୁ ନଦୀବନ୍ଧ କେଉଁ ଆଡ଼େ ଲୁଚି ଗଲାଣି। ନଦୀର ଜଳସ୍ତର ଆସି ଭୂପତ୍ତନ ସହ ମିଶିଗଲାଣି। ଏଣେ ଲଗାଣ ବର୍ଷାହେଉ ବା ଅନ୍ୟଦିନରେ ବର୍ଷା ହେବା ଯୋଗୁଁ କେନ୍ଦ୍ରପଡ଼ା ସହରରେ ପାଣି ନିଷ୍କାସିତ ହୋଇ ନପାରିବାରୁ ପୌରବାସୀ ଜଳବନ୍ଦୀ ହୋଇ ରହୁଛନ୍ତି।

ପୌରାଣିକ ଓ ଐତିହାସିକ ମାନ୍ୟତା ବହନ କରୁଥିବା ଜୀରାନଦୀର ସ୍ଥିତି ମଧ୍ୟ ସମାନ। ନଦୀ ପଠା ଜବରଦଖଲ, ନଦୀ ଭିତରେ ବେଆଇନ ନିର୍ମାଣ, ମନ୍ଦିର ଓ ଶ୍ମଶାନ ନାଁରେ ଜମି ଜବରଦଖଲ ଯୋଗୁଁ ନଦୀ ତାର ପ୍ରାକୃତିକ ଜଳ ଉତ୍ସ ହରାଇଛି। ବରଗଡ଼ ସହର ଆଜି ପାନୀୟ ଜଳକ୍ଲିଷ୍ଟ ଅଞ୍ଚଳ ଭାବେ ପରିଣତ ହେବାକୁ ଯାଉଛି। ସେହିପରି ଇତିହାସ ଓ ପୁରାଣ ବର୍ଣ୍ଣନାରେ ପ୍ରାଚୀ ନଦୀର ସ୍ଥାନ ସ୍ୱତନ୍ତ୍ର। କଟକ ନରାଜଠାରୁ ମହାନଦୀରୁ ସୃଷ୍ଟି ପ୍ରାଚୀ ନଦୀକୁ ପୂର୍ବ ଭାରତର ସରସ୍ୱତୀ ଭାବେ ସମ୍ବୋଧନ କରାଯାଇଥାଏ। ପୂର୍ବରୁ ପ୍ରାଚୀ ନଦୀର ଦୈର୍ଘ୍ୟ ୫ ମାଇଲ ରହିଥିବାବେଳେ ଗଭୀରତା ଥିଲା ୧୦ହଜାର ଫୁଟ। ଦିନେ ଏହି ନଦୀରେ ଘଣ୍ଟା ପ୍ରତି ୮ ହଜାର ୫ ଶହ ଘନଫୁଟ ଜଳ ପ୍ରବାହିତ ହେଉଥିଲା। ତେବେ ଅବରୋଧ ଓ ଜବରଦଖଲ ଯୋଗୁଁ ଏହି ଐତିହ୍ୟସମ୍ପନ୍ନ ପ୍ରାଚୀ ନଦୀ ପ୍ରାୟ ଅସ୍ତିତ୍ୱ ହରାଇ ବିଲୁପ୍ତ ହେବାକୁ ଯାଉଛି।

କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଉପଖଣ୍ଡବାସୀଙ୍କ ପାଇଁ ରେତ ନଦୀ ଜୀବନରେଖା ସଦୃଶ। ରେତନଦୀ ନର୍ଲାବ୍ଲକ ବଡ଼ଧାର ପାଞ୍ଚାୟତ ଅନ୍ତର୍ଗତ ତଥା ନର୍ଲା-ଲାଞ୍ଜିଗଡ଼ ସୀମାନ୍ତ ତୁସଗୁଡ଼ା ପାର୍ବତ୍ୟ ଅଞ୍ଚଳରୁ ବାହାରି କେସିଙ୍ଗା ବ୍ଲକର ବାହାଦୂର ପଦର ନିକଟରେ ତେଲ ନଦୀରେ ମିଶିଛି। ଏହା ହେଉଛି ତେଲନଦୀର ଏକ ଶାଖା ନଦୀ। ଶତାଧିକ ବର୍ଷ ପୁରାତନ ଏହି ନଦୀ ଉପରୋକ୍ତ ଅଞ୍ଚଳବାସୀଙ୍କ ଜୀବନ ଧାରଣର ମାନବୃଦ୍ଧିରେ ସହାୟକ ହୋଇ ଆସିଛି। କିନ୍ତୁ ନଦୀରୁ ଅବାଧ ବାଲିଚାଲଣ ଓ ନଦୀ ଶଯ୍ୟାରେ ମାଟି ପକାଇ ଅସ୍ଥାୟୀ ରାସ୍ତା ନିର୍ମାଣ ଆଦି ଯୋଗୁଁ ନଦୀଗର୍ଭ କ୍ରମେ ପୋତି ହେବା ସହ ଜଳଧାରଣ କ୍ଷମତା ହ୍ରାସ ପାଇବାରେ ଲାଗିଛି।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଘୋଷଣା
ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉକ୍ତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

## ଅବଶିଷ୍ଟାଂଶ...

### ଶ୍ରୀମନ୍ଦିର ସୁରକ୍ଷା...

ନଥିବା ମଧ୍ୟ ଅଭିଯୋଗ ହେଉଛି । ତେବେ ବହୁପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ହେବା ପରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି । '୫-ଟି' ଅଧୀନରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ । ଏହି ପରିପ୍ରେକ୍ଷୀରେ ଶ୍ରୀ ପାଣ୍ଡିଆନ୍ ବିଭିନ୍ନ ବର୍ଗର ଲୋକ, ସେବାୟତ, ପ୍ରଶାସନ ଏବଂ ଶ୍ରଦ୍ଧାଳୁଙ୍କ ସହ ଏ ସମ୍ପର୍କରେ ଆଲୋଚନା କରି ସେମାନଙ୍କ ମତାମତ ଲୋଡ଼ିଥିଲେ । ସେଥିରୁ ଶ୍ରୀମନ୍ଦିର ପାଇଁ ଏକ ସ୍ୱତନ୍ତ୍ର ସୁରକ୍ଷା ବଳୟର ଆବଶ୍ୟକତା ରହିଥିବା ସ୍ପଷ୍ଟ ହୋଇଥିଲା । ତେଣୁସ୍ୱତନ୍ତ୍ର ସୁରକ୍ଷା ବାଟାଲିଅନ୍ (ଏସ୍ଏସ୍ବି) ଗଠନ ନେଇ ଶ୍ରୀ ପାଣ୍ଡିଆନ୍ ଦେଇଥିବା ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ମଞ୍ଜୁରୀ ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ ଏହି ବାଟାଲିଅନ୍ ଶ୍ରୀମନ୍ଦିରର ପ୍ରବେଶ/ପ୍ରସ୍ଥାନ ଦ୍ୱାରଠାରୁ ଆରମ୍ଭ କରି ମନ୍ଦିରର କୋଣଅନୁକୋଣରେ ମୁତୟନ ହେବ । ଭିଡ଼ ପରିଚାଳନା, ଭକ୍ତମାନଙ୍କର ସମସ୍ୟା ଦୂର କରିବା ଲାଗି ସୁରକ୍ଷା କର୍ମୀମାନଙ୍କୁ ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷଣ ଦିଆଯିବ । ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ବରିଷ୍ଠ ନାଗରିକଙ୍କ ପାଇଁ ସେମାନେ ବେଶ୍ ଯତ୍ନବାନ୍ ରହିବେ । ଏହାଦ୍ୱାରା ଭକ୍ତମାନେ ବିନା ଦ୍ୱିଧାରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଦର୍ଶନ ସୁରୁଖୁରୁରେ କରିପାରିବେ । ଏହି ବାଟାଲିଅନ୍‌ରେ ପ୍ରାୟ ୧୧୯୦ଜଣ ସୁରକ୍ଷା କର୍ମଚାରୀ ନିୟୋଜିତ ହେବେ ଏବଂ ପୁରୀ ଏସ୍‌ପିଙ୍କ ଅଧୀନରେ ସେମାନେ କାର୍ଯ୍ୟ କରିବେ ।

### ସକାଳ ୮ ଟାରେ...

ଧାର୍ମିକ ପୀଠ ଓ ଜଗନ୍ନାଥମନ୍ଦିରଗୁଡ଼ିକୁ ନିମନ୍ତ୍ରଣ ନିମନ୍ତେ ୧୩ଟି ଟିମ୍ ଗଠନ କରାଯାଇଛି । ପ୍ରତ୍ୟେକ ଟିମ୍‌ରେ ଜଣେ ନୋଡ଼ାଲ ଅଫିସର ଓ ୩ ଜଣ ଲେଖାଏଁ ସେବାୟତ ରହିଛନ୍ତି । ରାଜ୍ୟର ୩୦ଟି ଜିଲ୍ଲାର ବିଭିନ୍ନ ପ୍ରମୁଖ ଧାର୍ମିକ ପୀଠ, ପ୍ରମୁଖ ଜଗନ୍ନାଥ ମନ୍ଦିର, ପ୍ରଭୁ ଜଗନ୍ନାଥଙ୍କ ଲୀଳାଶ୍ରୀକ୍ଷେତ୍ର, ନବକଳେବର ଦାରୁକ୍ଷେତ୍ରରେ ଏହି ପ୍ରତିନିଧିଦଳ ନିମନ୍ତ୍ରଣ ପତ୍ର ପ୍ରଦାନ କରିବେ । ଅନୁରୂପ ଭାବରେ ଦେଶର ବିଭିନ୍ନ ଅଞ୍ଚଳରେ ପ୍ରମୁଖ ଧାର୍ମିକ ପୀଠ ଓ ଧର୍ମଗୁରୁଙ୍କୁ ନିମନ୍ତ୍ରଣ ନିମନ୍ତେ ୧୭ଟି ଟିମ୍‌ରେ ୮୫ ଜଣ ସଦସ୍ୟ ରହିଛନ୍ତି । ଏହି ପ୍ରତିନିଧିମଣ୍ଡଳୀ ନୂଆଦିଲ୍ଲୀ, ମୁମ୍ବାଇ, ନାସିକ୍, ଜାମ୍ମୁ, କାଠମାଣ୍ଡୁ, ବିଶାଖାପାଟଣା, ଥିରୁଭନନ୍ତପୁରମ୍, ବିଜୟୱାଡ଼ା, ଚେନ୍ନାଇ, ମଦୁରାଇ, ଡ଼େରାଡୁନ୍, ଅହମ୍ମଦାବାଦ, ବନାରସ, ଇନ୍ଦୋର, କୋଲକତା, ବାଙ୍ଗାଲୋର ଆଦି ସହରକୁ ଯାତ୍ରା କରିବେ । ସେଠାରୁ ସମ୍ପୃକ୍ତ ଅଞ୍ଚଳର ଧାର୍ମିକ ପୀଠଗୁଡ଼ିକୁ ଯାତ୍ରା କରି ନିମନ୍ତ୍ରଣ ପତ୍ର ଦେବେ । ନିମନ୍ତ୍ରଣପତ୍ର ସହିତ ମନ୍ଦିର ପ୍ରଶାସନର ଚିଠି, ଭୋଗ ପେଡି ଓ ଓଲାଗି ବାନା ମଧ୍ୟ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି । ମଙ୍ଗଳବାର ସକାଳୁ ନିମନ୍ତ୍ରଣ ବାର୍ତ୍ତା ଓ ପତ୍ରନେଇ ଏହି ଟିମ୍‌ଗୁଡ଼ିକ ପ୍ରଥମେ ଏକାମ୍ର କ୍ଷେତ୍ରାଧିପତି ମହାପ୍ରଭୁ ଲିଙ୍ଗରାଜଙ୍କୁ ନିମନ୍ତ୍ରଣ ପାଇଁ ଭୁବନେଶ୍ୱରରେ ପହଞ୍ଚିବେ । ଶ୍ରୀ ଲିଙ୍ଗରାଜଙ୍କୁ ନିମନ୍ତ୍ରଣ ପତ୍ର ପ୍ରଦାନ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନିମନ୍ତ୍ରଣ ପତ୍ର ପ୍ରଦାନ କରାଯିବ । ଏହାପରେ ପ୍ରତ୍ୟେକ ଟିମ୍ ନିଜନିଜ ଗନ୍ତବ୍ୟସ୍ଥଳ ଅଭିମୁଖେ ଯାତ୍ରା କରିବେ ।

### 'ଏକ ଦେଶ-ଏକ...

ପ୍ରସ୍ତୁତ କରାଯାଇଛି । ଅନୁରୂପ ଭାବରେ ବିହାର ଓ ଦିଲ୍ଲୀ ବିଧାନସଭା ନିର୍ବାଚନ ୨୦୨୫ରେ ଅନୁଷ୍ଠିତ ହେବ । ତେଣୁ ଚଳିତ ଅବଧି ପୂର୍ଣ୍ଣ ହେବା ପରେ ଦୁଇ ବିଧାନସଭାର ଅବଧିକୁ ହ୍ରାସ କରାଯିବ । ଦିଲ୍ଲୀ ବିଧାନସଭାର ଅବଧି ୧୦ ମାସ ଓ ବିହାର ବିଧାନସଭା ଅବଧି ୩ବର୍ଷ ୬ ମାସ ରହିବ । ଆସାମ, କେରଳ, ତାମିଲନାଡୁ, ପଶ୍ଚିମବଙ୍ଗ, ପୁଡୁଚେରୀ ବିଧାନସଭା ନିର୍ବାଚନ ଆସନ୍ତା ୨୦୨୬ ଏପ୍ରିଲରୁ ଜୁନ୍ ମଧ୍ୟରେ ଅନୁଷ୍ଠିତ ହେବ । ତେଣୁ ଏକକ ନିର୍ବାଚନ ନିମନ୍ତେ ଏହି ବିଧାନସଭାଗୁଡ଼ିକର କାର୍ଯ୍ୟକାଳ ୩୬ ମାସରୁ ୪୨ ମାସ ମଧ୍ୟରେ ରଖାଯିବ । ଅନ୍ୟପକ୍ଷରେ ଉତ୍ତରପ୍ରଦେଶ, ଗୋଆ, ମଣିପୁର, ପଞ୍ଜାବ, ଉତ୍ତରାଖଣ୍ଡ ଆଦି ରାଜ୍ୟର ବର୍ତ୍ତମାନ ବିଧାନସଭା ଅବଧି ସର୍ବାଧିକ ୬ ମାସ ଯାଏ ହ୍ରାସ କରାଯାଇ ନିର୍ବାଚନ ଅନୁଷ୍ଠିତ ହେବ ଏବଂ ୨୦୨୯ ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ପରବର୍ତ୍ତୀ ବିଧାନସଭାର ଅବଧି ଧାର୍ଯ୍ୟ ହେବ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଶ୍ରୀ କୋବିନ୍ଦଙ୍କ ଅଧ୍ୟକ୍ଷତାରେ 'ଏକ ଦେଶ, ଏକ ନିର୍ବାଚନ' ନିମନ୍ତେ କେନ୍ଦ୍ର ସରକାର ଏକ କମିଟି ଗଠନ କରିଛନ୍ତି । କମିଟିର ପ୍ରଥମ ବୈଠକ ଗତ ୨୩ ସେପ୍ଟେମ୍ବରରେ ଦିଲ୍ଲୀରେ ଅନୁଷ୍ଠିତ ହୋଇଛି ।

### ମାଲକାନଗିରିକୁ ଉଡ଼ିବ...

ସେତୁର ଉଦ୍‌ଘାଟନ କରିବା ପରେ ସ୍ଥାନୀୟ ଲୋକେ ଆର୍ଥିକ ଓ ସମାଜିକ ବିକାଶର ନୂଆ ପରିଭାଷା ଜାଣିଲେ । ଓଡ଼ିଶାର ଅତ୍ୟନ୍ତ ପଛୁଆ ଅଞ୍ଚଳ ଭାବେ ଜଣାଶୁଣା ମାଲକାନଗିରି ଆଜି ସଫଳତାର ପାହାଚ ଅତିକ୍ରମ କରିବାରେ ଲାଗିଛି । ଏପରିସ୍ଥଳେ ବିମାନ ସେବା ଆରମ୍ଭ ହେବା ଜିଲ୍ଲା ପାଇଁ ବଡ଼ ଉପଲବ୍ଧି କୁହାଯାଉଛି । ହସ୍ତଗତ ସୂଚନା ଅନୁସାରେ ଯାତ୍ରୀବାହୀ ବିମାନ ସେବା ଆରମ୍ଭ ପାଇଁ ମାଲକାନଗିରି ବିମାନବନ୍ଦରରେ ସମସ୍ତ କାର୍ଯ୍ୟ ପ୍ରାୟ ଶେଷ ହୋଇଛି । ଏଠାରେ ୧୫୦୦/୩୦ ମିଟର୍ ରନୱେ, ପାଚେରୀ, ଏଟିସି ଟାୱାର, ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ସରିଛି । ପ୍ରଥମ ପର୍ଯ୍ୟାୟରେ ଏଠାରୁ ୯ ଆସନ ବିଶିଷ୍ଟ ବିମାନ ସେବା ଆରମ୍ଭ ହେବା ସମ୍ଭାବନା ଅଛି ଏବଂ ପରବର୍ତ୍ତୀ ସମୟରେ ବଡ଼ ବିମାନ ଚଳାଚଳ କରିବ । ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ପକ୍ଷରୁ ମାଲକାନଗିରି ବିମାନବନ୍ଦର କାର୍ଯ୍ୟକ୍ଷମ କରିବା ଲାଗି ସମସ୍ତ ବୈଷୟିକ ସହାୟତା ପ୍ରଦାନ କରାଯାଉଛି । ଆସନ୍ତା ୨୮ ତାରିଖ ଦିନ ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ବିମାନବନ୍ଦର କର୍ତ୍ତୃପକ୍ଷଙ୍କର ଏକ ଉଚ୍ଚପଦସ୍ଥ ଟିମ୍ ମାଲକାନଗିରି ବିମାନବନ୍ଦର ଗସ୍ତ କରି ପ୍ରସ୍ତୁତି ଅନୁଧାନ କରିବା କାର୍ଯ୍ୟକ୍ରମ ରହିଛି ।

### ରାଉରକେଲା-କୋଲକାତା...

ଏଠାରେ ୩ ଘଣ୍ଟା ୨୦ ମିନିଟ୍ ରହଣି ପରେ ଅପରାହ୍ଣ ୩ଟା ୫୦ରେ ଉଡ଼ାଣ ଭରି କୋଲକାତାରେ ସନ୍ଧ୍ୟା ୫ଟା ୨୦ରେ ପହଞ୍ଚିବ । ସପ୍ତାହର ଅନ୍ୟ ୪ ଦିନ ଯଥା ସୋମବାର, ବୁଧବାର, ଶୁକ୍ରବାର ଓ ରବିବାର; ପୂର୍ବପରି ରାଉରକେଲାରୁ କୋଲକାତାକୁ ଭୁବନେଶ୍ୱର ଦେଇ ଉଡ଼ିବ ବୋଲି କୁହାଯାଇଛି । ଏଥିପାଇଁ ସୋମବାର ରାଉରକେଲା ଓ କୋଲକାତା ବିମାନବନ୍ଦରରେ ଆବଶ୍ୟକ ପ୍ରସ୍ତୁତି ସରିଛି । ଆଜି ସନ୍ଧ୍ୟା ପର୍ଯ୍ୟନ୍ତ ରାଉରକେଲାରୁ କୋଲକାତା ଯିବା ପାଇଁ ୩୫ଜଣ ଟିକଟ ବୁକିଂ କରିଛନ୍ତି । ସୂଚନାଯୋଗ୍ୟ, ରାଉରକେଲାରୁ କୋଲକାତା ସିଧାସଳଖ ବିମାନ ଚଳାଚଳ କରାଇବାକୁ ବିଭିନ୍ନ ମହଲରେ ଦାବି ହୋଇ ଆସୁଥିଲା । ରାଉରକେଲା ବିମାନ ବନ୍ଦରରେ ଇନ୍‌ଷ୍ଟ୍ରୁମେଣ୍ଟାଲ ଲ୍ୟାଣ୍ଡିଂ ସିଷ୍ଟମ (ଆଇଏଲଏସ) ବ୍ୟବସ୍ଥା ନ ଥିବାରୁ ପ୍ରତିକୂଳ ପାଗ ଏବଂ ରାତ୍ରିକାଳୀନ ଲ୍ୟାଣ୍ଡିଂ ହୋଇପାରୁନାହିଁ । ଫଳରେ କେଉଁ ଦିନ ବିମାନ ଘଣ୍ଟା ଘଣ୍ଟା ବିଳମ୍ବ ହେଉଛି ତ ଆଉ କେଉଁଦିନ ସମ୍ପୂର୍ଣ୍ଣ ବାତିଲ ହୋଇଯାଉଛି । ଆଇଏଲଏସ୍ ବ୍ୟବସ୍ଥା ସ୍ଥାପନ ହେଲେ ହିଁ ରାଉରକେଲା ବିମାନ ବନ୍ଦରରେ ବଡ଼ ବିମାନ ଉଡ଼ାଣ ଓ ଅବତରଣ ସମ୍ଭବ ହେବ । ଏଥିପାଇଁ ରାଉରକେଲା ବିମାନବନ୍ଦରର ରନ୍-ୱେକୁ ମଧ୍ୟ ସମ୍ପ୍ରସାରଣ କରିବା ଆବଶ୍ୟକତା ରହିଛି ।

### ୨୭ ବର୍ଷରେ...

୨୦୨୨ରେ ପଞ୍ଚାୟତ ନିର୍ବାଚନରେ ବିଜେଡ଼ି ରେକଡର୍ ୭୮୮ ଜୋନ୍ ଦଖଲ ସହ ସମସ୍ତ ୩୦ ଜିଲ୍ଲା ପରିଷଦରେ ନିଜର ବିଜୟ ଧ୍ୱଜା ଉଡ଼ାଇଛି । ୧୦୮ ପୌରାଞ୍ଚଳ ମଧ୍ୟରୁ ୯୫ ଓ ସମସ୍ତ ୩ ମହାନଗର ନିଗମରେ ନିଜର ଏକଚାଟିଆ ବିଜୟ ଦରଜ କରିବାକୁ ସକ୍ଷମ ହୋଇଛି । ଦେଶର ସମସାମୟିକ ରାଜନୈତିକ ଦଳ ଓ ଏପରିକି ଅନେକ ରାଷ୍ଟ୍ରୀୟ ଦଳ ଅପେକ୍ଷା ବିଜେଡି ପାଇଛି ଏ କ୍ଷେତ୍ରରେ ଅଧିକ ସଫଳତା । ଏପରିକି ଜେଡ଼ିୟୁ, ଏନ୍‌ସିପି, ଆର୍‌ଜେଡ଼ି, ସିପିଆଇ, ସିପିଏମ୍, ଜେଡ଼ିଏସ୍ ପରି ଅନେକ ଜାତୀୟ ଓ ଆଞ୍ଚଳିକ ଦଳ ବିଜୁ ଜନତା ଦଳର ସଫଳତାର ନିକଟବର୍ତ୍ତୀ ହୋଇପାରିନାହାନ୍ତି । ପ୍ରତି ନିର୍ବାଚନରେ ଦଳର ଭୋଟ ହାର ପୂର୍ବ ନିର୍ବାଚନ ତୁଳନାରେ ହାରାହାରି ୧୦%ରୁ ୨୦% ପର୍ଯ୍ୟନ୍ତ ବୃଦ୍ଧି ଘଟିଛି । ଆଗାମୀ ୨୦୨୪ରେ ସାଧାରଣ ନିର୍ବାଚନ ବେଳକୁ ଦଳର ଭୋଟ ସଂଖ୍ୟା ୧୫୦ ଲକ୍ଷରେ ପହଞ୍ଚିବ ବୋଲି ଦଳ ଆକଳନ କରିଛି । ବିଜୁ ଜନତା ଦଳ ଗଠନ ଦିନରୁ ହିଁ ରାଜ୍ୟବାସୀଙ୍କ ପାଇଁ ଆଶାଭରସାର କେନ୍ଦ୍ର ପାଲଟିଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ୨୦୦୦ ମସିହାରେ ବିଜୁ ଜନତା ଦଳ ରାଜ୍ୟରେ କ୍ଷମତାସୀନ ହେବା ପରଠାରୁ ତତ୍‌କାଳୀନ ସମୟର ଓଡ଼ିଶା ପରିବର୍ତ୍ତନର କଣ୍ଟକିତ ପଥରୁ ଯାତ୍ରା ଆରମ୍ଭ କରି ସମ୍ପ୍ରତି ରୂପାନ୍ତରଣ ପଥରେ ଅଗ୍ରସର ହୋଇଛି । ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା, କୃଷି, ଶିଳ୍ପ, ଯୋଗାଯୋଗ, ଜଳସେଚନ, ଗମନାଗମନ ଆଦି ପ୍ରତ୍ୟେକ କ୍ଷେତ୍ରରେ ହାସଲ କରିଛି ଈର୍ଷଣୀୟ ସଫଳତା । ଜନକଲ୍ୟାଣ କାର୍ଯ୍ୟକ୍ରମ, ମହିଳା ସଶକ୍ତିକରଣ କ୍ଷେତ୍ରରେ ଓଡ଼ିଶା ସମ୍ପ୍ରତି ସମଗ୍ର ଦେଶରେ ନିଜର ଏକ ଭିନ୍ନ ପରିଚୟ ସୃଷ୍ଟି କରିଛି । ସଫଳ ବିତ୍ତୀୟ ପରିଚାଳନା ଓଡ଼ିଶାକୁ ସାରା ଦେଶରେ ଶ୍ରେଷ୍ଠ ସଫଳ ରାଜ୍ୟରେ ପରିଣତ କରିଛି । ଏକଦା ସରକାରୀ କର୍ମଚାରୀଙ୍କୁ ଦରମା ଦେବା ପାଇଁ ଋଣ ଉପରେ ନିର୍ଭର କରୁଥିବା ଓଡ଼ିଶାର ଋଣ ହାର ଏବେ ସାରା ଦେଶରେ ସବୁଠୁ କମ୍ । ଓଡ଼ିଶାର ବିକାଶ, ଓଡ଼ିଆଙ୍କ ଉନ୍ନତି, ଓଡ଼ିଆ ଅସ୍ମିତାର ସୁରକ୍ଷା, ମହିଳା ସଶକ୍ତିକରଣ ନିମନ୍ତେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ସ୍ୱପ୍ନକୁ ସାକାର କରିବାକୁ ବିଜେଡିର ପ୍ରତିବଦ୍ଧତା ଉପରେ ମୋହର ମାରିଛନ୍ତି ଓଡ଼ିଶାବାସୀ । ଦୁଇ ଦଶନ୍ଧି ତଳର ଆର୍ଥିକ ଦୁଃସ୍ଥିତି, ନିଃସମ୍ବଳ ରାଜ୍ୟ ଓଡ଼ିଶା ଆଜି ସାରା ଦେଶରେ ସମ୍ମାନର ସହ ମୁଣ୍ଡଟେକି ଠିଆ ହୋଇ ପାରିଛି । ମହାବାତ୍ୟା ବିଧ୍ୱସ୍ତ ଓଡ଼ିଶା ଏବେ ଦେଶର ପୁଞ୍ଜିନିବେଶର ପେଣ୍ଠ ପାଲଟିଛି । ବନ୍ୟା, ମରୁଡ଼ି ପରି ପ୍ରାକୃତିକ ବିପର୍ଯ୍ୟୟ ସତ୍ତ୍ୱେ ନିରନ୍ତର ବିକାଶ କ୍ଷେତ୍ରରେ ଓଡ଼ିଶା ଜାତୀୟ ହାରଠାରୁ ଉଚ୍ଚସ୍ତରରେ ପହଞ୍ଚିଛି । ବିଭିନ୍ନ ସମୟରେ କେନ୍ଦ୍ରୀୟ ଅବହେଳା, ଅନୁଦାନ ହ୍ରାସ, ଯୋଜନାର ଅଂଶ ହ୍ରାସ ସତ୍ତ୍ୱେ ଗତ ୨୨ ବର୍ଷ ମଧ୍ୟରେ ନବୀନଙ୍କ ନେତୃତ୍ୱାଧୀନ ବିଜେଡି ସରକାର ପାଖାପାଖି ୧୦୦ଟି ନିଜସ୍ୱ ଯୋଜନା ପ୍ରଣୟନ କରିଛି । 'ମିଶନଶକ୍ତି' ୭୦ ଲକ୍ଷ ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ସକ୍ଷମ ହୋଇ ପାରିଛି । ବିଜୁ କୃଷକ କଲ୍ୟାଣ ଯୋଜନାନ୍ତର୍ଗତ 'କାଳିଆ' ରାଜ୍ୟର ଚାଷୀଙ୍କ ପାଇଁ ବରଦାନ ପାଲଟିଛି ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ କାର୍ଡ ରାଜ୍ୟବାସୀଙ୍କ ଜୀବନରେଖାରେ ପରିଣତ ହୋଇଛି । ଗୋପବନ୍ଧୁ ଗ୍ରାମୀଣ ଯୋଜନା, ବିଜୁ ସେତୁ ଯୋଜନା, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା, ତୃପ୍ତି, ଡ୍ରିଙ୍କ ଫ୍ରମ ଟ୍ୟାପ୍ ଓ ଶିକ୍ଷାର ରୂପାନ୍ତରଣ ନିମନ୍ତେ 'ମୋ ସ୍କୁଲ' ଆଣିଛି ବୈପ୍ଳବିକ ପରିବର୍ତ୍ତନ । ଅନୁସୂଚୀତ ଜାତି ଜନଜାତିଙ୍କ ବିକାଶ, ସମାଜର ସର୍ବଶେଷରେ ଥିବା ବ୍ୟକ୍ତିଟି ବିଜେଡି ସରକାରଙ୍କ 'ନବୀନ' ଯୋଜନାରେ ଉପକୃତ ହୋଇ ପାରିଛି । ଅନୁରୂପ ଭାବରେ କେବଳ ଯୋଜନା ପ୍ରଣୟନ ନୁହେଁ, ଏହାର କାର୍ଯ୍ୟାନ୍ୱୟନରେ ବିଜେଡି ସରକାର ନିଜର ପ୍ରତିବଦ୍ଧତା ପ୍ରମାଣିତ କରିଛି । ପରିଣତିସ୍ୱରୂପ ରାଜ୍ୟର ବଜେଟ୍ ୨୦ ବର୍ଷ ମଧ୍ୟରେ ୧୦ ଗୁଣ ବୃଦ୍ଧି ପାଇଛି, ରାଜ୍ୟକୁ ପୁଞ୍ଜିନିବେଶ ପଥ ସୁଗମ ହୋଇଛି । ଓଡ଼ିଶା ଦେଶରେ ଦମ୍ଭରେ ଠିଆ ହୋଇ ପାରିଛି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଶର ଅନ୍ୟତମ ଶୀର୍ଷ ଲୋକପ୍ରିୟ ନେତାରେ ପରିଣତ ହୋଇଛନ୍ତି ।

### କଣ୍ଟାବାଞ୍ଜିରେ...

ରେଡକ୍ରସ୍ ପାଣ୍ଠିରୁ ସହାୟତା ପ୍ରଦାନ କରାଯାଇଛି । ଅପରପକ୍ଷେ, ଏହାକୁ ନେଇ ଜିଲ୍ଲା ପ୍ରଶାସନିକସ୍ତରରେ ତତ୍ପରତା ପ୍ରକାଶ ପାଇଛି । ଡାକ୍ତରଖାନାରେ ପ୍ରଶାସନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରତିଟି ଘରକୁ ଯାଇ ଡାଇରିଆ ନେଇ ଲୋକଙ୍କୁ ସଚେତନ କରିବା ସହ ଓଆରଏସ୍ ବଣ୍ଟନ କରିବାକୁ ଟିଟିଲାଗଡ଼ ଉପଜିଲ୍ଲାପାଳ ଦୟାମୟ ପାଢ଼ୀ ଅଙ୍ଗନବାଡ଼ି କର୍ମୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବଲାଙ୍ଗିର ସିଡିଏମ୍ଓ କୁବେର ମହନ୍ତ, କଣ୍ଟାବାଞ୍ଜି ତହସିଲଦାର ରତ୍ନାଲାଲ ମୁଣ୍ଡା, ତୁରେକେଲା ସିଡିପିଓ ରତ୍ନାମଣି ବରାଳ, ଡାକ୍ତର ରାକେଶ ମଣ୍ଡିତ ସହ ବିଭିନ୍ନ ବିଭାଗ ଅଧିକାରୀ ଓ ଅଙ୍ଗନବାଡ଼ି କର୍ମୀ ଉପସ୍ଥିତ ଥିଲେ ।


**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.

**Ph.: 9437015112**


XXIV-38

## ଓଡ଼ିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର

### ଅଧିସୂଚନା

**File No.COL/JAJ/VIIL-26/2022 12911/LA/(Civil) dated.09.11.2023**

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲାରେ ଯାଜପୁର ଟାଉନ ଠାରେ ମା' ବିରଜାଙ୍କ ମନ୍ଦିର ଚତୁଃପାର୍ଶ୍ୱ ଉନ୍ନତୀକରଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ, ମୌଜା: **ୟୁନିଟ୍ ନଂ. ୫ କୃଷ୍ଣପ୍ରସାଦ ନଗର**, ଥାନା: ଯାଜପୁର ନଂ.୨୦୧, ତହସିଲ: ଯାଜପୁର, ଜିଲ୍ଲା: ଯାଜପୁର ନିମ୍ନ ତହସିଲ ମତେ ପ୍ରାୟ **ଏ୩.୪୬୭୭୬ଡି.** ଭୂମି ଅର୍ଜନ ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act. 2013) ର ୧୧ (୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଇଅଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧ (୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଯାଜପୁର ଟାଉନଠାରେ ମା' ବିରଜାଙ୍କ ମନ୍ଦିର ଚତୁଃପାର୍ଶ୍ୱ ଉନ୍ନତୀକରଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ-ଅଧୀକ୍ଷଣ ଯନ୍ତ୍ରୀ, ପାଣିକୋଇଲି (ରାସ୍ତା ଓ କୋଠାବାଡ଼ି) ବିଭାଜନ, ପାଣିକୋଇଲି ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ଯାଜପୁର ଟାଉନଠାରେ ମା' ବିରଜାଙ୍କ ମନ୍ଦିର ଚତୁର୍ପାର୍ଶ୍ୱ ଉନ୍ନତୀକରଣ ନିମନ୍ତେ ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂଖ୍ୟା : ୩୬୧୬୮/୧୭.୧୦.୨୦୨୩ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮ (୨) ଧାରାରେ ଅନୁମୋଦନ ହୋଇଅଛି ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ: ଉପ-ଜିଲ୍ଲାପାଳ, ଯାଜପୁର ।
୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଯାଜପୁର | ଯାଜପୁର | ୟୁନିଟ ନଂ-୫ କୃଷ୍ଣପ୍ରସାଦ ନଗର | ସହରାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ୮.୬୮୯ଡି | ଏ ୩.୪୬୭୭୬ଡି | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ (ସିଭିଲ) ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁରରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଯାଜପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ଯାଜପୁର

**ଭୂମି ଅନୁସୂଚୀ**

ପ୍ରକଳ୍ପ - ଯାଜପୁର ଟାଉନ ଠାରେ ମା' ବିରଜାଙ୍କ ମନ୍ଦିର ଚତୁର୍ପାର୍ଶ୍ୱ ଉନ୍ନତୀକରଣ

ମୌଜା: ୟୁନିଟ ନଂ.୫, କୃଷ୍ଣପ୍ରସାଦ ନଗର ଥାନା ନମ୍ବର: ୨୦୧, ଥାନା/ତହସିଲ/ଜିଲ୍ଲା: ଯାଜପୁର

| କ୍ରମିକ ନମ୍ବର | ଖାତା ନଂ | ପ୍ଲଟ ନଂ | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ପ୍ରଜାଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୧୬୮ | ୫୯୮ | ୦.୦୪୦ | ୦.୦୦୮ | ନାଳ | ବିଶେଶ୍ୱର ପ୍ରସାଦ ବୋଷ, ପି:କୃଷ୍ଣପ୍ରସାଦ ବୋଷ, ଗିରିଜା ପ୍ରସାଦ ବୋଷ, ବିରଜା ପ୍ରସାଦ ବୋଷ, ପି:କମଳା କାନ୍ତ ବୋଷ, ଲିଲିମା ଦତ୍ତ, ଅନନ୍ତ ପ୍ରସାଦ ବୋଷ, ସନତ କୁମାର ବୋଷ, ରଜତ କୁମାର ବୋଷ, ସୁଜିତ କୁମାର ବୋଷ, ପି:ନରେନ୍ଦ୍ର ନାଥ ବୋଷ, ଜା:କାଏସ୍ଥ, ବା: ନିଜଗାଁ |
| ୨ | ୧୬୮ | ୫୬୨ | ୦.୦୬୫ | ୦.୦୧୫ | ନାଳ | ବିଶେଶ୍ୱର ପ୍ରସାଦ ବୋଷ, ପି:କୃଷ୍ଣପ୍ରସାଦ ବୋଷ, ଗିରିଜା ପ୍ରସାଦ ବୋଷ, ବିରଜା ପ୍ରସାଦ ବୋଷ, ପି:କମଳା କାନ୍ତ ବୋଷ, ଲିଲିମା ଦତ୍ତ, ଅନନ୍ତ ପ୍ରସାଦ ବୋଷ, ସନତ କୁମାର ବୋଷ, ରଜତ କୁମାର ବୋଷ, ସୁଜିତ କୁମାର ବୋଷ, ପି:ନରେନ୍ଦ୍ର ନାଥ ବୋଷ, ଜା:କାଏସ୍ଥ, ବା: ନିଜଗାଁ |
| ୩ | ୧୬୮ | ୬୦୦ | ୦.୧୯୦ | ୦.୦୦୫ | ଶାରଦ ଜଳ-୧ | ବିଶେଶ୍ୱର ପ୍ରସାଦ ବୋଷ, ପି:କୃଷ୍ଣପ୍ରସାଦ ବୋଷ, ଗିରିଜା ପ୍ରସାଦ ବୋଷ, ବିରଜା ପ୍ରସାଦ ବୋଷ, ପି:କମଳା କାନ୍ତ ବୋଷ, ଲିଲିମା ଦତ୍ତ, ଅନନ୍ତ ପ୍ରସାଦ ବୋଷ, ସନତ କୁମାର ବୋଷ, ରଜତ କୁମାର ବୋଷ, ସୁଜିତ କୁମାର ବୋଷ, ପି:ନରେନ୍ଦ୍ର ନାଥ ବୋଷ, ଜା:କାଏସ୍ଥ, ବା: ନିଜଗାଁ |
| ୪ | ୧୬୮ | ୫୯୭ | ୦.୨୧୨ | ୦.୧୨୫ | ଶାରଦ ଜଳ-୧ | ବିଶେଶ୍ୱର ପ୍ରସାଦ ବୋଷ, ପି:କୃଷ୍ଣପ୍ରସାଦ ବୋଷ, ଗିରିଜା ପ୍ରସାଦ ବୋଷ, ବିରଜା ପ୍ରସାଦ ବୋଷ, ପି:କମଳା କାନ୍ତ ବୋଷ, ଲିଲିମା ଦତ୍ତ, ଅନନ୍ତ ପ୍ରସାଦ ବୋଷ, ସନତ କୁମାର ବୋଷ, ରଜତ କୁମାର ବୋଷ, ସୁଜିତ କୁମାର ବୋଷ, ପି:ନରେନ୍ଦ୍ର ନାଥ ବୋଷ, ଜା:କାଏସ୍ଥ, ବା: ନିଜଗାଁ |
| ୫ | ୧୬୮ | ୬୨୨ | ୦.୭୪୨ | ୦.୧୬୦ | ଶାରଦ ଜଳ-୧ | ବିଶେଶ୍ୱର ପ୍ରସାଦ ବୋଷ, ପି:କୃଷ୍ଣପ୍ରସାଦ ବୋଷ, ଗିରିଜା ପ୍ରସାଦ ବୋଷ, ବିରଜା ପ୍ରସାଦ ବୋଷ, ପି:କମଳା କାନ୍ତ ବୋଷ, ଲିଲିମା ଦତ୍ତ, ଅନନ୍ତ ପ୍ରସାଦ ବୋଷ, ସନତ କୁମାର ବୋଷ, ରଜତ କୁମାର ବୋଷ, ସୁଜିତ କୁମାର ବୋଷ, ପି:ନରେନ୍ଦ୍ର ନାଥ ବୋଷ, ଜା:କାଏସ୍ଥ, ବା: ନିଜଗାଁ |
| ୬ | ୧୬୮ | ୫୯୯ | ୦.୦୩୦ | ୦.୦୦୫ | ନାଳ | ବିଶେଶ୍ୱର ପ୍ରସାଦ ବୋଷ, ପି:କୃଷ୍ଣପ୍ରସାଦ ବୋଷ, ଗିରିଜା ପ୍ରସାଦ ବୋଷ, ବିରଜା ପ୍ରସାଦ ବୋଷ, ପି:କମଳା କାନ୍ତ ବୋଷ, ଲିଲିମା ଦତ୍ତ, ଅନନ୍ତ ପ୍ରସାଦ ବୋଷ, ସନତ କୁମାର ବୋଷ, ରଜତ କୁମାର ବୋଷ, ସୁଜିତ କୁମାର ବୋଷ, ପି:ନରେନ୍ଦ୍ର ନାଥ ବୋଷ, ଜା:କାଏସ୍ଥ, ବା: ନିଜଗାଁ |
| ୭ | ୧୬୮ | ୬୨୧ | ୦.୮୯୪ | ୦.୧୮୦ | ଶାରଦ ଜଳ-୧ | ବିଶେଶ୍ୱର ପ୍ରସାଦ ବୋଷ, ପି:କୃଷ୍ଣପ୍ରସାଦ ବୋଷ, ଗିରିଜା ପ୍ରସାଦ ବୋଷ, ବିରଜା ପ୍ରସାଦ ବୋଷ, ପି:କମଳା କାନ୍ତ ବୋଷ, ଲିଲିମା ଦତ୍ତ, ଅନନ୍ତ ପ୍ରସାଦ ବୋଷ, ସନତ କୁମାର ବୋଷ, ରଜତ କୁମାର ବୋଷ, ସୁଜିତ କୁମାର ବୋଷ, ପି:ନରେନ୍ଦ୍ର ନାଥ ବୋଷ, ଜା:କାଏସ୍ଥ, ବା: ନିଜଗାଁ |
| ୮ | ୧୬୮ | ୫୫୯ | ୦.୧୧୮ | ୦.୦୦୫ | ଶାରଦ ଜଳ-୧ | ବିଶେଶ୍ୱର ପ୍ରସାଦ ବୋଷ, ପି:କୃଷ୍ଣପ୍ରସାଦ ବୋଷ, ଗିରିଜା ପ୍ରସାଦ ବୋଷ, ବିରଜା ପ୍ରସାଦ ବୋଷ, ପି:କମଳା କାନ୍ତ ବୋଷ, ଲିଲିମା ଦତ୍ତ, ଅନନ୍ତ ପ୍ରସାଦ ବୋଷ, ସନତ କୁମାର ବୋଷ, ରଜତ କୁମାର ବୋଷ, ସୁଜିତ କୁମାର ବୋଷ, ପି:ନରେନ୍ଦ୍ର ନାଥ ବୋଷ, ଜା:କାଏସ୍ଥ, ବା: ନିଜଗାଁ |
| ୯ | ୧୬୮ | ୫୬୧ | ୦.୪୭୦ | ୦.୨୫୦ | ଶାରଦ ଜଳ-୧ | ବିଶେଶ୍ୱର ପ୍ରସାଦ ବୋଷ, ପି:କୃଷ୍ଣପ୍ରସାଦ ବୋଷ, ଗିରିଜା ପ୍ରସାଦ ବୋଷ, ବିରଜା ପ୍ରସାଦ ବୋଷ, ପି:କମଳା କାନ୍ତ ବୋଷ, ଲିଲିମା ଦତ୍ତ, ଅନନ୍ତ ପ୍ରସାଦ ବୋଷ, ସନତ କୁମାର ବୋଷ, ରଜତ କୁମାର ବୋଷ, ସୁଜିତ କୁମାର ବୋଷ, ପି:ନରେନ୍ଦ୍ର ନାଥ ବୋଷ, ଜା:କାଏସ୍ଥ, ବା: ନିଜଗାଁ |
| ୧୦ | ୨୩୮ | ୬୩୫ | ୦.୧୪୫ | ୦.୦୩୫ | ଶାରଦ ଜଳ-୧ | ସୁବାସ ଚନ୍ଦ୍ର ସର୍କେଲ, ସୁବୋଧ ଚନ୍ଦ୍ର ସର୍କେଲ, ପି: କାର୍ତ୍ତିକ ଚନ୍ଦ୍ର ସର୍କେଲ, ଜା:କାଏସ୍ଥ, ବା:କୁଆଁସର ପୁର |
| ୧୧ | ୨୫୦/ ୨୬ | ୬୨୦/ ୧୩୦୨ | ୦.୪୦୦ | ୦.୨୮୫ | ଶାରଦ ଜଳ-୧ | ଆନନ୍ଦ ଚନ୍ଦ୍ର ଓଝା, ଦିବାକର ଓଝା, ଚକ୍ରଧର ଓଝା, ଜଳଧର ଓଝା, ପି:ରାମଚନ୍ଦ୍ର ଓଝା, ଜା:କମାର, ବା: ଖଣ୍ଡେଶ୍ୱର |
| ୧୨ | ୧୫୪ | ୬୨୮ | ୦.୧୮୦ | ୦.୦୬୩ | ଶାରଦ ଜଳ-୧ | ବାଇଧର ବେହେରା ପି:ଶଙ୍କର ବେହେରା, ଆନନ୍ଦ ବେହେରା, ବିନୋଦ ବେହେରା, ପି:ବାଇଧର ବେହେରା, ଜା:ଚମାର, ବା: ବେପାରି ବ୍ରହ୍ମପୁର |
| ୧୩ | ୨୫୦/ ୨୭ | ୬୨୦/ ୧୩୦୩ | ୦.୨୦୦ | ୦.୦୧୦ | ଶାରଦ ଜଳ-୧ | ତ୍ରିଲୋଚନ ମହାରଣା, ପି:ହାଡିବନ୍ଧୁ ମହାରଣା, ଜା: କମାର, ବା:ବେଲାରପୁର |
| ୧୪ | ୨୩୮ | ୬୩୧ | ୦.୦୭୦ | ୦.୦୫୦ | ଶାରଦ ଜଳ-୧ | ସୁବାଶ ଚନ୍ଦ୍ର ସର୍କେଲ, ସୁବୋଧ ଚନ୍ଦ୍ର ସର୍କେଲ, ପି:କାର୍ତ୍ତିକ ଚନ୍ଦ୍ର ସର୍କେଲ, ଜା:କାଏସ୍ଥ, ବା:କୁଆଁସର ପୁର |
| ୧୫ | ୨୩୮ | ୬୩୩ | ୦.୧୦୫ | ୦.୦୧୦ | ଶାରଦ ଜଳ-୧ | ସୁବାଶ ଚନ୍ଦ୍ର ସର୍କେଲ, ସୁବୋଧ ଚନ୍ଦ୍ର ସର୍କେଲ, ପି:କାର୍ତ୍ତିକ ଚନ୍ଦ୍ର ସର୍କେଲ, ଜା:କାଏସ୍ଥ, ବା:କୁଆଁସର ପୁର |
| ୧୬ | ୨୩୮ | ୬୩୪ | ୦.୧୦୦ | ୦.୦୭୦ | ଶାରଦ ଜଳ-୧ | ସୁବାଶ ଚନ୍ଦ୍ର ସର୍କେଲ, ସୁବୋଧ ଚନ୍ଦ୍ର ସର୍କେଲ, ପି:କାର୍ତ୍ତିକ ଚନ୍ଦ୍ର ସର୍କେଲ, ଜା:କାଏସ୍ଥ, ବା:କୁଆଁସର ପୁର |
| ୧୭ | ୨୩୮ | ୬୩୬ | ୦.୧୮୦ | ୦.୧୨୦ | ଶାରଦ ଜଳ-୧ | ସୁବାଶ ଚନ୍ଦ୍ର ସର୍କେଲ, ସୁବୋଧ ଚନ୍ଦ୍ର ସର୍କେଲ, ପି:କାର୍ତ୍ତିକ ଚନ୍ଦ୍ର ସର୍କେଲ, ଜା:କାଏସ୍ଥ, ବା:କୁଆଁସର ପୁର |
| ୧୮ | ୧୮୧ | ୬୪୧ | ୦.୫୦୦ | ୦.୧୧୦ | ଶାରଦ ଜଳ-୧ | ନାରାୟଣ ପୃଷ୍ଟି, ପି:ପହଳି ପୃଷ୍ଟି, ଜା:ବଙ୍ଗିୟ ତନ୍ତି, ବା:ନହରପଦା |
| ୧୯ | ୧୮୧ | ୬୪୨/ ୧୨୭୯ | ୦.୦୫୦ | ୦.୦୧୫ | ଶାରଦ ଜଳ-୧ | ନାରାୟଣ ପୃଷ୍ଟି, ପି:ପହଳି ପୃଷ୍ଟି, ଜା:ବଙ୍ଗିୟ ତନ୍ତି, ବା:ନହରପଦା |
| ୨୦ | ୧୯୫ | ୮୫୫ | ୦.୦୮୨ | ୦.୦୬୪ | ଶାରଦ ଜଳ-୨ | ମୃଷ୍ଟି ସାହୁ, ସ୍ୱା:ବଳରାମ ସାହୁ, ଜା:ତେଲି, ବା: ୟୁନିଟ ନମ୍ବର ୧୪ ସାମିଲ ନହର ପଦା |
| ୨୧ | ୧୯୫ | ୮୫୩ | ୦.୧୦୦ | ୦.୦୪୫ | ଶାରଦ ଜଳ-୨ | ମୃଷ୍ଟି ସାହୁ, ସ୍ୱା:ବଳରାମ ସାହୁ, ଜା:ତେଲି, ବା: ୟୁନିଟ ନମ୍ବର ୧୪ ସାମିଲ ନହର ପଦା |
| ୨୨ | ୧୯୫ | ୯୫୮ | ୦.୦୮୦ | ୦.୦୭୫ | ଶାରଦ ଜଳ-୨ | ମୃଷ୍ଟି ସାହୁ, ସ୍ୱା:ବଳରାମ ସାହୁ, ଜା:ତେଲି, ବା: ୟୁନିଟ ନମ୍ବର ୧୪ ସାମିଲ ନହର ପଦା |
| ୨୩ | ୩୧୩ | ୮୫୦ | ୦.୦୫୦ | ୦.୦୧୦ | ଶାରଦ ଜଳ-୨ | କୃଷ୍ଣଚନ୍ଦ୍ର ମିଶ୍ର, ପ୍ରଭାତ କୁମାର ମିଶ୍ର, ପ୍ରଦିପ କୁମାର ମିଶ୍ର, ପି:ଜନାର୍ଦ୍ଦନ ମିଶ୍ର, ଅଭୟ ମିଶ୍ର, ଅକ୍ଷୟ ମିଶ୍ର, ଅଜୟ ମିଶ୍ର, ଜଗନ୍ନାଥ ମିଶ୍ର, ଅଜିତ ମିଶ୍ର, ହନୁମାନ ପ୍ରସାଦ ମିଶ୍ର, ଅର୍ଚ୍ଚନା ମିଶ୍ର, ପି:ପ୍ରଫୁଲ୍ଲ ମିଶ୍ର, ସେବତୀ ମିଶ୍ର, ସ୍ୱା:ପ୍ରଫୁଲ୍ଲ ମିଶ୍ର, ଜା:ବ୍ରାହ୍ମଣ, ବା: ଦେବୀଦ୍ୱାର |
| ୨୪ | ୪୮ | ୮୫୬ | ୦.୧୩୫ | ୦.୦୩୦ | ଶାରଦ ଜଳ-୨ | କୃଷ୍ଣଚନ୍ଦ୍ର ବେଦି, ପି:ଲକ୍ଷ୍ମୀଧର ବେଦି, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୨୫ | ୧୭୭ | ୯୭୦ | ୦.୦୬୪ | ୦.୦୪୫ | ଶାରଦ ଜଳ-୨ | ଭାଗବତ ରଣା, ପି:ଗୋପାଳ ରଣା, ସିତା ରଣା, ସ୍ୱା:ଗୋପାଳ ରଣା, ଜା:ମାଳି, ବା: ଦେବିଦ୍ୱାର |
| ୨୬ | ୩୧୮ | ୯୭୨ | ୦.୦୫୦ | ୦.୦୫୦ | ଶାରଦ ଜଳ-୨ | ଶ୍ରୀ ଗୋବିନ୍ଦ ଜୀଉ ଠାକୁର ବିଜେ ଭୋଗ ମାଧବ ମାରଫତ:ଟ୍ରଷ୍ଟିବୋର୍ଡ, ବା: |
| ୨୭ | ୩୧୮ | ୯୭୪ | ୦.୦୬୨ | ୦.୦୧୫ | ଶାରଦ ଜଳ-୨ | ଶ୍ରୀ ଗୋବିନ୍ଦ ଜୀଉ ଠାକୁର ବିଜେ ଭୋଗ ମାଧବ ମାରଫତ:ଟ୍ରଷ୍ଟିବୋର୍ଡ, ବା: |
| ୨୮ | ୩୧୮ | ୯୭୫ | ୦.୦୮୫ | ୦.୦୫୦ | ଶାରଦ ଜଳ-୨ | ଶ୍ରୀ ଗୋବିନ୍ଦ ଜୀଉ ଠାକୁର ବିଜେ ଭୋଗ ମାଧବ ମାରଫତ:ଟ୍ରଷ୍ଟିବୋର୍ଡ, ବା: |
| ୨୯ | ୩୧୮ | ୯୯୦ | ୦.୦୫୫ | ୦.୦୫୫ | ଶାରଦ ଜଳ-୨ | ଶ୍ରୀ ଗୋବିନ୍ଦ ଜୀଉ ଠାକୁର ବିଜେ ଭୋଗ ମାଧବ ମାରଫତ:ଟ୍ରଷ୍ଟିବୋର୍ଡ, ବା: |
| ୩୦ | ୩୧୮ | ୯୯୧ | ୦.୦୭୫ | ୦.୦୬୫ | ଶାରଦ ଜଳ-୨ | ଶ୍ରୀ ଗୋବିନ୍ଦ ଜୀଉ ଠାକୁର ବିଜେ ଭୋଗ ମାଧବ ମାରଫତ:ଟ୍ରଷ୍ଟିବୋର୍ଡ, ବା: |
| ୩୧ | ୨୫୦/ ୧୭୩ | ୯୪୩ | ୦.୧୫୦ | ୦.୦୧୫ | ଶାରଦ ଜଳ-୨ | ଲକ୍ଷ୍ମୀକାନ୍ତ ମହାନ୍ତି, ପି: ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ଜା: କରଣ, ବା:ବେଲାରପୁର |
| ୩୨ | ୩ | ୧୧୧୮ | ୦.୦୮୪ | ୦.୦୪୫ | ଶାରଦ ଜଳ-୨ | ଅଜୟ କୁମାର ଦାସ, ସ୍ନେହଲତା ଦାସ, ଶାନ୍ତିଲତା ଦାସ, ପି:ରାମବଲ୍ଲଭ ଦାସ, ଅମୃତାଙ୍କ ଦାସ, ପି:ଅମିୟ କୁମାର ଦାସ, ଉଷାରାଣୀ ଦାସ, ସ୍ୱା:ଅମିୟ କୁମାର ଦାସ, ପ୍ରମୋଦା ଦାସ, ସ୍ୱା:ରାମ ବଲ୍ଲଭ ଦାସ, ଜା:କରଣ, ବା:ୟୁନିଟ ନମ୍ବର ୧୫ ନାଭିଗୟା |
| ୩୩ | ୯୮ | ୧୧୨୧ | ୦.୦୮୨ | ୦.୦୬୭ | ଶାରଦ ଜଳ-୨ | ଜନାର୍ଦ୍ଦନ ମିଶ୍ର, ଧରଣୀ ମିଶ୍ର, ପୂର୍ଣ୍ଣଚନ୍ଦ୍ର ମିଶ୍ର, ପି: ଭିକାରି ମିଶ୍ର, ଜା:ବ୍ରାହ୍ମଣ, ବା:ନିଜଗାଁ |
| ୩୪ | ୨୫୦/ ୧୫୯ | ୧୧୨୨ | ୦.୦୯୬ | ୦.୦୩୫ | ଶାରଦ ଜଳ-୨ | ଜନାର୍ଦ୍ଦନ ମିଶ୍ର, ପୂର୍ଣ୍ଣଚନ୍ଦ୍ର ମିଶ୍ର, ପି:ଭିକାରୀ ମିଶ୍ର, ଜା:ବ୍ରାହ୍ମଣ, ବା: ନିଜଗାଁ, ସଲମା ଖାତୁନ, ସ୍ୱା:ସେକ୍ ଦୟାନ ବକ୍ସ କିସ୍ମତ, ଟ.୦ ଆଠଅଣା, ଜା:ମୁସଲମାନ, ବା:ରଘୁନାଥପୁର, ସୁଶାନ୍ତ କୁମାର ମିଶ୍ର, ଶିବ ପ୍ରସାଦ ମିଶ୍ର, ଜାନକିଲତା ମିଶ୍ର, ମଞ୍ଜୁଲତା ମିଶ୍ର, ପି:ନୃସିଂହ ମିଶ୍ର, କିସ୍ମତ ଟ. ୦ ଆଠଅଣା, ଜା:ବ୍ରାହ୍ମଣ ବା:ନିଜଗାଁ |
| ୩୫ | ୨୫୦/ ୨୩ | ୧୧୨୭ | ୦.୨୮୨ | ୦.୨୦୦ | ଶାରଦ ଜଳ-୨ | ଭବାନି ଶଙ୍କର ବେଦୀ, କାମପାଳ ବେଦୀ,ପି:କୃଷ୍ଣଚନ୍ଦ୍ର ବେଦୀ, ଜା:ବ୍ରାହ୍ମଣ ବା: ଦେବୀଦ୍ୱାର |
| ୩୬ | ୪ | ୧୧୯୨ | ୦.୨୧୨ | ୦.୧୩୦ | ରାସ୍ତା | ଅଜୟ କୁମାର ଦାସ, ସ୍ନେହଲତା ଦାସ, ଶାନ୍ତିଲତା ଦାସ, ପି:ରାମବଲ୍ଲଭ ଦାସ, ପ୍ରମୋଦା ଦାସ, ସ୍ୱା:ରାମବଲ୍ଲଭ ଦାସ, ଉଷାରାଣୀ ଦାସ, ସ୍ୱା:ଅମିୟ ଦାସ, ଅମୃତାଙ୍କ ଦାସ, ପି:ଅମିୟ ଦାସ, ଦାମୋଦର ମହାନ୍ତି, ପି:ନିତ୍ୟାନନ୍ଦ ମହାନ୍ତି, ଜା:କରଣ, ବା:ୟୁନିଟ୍ ନମ୍ବର ୧୫ ନାଭିଗୟା, ମେଘନାଦ ଦିକ୍ଷିତ, ପି:ରଘୁ ଦିକ୍ଷିତ, ଜା:ବ୍ରାହ୍ମଣ, ବା:ବିଚିତ୍ରପୁର |
| ୩୭ | ୪ | ୧୧୯୪ | ୦.୬୭୨ | ୦.୩୦୦ | ଶାରଦ ଜଳ-୨ | ଅଜୟ କୁମାର ଦାସ, ସ୍ନେହଲତା ଦାସ, ଶାନ୍ତିଲତା ଦାସ, ପି:ରାମବଲ୍ଲଭ ଦାସ, ପ୍ରମୋଦା ଦାସ, ସ୍ୱା:ରାମବଲ୍ଲଭ ଦାସ, ଉଷାରାଣୀ ଦାସ, ସ୍ୱା:ଅମିୟ ଦାସ, ଅମୃତାଙ୍କ ଦାସ, ପି:ଅମିୟ ଦାସ, ଦାମୋଦର ମହାନ୍ତି, ପି:ନିତ୍ୟାନନ୍ଦ ମହାନ୍ତି, ଜା:କରଣ, ବା:ୟୁନିଟ୍ ନମ୍ବର ୧୫ ନାଭିଗୟା, ମେଘନାଦ ଦିକ୍ଷିତ, ପି:ରଘୁ ଦିକ୍ଷିତ, ଜା:ବ୍ରାହ୍ମଣ, ବା:ବିଚିତ୍ରପୁର |
| ୩୮ | ୪ | ୧୧୯୭ | ୦.୦୩୯ | ୦.୦୧୦ | ଶାରଦ ଜଳ-୨ | ଅଜୟ କୁମାର ଦାସ, ସ୍ନେହଲତା ଦାସ, ଶାନ୍ତିଲତା ଦାସ, ପି:ରାମବଲ୍ଲଭ ଦାସ, ପ୍ରମୋଦା ଦାସ, ସ୍ୱା:ରାମବଲ୍ଲଭ ଦାସ, ଉଷାରାଣୀ ଦାସ, ସ୍ୱା:ଅମିୟ ଦାସ, ଅମୃତାଙ୍କ ଦାସ, ପି:ଅମିୟ ଦାସ, ଦାମୋଦର ମହାନ୍ତି, ପି:ନିତ୍ୟାନନ୍ଦ ମହାନ୍ତି, ଜା:କରଣ, ବା:ୟୁନିଟ୍ ନମ୍ବର ୧୫ ନାଭିଗୟା, ମେଘନାଦ ଦିକ୍ଷିତ, ପି:ରଘୁ ଦିକ୍ଷିତ, ଜା:ବ୍ରାହ୍ମଣ, ବା:ବିଚିତ୍ରପୁର |
| ୩୯ | ୪ | ୧୨୦୦ | ୦.୧୮୩ | ୦.୦୦୫ | ଶାରଦ ଜଳ-୨ | ଅଜୟ କୁମାର ଦାସ, ସ୍ନେହଲତା ଦାସ, ଶାନ୍ତିଲତା ଦାସ, ପି:ରାମବଲ୍ଲଭ ଦାସ, ପ୍ରମୋଦା ଦାସ, ସ୍ୱା:ରାମବଲ୍ଲଭ ଦାସ, ଉଷାରାଣୀ ଦାସ, ସ୍ୱା:ଅମିୟ ଦାସ, ଅମୃତାଙ୍କ ଦାସ, ପି:ଅମିୟ ଦାସ, ଦାମୋଦର ମହାନ୍ତି, ପି:ନିତ୍ୟାନନ୍ଦ ମହାନ୍ତି, ଜା:କରଣ, ବା:ୟୁନିଟ୍ ନମ୍ବର ୧୫ ନାଭିଗୟା, ମେଘନାଦ ଦିକ୍ଷିତ, ପି:ରଘୁ ଦିକ୍ଷିତ, ଜା:ବ୍ରାହ୍ମଣ, ବା:ବିଚିତ୍ରପୁର |
| ୪୦ | ୪ | ୧୧୯୦ | ୦.୧୩୭ | ୦.୦୧୦ | ଶାରଦ ଜଳ-୨ | ଅଜୟ କୁମାର ଦାସ, ସ୍ନେହଲତା ଦାସ, ଶାନ୍ତିଲତା ଦାସ, ପି:ରାମବଲ୍ଲଭ ଦାସ, ପ୍ରମୋଦା ଦାସ, ସ୍ୱା:ରାମବଲ୍ଲଭ ଦାସ, ଉଷାରାଣୀ ଦାସ, ସ୍ୱା:ଅମିୟ ଦାସ, ଅମୃତାଙ୍କ ଦାସ, ପି:ଅମିୟ ଦାସ, ଦାମୋଦର ମହାନ୍ତି, ପି:ନିତ୍ୟାନନ୍ଦ ମହାନ୍ତି, ଜା:କରଣ, ବା:ୟୁନିଟ୍ ନମ୍ବର ୧୫ ନାଭିଗୟା, ମେଘନାଦ ଦିକ୍ଷିତ, ପି:ରଘୁ ଦିକ୍ଷିତ, ଜା:ବ୍ରାହ୍ମଣ, ବା:ବିଚିତ୍ରପୁର |
| ୪୧ | ୪ | ୧୧୯୫ | ୦.୫୩୮ | ୦.୩୫୦ | ଶାରଦ ଜଳ-୨ | ଅଜୟ କୁମାର ଦାସ, ସ୍ନେହଲତା ଦାସ, ଶାନ୍ତିଲତା ଦାସ, ପି:ରାମବଲ୍ଲଭ ଦାସ, ପ୍ରମୋଦା ଦାସ, ସ୍ୱା:ରାମବଲ୍ଲଭ ଦାସ, ଉଷାରାଣୀ ଦାସ, ସ୍ୱା:ଅମିୟ ଦାସ, ଅମୃତାଙ୍କ ଦାସ, ପି:ଅମିୟ ଦାସ, ଦାମୋଦର ମହାନ୍ତି, ପି:ନିତ୍ୟାନନ୍ଦ ମହାନ୍ତି, ଜା:କରଣ, ବା:ୟୁନିଟ୍ ନମ୍ବର ୧୫ ନାଭିଗୟା, ମେଘନାଦ ଦିକ୍ଷିତ, ପି:ରଘୁ ଦିକ୍ଷିତ, ଜା:ବ୍ରାହ୍ମଣ, ବା:ବିଚିତ୍ରପୁର |
| ୪୨ | ୨୫୦/ ୩୫୯ | ୬୪୨/ ୧୨୭୮ | ୦.୩୬୦ | ୦.୦୮୦ | ଶାରଦ ଜଳ-୧ | ନାରାୟଣ ପୃଷ୍ଟି, ପି:ପହଳି ପୃଷ୍ଟି, ଜା:ବଙ୍ଗିୟ ତନ୍ତି, ବା:ନହରପଦା |
| ୪୩ | ୧୫୩ | ୬୨୭ | ୦.୦୭୦ | ୦.୦୨୦ | ଶାରଦ ଜଳ-୧ | ବାୟାଣି ପୃଷ୍ଟି, ସ୍ୱା:ରାମଚନ୍ଦ୍ର ପୃଷ୍ଟି, ଜା: ତନ୍ତି, ବା:ଦେବିଦ୍ୱାର |
| ୪୪ | ୧୦୯ | ୬୫୮ | ୦.୦୯୦ | ୦.୦୫୦ | ଶାରଦ ଜଳ-୧ | ଶ୍ରୀ ବିରଜା ଠାକୁରାଣୀ ବିଜେ ନିଜଗାଁ, ମାର୍ଫତ ଟ୍ରଷ୍ଟିବୋର୍ଡ |
| ୪୫ | ୧୦୯ | ୬୬୧ | ୦.୧୬୫ | ୦.୦୫୫ | ଶାରଦ ଜଳ-୧ | ଶ୍ରୀ ବିରଜା ଠାକୁରାଣୀ ବିଜେ ନିଜଗାଁ, ମାର୍ଫତ ଟ୍ରଷ୍ଟିବୋର୍ଡ |
| | | ମୋଟ | | ୩.୪୬୭୭୬ | | |

ସ୍ୱା./- ଭୂ-ଅର୍ଜନ ଅଧିକାରୀ (ସିଭିଲ) ଯାଜପୁର

OIPR-24163/14/0035/2324

# ଗୋଟିଏ ମଣ୍ଡିରେ ୩ ପଞ୍ଚାୟତର ଚାଷୀ

**କୋକସରା, ୨୫।୧୨(ସମିସ)**

କୋକସରା ବ୍ଲକ ସଦର ପଞ୍ଚାୟତ ଧାନ ମଣ୍ଡିରେ ତିନୋଟି ପଞ୍ଚାୟତର ଚାଷୀମାନେ ଧାନ ବିକ୍ରି କରି ଆସୁଛନ୍ତି। ମଣ୍ଡିରେ ପର୍ଯ୍ୟାପ୍ତ ଭାବେ ଆନୁଷଙ୍ଗିକ ବ୍ୟବସ୍ଥା ନଥିବା ଯୋଗୁଁ ବ୍ୟବସ୍ଥିତ ଭାବରେ ଧାନ କ୍ରୟ ତ୍ୱରାନ୍ୱିତ ହୋଇ ପାରୁ ନଥିବାବେଳେ ଚାଷୀମାନେ

**• ହଇରାଣ ହେଉଛନ୍ତି ଚାଷୀ**
**• ଆଉ ଦୁଇଟି ମଣ୍ଡି ଦାବି**

ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାହାକୁ ନେଇ ଚାଷୀମାନେ ଆଉ ଦୁଇଟି ନୂତନ ମଣ୍ଡି ଖୋଲିବାକୁ ଦାବି କରିଛନ୍ତି।

କୋକସରା ଧାନ ମଣ୍ଡିରେ ମାଝୀଗୁଡା, ରେଙ୍ଗାଲପାଲି ଓ କୋକସରା ପଞ୍ଚାୟତର ଚାଷୀମାନେ ଧାନ ବିକ୍ରି କରିଆସୁଛନ୍ତି। ୩ ପଞ୍ଚାୟତର ୧୨ ଗାଁର ଚାଷୀ ଏହି ମଣ୍ଡିରେ ନିର୍ଭର କରୁଛନ୍ତି। ମଣ୍ଡିରେ ପ୍ରାୟ ୭ହଜାର କୁଇଣ୍ଟାଲ ଧାନ ଫଡ୍ ଭିତରେ ରଖିବାର ବ୍ୟବସ୍ଥା ରହିଥିବାବେଳେ ପୂର୍ବରୁ ଏହି ମଣ୍ଡିରେ ୧ ହଜାର ଚାଷୀ ରହିଥିବାବେଳେ ୫୦ ହଜାର କୁଇଣ୍ଟାଲ ପାଖାପାଖି ଧାନ କ୍ରୟ ହେଉଥିଲା। ବର୍ତ୍ତମାନ ୧୬ ଶହ




ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରୁଥିବାବେଳେ ପ୍ରାୟ ୯୦ ହଜାର କୁଇଣ୍ଟାଲ ପାଖାପାଖି ଧାନ କ୍ରୟ ହେଉଥିଲା। ଏହି ମଣ୍ଡିରେ ୩ ପଞ୍ଚାୟତର ଚାଷୀ ଧାନ ବିକ୍ରୟ କରୁଥିବାବେଳେ ଚାଷୀ ପଞ୍ଜୀକରଣ ସଂଖ୍ୟା ବଢ଼ିବା ପରେ ବ୍ୟବସ୍ଥିତ ଭାବରେ ଧାନ କ୍ରୟ ତ୍ୱରାନ୍ୱିତ ହୋଇ ପାରୁନାହିଁ। ପ୍ରତିଦିନ ୨ ହଜାରରୁ ୨୫ ଶହ ପାଖାପାଖି ଧାନ କ୍ରୟ ହେଉଥିବାବେଳେ ମଣ୍ଡିରେ ୧୦ ହଜାରରୁ ଊର୍ଦ୍ଧ୍ୱ ଧାନ ବର୍ତ୍ତମାନ ପଡି ରହିଛି। ଏପଟେ ପର୍ଯ୍ୟାପ୍ତ ପରିମାଣରେ ମଣ୍ଡିରେ ବ୍ୟବସ୍ଥା ନଥିବା ଯୋଗୁଁ ଚାଷୀମାନଙ୍କ ନିତି ହୋ ହାଲ୍ଲାରେ ଦିନ କାଟୁଥିବା ପ୍ରକାଶ କରିଛନ୍ତି। ଏଣେ ମଣ୍ଡିରେ ଧାନ ଆଣି ଚାଷୀ ଦିନ ଦିନ ଧରି ବିକ୍ରୀ କରି ନପାରି ଶୀତ କାକରରେ ପଡ଼ି ରହୁଥିବାବେଳେ ଅନେକ ସମୟରେ ଟୋକନ୍ ଲେପସ୍ ମଧ ହେଉଥିବା ଜଣାପଡିଛି। ୩ପଞ୍ଚାୟତ ପାଇଁ ଗୋଟିଏ ମଣ୍ଡି ହୋଇ ଥିବାରୁ ପ୍ରତିବର୍ଷ କୋକସରା, ମାଝୀଗୁଡା ଓ ରେଙ୍ଗାଲପାଲି ପଞ୍ଚାୟତର ଚାଷୀମାନେ ହଇରାଣ ହୋଇ ଧାନ ବିକ୍ରି କରି ଆସୁଛନ୍ତି। ତେଣୁ ମାଝୀଗୁଡା ଓ ରେଙ୍ଗାଲପାଲି ପଞ୍ଚାୟତରେ ଆଉ ଦୁଇଟି ନୂତନ ମଣ୍ଡି ଖୋଲିବାକୁ ମାଝୀଗୁଡାର ଚାଷୀ ଲକ୍ଷ୍ୟରାମ ପୁଞ୍ଜି, ପ୍ରକାଶ ଚୌଧୁରୀ, ବାଳମୁକୁନ୍ଦ ଚୌଧୁରୀ, ଭୁବନେଶ୍ୱର ଠେଲା, ପଦ୍ମନାଭ ଠେଲା, ଘାସିରାମ ରଣା, ଗୋବିନ୍ଦ ବାଗ, ଯୌବନ ପୁଞ୍ଜି, ଦେବରାଜ ରଣା, ମଣିରାମ ପୁଞ୍ଜି, ଜିତେନ୍ଦ୍ର ବାଗ, ରେଙ୍ଗାଲପାଲି ପଞ୍ଚାୟତର ଚାଷୀ ନାରାୟଣ ପଟ୍ଟନାୟକ, ବିକ୍ରମ ସାହୁ, କିଶୋରୀ ବଛା, ଗୌରୀ ଶଙ୍କର ବଛା, ସୁଶାନ୍ତ ନିଆଲ, ରିଜ କିଶୋର ସାହୁ, ବିନୋଦ ପାଣିଗ୍ରାହୀ ସମେତ ଉଭୟ ପଞ୍ଚାୟତର ଚାଷୀ ସମୂହ ଦାବି କରିଛନ୍ତି। ଏନେଇ କୋକସରା ପେକ୍ସ୍ ସମ୍ପାଦକ ନିରଞ୍ଜନ ବାଗଙ୍କୁ ପଚାରିବାରୁ ଚାଷୀମାନେ ତରବରିଆ ଭାବେ ମଣ୍ଡିରେ ଧାନ ଆଣୁଛନ୍ତି। ଟୋକନ ଅବଧି ମାସେ ରହିଛି, ଆମେ ଚାଷୀଙ୍କୁ ସଚେତନ କରୁଛୁ, ତଥାପି ଧାନ ଆଣି ରଖୁଛନ୍ତି, ଚାଷୀ ପଞ୍ଜୀକରଣ ସଂଖ୍ୟା ସହ ଧାନର ପରିମାଣ ବଢିବା ଯୋଗୁଁ ମଣ୍ଡିରେ ସମସ୍ୟା ଉପୁଜିଛି, ତେଣୁ ଅଲଗା ଅଲଗା ମଣ୍ଡି ହେଲେ ହିଁ ସମସ୍ୟା ଦୂରହେବ ବୋଲି କହିଛନ୍ତି।

## ସାମାନ୍ୟ କଳହରୁ ସାନଭାଇକୁ ମାରିଲା ବଡ଼

**ଭବାନୀପାଟଣା, ୨୫।୧୨ (ସମିସ):** ଭବାନୀପାଟଣା ଟାଉନ ଥାନା ଅନ୍ତର୍ଗତ ବିବିସି ପଡ଼ା ୱାର୍ଡ ନମ୍ବର ୬ଠାରେ ବଡ ଭାଇ ମହେନ୍ଦ୍ର ବାଗ ନିଜ ସାନ ଭାଇ ଗଣେଶ ବାଗଙ୍କୁ ହତ୍ୟା କରିଥିବା ସୂଚନା ମିଳିଛି। ଗତକାଲି ବିଳମ୍ବିତ ରାତିରେ ଦୁଇ ଭାଇଙ୍କ ଭିତରେ ସାମାନ୍ୟ ବଚସା ହେବାରୁ ମହେନ୍ଦ୍ର ପାଖରେ ଥିବା ଏକ ଛୁରିକୁ ନେଇ ଗଣେଶଙ୍କ ଛାତି ଏବଂ ପେଟରେ ଆକ୍ରମଣ କରିଥିଲା। ଘଟଣାସ୍ଥଳରେ ହିଁ ଗଣେଶ ଗୁରୁତର ହେଇଯାଇଥିଲେ, ଯାହାଫଳରେ ପରିବାର ଲୋକ ତାଙ୍କୁ ଜିଲ୍ଲା ହସ୍ପିଟାଲକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହେଇଥିବା ବେଳେ ମହେନ୍ଦ୍ର ସକାଳୁ ନିଜେ ଟାଉନ ଥାନାକୁ ଯାଇ ଆତ୍ମସମର୍ପଣ କରିଥିବା ସୂଚନା ମିଳିଛି।



ମୃତ ଗଣେଶ ଘର ସମ୍ଭାଳୁଥିବା ସହିତ ବଡ଼ ଭାଇର ଚାରି ଝିଅଙ୍କ ଦାୟିତ୍ୱ ନେଉଥିଲା। ଅଭିଯୁକ୍ତ ବଡ଼ଭାଇ ମହେନ୍ଦ୍ର ମଦ ପିଇ ଝଗଡା କରୁଥାଏ। ଗତକାଲି ମଧ୍ୟ ରାତିରେ ଉଭୟଙ୍କ ଭିତରେ ବଚସା ହୋଇ ଶେଷରେ ବଡଭାଇର ଛୁରା ମାଡରେ ଗଣେଶର ଜୀବନ ଯାଇଥିଲା। ଟାଉନ ଥାନା ପୁଲିସ ଘଟଣାର ତଦନ୍ତ କରୁଛି। ବଡ଼ଭାଇ ମହେନ୍ଦ୍ରକୁ କୋର୍ଟ ଚାଲାଣ କରାଯାଇଥିବା ପୁଲିସ ପ୍ରକାଶ କରିଛି।

## ଓପିଏସ୍‌ସି ପରୀକ୍ଷା କେନ୍ଦ୍ର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବି

**ଭବାନୀପାଟଣା, ୨୫।୧୨ (ସମିସ):** ଭବାନୀପାଟଣାରେ ଓଡିଶା ପ୍ରଶାସନିକ ସେବାର ପରୀକ୍ଷା କେନ୍ଦ୍ର କରିବା ଦାବିରେ ଆଶାୟୀ ପରୀକ୍ଷାର୍ଥୀମାନେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଏବଂ ଓଡ଼ିଶା ଲୋକସେବା ଆୟୋଗର ଅଧ୍ୟକ୍ଷଙ୍କ ଉଦେଶ୍ୟରେ କଳାହାଣ୍ଡି ଜିଲ୍ଲାପାଳଙ୍କ ମାଧ୍ୟମରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ବ୍ରହ୍ମର୍ଷି ନାଏକ ଯାଦବଙ୍କ ନେତୃତ୍ୱରେ ଜ୍ୟୋତି ପ୍ରକାଶ ନାୟକ, ଲୋକେଶ ହଂସ, ଥବୀର ବାଗ, ସନ୍ତୋଷ ପଟ୍ଟନାୟକ, ହିତେଶ ବେହେରା ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ଅବିଭକ୍ତ କେବିକେ ଜିଲ୍ଲାରେ ଗୋଟିଏ ମଧ ପରୀକ୍ଷା କେନ୍ଦ୍ର ନ ଥିବାରୁ ଏହି ଅଞ୍ଚଳର ପରୀକ୍ଷାର୍ଥୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଭବାନୀପାଟଣାଠାରୁ ସମ୍ବଲପୁରର ଦୂରତା ୨୫୦ କି.ମି. ଯାହାକି ଛଅ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଲାଗିଥାଏ ଏବଂ ବ୍ରହ୍ମପୁର ପାଖାପାଖି ୨୯୦ କିଲୋମିଟର,ଯାହାକି ୮ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଲାଗିଥାଏ। ଯେହେତୁ ଭବାନୀପାଟଣା ଅବିଭକ୍ତ କେବିକେ ଅଂଚଳର କେନ୍ଦ୍ରସ୍ଥଳରେ ଅବସ୍ଥିତ, ଏହିଠାରେ ପରୀକ୍ଷା କେନ୍ଦ୍ର ହେଲେ ସ୍ଥାନୀୟ ପରୀକ୍ଷାର୍ଥୀଙ୍କ ସଂଖ୍ୟା ବୃଦ୍ଧି ପାଇବା ସହିତ ନିକଟସ୍ଥ ଜିଲ୍ଲା ନୂଆପଡ଼ା, ନବରଙ୍ଗପୁର, କୋରାପୁଟ, ରାୟଗଡ଼ା, ମାଲକାନଗିରି, କନ୍ଧମାଳର କିଛି ଅଞ୍ଚଳ ଏବଂ ବଲାଙ୍ଗିରର ଟିଟିଲାଗଡ଼ ସବ୍ ଡିଭିଜନର ପରୀକ୍ଷାର୍ଥୀମାନଙ୍କ ପାଇଁ ପରୀକ୍ଷା କେନ୍ଦ୍ର ନିକଟ ହେବ। ଏହି ଅଞ୍ଚଳର ଭିନ୍ନକ୍ଷମ, ମହିଳା ଏବଂ ଗରିବ ଶ୍ରେଣୀର ପରୀକ୍ଷାର୍ଥୀମାନେ ବିଶେଷ ଭାବରେ ଉପକୃତ ହୋଇପାରିବେ। ପୁନଶ୍ଚ ଏହିଠାରେ ପ୍ରତିଯୋଗୀତାମୂଳକ ପରିବେଶ ସୃଷ୍ଟି ହେବ। ଏହି ଅଞ୍ଚଳରୁ ଅଧିକରୁ ଅଧିକ ସଂଖ୍ୟକ ପରୀକ୍ଷାର୍ଥୀମାନେ ଉପକୃତ ହୋଇପାରିବେ।

## ରାଜ୍ୟ ଓପନ୍ ଟାଏକ୍ୱୋଣ୍ଡୋରେ କଳାହାଣ୍ଡି ଦଳଗତ ଚାମ୍ପିଅନ୍

**ଭବାନୀପାଟଣା, ୨୫।୧୨ (ସମିସ):** ବ୍ରହ୍ମପୁରରେ ଆୟୋଜିତ ଓପେନ ରାଜ୍ୟସ୍ତରୀୟ ଚତୁର୍ଥତମ ଟାଏକ୍ୱୋଣ୍ଡୋ ପ୍ରତିଯୋଗିତାରେ କଳାହାଣ୍ଡିକୁ ସଫଳତା ମିଳିଛି। କଳାହାଣ୍ଡିରୁ ୫୪ ଜଣ ଅଂଶଗ୍ରହଣ କରିଥିଲେ। ୩୧ଟି ସ୍ୱର୍ଣ୍ଣପଦକ, ୧୬ରୁ ରୌପ୍ୟ ପଦକ ଓ ୧୩ଟି ବ୍ରୋଞ୍ଜେ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ଓଡ଼ିଶାର ୧୨ଟି ଜିଲ୍ଲାରୁ ୪୦୦ ବାଳକ ଓ ବାଳିକା ଅଂଶଗ୍ରହଣ କରିଥିବା ବେଳେ ରାଜ୍ୟ ଓ ରାଜ୍ୟ ବାହାରୁ ୯୦ ଜଣ ଅଭିଜ୍ଞ ରେଫେରୀ ସହଯୋଗ କରିଥିଲେ । ଏହି ପ୍ରତିଯୋଗିତାରେ କଳାହାଣ୍ଡି ଦଳଗତ ଚାମ୍ପିଅନ ସ୍ଥାନ ଅଧିକାର କରିଛି।

## ସିନ୍ଧିକରି ଲକ୍ଷାଧିକ ଟଙ୍କାର ମୋବାଇଲ ଚୋରି

**ନର୍ଲା, ୨୫।୧୨(ସମିସ):** ନର୍ଲା ଚାରିଛକସ୍ଥିତ ଓପୋ କଭର ୱାର୍ଲଡ ମୋବାଇଲ ଦୋକାନରୁ ଗତ ରବିବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଜଣାପଡିଛି। ବହୁ ଦାମୀ ମୋବାଇଲ ସହ ମୋବଇଲ ପାର୍ଟସ ଚୋରି ହୋଇଥିବା ସୂଚନା ହସ୍ତଗତ ହୋଇଛି। ଦୁର୍ବୃତ୍ତମାନେ ଦୋକାନର ପଛପଟ କାନ୍ଥକୁ ସିନ୍ଧି କରି ଦୋକାନ ଭିତରକୁ ପଶି ୧୦୦ରୁ ଅଧିକ ମୋବାଇଲ ନେଇଥିବା ଅଭିଯୋଗ କରିଛନ୍ତି ଦୋକାନର ମାଲିକ ଆଶିଷ ଖମାରୀ। ନର୍ଲା ଥାନାଧିକାରୀ ଗଙ୍ଗାଧର ମେହେର ସହ ଟିମ ଉପସ୍ଥିତ ରହି ତଦନ୍ତ କରୁଛନ୍ତି। ଚୋରି ମୋବାଇଲ୍ ର ଆନୁମାନିକ ଆକଳନ ୧୦ରୁ ୧୨ ଲକ୍ଷ ହେବ। ସୁରକ୍ଷା ବ୍ୟବସ୍ଥା ଯେତେ କଡାକଡି ହେଉଛି ତତୋଧିକ ଚୋର ମାନେ ମଧ ତାଙ୍କ ଚୋରୀ କୌଶଳ ପରିବର୍ତ୍ତନ କରୁଥିବା ବେଳେ ଗତ ବିଳମ୍ବିତ ରାତ୍ରିରେ କାନ୍ଥ ଫାଡି ସିନ୍ଧି ଚୋରି କରି ଚୋର ମାନେ ନିଜର ପୁରୁଣା ଚୋରି ଢାଞ୍ଚାରେ ସୁରକ୍ଷା ବ୍ୟବସ୍ଥା ପ୍ରତି ଚାଲେଞ୍ଜ କରିଛନ୍ତି। ଆଇଆଇସି ଗଙ୍ଗାଧର ମେହେର ଘଟଣାର ତନାଘନା ତଦନ୍ତ ଆରମ୍ଭ କରିଛନ୍ତି।

## ମିଲେଟ୍ ମିଶନର ପୁଷ୍ଟିଶସ୍ୟ ଖାଦ୍ୟ ମେଳା

**ବୋଡ଼େନ,୨୫।୧୨(ସମିସ):** ବୋଡ଼େନ ବ୍ଲକର ସାପ୍ତାହିକ ବଜାରଠାରେ ଓଡ଼ିଶା ମିଲେଟ ମିଶନ, ଆମ୍ବା ନୂଆପଡ଼ା ୱାସନ୍ ସହଯୋଗରେ କାର୍ଯ୍ୟକାରୀ ସଂସ୍ଥା ପଲ୍ଲୀ ବିକାଶ ଦ୍ୱାରା ମିଲେଟ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଥିଲା। ଅଞ୍ଚଳର ଚାଷୀଙ୍କ ସହ ଏସଏଚଜି, ସିଡିଏମ, କିଛି ପଞ୍ଚାୟତ ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। କ୍ଷୁଦ୍ର ପୁଷ୍ଟି ଶସ୍ୟରେ ପ୍ରସ୍ତୁତି ଖାଦ୍ୟ ବଣ୍ଟନ କରାଯାଇଥିଲା। ପଲ୍ଲୀ ବିକାଶ ବ୍ଲକ ସଂଯୋଜକ ତରୁଣ ସା ଓଡ଼ିଶା ମିଲେଟ ମିଶନ ଦ୍ୱାରା କ୍ଷୁଦ୍ର ପୁଷ୍ଟି ଶସ୍ୟ ଚାଷ ନିମନ୍ତେ ଥିବା ବିଭିନ୍ନ ସୁବିଧାଗୁଡ଼ିକ ଉପରେ ଆଲୋଚନା କରିଥିଲେ। ଚଳିତ ବର୍ଷ ମାଣ୍ଡିଆ ମଣ୍ଡିରେ କିପରି ବିକ୍ରୟ କରିବେ ତାହା ଚାଷୀଙ୍କୁ ବୁଝାଇଥିଲେ। ସିଆରପି ଚତୁର ଭୋଇ, ରତନ ବାଗ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

## ବିଦେଶରେ ଅନୂଦିତ ହେଲା ଭବାନୀ ଶଙ୍କରଙ୍କ କବିତା

**ଭବାନୀପାଟଣା,୨୫।୧୨ (ସମିସ):** ବେଲାରୁଷିୟାନ କବି ବ୍ୟାକୋଭା ସେଟଲାନା ଆନାତୋଲିଭନା କବି ନିଆଲଙ୍କ ଓଡ଼ିଆ କବିତା 'ସେ ଟ୍ରେନର ଗତି'କୁ ବେଲାରୁଷ ଏବଂ ରୁଷ ଭାଷାରେ ଅନୁଦିତ କରିଛନ୍ତି। ଏହି କବିତାକୁ ଡ. ତପନ ରଥ ଇଂରାଜୀରେ ଅନୁବାଦିତ କରିଥିଲେ। କବି ବ୍ୟାକୋଭା ସେଟଲାନା ଆନାତୋଲିଭନା ୨୨ଟି ସାହିତ୍ୟ କୃତି ରଚନା କରିଛନ୍ତି। ଏଥିରେ ୧୨ଟି କବିତା ସଂକଳନ ଓ ୧୦ଟି ଶିଶୁ ସାହିତ୍ୟ ସଂକଳନ ରହିଛି। ସେ ରୁଷ ଏବଂ ବେଲାରୁଷରେ ଅନେକ ସଂଗଠନଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି। ସେ ୟୁନିୟନ ଅଫ ରାଇଟର୍ସ ବେଲାରୁଷ ସଂଗଠନର ସଦସ୍ୟ ଅଟନ୍ତି। କ୍ରମାଗତ ଭାବେ କବି ନିଆଲଙ୍କ କବିତା ଇଂରାଜୀ, ଇଟାଲୀ, ରୁଷ, ଫ୍ରାନ୍ସ, ଚୀନ, ଆର୍ବିକ, ପର୍ସିଆ, ପୋଲିସ, ସ୍ପେନିସ, ଆଲବାନିୟନ, ସ୍ୱେଡ଼ିସ, ଫିଲିପିନୋ, ଭିଏତନାମା, ଜାପାନ, କିର୍ଗିଜ୍, ହିବ୍ରୁ ଭଳି ୨୦ ଟି ଅନ୍ତରାଷ୍ଟ୍ରୀୟ ଭାଷାରେ ଅନୁଦିତ ହୋଇଛି।

**ବନବାସୀ ପାଳିଲେ କୃଷିଭିତ୍ତିକ ସପ୍ରୋଲ ପାଟ ଯାତ୍ରା**

## ପହରିଆ ଗୀତର ତାଳରେ ନାଚିଲେ

**ନୂଆପଡ଼ା, ୨୫।୧୨(ସମିସ):** ବର୍ତ୍ତମାନ ଫସଲ ଅମଳର ସମୟ। ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ କୃଷିଭିତିକ ପର୍ବ ପାଳନ କରୁଥିବାବେଳେ ସୁନାବେଡା ଅଭୟାରଣ୍ୟ ଭରୁଆମୁଣ୍ଡା ପଞ୍ଚାୟତର କଟିଙ୍ଗପାଣି ସମେତ ଆଖପାଖ ଗାଁର ବନବାସୀମାନେ ସପ୍ରୋଲ ପାଟ ଯାତ୍ରାକୁ ଧୁମଧାମରେ ପାଳନ କରିଛନ୍ତି। ପୁରୁଷ ମହିଳାମାନେ ନାନାଦି ଗୀତର ତାଳେ ତାଳେ ନାଚି ଝୁମିଛନ୍ତି। କଟିଙ୍ଗପାଣି ଏକ ପହରିଆ ସମ୍ପ୍ରଦାୟ ବହୁଳ ଗାଁ। ଆଦିମ କାଳରୁ ଏଠାରେ ଶତାଧିକ ପରିବାର ବସତି କରି ରହିଛନ୍ତି। ଏମାନଙ୍କର ଅଧିଷ୍ଠାତ୍ରୀ ଦେବୀ ସପ୍ରୋଲ ପାଟ। ଦେବୀଙ୍କୁ ପ୍ରଥମେ ପହରିଆ ସମ୍ପ୍ରଦାୟର ଲୋକେ ପୂଜାପାଠ କରୁଥିଲେ। କାଳକ୍ରମେ ଏହା ସାର୍ବଜନୀନ ପୂଜାର ଆଖ୍ୟା ନେଇଥିଲା। ଏହା ମାର୍ଗଶୀର ମାସ ଶୁକ୍ଳପକ୍ଷ ଚତୁର୍ଥୀ ତିଥିରେ ପାଳନ କରାଯାଇଥାଏ। ଗ୍ରାମବାସୀ ବର୍ଷର ଫସଲ ଅମଳ ସକାଶେ ଶୁଭ ମନାସୀବା ସହ ଗୋଟିଏ ବର୍ଷ ସୁଖ ସମୃଦ୍ଧିର ବର୍ଷ ହେଉ ବୋଲି ଦେବୀ ନିକଟରେ କାମନା କରିଥାନ୍ତି। ଗତ ରବିବାର ସଂଧ୍ୟାରେ ଗାଁର ପୂଜାରୀ, ଦିହାରି ଉପବାସ କରିଥିଲେ। ଜଙ୍ଗଲରେ ଥିବା ଦେବୀ ପୀଠରେ ଘିଅ ସଳିତା ଜାଳି ଉଜାଗର ରହିଥିଲେ। ସୋମବାର ପୂର୍ବାହ୍ନରେ ଗାଁ ଲୋକେ ଏକତ୍ରିତ ହୋଇ ଦେବୀ ପୀଠରେ ପହଞ୍ଚି ପୂଜା କରିଥିଲେ। ପୂଜାରୀ ରଘବୀର ସିଂ କମାର ବିଧି ମୁତାବକ ପୂଜାପାଠ କରିବା ପରେ ଭକ୍ତମାନେ ବୋଦା ବଳି ଦେଇଥିଲେ। ଗାଁର ଧରନୀ ପୀଠରେ ପୁଣିଥରେ ଯଥାରୀତି ପୂଜା କରିଥିଲେ। ଏଠାରେ ମଧ ଅନୁରୂପ ଭାବେ ଗାଁର ସମସ୍ତ ଲୋକେ ଠୁଳ ହୋଇ ବୋଦା ବଳୀ ଦେଇଥିଲେ। ଏଥିରେ ଦିହାରୀ ଭାବେ ଗ୍ରୋ କମାର ଦାୟିତ୍ୱ ତୁଲାଇଥିବାବେଳେ ପୂଜା ପରିଚାଳନାରେ ସତ୍ୟ ସିଂ ମାଝୀ, ଲାଲ ସିଂ ପହରିଆ, ମୋହନଲାଲ ସାହୁ, ରତିରାମ କମାର ପ୍ରମୁଖ ଭୂମିକା ନେଇଥିଲେ। ରାତିରେ ଗାଁରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏହାକୁ ଦେଖିବାକୁ ସୁନାବେଡା ଅଭୟାରଣ୍ୟର ସମସ୍ତ ଗାଁ ସମେତ ପଡୋଶୀ ଛତିଶଗଡ଼ର ଲୋକେ ରୁଣ୍ଡ ହୋଇଥିଲେ।



**୧୩ତମ ସର୍ବଭାରତୀୟ ଓପନ୍ କରାଟେ**

## ଡିଏଭି ବେଦାନ୍ତ ଇଣ୍ଟର୍‌ନ୍ୟାସ୍‌ନାଲ ସ୍କୁଲର ସଫଳତା

**ଲାଞ୍ଜିଗଡ଼,୨୫।୧୨ (ସମିସ):** ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲଠାରେ ୧୩ତମ ସର୍ବଭାରତୀୟ ଓପନ୍ କରାଟେ ପ୍ରତିଯୋଗିତା ଗତ ଡିସେମ୍ବର ୨୧ରୁ ୨୪ତାରିଖ ଚାରିଦିନ ଧରି ଅନୁଷ୍ଠିତ ହୋଇଥିଲା। ଏଥିରେ କଳାହାଣ୍ଡି ଜିଲ୍ଲାକୁ ବିଭିନ୍ନ ବର୍ଗରେ ୧୬ ପଦକ ମିଳିଛି। ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଇଣ୍ଟରନ୍ୟାସନାଲ ସ୍କୁଲର କରାଟେ ଛାତ୍ରଛାତ୍ରୀଙ୍କ




ମଧ୍ୟରୁ ସବଜୁନିୟର ବର୍ଗ ବାଳିକା ବିଭାଗରେ କାବ୍ୟଶ୍ରୀ ମହାପାତ୍ର କୁମିତେ(ଫାଇଟିଙ୍ଗ)ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଅଭିଲିପ୍ସା ପଲେଇ କାତାରେ ରୌପ୍ୟ ଓ କୁମିତେ(ଫାଇଟିଙ୍ଗ)ରେ କାଂସ୍ୟ ଓ ଅରପିତା ବାଡତିଆ କୁମିତେ (ଫାଇଟିଙ୍ଗ)ରେ ରୌପ୍ୟ ପଦକ ହାସଲ କରିଛନ୍ତି। ବାଳକ ବିଭାଗରେ ସୋହମ ଓଡ଼ିଆ କୁମିତେ (ଫାଇଟିଙ୍ଗ)ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ଅଭିଲିପ୍ସା ପଲେଇ କାତାରେ ଦ୍ୱିତୀୟ ହୋଇ ରୌପ୍ୟ ଓ କୁମିତେ (ଫାଇଟିଙ୍ଗ)ରେ ତୃତୀୟ ସ୍ଥାନ ଗ୍ରହଣ କରି କାଂସ୍ୟ ପଦକ ହାସଲ କରିଛନ୍ତି। ସେହିପରି ୧୩ ବର୍ଷରୁ କମ ବାଳକ ବାଳିକା ବିଭାଗରେ ସୋନକ ସମଦର୍ଶୀ ସାହୁ କୁମିତେ(ଫାଇଟିଙ୍ଗ)ରେ ତୃତୀୟ ସ୍ଥାନ ଗ୍ରହଣ କରି କାଂସ୍ୟ ପଦକ ହାସଲ କରିଥିବା ବେଳେ ଲୋକେସ ବିଶ୍ୱାଳ କୁମିତେ(ଫାଇଟିଙ୍ଗ)ରେ ଦ୍ୱିତୀୟ ସ୍ଥାନ ଗ୍ରହଣ କରି ରୌପ୍ୟ ପଦକ ହାସଲ କରିଥିବା ବେଳେ ଅର୍ପିତା ବାଡ଼ତିଆ କୁମିତେ (ଫାଇଟିଙ୍ଗ)ରେ ଦ୍ୱିତୀୟ ସ୍ଥାନ ଗ୍ରହଣ କରି ରୌପ୍ୟ ପଦକ ହାସଲ କରିଥିଛନ୍ତି। ସେହିପରି ୧୬ ବର୍ଷରୁ କମ ବାଳକ ବିଭାଗରେ ହିତେଶ କୁମାର ମହାଖୁଡ କାତାରେ ତୃତୀୟ ସ୍ଥାନ ଅଧିକାର କରି ଦୁଇ ଗୋଟି କାଂସ୍ୟ ପଦକ ପଦକ ହାସଲ କରିଥିବା ବେଳେ କିରନ ବେମାଲ କୁମିତେ (ଫାଇଟିଂ)ରେ ରୌପ୍ୟ ଓ କାତାରେ କାଂସ୍ୟ ପଦକ ହାସଲ କରିଛନ୍ତି। ସେହିପରି ୧୮ ବର୍ଷରୁ କମ ବାଳକ ବାଳିକା ବିଭାଗରେ ଆଦ୍ୟସା ପ୍ରିୟଦର୍ଶୀ ଦାସ କାତାରେ ରୌପ୍ୟ ପଦକ ଓ କୁମିତେ(ଫାଇଟିଂ)ରେ କାଂସ୍ୟ ପଦକ ହାସଲ କରିଥିବା ବେଳେ ଲୋକେଶ କୁମାର ମହାଖୁଡ କାତାରେ ତୃତୀୟ ସ୍ଥାନ ଗ୍ରହଣ କରି ଦୁଇ ଗୋଟି କାଂସ୍ୟ ପଦକ ହାସଲ କରିଛନ୍ତି। କରାଟେ କୋଚ୍ କ୍ଷମାନିଧି ମହାଖୁଡ଼ଙ୍କ ନେତୃତ୍ୱରେ ଏହି ଖେଳାଳିମାନେ ଏହି ଜାତୀୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରତିଯୋଗୀଙ୍କୁ ବେଦାନ୍ତ ଆଲୁମିନା ସିଇଓ ପ୍ରଣବ ଭଟ୍ଟାଚାର୍ଯ୍ୟ, ଡେପୁଟି ସିଇଓ ଗୋବିନ୍ଦ ଗୋପାଳ ପାଲ, ସିଏସ୍‌ଆର୍ ମୁଖ୍ୟ ବିଭେଦେନ୍ଦୁ ପଣ୍ଡା,ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ସ୍କୁଲର ଅଧକ୍ଷ ସଦାନନ୍ଦ ହୋତା, କଳାହାଣ୍ଡି ଉତ୍କଳ କରାଟେ ସ୍କୁଲ ସଂପାଦକ ସୁରେଶ ଜାଲ ଯାଦବ,ବେଦାନ୍ତ ସିଏସ୍‌ଆର୍ ଅଭିନବ ପ୍ରତାପଙ୍କ ସମେତ ଡିଏଭି ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଓ ବେଦାନ୍ତ ଲିମିଟେଡ୍ କର୍ମଚାରୀ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି।

## ପଞ୍ଚାୟତ ମହାବିଦ୍ୟାଳୟରେ 'ଯୁବ ଓଡ଼ିଶା' ଉଦ୍‌ଯାପିତ

**ନୂଆପଡ଼ା/କୋମନା, ୨୫।୧୨(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ ବୁଦ୍ଧିକୋମନା ପଞ୍ଚାୟତ ମହାବିଦ୍ୟାଳୟରେ ଗତ ମାସେ ଧରି ଚାଲିଥିବା ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ କଲେଜର ଅଧକ୍ଷ ଶିତିକାନ୍ତ ପଣ୍ଡା ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ରାଜ୍ୟ ସଭା ସାଂସଦ ସୁଜିତ କୁମାର, ସମ୍ମାନିତ ଅତିଥିଭାବେ ଜିଲ୍ଲାପରିଷଦ ଉପାଧକ୍ଷା ଦୀପିକା କୌଶଲ୍ୟା ଦୀପ, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ କାର୍ତିକ ଦୀପ, ମହାବିଦ୍ୟାଳୟ ପରିଚାଳନା କମିଟି ପୂର୍ବତନ ସଭାପତି ଗଜେନ୍ଦ୍ର ପଣ୍ଡା, ପୂର୍ବତନ ସମ୍ପାଦକ ପ୍ରଫୁଲ୍ଲ ହୋତା ପ୍ରମୁଖ ମଞ୍ଚାସୀନ ଥିଲେ। ଛାତ୍ରଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ରାଜନୀତି ବିଜ୍ଞାନ ଅଧାପକ ଦୁର୍ଯ୍ୟୋଧନ ସାହୁ, ନୋଡାଲ ଅଧିକାରୀ ସଂଘମିତ୍ରା ନାୟକ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଅଧିକାରୀ ରାଜକୁମାର ସୁନାନୀ ସାଂସ୍କୃତିକ, କ୍ରୀଡା, ସମାଜସେବା କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ଦେଇଥିଲେ। ମୁଖ୍ୟ ଅତିଥି ସୁଜିତ କୁମାର ରାଜ୍ୟରେ ଯୁବ ଶକ୍ତିର ସୃଜନଶୀଳତାର ବିକାଶ ସହିତ ଆତ୍ମବିଶ୍ୱାସକୁ କିପରି ତ୍ୱରାନ୍ୱିତ ଏବଂ ସଶକ୍ତ କରାଯାଇପାରିବ ସେ ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧାପକ ଅଭିମନ୍ୟୁ କୁମାର ମୁଣ୍ଡ, ପରିତୋଷ ସାହୁ, ଲତା ବାଗଙ୍କ ସମେତ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## କିଙ୍ଗୱାରିୟର କ୍ରିକେଟ: ବିଶୋରା ଚାମ୍ପିଅନ

**ନୂଆପଡ଼ା/କୋମନା, ୨୫।୧୨(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ ନୂଆଗାଁ ଖେଳ ପଡ଼ିଆରେ କିଙ୍ଗ ୱାରିୟର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଫାଇନାଲ ଖେଳରେ ଲଖନା ଦଳକୁ ହରାଇ ବିଶୋରା ଦଳ ଚାମ୍ପିଅନ ହୋଇଛି। କ୍ଲବ ସଭାପତି ହେମନ୍ତ ରଣାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଉପାଧକ୍ଷା ଦୀପିକା କୌଶଲ୍ୟା ଦୀପ ମୁଖ୍ୟଅତିଥି, ବିଜେଡି ସାଧାରଣ ସମ୍ପାଦକ କାତିକ ଦୀପ, ନୀଳକଣ୍ଠ ଭୋଇ, ଉତମ ମେହେର, ଗୋପାଳ ମହାନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କ୍ଲବର ସମ୍ପାଦକ ଦୀପକ ରଣା ପରିଚାଳନା କରିଥିଲେ। ଫାଇନାଲ ଖେଳରେ ଲଖନା ଦଳ ୧୨ଓଭରରେ ୬ୱିକେଟ ବିନିମୟରେ ୧୩୪ରନ କରିଥିବାବେଳେ ବିଶୋରା ଦଳ ୧୧ଓଭର ୨ବଲରେ ୩ୱିକେଟ ହରାଇ ୧୩୫ରନ କରିଥିଲା। ପ୍ରଦୀପ ମ୍ୟାନ ଅଫ ଦି ମ୍ୟାଚ ଏବଂ ମୁକେଶ ମ୍ୟାନ ଅଫ ଦି ସିରିଜ ହୋଇଥିଲେ।




**ସ୍ମାରକୀ ଜାତୀୟ ନାଟକ ମହୋତ୍ସବ: ମଞ୍ଚସ୍ଥ ହେଲା ନାଟକ 'କ୍ରିଷ୍ଣା'**

## ନାରୀ ନିର୍ଯାତନା ବିରୋଧରେ ସାହସ, ପ୍ରେରଣାର ପ୍ରଦର୍ଶନ

**ଭବାନୀପାଟଣା, ୨୫ ।୧୨ (ସମିସ)**

'ସ୍ମାରକୀ ନାଟ୍ୟ ସଂସ୍ଥା' ତରଫରୁ ଟାଉନ୍ ହଲ୍ ଠାରେ ଅନୁଷ୍ଠିତ ନାଟ୍ୟରଶ୍ମି ପ୍ରଫୁଲ୍ଲ ରଥ ସ୍ମାରକୀ ଜାତୀୟ ନାଟକ ମହୋତ୍ସବ - ୨୦୨୩ର ଚତୁର୍ଥ ସନ୍ଧ୍ୟାରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ସୁଜିତ କୁମାର,

**ସମ୍ବର୍ଦ୍ଧିତ ହେଲେ ନାଟ୍ୟଶିଳ୍ପୀ ବିରଞ୍ଚି ନାରାୟଣ ମୁଣ୍ଡ ଏବଂ ଆଲୋକ ସାହୁ**

ବିଶିଷ୍ଟ ନାଟ୍ୟକାର ସୋହନଲାଲ ଅଗ୍ରୱାଲ, ବିଶିଷ୍ଟ ନାଟ୍ୟକାର ତଥା ଅଭିନେତା ଉମେଶଚନ୍ଦ୍ର ଶତପଥୀ ଏବଂ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ ପ୍ରମୁଖ ଉଦବୋଧନ ଦେଇଥିଲେ। ନାଟକ କ୍ଷେତ୍ରରେ ଏ ମାଟିକୁ ବିଶେଷ ଅବଦାନ ପାଇଁ ନାଟ୍ୟଶିଳ୍ପୀ ବିରଞ୍ଚି ନାରାୟଣ ମୁଣ୍ଡ ଏବଂ ଯୁବଶିଳ୍ପୀ ଆଲୋକ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁବ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଁ ମନୋନୀତ




ହୋଇଥିବା ଗାଳ୍ପିକ ଡିଲେଶ୍ୱର ରଣାଙ୍କୁ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ମଞ୍ଚସ୍ଥ ହୋଇଥିଲା ନାଟକ 'କ୍ରିଷ୍ଣା'। ଏହି ନାଟକରେ ବୀରତ୍ୱର ରାଜକୁମାରୀ ଦ୍ରୌପଦୀ ଓ 'କ୍ରିଷ୍ଣା'ର ବହୁମୁଖୀ ଜୀବନକୁ ଶୋଷଣର ଅନୁରୂପ ଚିତ୍ରଣ କରାଯାଇଛି। ଜଣେ ମହିଳା, ଯିଏ ଯିଏ ଅନ୍ୟାୟ ପ୍ରତି ନିଜକୁ ସମର୍ପଣ କରିବା ପରିବର୍ତ୍ତେ ପ୍ରଥା ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି ଏବଂ ପରେ ସ୍ୱାମୀଙ୍କ କାର୍ଯ୍ୟ ଉପରେ ପ୍ରଶ୍ନ କରି ବିପଦରେ ପଡ଼ିଛନ୍ତି। ତାଙ୍କର ସାହସିକତା ଅନ୍ୟ ଅପମାନିତ ମହିଳାଙ୍କୁ ପ୍ରେରଣା ଯୋଗାଇଛି। ଏହି କଥାବସ୍ତୁ ସହ ମଞ୍ଚସ୍ଥ ହୋଇଛି ଇପଟା, କୋଲକାତାର ନାଟକ 'କ୍ରିଷ୍ଣା'। ଏହି ନାଟକକୁ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଦେବାଶିଷ ଦତ୍ତ ରଚନା ଏବଂ ନିର୍ଦ୍ଦେଶନା ଦେଇଥିଲେ। ଏଥିରେ ଦେବାଶିଷ ଦତ୍ତ, ଦେବଯାନୀ ମୁଖାର୍ଜୀ, ରେଶମା ଦାସ ପ୍ରମୁଖ ଅଭିନୟ କରିଥିଲେ। ସଙ୍ଗୀତରେ କ୍ରିଶାନୁ ବାନାର୍ଜୀ ଥିବାବେଳେ ଆଲୋକରେ ଅଞ୍ଜିତ ମଜୁମଦାର ସହାୟତା କରିଥିଲେ। ବିରଞ୍ଚି ନାରାୟଣ ମୁଣ୍ଡ ମଞ୍ଚ ପରିଚାଳନା କରିଥିଲେ। ମଙ୍ଗଳବାର ଅନ୍ତିମ ସନ୍ଧ୍ୟାରେ କଳାହାଣ୍ଡିର ବରିଷ୍ଠ ନାଟ୍ୟକାର ମନୋଜ ରଥଙ୍କ ରଚିତ ଏବଂ ନିର୍ଦ୍ଦେଶିତ ନାଟକ 'ଯମପୁରରେ ନିର୍ବାଚନ ତାତି' ସ୍ଥାନୀୟ କଳାକାରଙ୍କ ଦ୍ୱାରା ପରିବେଷଣ କରାଯିବ। ସୌରଭ ମହାପାତ୍ର, ଆଲୋକ ସାହୁ, ପ୍ରଜ୍ଞା ପରିମିତା ନାୟକ, ଲିପ୍ସା ମହାରଣା, ତଥାଗତ ମିଶ୍ର, ଶିବଶକ୍ତି ପୁରୋହିତ, ସୌମ୍ୟରଂଜନ ଜେନା, ଶୁଭମ୍ ବେହେରା, କେ. ଗୋପିଧର ନାୟର, ଅମରେନ୍ଦ୍ର ମହାନ୍ତି, ପ୍ରିୟଙ୍କା ପଟ୍ଟନାୟକ, ଆର୍ଯ୍ୟା ନାୟକ, ମାନସୀ ନାୟକ, ପୁଷ୍ପାଞ୍ଜଳି ଦୀପ, ସୁଶୀଲ ଆଚାର୍ଯ୍ୟ, ଦୀପକ ଶର୍ମା, ବିକାଶ ରଞ୍ଜନ ମୁଣ୍ଡ, ଅବିନାଶ ଅଗସ୍ତି ସହଯୋଗ କରିଥିଲେ।

## ତରଭାରେ ଉର୍ସ
# ଚାଦର ଶୋଭାଯାତ୍ରାରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼



**ତରଭା,୨୫।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ତରଭା ସହରରେ ସୋମବାରଠାରୁ ଆରମ୍ଭ ହୋଇଛି ପ୍ରସିଦ୍ଧ ଉର୍ସ ଉତ୍ସବ। ହଜରତ ସୟଦ ସାହ ଅବଦୁଲ ଶକୁର ରହମେତୁଲ୍ଲା ଆଲ୍ଲେହେ ଓରଫ ଫକୀର ବାବାଙ୍କ ୪୧ତମ ପବିତ୍ର ଉର୍ସ ଉତ୍ସବ ୨ ଦିନ ଧରି ଏଠାରେ ପାଳିତ ହେବ। ପୂର୍ବାହ୍ନରେ ମସଜିଦରେ ଧର୍ମୀୟ ପତାକା ଉତ୍ତୋଳନ କରାଯାଇଥିଲା। ଅପରାହ୍ନରେ ସଦୃଶ୍ୟ ଚାଦର ଶୋଭାଯାତ୍ରା ମସଜିଦ ସମ୍ମୁଖରୁ ବାହାରି ସହର ପରିକ୍ରମା କରିଥିଲା। ସନ୍ଧ୍ୟା ୭.୪୫ରେ ଶୋଭାଯାତ୍ରା ମସଜିଦରେ ପହଞ୍ଚିବା ପରେ ଫକୀର ବାବା ଓ ଅମ୍ମାଜାନଙ୍କ ମଜାରରେ ଚାଦର ଚଢାଯାଇଥିଲା। ଉର୍ସ ଉତ୍ସବର ପ୍ରଥମ ଦିନ ୬ଟି ଦରବାରୀ ଚାଦରକୁ ସହର ପରିକ୍ରମା କରାଇବା ପରମ୍ପରା ରହିଛି। ଏହି ୬ଟି ଚାଦର ମଧ୍ୟରୁ ପ୍ରଥମ ଦୁଇଟି ରାୟପୁରର ମହମ୍ମଦ ଆକବରଙ୍କ ପରିବାରରୁ ଆସୁଥିବା ବେଳେ ମଝିର ଦୁଇଟି ଚାଦର ସେହି ରାୟପୁରର ରବୀନ୍ଦ୍ର ସିଂ ଚୌହାନ ଓ ଶେଷ ଦୁଇଟି ବିଳାସପୁର ସହରର ଜୟପାଳ ମୁଦୁଲିଆରଙ୍କ ପରିବାରରୁ ଆସିଥାଏ।ପରେ ଅନ୍ୟାନ୍ୟ ଅନୁଷ୍ଠାନ ଓ ପରିବାରର ଚାଦର ସହର ପରିକ୍ରମା ପରେ ମଜାରରେ ଚଢା ଯାଇଥାଏ। ସୁବର୍ଣ୍ଣପୁର ଏସପି ଅମରେଶ ପଣ୍ଡାଙ୍କ ତତ୍ତ୍ୱାବଧାନରେ ସୋମବାର ପୁଲିସ ସହରରେ ଫ୍ଲାଗମାର୍ଚ୍ଚ କରିଥିଲା। ଆଇଆଇସି ଅନିତା କିଡୋଙ୍କ ନେତୃତ୍ୱରେ ଅତିରିକ୍ତ ଏସପି ବିନୟ ନାଏକ,ଏସଡିପିଓ ପ୍ରତାପଚନ୍ଦ୍ର ତ୍ରିପାଠୀ, ଡିଏସପି ପ୍ରତାପ ରଣା, ଦୁଇଜଣ ଇନ୍ସପେକ୍ଟର ଓ ୪ପ୍ଲାଟୁନ ଫୋର୍ସ ନିୟୋଜିତ ହୋଇଛନ୍ତି। ତହସିଲଦାର କୀର୍ତ୍ତିଚନ୍ଦ୍ର ପ୍ରଧାନ ମାଜିଷ୍ଟ୍ରେଟ ଦାୟିତ୍ୱ ତୁଲାଉଥିବା ବେଳେ ବିଡିଓ ଅନିଲ କୁଲୁ ଓ ଅନ୍ୟାନ୍ୟ ଅଧିକାରୀ ବିଭିନ୍ନ ଦାୟିତ୍ୱ ତୁଲାଉଥିବା ଜଣାଯାଇଛି। ତରଭା ମସଜିଦ ମଜାର କମିଟିର ସଦସ୍ୟମାନେ ସମସ୍ତ ପ୍ରକାର ସହଯୋଗ କରୁଛନ୍ତି। ଭାଇଚାରାର ସହର ତରଭାରେ ଉର୍ସ ଉତ୍ସବ ଶାନ୍ତିଶୃଙ୍ଖଳାର ପାଳିତ ହେଉଛି।

# ଦାଦନ ଶ୍ରମିକ ଆଜି ସଫଳ ଚାଷୀ

## ମିଲେଟ ସହ ବିଭିନ୍ନ ଚାଷ ଦେଇଛି ରାଜକୁମାରଙ୍କୁ ନୂଆ ପରିଚୟ

**ତୁରେକେଲା, ୨୫।୧୨(ସମିସ)**

ଦିନେ ସେ କାମ ନ ପାଇ ଅନ୍ୟ ପାଖରେ ମୂଳ ଲାଗିବାକୁ ନିଜ ପରିବାରକୁ ନେଇ ଭିଟାମାଟି ଛାଡି ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିଲେ। ଦିନ ମଜୁରିଆ ଭାବେ କାମ କରୁଥିଲେ। ହେଲେ ବର୍ତ୍ତମାନ ସେ ଆତ୍ମନିର୍ଭରଶୀଳ। ନିଜେ ରୋଜଗାର କରିବା ସହ ଅନ୍ୟଙ୍କୁ ମଧ୍ୟ ରୋଜଗାର ଦେଉଛନ୍ତି। ସେହିପରି ଜଣେ ବ୍ୟକ୍ତି ହେଲେ ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ଉପାନ୍ତ କମେଇମୁଣ୍ଡା ଗାଁର ରାଜକୁମାର ଭୋଇ (୪୨)। ସେ ଦାଦନ ଶ୍ରମିକ ଭାବେ କାମ କରୁଥିଲେ ହେଲେ ବର୍ତ୍ତମାନ ସେ ଜଣେ ସଫଳ ଚାଷୀ ଅଟନ୍ତି। ରାଜକୁମାରଙ୍କ ଗାଁର ଜଙ୍ଗଲ ଜମିରେ ପ୍ରାୟ ୧୬ ଏକର ଜମିରେ ଚାଷ କରୁଛନ୍ତି। ବର୍ତ୍ତମାନ ସେ ମିଲେଟ ସହ ୪ ଏକର ଜମିରେ କପା, ୪ ଏକର ଜମିରେ ରାହାଡି, ସଜନା, ୪୦ ଡିସେମିଲ ଜମିରେ ମିର୍ଚ୍ଚ, ୧ ଏକର ଜମିରେ କୁଳଥ, ୨ ଏକର ଜମିରେ ଧାନ ଚାଷ, ୩ ଡିସେମିଲ ଜମିରେ ଟମାଟୋ ଚାଷ କରିଛନ୍ତି। ବର୍ଷା ଦିନ ଆସିଥିଲେ ସେ ଆହୁରି ବିଭିନ୍ନ ପ୍ରକାର ଚାଷ କରୁଥିବା ପ୍ରକାଶ କରିଛନ୍ତି। ତାଙ୍କ ପାଖରେ ବୋରୱେଲ ନ ଥିବା ଯୋଗୁଁ ସେ ପାହାଡ ଉପରୁ ଆସୁଥିବା ଝରଣା ପାଣି ରଖି ଚାଷ କରୁଛନ୍ତି। ରାଜ୍ୟ ସରକାର ତାଙ୍କୁ ଏକ ବୋରୱେଲ ଯୋଗାଇ ଦେବାକୁ ସେ ନିବେଦନ କରିଛନ୍ତି। ଦିନେ ରାଜକୁମାର ଅନ୍ୟ ପାଖରେ ମୂଳ ଲାଗୁଥିଲେ। ହେଲେ ବର୍ତ୍ତମାନ ରାଜ୍ୟ ସରକାର ଚାଷୀଙ୍କ ପାଇଁ କରୁଥିବା ବିଭିନ୍ନ ଯୋଜନାରେ ଭଲ ଦୁଇ ପଇସା ରୋଜଗାର କରି ନିଜେ ସ୍ୱାବଲମ୍ବୀ ହୋଇ ପାରିଛନ୍ତି। ଅନ୍ୟ ମାନଙ୍କୁ ମଧ୍ୟ ବଞ୍ଚିବା ରାସ୍ତା ଦେଖାଇଛନ୍ତି। ରାଜକୁମାର ପାଖରେ ଏବେ ଅନେକ ଲୋକ କାମ କରନ୍ତି। ତାଙ୍କ ଚାଷ ଜମିରେ ହେଉଥିବା ପନିପରିବା ନେବାକୁ ବିଭିନ୍ନ ସ୍ଥାନରୁ ଅନେକ ବେପାରୀ ଆସିଥାନ୍ତି। ସେମାନେ ଏଠାରୁ ପନିପରିବା ନେଇ ବିଭିନ୍ନ ଗାଁ ବଜାରରେ ବିକ୍ରି କରନ୍ତି ବୋଲି ବେପାରୀମାନେ କହନ୍ତି। ଯଦି ଆଗକୁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ କୃଷିଭିତ୍ତିକ ଯନ୍ତ୍ରପାତି ଯୋଗାଇ ଦିଆଯାଏ ସେ ଆହୁରି କୃଷିକ୍ଷେତ୍ରର ବିକାଶରେ ଅବଦାନ ଦେଇପାରିବେ ବୋଲି କହିଛନ୍ତି।







## ୧୯ ଏକର ଗଞ୍ଜେଇ ଚାଷ ନଷ୍ଟ

**ମନମୁଣ୍ଡା, ୨୫।୧୨(ସମିସ):** ମନମୁଣ୍ଡା ପୁଲିସ ୧୯.୪୫ ଏକରରେ ହୋଇଥିବା ଗଞ୍ଜେଇ ଚାଷକୁ କାଟି, ପୋଡ଼ି ନଷ୍ଟ କରିଛି। ଆଇଆଇସି ଭାବାନନ୍ଦ ପ୍ରଧାନଙ୍କ ନେତୃତ୍ୱରେ ପୁଲିସ ବଳ ଏବଂ ଶ୍ରମିକମାନେ ମୁଣ୍ଡିପଦର ଗ୍ରାମ୍ୟ ଜଙ୍ଗଲରେ ଚଢ଼ଉ କରି ଉକ୍ତ ଚାଷ ନଷ୍ଟ କରିଥିଲେ। ପ୍ରାୟ ୨୯୨୬୮ଟି ଗଞ୍ଜେଇ ଗଛ ନଷ୍ଟ କରାଯାଇଥିବା ପୁଲିସ ସୂତ୍ରରୁ ଜାଣିବାକୁ ମିଳିଛି। ଏହି ଅଭିଯାନ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିଥିଲା। ମନମୁଣ୍ଡା ଥାନାଞ୍ଚଳକୁ ଗଞ୍ଜେଇ ଚାଷ ମୁକ୍ତ କରାଯିବାକୁ ପୁଲିସ ଚେଷ୍ଟା ଚଳାଇଥିବା ଆଇଆଇସି ଶ୍ରୀ ପ୍ରଧାନ କହିଛନ୍ତି।

## କଂଗ୍ରେସ ଛାଡ଼ିଲେ ପ୍ରେମାନନ୍ଦ ଜଟି

**ବୀରମହାରାଜପୁର, ୨୫।୧୨ (ସମିସ):** ବୀରମହାରାଜପୁର ବ୍ଲକର କଂଗ୍ରେସର ଜଣେ ଟାଣୁଆ ଯୁବନେତା ପ୍ରେମାନନ୍ଦ ଜଟି ଆଜି କଂଗ୍ରେସ ପାର୍ଟିରୁ ଇସ୍ତଫା ପ୍ରଦାନ କରିଥିବା ଜଣାଯାଇଛି। ଗତ ପଞ୍ଚାୟତ ଓ ବିଧାନସଭା ନିର୍ବାଚନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବାବେଳେ ଶ୍ରୀ ଜଟି କଂଗ୍ରେସର ଓବିସି ସେଲ୍‌ର ଜିଲ୍ଲା ସଭାପତି କାର୍ଯ୍ୟ ମଧ୍ୟ ତୁଲାଇ ଆସୁଥିଲେ। କଂଗ୍ରେସ ଜିଲ୍ଲା ସଭାପତି ଗୌରୀ ଶ୍ୟାମ ପଣ୍ଡାଙ୍କୁ ଲିଖିତ ଭାବରେ ଇସ୍ତଫା ଦେଇଥିବା ଗଣମାଧ୍ୟମକୁ ଜଣାଇଛନ୍ତି।

## ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ସାହୁଙ୍କ ପରଲୋକ

**ସାହାଜପାଲ, ୨୫।୧୨(ସମିସ):** ବୌଦ୍ଧ ବ୍ଲକ ମୁଣ୍ଡିପଦର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ସାହୁଙ୍କ ଚିକିତ୍ସାଧୀନ ଅବସ୍ଥାରେ



ବୁର୍ଲା ବଡ଼ ଡାକ୍ତରଖାନାରେ ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ମରଶରୀରକୁ ମୁଣ୍ଡିପଦର ନିଜ ଗ୍ରାମକୁ ଆଣି ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଜିଲ୍ଲାର ବିଭିନ୍ନ ସରକାରୀ ସ୍କୁଲରେ ଶିକ୍ଷାଦାନ କରିଥିବା ସ୍ୱର୍ଗତ ସାହୁ ଜଣେ ଛାତ୍ର ବତ୍ସଳ ଶିକ୍ଷକ ଭାବରେ ବେଶ ପରିଚିତ ଥିଲେ। ତାଙ୍କର ବିୟୋଗରେ ସଂଗ୍ରାମପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର କର୍ମଚାରୀବୃନ୍ଦ ନିରବ ପ୍ରାର୍ଥନା କରିଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଶୋକ ଖେଳି ଯାଇଛି।

## ଜିଲ୍ଲା ଗଣିତ ମେଳାରେ ୪ ଛାତ୍ରଛାତ୍ରୀ

**ସୋନପୁର, ୨୫।୧୨ (ସମିସ):** ସୋନପୁର ବ୍ଲକ ଅନ୍ତର୍ଗତ ଖଲିଆପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସୋନପୁର ମହାବିଦ୍ୟାଳୟର ଅବସରପ୍ରାପ୍ତ ଗଣିତ ପ୍ରଧାପକ ପୌଲସ୍ତୀ ସାହୁ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ସୋନପୁର ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମନୋରମା ମିଶ୍ର, ବୁଦ୍ଧଦେବ ପାଣ୍ଡେ, ମହାଦେବ ବଗର୍ତ୍ତୀ, ନିଳିମା ସାହୁ, କାମପାଳ ଭେସରା ପ୍ରମୁଖ ଯୋଗ ଦେଇଥିଲେ। ଆସନ୍ତା ୨୬ରୁ ୩୦ ତାରିଖ ପର୍ଯ୍ୟନ୍ତ ଡୁଙ୍ଗୁରିପାଲି ବ୍ଲକଠାରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ଗଣିତ ପାଠଶାଳା ଓ ଆଲୋଚନାଚକ୍ରରେ ଯୋଗ ଦେବାକୁ ମନୋନୀତ ଚାରି ଜଣ ଛାତ୍ରଛାତ୍ରୀଙ୍କୁ ଟ୍ରଫି ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ସ୍କୁଲର ପ୍ରଧାନଶିକ୍ଷକ ଲୋକନାଥ ଦାଶଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

### ଖବର ପ୍ରକାଶ ପରେ
## ରମାଇଗଡ଼ ଗାଁରେ ପହଞ୍ଚିଲେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା

**ତୁରେକେଲା, ୨୫।୧୨(ସମିସ):** ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ଢୋଲମାନ୍ଦଲ ପଞ୍ଚାୟତ ଆଦିବାସୀ ଅଧ୍ୟୁଷିତ ଉପାନ୍ତ ରମାଇଗଡ଼ ଗାଁ ପାନୀୟଜଳ ସମସ୍ୟା ଖବର ସୋମବାର 'ସକାଳ'ରେ ପ୍ରକାଶ ପାଇବାପରେ ରମାଇଗଡ଼ ଗାଁରେ ବଲାଙ୍ଗିର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ନିରୁପମା ମାଝୀ ପହଞ୍ଚିଛନ୍ତି। ସେ ରମାଇଗଡ଼ ପହଞ୍ଚିଲା ପରେ ଗ୍ରାମବାସୀ ସ୍ୱାଗତ କରିଥିଲେ। ପରେ ଗାଁ ଦାଣ୍ଡରେ ଏକ ସଭା ଆୟୋଜନ କରାଯାଇଥିଲା। ପ୍ରାୟ ଅଧିକାଂଶ ଆଦିବାସୀ ପରିବାର ଏହି ଗାଁ ରେ ବସବାସ କରନ୍ତି। ତେଣୁ ଆଦିବାସୀ ସମ୍ପ୍ରଦାୟ ପାଇଁ ରାଜ୍ୟ ସରକାର କରିଥିବା ସବୁ ଯୋଜନାରେ ଏହି ଗାଁ ଲୋକେ ହ କେମିତି ସାମିଲ ହେବେ ଏବଂ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିବା ସହ ଏହି ଗାଁ କେମିତି ରାଜସ୍ୱ ଗାଁର ମାନ୍ୟତା ପାଇବ ଗାଁ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ତାଙ୍କ ଗସ୍ତ ସମୟରେ ତୁରେକେଲା ବ୍ଲକ ବିଜେଡି ସଭାପତି ଆଶାଦୁଲ୍ଲା ଖାଁ, ବିଜୁ ମହିଳା ଜନତା ଦଳ ବଲାଙ୍ଗିର ଜିଲ୍ଲା ସାଧାରଣ ସମ୍ପାଦିକା ପିଙ୍କି ଖର୍ସେଲ, ଯୁବ ବିଜେଡି କଣ୍ଟାବାଞ୍ଜି ନଗର ସଭାପତି ବିଷ୍ଣୁ ଜୁଏଡ଼, ଯୁବ ବିଜେଡି ନେତା ବିଟୁ ଶାଘାଂଙ୍କ ସହ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।



## ସଶସ୍ତ୍ର ଲୁଟ୍ ଘଟଣା: ଅନ୍ୟତମ ଅଭିଯୁକ୍ତ ଆଲୋକ ସାହୁ ଗିରଫ

**ମନମୁଣ୍ଡା, ୨୫।୧୨ (ସମିସ):** ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଶଗଡ଼ା ଦେଶୀ ମଦ ଭାଟିରୁ ସଶସ୍ତ୍ର ଲୁଟ ଘଟଣାର ଅନ୍ୟତମ ଅଭିଯୁକ୍ତକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି।ଅଭିଯୁକ୍ତ ଜଣକ ଦହ୍ୟା ଗ୍ରାମର ଆଲୋକ ସାହୁ ବୋଲି ଆଇଆଇସି ଭାବାନନ୍ଦ ପ୍ରଧାନ ସୂଚନା ଦେଇଛନ୍ତି। ଅଭିଯୁକ୍ତ ବାଉଁଶୁଣି ଦିଗରୁ ଦହ୍ୟା ଆଡ଼କୁ ଫେରୁଥିବାବେଳେ ପୁଲିସ ଗାଡ଼ିକୁ ଦେଖି ପଳାଇବାକୁ ଚେଷ୍ଟା କରିଥିଲା। ଆଇଆଇସି ଶ୍ରୀ ପ୍ରଧାନ ପୁଲିସ ବଳ ସହ ତାକୁ ଗୋଡ଼ାଇ ଧରିଥିଲେ। ତା'ଠାରୁ ପୁଲିସ ୯୩୦୦ ଟଙ୍କା ଜବତ କରିଛି। ଘଟଣାର ମୁଖ୍ୟ ଅଭିଯୁକ୍ତ ପାଇକବାହାଲ ଗ୍ରାମର ଶେଷ ପ୍ରଧାନକୁ ପୁଲିସ ଗତ ୧୬ ତାରିଖରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ଘଟଣାରେ ଆଉ ଜଣେ ଅଭିଯୁକ୍ତ ସଂପୃକ୍ତ ଅଛି, ତାକୁ ମଧ୍ୟ ଶୀଘ୍ର ଗିରଫ କରାଯିବାକୁ ପୁଲିସ ଚେଷ୍ଟା ଚଳାଇଛି। ଲଳିତ ମେହେରଙ୍କ ଲାଇସେନ୍ସପ୍ରାପ୍ତ ଶଗଡ଼ା ଦେଶୀ ମଦଭାଟି ଝାଙ୍କରପଡା ଗ୍ରାମରେ ଥିବାବେଳେ ଗତ ୧୫ ତାରିଖ ଅପରାହ୍ନରେ ୩ ଜଣ ଦୁର୍ବୃତ୍ତ ମାରଣାସ୍ତ୍ରମାନ ଧରି ମ୍ୟାନେଜରଙ୍କ ଲୁଟ୍ କରିଥିଲେ। ବାକ୍ସରେ ପ୍ରାୟ ୩୬ ହଜାର ଟଙ୍କା ଥିଲା।

## ରକ୍ତଦାନ ଶିବିର: ୭୦ ୟୁନିଟ ସଂଗ୍ରହ

**ବଲାଙ୍ଗିର, ୨୫।୧୨(ସମିସ):** ରକ୍ତ ଅଭାବକୁ ଅଙ୍ଗେ ନିଭେଇଥିଲେ ଓଡ଼ିଶାର ବିଶିଷ୍ଟ ଶ୍ରମିକ ନେତା ସ୍ୱର୍ଗତ ଲଳିତ ନାୟକ। ତାଙ୍କ ଦ୍ୱାରା ପ୍ରେରିତ ହୋଇ ଯୁବ ସମାଜସେବୀ ତଥା ବିଙ୍ଗ ହ୍ୟୁମେନ ଫାଉଣ୍ଡେସନର ପ୍ରତିଷ୍ଠାତା ସୋମନାଥ ମିଶ୍ର ଓ ତାଙ୍କ ଦଳବଳ ଏହି ରକ୍ତ ସଂଗ୍ରହରେ ବ୍ରତୀ। ସୋମବାର ସ୍ଥାନୀୟ କଲେଜଛକସ୍ଥିତ କଲ୍ୟାଣ ମଣ୍ଡପରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିରକୁ ହେମଲତା ସାହୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ପଶ୍ଚିମ ଓଡ଼ିଶାର ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡା.ସୁଜ୍ଞାନେନ୍ଦ୍ର ମିଶ୍ର, ଭୀମସାରର ପ୍ରଫେସର ଡା. ବେଣୁଧର ପାଣ୍ଡେ, ଲୋଇସିଂହା ବ୍ଲକ ଅଧ୍ୟକ୍ଷ ଯତୀନ ପଟେଲ, ପୁଇଁନ୍ତଲା ବ୍ଲକ ଅଧ୍ୟକ୍ଷ ସରୋଜ ପଧାନ ଯୋଗଦେଇ ଥିଲେ। ଫାଉଣ୍ଡେସନର ଉପଦେଷ୍ଟା ଲୋଟସ ଷଡ଼ଙ୍ଗୀ, ନିହାର ରଞ୍ଜନ ବେହେରା, ଟିକୁ ପରିଛା, ରାଜୁ ବାଗ, ରଶ୍ମୀରଞ୍ଜନ ପଟ୍ଟନାୟକ, ଦ୍ରୋଣ କୁମ୍ଭାର, ଜଗନ୍ନାଥ ମିଶ୍ର, କିଶୋର ମିଶ୍ର, ଲମ୍ବୋଦର ସାଏ, ସୁଧୀର ଅମାତ, ରଶ୍ମୀ ରଞ୍ଜନ ମିଶ୍ର, ଅଶୋକ ରାଉତ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ୭୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ବଲାଙ୍ଗିର ସହର ତଥା ଜିଲ୍ଲାର ବିଭିନ୍ନ ବ୍ଲକରେ କାର୍ଯ୍ୟରତ ସାମାଜିକ ସଙ୍ଗଠନର ପ୍ରମୁଖ ନେତୃମଣ୍ଡଳୀମାନଙ୍କ ମଧ୍ୟରେ ବିଷ୍ଣୁ ପ୍ରସାଦ କେଡ଼ିଆ, ଚାଇନା ମହାନ୍ତି, ବିଧୁଭୂଷଣ ତ୍ରିପାଠୀ, ବିନୋଦ କାଲସାଏ, ସନ୍ଦୀପ ବାଗ, ରିଲୁ ରଥ, ବିକାଶ ସା, ନୂତନ ଦାସ, ଅସୀମ ଭୋଇ, ଶଶୀ ମଲଙ୍ଗ, ବିଶିକେଶନ ମଲ୍ଲିକ, ଘନ ପଶାୟତ, ହେମନ୍ତ ଛୁରିଆ, ସରୋଜ ମହାକୁର, ରିଙ୍କୁ ଦାସ, ପ୍ରେମରାଜ ପଧାନ, ଶ୍ରୀପତି ପଧାନ, ବୁଲୁ ମହାକୁର, ମୁକେଶ ପଧାନ, ଦେବରାଜ ସେଠ, ବିଶ୍ୱଜିତ ପଟେଲ, କୁନାଲ ସରକାର, ରିଙ୍କି ରାଉତ, ରିଙ୍କି ସାହୁ, ସୁନିତା ସାହୁ, ସୁନିତା ହୋତା, ପ୍ରିୟା ମିଶ୍ର, ପୂଜା ସାହୁ, ଅନୀଲ ରଣା, ଶୁଭ୍ରାନ୍ତ ନନ୍ଦ, ଅନିଲ ନାଏକ, ଅନିଲ ମିଶ୍ର ପ୍ରମୁଖ ଉପସ୍ଥିତ ରହି ସକ୍ରିୟ ଅଂଶଗ୍ରହଣ କରିଥିଲେ। ଜିଲ୍ଲାରକ୍ତ ଭଣ୍ଡାର ପକ୍ଷରୁ ଡା.ସୁମିତ ମୁଣ୍ଡଙ୍କ ନେତୃତ୍ୱରେ ସୁଜିତ ପୁରୋହିତ, ସେକ ଅବଦୁଲ ଅସରତ, ଅଜିତ ସାହୁ, ରିପୁରାଜ ମେହେର, କେଶବ ଷାଣ୍ଢ, ସୁଶୀଲ ସୁନା ପ୍ରମୁଖ ଶିବିରରେ ରକ୍ତ ସଂଗ୍ରହ ଓ ପରିଚାଳନାରେ ସହଯୋଗ କରିଥିଲେ।

## ମା' ବୀଣାପାଣି କ୍ରିକେଟ ଉଦ୍‌ଯାପିତ

**ଉଲୁଣ୍ଡା,୨୫।୧୨(ସମିସ):** ଉଲୁଣ୍ଡା ବ୍ଲକ ସିଣ୍ଡୋଲ ପଞ୍ଚାୟତର ଦକ୍ଷିଣୀପାଲି ଖେଳପଡିଆରେ ଆୟୋଜିତ ହୋଇଥିବା କ୍ରିକେଟ ୧୬ଟି ଦଳ ମଧ୍ୟରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ବାଲଜୁରୀ ୮ ଓଭରରେ ୭୫ ରନ ସଂଗ୍ରହ କରିଥିବା ବେଳେ ଜବାବରେ ବଡେମୁରା ୬୪ ରନ କରି ପରାଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବୀରମହାରାଜପୁର ଉପାଧ୍ୟକ୍ଷ ନାରାୟଣ ଲୁହା, ସ୍ଥାନୀୟ ସରପଞ୍ଚ ପ୍ରଦୀପ ଦେହେରି, କଲେଜର ଅଧ୍ୟକ୍ଷ ପବିତ୍ର ବାରିକ ତଥା ସନ୍ତୋଷ ଭୁକ୍ତା ଉପସ୍ଥିତ ଥିଲେ। ପରିଚାଳନା କରିଥିଲେ ଶମ୍ଭୁରାଜ କର୍ଣ୍ଣ। ଧାରବିବରଣୀ ପ୍ରଦାନ କରିଥିଲେ ରାଜକିଶୋର ସୁରୁଜାଲ। ମ୍ୟାଚ ପରିଚାଳନା କରିଥିଲେ ଶଶୀନ୍ଦ୍ର ଭୁକ୍ତା ଓ ପ୍ରତ୍ୟୁଷ ସାହୁ। ବିନୋଦ ମାଝୀ, ରାଜେଶ ଭୁକ୍ତା, ଆଶିଷ ଭୁକ୍ତା, ଜିତୁ ଦେହେରି, ଦୀପକ ମେହେର ସମେତ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।




## ଶୀତକାଳୀନ ଶିବିରକୁ ପରିଦର୍ଶନ କଲେ ଉଚ୍ଚ ଅଧିକାରୀ

**ବାଉଁଶୁଣି,୨୫।୧୨(ସମିସ):** ବୌଦ୍ଧ ଜିଲ୍ଲା ମା ମାହେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାଉଁଶୁଣୀରେ ଜାତୀୟ ସେବା ଯୋଜନାର ବାଳକ-ବାଳିକା କୋ-ୟୁନିଟ୍ ର ୭ଦିନ ବ୍ୟାପି ସ୍ୱତନ୍ତ୍ର ଶୀତକାଳୀନ ଶିବିରର ତୃତୀୟ ଦିବସରେ ଉଚ୍ଚ ଶିକ୍ଷା ବିଭାଗର ଡେପୁଟି ଡାଇରେକ୍ଟର ତଥା ଏନ୍ ଏସ୍ ଏସ୍ ସେଲ୍ ର ଏସ.ଏନ୍.ଓ ଡକ୍ଟର ରମେଶଚନ୍ଦ୍ର ବେହେରା ଓ ରେଭେନ୍ସା ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଅର୍ଥନୀତି ପ୍ରଫେସର ରବି ପାତ୍ର ଓ ବୌଦ୍ଧ ଡିପିଓ ଡକ୍ଟର ମନୋରଞ୍ଜନ ଘଡ଼େଇ ପରିଦର୍ଶନ କରି ମତ ବିନିମୟ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ମାନଭଞ୍ଜନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟିତ ଏହି ଶିବିରର ୫୧ଜଣ ଶିବିରାର୍ଥୀଙ୍କ ଉପସ୍ଥିତିରେ ପ୍ରୋଗ୍ରାମ ଅଫିସର୍ ତଥା ଶିକ୍ଷ୍ୟା ଅଧ୍ୟାପକ ଡ଼ ଉମାକାନ୍ତ ବିଶ୍ୱାଳ ପରିଚାଳନା କରୁଛନ୍ତି।

## ଅଲ୍‌ଓଡ଼ିଶା ବଡି ବିଲଡିଂ ଚାମ୍ପିଅନସିପ୍ ପ୍ରତିଯୋଗିତା

**କଣ୍ଟାବାଞ୍ଜି, ୨୫।୧୨(ସମିସ):** ସନ୍ତୋଷ ମଲ୍ଟିଜିମ୍ କଣ୍ଟାବାଞ୍ଜି ଦ୍ୱାରା ରାଜ୍ୟସ୍ତରୀୟ ବଡି ବିଲ୍ଡିଂ ଚାମ୍ପିଅନସିପ୍ ସ୍ଥାନୀୟ ହରିଭବନ ସମ୍ମୁଖରେ ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୩୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ପ୍ରତିଯୋଗୀ ଭାଗନେଇ ଥିଲେ। କାର୍ଯ୍ୟକ୍ରମରେ ମିଷ୍ଟର ଅର୍ଣ୍ଣଲଡ୍ କ୍ଲାସିକ ଚାମ୍ପିଅନ ଜିତେନ୍ ବାରିକ ହୋଇଥିବାବେଳେ ମହିଳାଙ୍କ ମଧ୍ୟରେ ଅନୁପମା ସ୍ୱାଇଁ ଏହି ଟାଇଟଲ ହାସଲ କରିଥିଲେ। ଶଙ୍କର ବାରିକ ରନର୍ସ ଅପ୍ ଟାଇଟଲ ଜିତିଥିଲେ। ମିଷ୍ଟର କଣ୍ଟାବାଞ୍ଜି ପାଇଁ ସଞ୍ଜୟ ବାରିକ, ପ୍ରଥମ ହୋଇଥିବାବେଳେ ବିକାଶ ମେହେର ଦ୍ୱିତୀୟ, ରାଜେଶ ଆନିୟା ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କଣ୍ଟାବାଞ୍ଜି ନଗରପାଳ ବରିହାମସିଂ ସାଲୁଜା, ଛୋଟୁ ସିଂ, ଆଇନଜୀବୀ ପ୍ରଫୁଲ୍ଲ ନାୟକ, ଆଇନଜୀବୀ ଅଶୋକ ଦାସ, ସଞ୍ଜୟ ଅଗ୍ରୱାଲ, ଅବଦୁଲ ସାଜିଦ ଖାନ ପ୍ରମୁଖ ମଞ୍ଚାସିନ ଥିଲେ। ଶୁକଦେବ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା।



### ବୀରମୁଣ୍ଡା ରବି ମେମୋରିଆଲ କ୍ରିକେଟ ପ୍ରତିଯୋଗିତା
## ପୁଇଁତଲାକୁ ହରାଇ ଖମାରମୁଣ୍ଡା ଚାମ୍ପିଅନ

**ବଲାଙ୍ଗିର, ୨୫।୧୨(ସମିସ) :** ବଲାଙ୍ଗିର ସଦର ବ୍ଲକସ୍ଥିତ ବୀରମୁଣ୍ଡା ଗାଁରେ ରବି ମେମୋରିଆଲ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଏହି ପ୍ରତିଯୋଗିତାରେ ୧୬ ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲରେ ଖମାରମୁଣ୍ଡା ପୁଇଁତଲା ଦଳ ବିପକ୍ଷରେ ୮ ୱିକେଟରେ ବିଜୟୀ ହୋଇ ଚାମ୍ପିଅନ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ଯୋଗଦେଇ ଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଜଗନ୍ନାଥ ମିଶ୍ର, ମଧୁ ବନଛୋର, ଲକ୍ଷ୍ମୀନାରାୟଣ ସ୍ୱାଇଁ, ପୂର୍ବତନ ସରପଞ୍ଚ ତ୍ରିଲୋଚନ ସାଗର ମଞ୍ଚାସୀନ ଥିଲେ।



### ଅଟଳ କପ୍ - ୨୦୨୩
## ପ୍ରୋଗ୍ରେସିଭ୍ କ୍ଲବ୍‌କୁ ହରାଇ ରଏ ସ୍ପୋର୍ଟସ୍ ଚାମ୍ପିଅନ



**ବଲାଙ୍ଗିର, ୨୫।୧୨(ସମିସ)**

ସ୍ଥାନୀୟ ଟାଉନ ହାଇସ୍କୁଲ ଖେଳପଡ଼ିଆ ଠାରେ ଭାରତରତ୍ନ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳବିହାରୀ ବାଜପେୟୀଙ୍କ ଜନ୍ମଦିନରେ ପ୍ରଥମ ବାର୍ଷିକ ଏକ ଦିବସୀୟ ଅଟଳ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ପ୍ରୋଗ୍ରେସିଭ କ୍ଲବ ବଲାଙ୍ଗିର ପକ୍ଷରୁ ଅୟୋଜିତ କରାଯାଇଥିଲା। ଏଥିରେ ସର୍ବମୋଟ ୮ଟି ଦଳ ଭାଗ ନେଇଥିଲେ। ଫାଇନାଲ ଖେଳରେ ରଏ ସ୍ପୋର୍ଟସ୍ ବଲାଙ୍ଗିର ଦଳ ୧-୦ ଗୋଲରେ ପ୍ରୋଗ୍ରେସିଭ କ୍ଲବ ବଲାଙ୍ଗିର ଦଳକୁ ପରାସ୍ତ କରି ବିଜୟୀ ହୋଇଥିଲା। ଅତିଥି ଭାବେ ବ୍ୟବସାୟୀ ଅଶୋକ ରଥ, ବିଜେପି ନେତା ଅନନ୍ତ ଦାସ, ଶଶୀଭୂଷଣ ପରୋହିତ, ଅରୁଣ ମିଶ୍ର, ଡା.ସିଦ୍ଧେଶ୍ୱର ମିଶ୍ର, ଶରତ କୁମାର ନନ୍ଦ, ସାମ୍ବାଦିକ ରୁତୁରାଜ ସିଂହ ଯୋଗଦେଇ ଥିଲେ। ସୁଧାଂଶୁ ସେଠ, ସଞ୍ଜୀବ ମହାରଣା, ପ୍ରଫୁଲ୍ଲ ବଗର୍ତ୍ତୀ, ସନ୍ଦୀପ ତରିଆ ଓ ପୁରୁଷୋତ୍ତମ ବୁଡେକ ପରିଚାଳନା କରିଥିବାବେଳେ ଅନୀଲ ପାଣିଗ୍ରାହୀ, ସରୋଜ ଗୁରୁ, ଖେତ୍ରୁ ଜୁଏଡ, ପ୍ରଦୀପ ଜାଲ, ପପୁନ ମିଶ୍ର, ଭବାନୀ ମହାନନ୍ଦ, ମଧୁ ବିଶ୍ୱାଳ, ନରେନ୍ଦ୍ର ଜାଲଙ୍କ ସମେତ କ୍ଲବର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ସହଯୋଗ କରିଥିଲେ।

■ ବରଗଡ଼ ଧନୁଯାତ୍ରା ମହୋତ୍ସବ

# ଗୋପପୁରରେ ଶୁଭଧ୍ୱଜା ସ୍ଥାପିତ




**ବରଗଡ଼,୨୫।୧୨(ସମିସ):** ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ଗୋପପୁର କମିଟି ତରଫରୁ ଶୁଭଧ୍ୱଜା ସ୍ଥାପିତ ହୋଇଯାଇଛି। ସୋମବାର ଅପରାହ୍ଣ ୪ଟାରେ ଅମ୍ବାପାଲିରେ ମାଁ ସମଲେଶ୍ୱରୀଙ୍କ ପୀଠରେ ପୂଜାର୍ଚ୍ଚନା ପରେ ଏକ ସାଂସ୍କୃତିକ ଶୋଭାଯାତ୍ରା ଗାଁ ପରିକ୍ରମା ପୂର୍ବକ କଦମ୍ବ ପଡ଼ିଆରେ ପହଞ୍ଚିଥିଲା। ସେଠାରେ ରାଜପୁରୋହିତ ପଣ୍ଡିତ ଭଗବାନ ବିର୍ଞ୍ଜିଆ ପୂଜାର୍ଚ୍ଚନା କରିଥିବା ବେଳେ ଧନୁଯାତ୍ରା ମହୋତ୍ସବ ଗୋପପୁର କମିଟିର ସହ ଆବାହକ ତଥା ପୌର ପରିଷଦ ନିର୍ବାହୀ ଅଧିକାରୀ ହରପ୍ରସାଦ ଭୋଇ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀ, ଉପଜିଲ୍ଲାପାଳ କୁମାର ନାଗଭୂଷଣ, ଗୋପପୁର କମିଟିର କୃଷ୍ଣ ମହାପାତ୍ର, କାଉନସିଲର ଦୀପାଞ୍ଜଳି ବାଗ, ଦୟା ପ୍ରଧାନ, ହାଡୁ ମଲ୍ଲିକ, ଅଗ୍ନି ଥପା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଶୋଭାଯାତ୍ରାରେ କୃଷ୍ଣ ବଳରାମ ଭୂମିକାରେ ଅଭିନୟ କରିବାକୁ ଥିବା ଶିଶୁ କଳାକାର ସମ୍ରାଟ ମହାପାତ୍ର ଓ କିଶନ କୁମାର ବିର୍ଞ୍ଜିଆ, ରାଧା ବୈଷ୍ଣବୀ ବିର୍ଞ୍ଜିଆ, ସତ୍ୟନାରାୟଣ ପୋଢ଼, ରାଜେନ୍ଦ୍ର ପ୍ରସାଦ ସିଂ, ପଞ୍ଚାନନ ବିର୍ଞ୍ଜିଆ, ଈଶ୍ୱର ବାଗ, ରବୀନ୍ଦ୍ର ପୂଜାରୀ, ସୁଖଦେବ ଭୋଇ ସମେତ ଗୋପପୁର କମିଟି ସଦସ୍ୟମାନେ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ ଯେ ୨୦୨୪ ଜାନୁଆରୀ ୧୫ରୁ ୨୫ ପର୍ଯ୍ୟନ୍ତ ୭୬ତମ ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ଅନୁଷ୍ଠିତ ହେବ। ଧନୁଯାତ୍ରା ସମୟରେ ଅମ୍ବାପାଲି ଗୋପପୁରରେ ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳାଖେଳା ଦୃଶ୍ୟ ଅଭିନୀତ ହେବ।

■ ଶୌଚ ପାଇଁ ଯାଇଥିବାବେଳେ ଅଘଟଣ

# ହାତୀ ଆକ୍ରମଣରେ ଜଣେ ମୃତ

**ପାଲଲହଡ଼ା,୨୫।୧୨(ସମିସ):** ଶୌଚ ହେବାକୁ ଯାଇଥିବା ବେଳେ ସୋମବାର ହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୀର୍ତ୍ତନ ନାୟକ। ଅନୁଗୋଳ ଜିଲ୍ଲା ପାଲଲହଡ଼ା ବନାଞ୍ଚଳ ଅନ୍ତର୍ଗତ ଲକ୍ଷ୍ମୀପୁର ଗ୍ରାମରେ ଏଭଳି ଦୁଃଖଦ ଘଟଣା ଘଟିଛି। ସୂଚନା ଅନୁଯାୟୀ, କୀର୍ତ୍ତନ ସୋମବାର ଭୋରରୁ ଗାଁ ପାଖ ନାଳକୁ ଶୌଚ ହେବା ପାଇଁ ଯାଇଥିବା ବେଳେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ତାଙ୍କୁ କଚାଡ଼ି ମାରିଦେଇଥିଲା। ଖବର ପାଇ ବନବିଭାଗ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ତେବେ ସେହି ଅଞ୍ଚଳରେ ଗତ ବର୍ଷକ ମଧ୍ୟରେ ହାତୀ ଆକ୍ରମଣରେ ୩ ଜଣଙ୍କ ମୃତ୍ୟୁ ହୋଇସାରିଲାଣି।

# ପୋଖରୀରେ ବୁଡ଼ି ଦୁଇ ନାବାଳିକା ମୃତ

**ଫୁଲନଖରା, ୨୫।୧୨(ସମିସ):** କଟକ ସଦର ଥାନା ଅନ୍ତର୍ଗତ କୁରାଙ୍ଗ ପ୍ରଧାନ ଗ୍ରାମରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି। ପୋଖରୀରେ ବୁଡ଼ି ୨ ନାବାଳିକା ପ୍ରାଣ ହରାଇଛନ୍ତି। ସେମାନେ ହେଲେ, ଗ୍ରାମର ଅସରଫ୍ ଅହମ୍ମଦଙ୍କ ଝିଅ ସାଫିଆ ଖାତୁନ୍(୧୦) ଓ ରାଜେଶ ସାହାଣୀଙ୍କ ଝିଅ ନନ୍ଦିନୀ କୁମାରୀ(୧୦)। ସାଫିଆ, ତା' ଭଉଣୀ କୁଲ୍‌ସୁମ୍ ଆହାରା ଓ ନନ୍ଦିନୀ ଆଜି କୁରାଙ୍ଗ ପଞ୍ଚାୟତ ଫଳ ବଗିଚା ପୋଖରୀକୁ ଗାଧୋଇ ଯାଇଥିବା ବେଳେ ଏହି ଅଘଟଣ ଘଟିଥିଲା। ସାଫିଆ ଓ ନନ୍ଦିନୀ ଗଭୀର ଜଳରେ ବୁଡ଼ି ଯାଇଥିବା ବେଳେ କୁଲ୍‌ସୁମ୍ ପାଣିରେ ଉବୁଟୁବୁ ହୋଇ ଚିତ୍କାର କରିଥିଲା। ଏହି ସମୟରେ ସ୍ଥାନୀୟ ଜଣେ ଯୁବକ ତାଙ୍କୁ ଉଦ୍ଧାର କରିଥିଲେ। ପାଟିତୁଣ୍ଡ ଶୁଣି ଘର ଲୋକେ ଘଟଣାସ୍ଥଳରେ ପହଞ୍ଚି ମୁମୂର୍ଷୁ ଅବସ୍ଥାରେ ଅନ୍ୟ ଦୁଇଜଣଙ୍କୁ ଉଦ୍ଧାର କରି ନିକଟସ୍ଥ ମହୀଧରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ୍ ଘଟଣାସ୍ଥଳରୁ ଯୁବତୀଦ୍ୱୟଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲକୁ ପଠାଇବା ସହ ଘଟଣାର ତଦନ୍ତ ଚଳାଇଛି।

## ଆଜିର ରାଶିଫଳ

**ମେଷ:** ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ। ଶୁଭ ଖବର ପ୍ରାପ୍ତ ହେବ। ନୂଆ ଯାନ କିଣିବା ଯୋଗ ଅଛି। ଅଫିସ୍‌ରେ ସହକର୍ମୀଙ୍କୁ ସାହାଯ୍ୟ କରିବେ। ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ।

**ବୃଷ:** ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବ୍ୟବସାୟକୁ ନେଇ ଚିନ୍ତାରେ ରହିବେ। ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ପ୍ରିୟଜନଙ୍କ କଥାକୁ ବିଶ୍ୱାସ କରିବେ ନାହିଁ।

**ମିଥୁନ:** ବ୍ୟବହାରରେ ସଂଯମତା ରକ୍ଷା କରିବେ। ନାଚ, ଗୀତରେ ପ୍ରଶଂସା ମିଳିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ।

**କର୍କଟ:** ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ପାଇବ। ବ୍ୟସାୟରେ ଉନ୍ନତି ପାଇଁ ଆଧୁନିକ ଜ୍ଞାନ-କୌଶଳ ଉପଯୋଗ କରିବେ। ବାପାମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ।

**ସିଂହ:** ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ।

**କନ୍ୟା:** ବ୍ୟବସାୟରେ ଲାଭ ହେବ। ଆୟଠୁ ଅଧିକ ବ୍ୟୟ କରିବେ। ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ। ନୂଆ କାମ ଆରମ୍ଭ କରିବେ। ଛାତ୍ରଛାତ୍ରୀ କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହେବେ।

**ତୁଳା:** ଗୁରୁତ୍ୱପୂର୍ଣ୍ଣ ଖବର ପ୍ରାପ୍ତ ହେବ। ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ। ପାରିବାରିକ ସମସ୍ୟାର ସମାଧାନ ହେବ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ।

**ବିଛା:** ବୈବାହିକ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଭାଇଭଉଣୀଙ୍କଠାରୁ ଉପହାର ପାଇବେ। ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିବେ।

**ଧନୁ:** ଅଜଣା ଲୋକଙ୍କଠାରୁ ଦୂରେଇ ରହିବେ। ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ। ଭାବପ୍ରବଣ ହୋଇ ନିଷ୍ପତ୍ତି ନେବାରୁ ନିବୃତ୍ତ ରହିବେ। ଆଇନଜୀବୀଙ୍କୁ ସଫଳତା ମିଳିବ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ। ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ। ସନ୍ତାନ ସୁଖ ପ୍ରାପ୍ତ ହେବ। ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରିବେ। ବିରୋଧୀଙ୍କୁ ସାମ୍ନା କରିବେ। ଚିନ୍ତାଗ୍ରସ୍ତ ରହିବେ। ଜୀବନସାଥୀଙ୍କୁ ମନକଥା କହିବେ।

**ମୀନ:** ବିଦ୍ୟାର୍ଥୀ ପରୀକ୍ଷାରେ ସଫଳ ହେବେ। ବନ୍ଧୁଙ୍କ ସାହାଯ୍ୟ ମିଳିବ। କଳା କ୍ଷେତ୍ରରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ହେବ।

## ଶ୍ରୀମନ୍ଦିର ପାଇଁ ସ୍ୱତନ୍ତ୍ର ସୁରକ୍ଷା ବାହିନୀ

# ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ଭକ୍ତ, ସେବାୟତ

**ପୁରୀ, ୨୫।୧୨(ସମିସ):** ଆହୁରି ସୁଦୃଢ଼ ହେବ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା। ଶୃଙ୍ଖଳିତ ଭାବେ ଦାରୁଦିଅଁଙ୍କୁ ଦର୍ଶନ କରିପାରିବେ ଭକ୍ତ। ଏଥିପାଇଁ ବଡ଼ଦେଉଳରେ ମୁତୟନ ହେବେ ସ୍ୱତନ୍ତ୍ର ସୁରକ୍ଷା ବାହିନୀ। ଏମାନେ ମନ୍ଦିର ସୁରକ୍ଷା, ଭିଡ଼ ନିୟନ୍ତ୍ରଣ ଏବଂ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥାର ଦାୟିତ୍ୱ ସମ୍ଭାଳିବେ। ଏଥିପାଇଁ ପଦକ୍ଷେପ ନେଇଛନ୍ତି ରାଜ୍ୟ ସରକାର। ସମସ୍ତଙ୍କ ସହ ଆଲୋଚନା ପରେ '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଦେଇଥିବା ମତାମତକୁ ଭିତ୍ତି କରି ଏକ ସ୍ୱତନ୍ତ୍ର ସୁରକ୍ଷା ବାଟାଲିଅନ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ଏହି ବ୍ୟବସ୍ଥାରେ ୧, ୧୯୦ ଜଣ ସୁରକ୍ଷାକର୍ମୀ ମୁତୟନ ହେବେ, ଯେଉଁମାନେ କି ଭକ୍ତଙ୍କୁ ସୁରକ୍ଷିତ ଭାବେ ଦର୍ଶନ କରାଇବାରେ ସହାୟକ ହେବେ। ଏହି ସ୍ୱତନ୍ତ୍ର ବାଟାଲିୟନ ପୁରୀ ଏସ୍‌ପିଙ୍କ ଅଧୀନରେ କାମ କରିବ। ତେବେ ଶ୍ରୀମନ୍ଦିର ପାଇଁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି ଭକ୍ତ ଓ ସେବାୟତ।

ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ତଥା ସୁଭଦ୍ରାଙ୍କ ବାଡ଼ଗ୍ରାହୀ ରାମଚନ୍ଦ୍ର ଦାସ





ମହାପାତ୍ର କହିଛନ୍ତି, ଆମ ଓଡ଼ିଶାବାସୀଙ୍କ ପ୍ରିୟ ମୁଖ୍ୟମନ୍ତ୍ରୀ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରମଭକ୍ତ ନବୀନ ପଟ୍ଟନାୟକ ଶ୍ରୀମନ୍ଦିରର ସୁରକ୍ଷା ଏବଂ ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ପାଇଁ ଯେଉଁ ସ୍ୱତନ୍ତ୍ର ସୁରକ୍ଷା ବାହିନୀ ଘୋଷଣା କରିଛନ୍ତି ଏହା ନିଶ୍ଚିତ ସ୍ୱାଗତଯୋଗ୍ୟ ପଦକ୍ଷେପ। ଅନେକ କୁହାଳିଆ ଅଛନ୍ତି, ସେମାନେ କେବଳ କହିଚାଲନ୍ତି। ହେଲେ ଏକମାତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯିଏ କଥାରେ ନୁହେଁ କାମରେ କରି ଦେଖାନ୍ତି। ମହାପ୍ରଭୁଙ୍କ ପାଖରେ ଏତିକି ପ୍ରାର୍ଥନା ସେ ପୁନର୍ବାର କ୍ଷମତାରେ ଆସନ୍ତୁ। ଠାକୁର ତାଙ୍କୁ ଦୀର୍ଘାୟୁ ରଖନ୍ତୁ। ଶେଷ ପର୍ଯ୍ୟନ୍ତ କ୍ଷମତାରେ ରହି ଓଡ଼ିଶାବାସୀ ଏବଂ ପ୍ରଭୁ ଜଗନ୍ନାଥଙ୍କ ସେବା କରିଚାଲନ୍ତୁ। ଶ୍ରୀମନ୍ଦିର ପାଇଁ ସ୍ୱତନ୍ତ୍ର ବାଟାଲିୟନ ଲାଗି ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଉଛୁ ବୋଲି କହିଛନ୍ତି ବରିଷ୍ଠ ସେବାୟତ ଶ୍ରୀ ଦାସମହାପାତ୍ର। ସେହିପରି ମହେନ୍ଦ୍ର ବିଶୋଇ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରୀମନ୍ଦିର ପାଇଁ ଯେଉଁ ସ୍ୱତନ୍ତ୍ର ବାଟାଲିୟନ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି ତାହାକୁ ପୁରୀବାସୀ ହିସାବରେ ଆମେ ସ୍ୱାଗତ କରୁଛୁ। ଏହା ଅଭିନନ୍ଦନୀୟ। ବାସ୍ତବରେ ଯଥେଷ୍ଟ ପୂର୍ବରୁ ଏହାର ଆବଶ୍ୟକତା ଥିଲା। ଏହି ଆବଶ୍ୟକତାକୁ ମୁଖ୍ୟମନ୍ତ୍ରୀ ପୂରଣ କରିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଏବଂ ଓଡ଼ିଶା ସରକାରଙ୍କୁ ଧନ୍ୟବାଦ ଜଣାଉଛୁ। ଏହି ସ୍ୱତନ୍ତ୍ର ସୁରକ୍ଷା ବାହିନୀ କେବଳ ଶ୍ରୀମନ୍ଦିର ସୁରକ୍ଷା କିମ୍ବା ଭିଡ଼ ନିୟନ୍ତ୍ରଣ ନୁହେଁ ସେମାନେ ଯାତ୍ରୀ ପରିଚର୍ଯ୍ୟା କରିବେ ବୋଲି ଶୁଣିବାକୁ ମିଳୁଛି। ଏହା ନିଶ୍ଚିତ ବଡ଼ ଖୁସିର କଥା। ଯଥାଶୀଘ୍ର ଏହାକୁ କାର୍ଯ୍ୟକାରୀ କରାଯାଉ। ବିଶ୍ୱସ୍ତରରେ ଏହା ଯେପରି ଏକ ଅଭିନବ କାର୍ଯ୍ୟକ୍ରମ ଭାବେ ପରିଗଣିତ ହୋଇପାରିବ ତାହା ଉପରେ ଗୁରୁତ୍ୱ ଦିଆଯାଉ ବୋଲି ଶ୍ରୀ ବିଶୋଇ କହିଛନ୍ତି।

କେବଳ ଉପରୋକ୍ତ ଦୁଇଜଣ ନୁହେଁ, ଏହି ଖବର ଜଣାପଡ଼ିବା ପରେ ଏହାକୁ ସମସ୍ତେ ସ୍ୱାଗତ କରିଛନ୍ତି। ଏଭଳି ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକୁ ଭକ୍ତ, ସେବାୟତ ସମସ୍ତେ କୃତଜ୍ଞତା ଜଣାଇଛନ୍ତି।

# ଘରୁ ଲୁଟିନେଲେ ୧୫ ଭରି ଅଳଙ୍କାର, ଲକ୍ଷେ ଟଙ୍କା

**ବ୍ରହ୍ମପୁର, ୨୫।୧୨(ସମିସ):** ଗୋପାଳପୁର ଥାନା ଅଞ୍ଚଳରେ ରବିବାର ରାତିରେ ଏକ ବଡ଼ଧରଣର ଚୋରି ହୋଇଛି। ଦୁର୍ବୃତ୍ତମାନେ ସ୍ଥାନୀୟ ବଡ଼କୁଶସ୍ଥଳୀ ଗ୍ରାମର ଶଙ୍କର ଜେନାଙ୍କ ଘରୁ ୧୫ଭରି ଓଜନର ଅଳଙ୍କାର ଓ ନଗଦ ୧ଲକ୍ଷ ଟଙ୍କା ଚୋରି କରିନେଇଛନ୍ତି। ଏନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ସହାୟତାରେ ଗୋପାଳପୁର ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ଘଟଣାସ୍ଥଳରେ ତଦନ୍ତ କରିଛନ୍ତି। ଏହାସହ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରି ପୁଲିସ ଅଭିଯୁକ୍ତମାନଙ୍କୁ ଠାବ କରିବାକୁ ଉଦ୍ୟମ ଚଳାଇଛି। ସୂଚନାଯୋଗ୍ୟ ଯେ, ଶଙ୍କର ଓ ତାଙ୍କ ପରିବାର ଗତରାତିରେ ଶୋଇଥିବା ବେଳେ ଦୁର୍ବୃତ୍ତମାନେ ପଛ କବାଟ ଭାଙ୍ଗି ଘରେ ପଶିଥିଲେ। ସେମାନେ ଅତି ସତର୍କତାର ସହ ଆଲମାରୀ ଖୋଲି ସେଥିରୁ ୧୦ଭରି ସୁନା, ୫ଭରି ରୁପା ଅଳଙ୍କାର ସହ ନଗଦ ଏକ ଲକ୍ଷ ଟଙ୍କା ଚୋରି କରି ନେଇଥିଲେ। ଏ ସଂପର୍କରେ ପରିବାରଲୋକ ଟେର୍ ପାଇ ପାରିନଥିଲେ। ତେବେ ଆଜି ସକାଳେ ଏହା ଜଣାପଡ଼ିବା ପରେ ପରିବାରଲୋକ ଥାନାରେ ଏତଲା ଦେଇଥିଲେ।

# CBSE BOARD EXAMINATION (2023-24)
## PROBABLE QUESTION PAPER
## CLASS-X, SUB- MATHEMATICS

### SECTION-A (1 Mark)

1. If two positive integers a and b are written as $a = x^3y^2$ and $xy^3$, where $x, y$ are prime number, then HCF $(a, b)$ is
(a) $xy$ (b) $xy^2$ (c) $x^3y^3$ (d) $x^2y^2$

2. The graph of y= p(x) in a figure given below, for some polynomial p(x). Find the number of zeroes of p(x).



(a) 3 (b) 4 (c) 2 (d) 1

3. If the roots of the equation $(a - b)x^2 + (b - c)x + (c - a) = 0$ are equal. Then________.
(a) $2c = a + b$ (b) $2a = b + c$ (c) $2b = a + c$ (d) $\frac{1}{b} = \frac{1}{a} + \frac{1}{c}$

4. The 7th term of an AP is 28 and the sum of its 7th and 11th terms is 64. The common difference of the AP is
(a) 2 (b) 3 (c) 5 (d) none

5. The mid -point of the line -segment AB is P(0,4), if the co-ordinates of B are (-2,3) the co-ordinates of A are
(a) (2,5) (b) (-2,-5) (c) (2,9) (d) (-2,11)

6. $\Delta ABC$ is an equilateral triangle with each side of length 2p. If AD $\perp$ BC then the value of AD is
(a) $\sqrt{3}$ (b) $\sqrt{3}p$ (c) $2p$ (d) $4p$

7. If the area of a semi-circular field is 15400 sq m, then perimeter of the field is
(a) $160\sqrt{2}$ m (b) $260\sqrt{2}$m (c) $360\sqrt{2}$m (d) $460\sqrt{2}$m

8. If the sum of the areas of two circles with radii $R_1$ and $R_2$ is equal to the area of a circle of radius R, then
(a) $R_1 + R_2 = R$ (b) $R_1^2 + R_2^2 = R^2$ (c) $R_1 + R_2 < R$ (d) $R_1^2 + R_2^2 < R^2$

9. If $\Delta ABC$ is right angled at C , then the value of cos(A+ B) is
(a) 0 (b) 1 (c) $\frac{1}{2}$ (d) $\frac{\sqrt{3}}{2}$

10. If $0 < \theta < \frac{\pi}{4}$, then the simplest form of $\sqrt{1 - 2\sin\theta\cos\theta}$ is
(a) $\sin\theta - \cos\theta$ (b) $\cos\theta - \sin\theta$ (c) $\cos\theta + \sin\theta$ (d) $\sin\theta\cos\theta$

11. The ratio of the length of a rod and its shadow is $1:\sqrt{3}$ then the angle of elevation of the sun is
(a) 90° (b) 45° (c) 30° (d) 75°

12. If the perimeter of a circle is equal to that of a square, then the ratio of their areas is
(a) 22:7 (b) 14:11 (c) 7:22 (d) 11:14

13. The first term of AP is p and the common difference is q , then its $10^{th}$ term is
(a) q+9p (b) p-9q (c) p+9q (d) 2p+9q

14. In a number of two digits, unit's digit is twice the tens digit. If 36 be added to the number, the digits are reversed. The number is
(a) 36 (b) 63 (c) 48 (d) 84

15. The diameter of hollow cone is equal to the diameter of a spherical ball. If the ball is placed at the base of the cone, what portion of the ball will be outside the cone
(a) 50% (b) Less than 50% (c) More than 50% (d) 100%

16. If the mean of the numbers 27 + x , 31 + x, 89 + x ,107 +x , 156 + x is 32, then the mean of 130 + x, 126 + x, 68 + x, 50 + x and 1 + x is
(a) 75 (b) 157 (c) 82 (d) 80

17. An event is very unlikely to happen. Its probability is closest to
(a) 0.0001 (b) 0.001 (c) 0.01 (d) 0.1

18. In the given figure, AP, AQ and BC are tangents to the circle. If AB=5cm, AC=6cm and BC=4cm then the length of AP is




(a) 7.5cm (b) 15cm (c) 9cm (d) 10cm

19. Assertion: Total surface area of the cylinder having radius of the base 14 cm and height 30 cm is 3872 $cm^2$.
Reason: If r be the radius and h be the height of the cylinder, then total surface area $= 2\pi rh + 2\pi r^2$
(a) Both assertion (A) and reason (R) are true and reason (R) is the correct explanation of assertion (A).
(b) Both assertion (A) and reason (R) are true but reason (R) is not the correct explanation of assertion (A).
(c) Assertion (A) is true but reason (R) is false.
(d) Assertion (A) is false but reason (R) is true

20. Assertion: In the $\Delta ABC$ , AB = 24 cm, BC = 10 cm and AC = 26 cm, then $\Delta ABC$ is a right angle triangle.
Reason: If in two triangles, their corresponding angles are equal, then the triangles are similar
(a) Both assertion (A) and reason (R) are true and reason (R) is the correct explanation of assertion (A).
(b) Both assertion (A) and reason (R) are true but reason (R) is not the correct explanation of assertion (A).
(c) Assertion (A) is true but reason (R) is false.
(d) Assertion (A) is false but reason (R) is true.

### SECTION-B (2 Marks)

21. Find HCF & LCM of 404 and 96 and verify that HCF × LCM = product of the two given numbers.

22. D and E are points on the sides AB and AC respectively of a $\triangle ABC$. If AB=10. 8cm, AD=6.3cm, AC=9.6cm, and EC=4cm. Determine whether $DE \parallel BC$ or not.




23. Prove that: $\frac{\sin A - 2\sin^3 A}{2\cos^3 A - \cos A} = \tan A$
OR
Prove that: $1 + \frac{\cot^2\alpha}{1+\operatorname{cosec}\alpha} = \operatorname{cosec}\alpha$

### SECTION-C (3 Marks)

24. If the circumferences of two concentric circles forming a ring are 88 cm and 66 cm respectively. Find the width of the ring.

25. If the sum and product of the zeroes of the polynomial $ax^2+5x+c$ are equal to 10 each, find the value of 'a' and 'c' .

26. In the following frequency distribution, find the median class.

| Height (in cm) | 140-145 | 145-150 | 150-155 | 155-160 | 160-165 | 165-170 |
|---|---|---|---|---|---|---|
| Frequency | 5 | 15 | 25 | 30 | 15 | 10 |

### SECTION-D (5 Marks)

27. A rectangular field is20 m long and 14 m wide. There is a path of equal width all around it, having an area of 111 sq.m. Find the width of the path.

28. From a solid cylinder of height 30 cm and radius 7 cm, a conical cavity of height 24 cm and same radius is hollowed out. Find the total surface area of the remaining solid.

### SECTION-E (4 Marks)

29. **Read the text carefully and answer the questions:**
An observer on the top of a 40m tall light house (including height of the observer) observes a ship at an angle of depression $30^o$ coming to wards the base of the light house along straightline joining the ship and the base of the light house. The angle of depression of ship changes to$45^o$after 6 seconds




(a) Find the distance of ship from the base of the light house after 6 seconds from the initial position when angle of depression is $45^o$.
(b) Find the distance between two positions of ship after 6 seconds?
(c) Find the speed of the ship?

30. **Read the text carefully and answer the questions:**
Laxman is an auto driver. His autorickshaw was too old and he had to spend a lot of money on repair and maintenance every now and then. One day he got to know about the EV scheme of the Government of India where he can not only get a good exchange bonus but also avail heavy discounts on the purchase of an electric vehicle. So, he took a loan of Rs. 1,18,000 from a reputed bank and purchased a new autorickshaw. Laxman repays his total loan of 118000rupees by paying every month starting with the first instalment of 1000 rupees.
(a) If he increases the instalment by 100 rupees every month, then what amount will be paid by him in the30th instalment?
(b) If he increases the instalment by 100 rupees every month, then what amount of loan does he still have to pay after 30th instalment?
(c) If he increases the instalment by 100 rupees every month, then what amount will be paid by him in the 100th instalment?

*****

*All the Best...*

**ANSWER KEY**

1. (b) 2. (a) 3. (b) 4. (a) 5. (a) 6. (b) 7. (c) 8. (b) 9. (a) 10. (b)
11. (c) 12. (b) 13. (c) 14.(c) 15. (c) 16. (a) 17. (a) 18. (a) 19. (a) 20. (b)

ePaper : www.sakalaepaper.com
News Portal : https://thesakala.in
Facebook : TheSakalaDigital
Twitter : thesakala
Instagram : thesakala
Youtube : @thesakaladigital

Courtesy:
ARYAVART ANCIENT ACADEMY, KHORDHA
A SENIOR SECONDARY SCHOOL
Web: www.aaschool.in

## ଅଷ୍ଟ୍ରେଲିଆ ବିପକ୍ଷ ସୀମିତ ଓଭର ମହିଳା ସିରିଜ୍ ୨୮ରୁ

# ଜୋର୍‌ଦାର୍ ଲଢ଼େଇ କରିବ ଭାରତ

ନୂଆଦିଲ୍ଲୀ, ୨୫ା୧୨(ଏଜେନ୍ସି)



ଅଷ୍ଟ୍ରେଲିଆ ବିପକ୍ଷ ଏକମାତ୍ର ଟେଷ୍ଟ ସିରିଜ୍ ବିଜୟ ପରେ ଭାରତୀୟ ଦଳର ମନୋବଳ ବୃଦ୍ଧି ପାଇଛି। ଡିସେମ୍ବର ୨୮ରୁ ଆରମ୍ଭ ହେବାକୁ ଯାଉଥିବା ୬ ମ୍ୟାଚ୍ ବିଶିଷ୍ଟ ସୀମିତ ଓଭର କ୍ରିକେଟ ସିରିଜ୍ ଲାଗି ଭାରତୀୟ ଦଳ ଘୋଷଣା କରାଯାଇଛି। ଏହି ସିରିଜ୍‌ରେ ୩ଟି ଦିନିକିଆ ଓ ୩ଟି ଟି-୨୦ ମ୍ୟାଚ୍ ଖେଳାଯିବ। ଉଭୟ ସିରିଜ୍ ଲାଗି ହରମନପ୍ରୀତ କୌର ଅଧିନାୟିକା ଓ ସ୍ମୃତି ମନ୍ଧାନା ଉପଅଧିନାୟିକା ମନୋନୀତ ହୋଇଛନ୍ତି। ସମସ୍ତ ମ୍ୟାଚ୍ ଗୁଡିକ ମୁମ୍ବାଇର ୱାଙ୍ଖଡେ ଓ ଡିୱାଇ ପାଟିଲ ଷ୍ଟାଡିୟମ୍‌ରେ ଖେଳାଯିବ। ଏହା ମଧ୍ୟରୁ ଡିସେମ୍ବର ୨୮, ୩୦ ଓ ଜାନୁଆରୀ ୨ରେ ଦିନିକିଆ ଓ ଜାନୁଆରୀ ୫, ୭ ଓ ୯ ତାରିଖରେ ଟି-୨୦ ଖେଳାଯିବ। ନିକଟରେ ରବିବାର ଶେଷ ହୋଇଥିବା ଏକମାତ୍ର ଟେଷ୍ଟ ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଛି। ଏହାକୁ ଆଖିଆଗରେ ରଖି ଦଳ ଚୟନ କରାଯାଇଛି।

ଦିନିକିଆ ଦଳରେ ଖେଳାଳି ପରିବର୍ତ୍ତନ ବ୍ୟାପକ ହୋଇଛି। ଯୁବ ଖେଳାଳି ସାଇକା ଇଶାକ୍, ଶ୍ରେୟଙ୍କା ପାଟିଲ, ମନ୍ନତ କଶ୍ୟପ ଓ ଟିଟାସ ସାଧୁ ପ୍ରଥମଥର ଦିନିକିଆ ଦଳରେ ସାମିଲ ହୋଇଛନ୍ତି। ଆହତ ଅବସ୍ଥାରୁ ଫିଟ୍ ହୋଇଥିବା ରେଣୁକା ସିଂ ଓ ବାଦ୍ ପଡ଼ିଥିବା ରିଚା ଘୋଷ ମଧ୍ୟ ଦଳକୁ ଫେରିଛନ୍ତି। ରିଚାଙ୍କ ସ୍ଥାନରେ ପୂର୍ବରୁ ଦଳରେ ସ୍ଥାନ ପାଇଥିବା ଉମା ଛେତ୍ରୀ କୌଣସି ମ୍ୟାଚ୍ ଖେଳିବାର ସୁଯୋଗ ନ ପାଇ ଦଳରୁ ବାଦ୍ ପଡ଼ିଛନ୍ତି। ବାଦ୍ ଦିଆଯାଇଥିବା ଅନ୍ୟ ଖେଳାଳିମାନେ ହେଲେ ଅଲରାଉଣ୍ଡର ପ୍ରିୟା ପୁନିଆ, ଦେବୀକା ବୈଦ୍ୟ, ଅଞ୍ଜଳି ସାର୍ବଣୀ, ବି ଅନୁଷା, ମେଘନା ସିଂ, ରାଶି କନୋଜିଆ ଓ ମୋନିକା ପଟେଲ। କିନ୍ତୁ ଇଂଲଣ୍ଡ ବିପକ୍ଷରେ ଟି-୨୦ ଖେଳିଥିବା ଭାରତୀୟ ଦଳ ଅପରିବର୍ତ୍ତିତ ରହିଛି।

ଦିନିକିଆ ଦଳରେ ପରିବର୍ତ୍ତନରେ ବୋଲରମାନେ ବିଶେଷ ପ୍ରଭାବିତ ହୋଇଛନ୍ତି। ପୂର୍ବ ଦଳରେ ବୋଲିଂ ଦୁର୍ବଳ ଥିବାରୁ ଦୁଇ ଯୁବ ସ୍ପିନର ଶ୍ରେୟଙ୍କା ପାଟିଲ ଓ ସାଇକା ଇଶାକ୍‌ଙ୍କୁ ସୁଯୋଗ ମିଳିଛି। ଏମାନେ ମହିଳା ପ୍ରିମିୟର ଲିଗ୍‌ରେ ସେମାନଙ୍କ ଫ୍ରାଞ୍ଚାଇଜ୍ ଲାଗି ଚମତ୍କାର ପ୍ରଦର୍ଶନ କରିଥିଲେ। ଏମାନେ ମଧ୍ୟ ଇଂଲଣ୍ଡ ବିପକ୍ଷ ଟି-୨୦ ସିରିଜ୍‌ରେ ସ୍ଥାନ ପାଇଥିଲେ। ପେସ୍ ବୋଲର ଟିଟାସ ସିଦ୍ଧୁ ଏସିଆନ ଗେମ୍ସ ଓ ଇଂଲଣ୍ଡ ବିପକ୍ଷ ଟି-୨୦ ସିରିଜ୍‌ରେ ଭଲ ଖେଳିଛନ୍ତି। ପେସ୍ ବୋଲର ରେଣୁକା ସିଂ ଓ ୱିକେଟରକ୍ଷକ ବ୍ୟାଟର ରିଚା ଘୋଷଙ୍କ ପ୍ରତ୍ୟାବର୍ତ୍ତନ ପରେ ଦଳର ଶକ୍ତି ବିଶେଷ ପରିମାଣରେ ବୃଦ୍ଧି ପାଇଛି।

### ଦିନିକିଆ ଦଳ

ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପଅଧିନାୟିକା), ଜେମିମା ରୋଡ୍ରିଗ୍ସେଜ୍, ଶେଫାଳି ବର୍ମା, ଦିପ୍ତୀ ଶର୍ମା, ଯଷ୍ଟିକା ଭାଟିଆ ଓ ରିଚା ଘୋଷ (ଉଭୟ ୱିକେଟରକ୍ଷକ), ଅମନଜୋତ କୌର, ଶ୍ରେୟଙ୍କା ପାଟିଲ, ମନ୍ନତ କଶ୍ୟପ, ସାଇକା ଇଶାକ୍, ରେଣୁକା ସିଂ, ଟିଟାସ ସାଧୁ, ପୂଜା ଭସ୍ତ୍ରାକାର, ସ୍ନେହ ରାଣା ଓ ହରଲିନ୍ ଦେଓଲ।

### ଟି-୨୦ ଦଳ

ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପଅଧିନାୟିକା), ଜେମିମା ରୋଡ୍ରିଗ୍ସେଜ୍, ଶେଫାଳି ବର୍ମା, ଦିପ୍ତୀ ଶର୍ମା, ଯଷ୍ଟିକା ଭାଟିଆ ଓ ରିଚା ଘୋଷ (ଉଭୟ ୱିକେଟରକ୍ଷକ), ଅମନଜୋତ କୌର, ଶ୍ରେୟଙ୍କା ପାଟିଲ, ମନ୍ନତ କଶ୍ୟପ, ସାଇକା ଇଶାକ୍, ରେଣୁକା ସିଂ, ଟିଟାସ ସାଧୁ, ପୂଜା ଭସ୍ତ୍ରାକାର, କନିକା ଆହୁଜା ଓ ମିନ୍ନୁ ମାନି।

**ଖେଳସୂଚୀ-ଦିନିକିଆ:** ୨୮।୧୨- ପ୍ରଥମ ଦିନିକିଆ, ୩୦।୧୨- ଦ୍ୱିତୀୟ ଦିନିକିଆ, ୨।୧।୨୪- ତୃତୀୟ ଦିନିକିଆ।

-ଭେନ୍ୟୁ- ୱାଙ୍ଖଡେ ଷ୍ଟାଡିୟମ୍, ମୁମ୍ବାଇ।

**ଖେଳସୂଚୀ-ଟି-୨୦** :୫।୧- ପ୍ରଥମ ଟି-୨୦, ୭।୧- ଦ୍ୱିତୀୟ ଟି-୨୦, ୯।୧- ତୃତୀୟ ଟି-୨୦।

-ଭେନ୍ୟୁ- ଡିୱାଇ ପାଟିଲ ଷ୍ଟାଡିୟମ୍, ମୁମ୍ବାଇ।

## ସ୍ପୋର୍ଟ୍ସ ମିଟ୍ ସମନ୍ୱୟ ଉଦ୍‌ଯାପିତ



ଭୁବନେଶ୍ୱର, ୨୫ା୧୨(ସମିସ): ସମ୍ ଅଲଟିମେଟ ମେଡିକେୟାରର ପ୍ରଥମ ସ୍ପୋର୍ଟ୍ସ ମିଟ୍ ସମନ୍ୱୟ-୨୦୨୩ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ନାମରେ ୧୦ଟି ଦଳ ଗଠନ କରାଯାଇ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ କ୍ରିକେଟ, ଭଲିବଲ, ଟଗ୍ ଅଫ୍ ୱାର, କ୍ୟାରମ, ବ୍ୟାଡମିଣ୍ଟନ ଭଳି ଇଣ୍ଡୋର ଓ ଆଉଟଡୋର ଗେମ୍ସ ଖେଳାଯାଇଥିଲା। ଏହି ଖେଳରେ ସଫଳତା ପାଇଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ ଅଲଟିମେଟ ଲବିରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ନୋମାନ ଗ୍ରୁପ୍ ଏଥିରେ ଓଭରଅଲ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଥିଲା। ସମ୍ ଅଲଟିମେଟ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଶ୍ୱେତପଦ୍ମା ଦଳାଇ ଅନ୍ୟତମ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ପ୍ରଶଂସା କରିଥିଲେ।

## ଓଡ଼ିଶା ମହିଳା ଲିଗ୍ | ସ୍ପୋର୍ଟ୍ସ ଓଡ଼ିଶାର ଏକତରଫା ବିଜୟ

କଟକ,୨୫ା୧୨(ସମିସ): ଫୁଟବଲ ଆସୋସିଏସନ ଅଫ ଓଡ଼ିଶା ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗର ମିଳିତ ଆନୁକୂଲ୍ୟରେ ଓଡ଼ିଶା ମହିଳା ଲିଗ ଖେଳାଯାଉଛି। ଭୁବନେଶ୍ୱର ୟୁନିଟ-୧ ଫୁଟବଲ ଗ୍ରାଉଣ୍ଡରେ ସୋମବାର ଅନୁଷ୍ଠିତ ମ୍ୟାଚ୍‌ରେ ସ୍ପୋର୍ଟସ ଓଡ଼ିଶା ଏକତରଫା ଭାବେ ଆରଡୋର ଫୁଟବଲ ଏକାଡେମୀକୁ ହରାଇଥିଲା। ଏଥିରେ ସ୍ପୋର୍ଟସ ଓଡ଼ିଶା ୭-୦ ଗୋଲରେ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ସସ୍ମିତା ଅମାଙ୍ଗ ହ୍ୟାଟ୍ରିକ ଗୋଲ ସ୍କୋର କରିଥିବାବେଳେ ରୂପଶ୍ରୀ ମୁଣ୍ଡା ୨ଟି, ସୁହାସିନୀ ମହାକୁଳ ଏବଂ ବାସନ୍ତୀ ଖେସ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଚୌଦ୍ୱାର ଓଟିଏମ ଗ୍ରାଉଣ୍ଡରେ ନୀତା ଫୁଟବଲ ଏକାଡେମୀ ୨-୦ ଗୋଲରେ ରାଇଜିଂ ଷ୍ଟୁଡେଣ୍ଟ କ୍ଲବକୁ ପରାସ୍ତ କରିଥିଲା। ଏକାଡେମୀ ଅଧିନାୟିକା ପାର୍ବତୀ ବାର୍ଲା ଏବଂ ମିଡଫିଲ୍ଡର ଇପସିତା ରାଉତ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ।

## ସନ୍ତୋଷ ମେମୋରିଆଲ୍ କ୍ରିକେଟ: ପାୱାର ଏକାଦଶ ବିଜୟୀ

ଭୁବନେଶ୍ୱର, ୨୫ ।୧୨ (ସମିସ)



ରସୁଲଗଡ଼ ୟୁଥ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୨୪ତମ ସନ୍ତୋଷ ମେମୋରିଆଲ୍ କ୍ରିକେଟ୍ ପ୍ରତିଯୋଗିତାର ୩ୟ ଲିଗ୍ ମ୍ୟାଚରେ ପାୱାର ଏକାଦଶ ବିଜୟୀ ହୋଇଛି। ସୋମବାର ଖେଳାଯାଇଥିବା ମ୍ୟାଚରେ ପାୱାର ଏକାଦଶ ଓ ସମରସେଟ୍ ଏକାଦଶ ସାମ୍ନାସାମ୍ନି ହୋଇଥିଲେ। ଏଥିରେ ପାୱାର ଏକାଦଶ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୪ ୱିକେଟ୍ ହରାଇ ୧୬୮ ରନ କରିଥିଲା। ଦଳ ପକ୍ଷରୁ ଶେଖର ଦାସ ୨୬ ବଲରେ ୫୨ ରନ କରିଥିଲେ। ସମରସେଟ୍ ଏକାଦଶ ରାଜେଶ ଜେନାଙ୍କ ୩୩ ରନ ସତ୍ତ୍ୱେ ୯ ୱିକେଟରେ ୧୨୮ ରନ କରିବାକୁ ସମର୍ଥ ହୋଇଥିଲା। ବିଜୟୀ ପାୱାର ଏକାଦଶର ସୁଶାନ୍ତ ସାହୁ ୫ ୱିକେଟ୍ ସଫଳତା ପାଇଥିଲେ। ମ୍ୟାଚ୍ ବିଜୟୀ ବୋଲିଂ ପ୍ରଦର୍ଶନ ଲାଗି ସୁଶାନ୍ତଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ବୃନ୍ଦ ପ୍ରକାଶ ମହାପାତ୍ର ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ମ୍ୟାଚକୁ ସ୍ମୃତି ଚନ୍ଦନ ଦାସ ଓ ଅଜିତ ନାୟକ ଅମ୍ପାୟର ଭାବେ ପରିଚାଳନା କରିଥିଲେ।

ପୂର୍ବରୁ ରବିବାର ଏହି ପ୍ରତିଯୋଗିତାକୁ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଓ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଅତିଥିଭାବେ ଯୋଗଦେଇ ଆନୁଷ୍ଠାନିକ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ଦିବସରେ ଖେଳାଯାଇଥିବା ମ୍ୟାଚ୍‌ରେ କଟକର ସନ୍ ଏକାଦଶ ୬ ୱିକେଟରେ କଟକର ବିନ୍ଦାସ ଏକାଦଶକୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ବିଜୟୀ ଦଳ ପକ୍ଷରୁ ୧୪ ବଲ୍‌ରେ ୩୧ ରନ୍ କରି ବ୍ରାଉନ ଯାଦବ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ୧୬ଟି ଦଳ ଅଂଶଗ୍ରହଣ କରିଛନ୍ତି।

## ଜାତୀୟ କନିଷ୍ଠ ଟେନିସ୍ ବଲ୍ କ୍ରିକେଟ | ବନାରସ ଯାତ୍ରା କଲା ଓଡ଼ିଶା ଦଳ

ପୁରୀ,୨୫ା୧୨(ସମିସ)

ଆସନ୍ତା ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ଉତ୍ତରପ୍ରଦେଶର ବନାରସଠାରେ ୧୯ ବର୍ଷରୁ କମ୍ ଜାତୀୟ ଦ୍ୱିତୀୟ ଜୁନିୟର ଟେନିସ୍ ବଲ୍ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବା ପାଇଁ ଓଡ଼ିଶା ଦଳ ସୋମବାର ପୁରୀ ଷ୍ଟେଶନରୁ ବନାରସ ଅଭିମୁଖେ ଯାତ୍ରା କରିଛି। ଓଡ଼ିଶା ଟେନିସ୍ ବଲ କ୍ରିକେଟ ଆସୋସିଏଶନ ତରଫରୁ ୧୨ ଜଣ ଖେଳାଳି ବନାରସ ଯାତ୍ରା କରିଥିବା ଆସୋସିଏଶନର ସମ୍ପାଦକ ବ୍ରଜକିଶୋର ଦାସ ସୂଚନା ଦେଇଛନ୍ତି। ସେମାନଙ୍କ ସହିତ ୪ ଜଣ ଅଫିସିଆଲ ମଧ୍ୟ ଯାଇଛନ୍ତି। ବନାରସ ଯାତ୍ରା କରିଥିବା ଖେଳାଳିମାନେ ହେଲେ ସୌମ୍ୟଜିତ ଜେନା, ଶୁଭମ ସାବତ, ସୂର୍ଯ୍ୟକାନ୍ତ ବେହେରା, ସତ୍ୟପ୍ରକାଶ ମହାନ୍ତି, ସ୍ନେହାଶିଷ ଛାଟୋଇ, ବିନାୟକ ସାହୁ, ସଂଗ୍ରାମ କେଶରୀ ମହାପାତ୍ର, ଆୟୁଷ ରଞ୍ଜନ ଜେନା, ପ୍ରିନ୍ସ ପ୍ରୀତମ୍ ସାମନ୍ତରାୟ, ସୁମିତ କୁମାର ପ୍ରତିହାରୀ, ଶିବାଶିଷ ମେକାପ ଓ ପ୍ରଭାସ କୁମାର ପଟ୍ଟନାୟକ। ଏମାନଙ୍କ ସହିତ କୋଚ୍ ରମେଶ ଚନ୍ଦ୍ର ମହାପାତ୍ର, ମ୍ୟାନେଜର ଭୂବାନନ୍ଦ ଛାଟୋଇ, ଅଫିସିଆଲ ଚନ୍ଦ୍ରଶେଖର ବେହେରା ଓ କିଶୋର ଦାସ ବନାରସ ଯାତ୍ରା କରିଛନ୍ତି।



## ଜାତୀୟ କନିଷ୍ଠ ଥ୍ରୋ ବଲ୍‌ରେ ଭାଗନେବ ଓଡ଼ିଶା

ପୁରୀ,୨୫ା୧୨(ସମିସ): ଆସନ୍ତା ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ତାମିଲନାଡୁର କୋଏମ୍ବାଟୁରଠାରେ ଅନୁଷ୍ଠିତ ହେବ ୩୩ତମ ଜାତୀୟ କନିଷ୍ଠ ଥ୍ରୋ ବଲ୍ ଚାମ୍ପିଅନସିପ୍। ଏଥିରେ ଭାଗନେବା ପାଇଁ ଓଡ଼ିଶା ଦଳ (ବାଳକ ଓ ବାଳିକା) ଭୁବନେଶ୍ୱରରୁ ତାମିଲନାଡୁ ଅଭିମୁଖେ ଯାତ୍ରା କରିଛି। ଓଡ଼ିଶାର ଉଭୟ ବାଳକ ଓ ବାଳିକା ଦଳରେ ମୋଟ ୩୪ ଜଣ ଖେଳାଳି ସ୍ଥାନ ପାଇଛନ୍ତି। ମହିଳା ଦଳର କୋଚ୍ ଭାବେ ସୁଧାସିନ୍ଧୁ ସାହୁ ଓ ମ୍ୟାନେଜର ଭାବେ ଶ୍ରୀକୃତ ମହାନ୍ତି ଏବଂ ବାଳକ ଦଳରେ ଦୀପ୍ତିରଞ୍ଜନ ସାମନ୍ତରାୟ କୋଚ୍ ଓ ଅଭିଜିତ ମହାନ୍ତି ମ୍ୟାନେଜର ଦାୟିତ୍ୱ ସମ୍ଭାଳୁଛନ୍ତି। ଏହି ଦଳରେ ରେଫରୀ ଭାବେ ଯଶୋବନ୍ତ ପରମଗୁରୁ ଓ ଏସ୍. ଜଗା ରେଡ୍ଡୀ ଯାଇଛନ୍ତି ବୋଲି ଓଡ଼ିଶା ଥ୍ରୋ ବଲ୍ ଆସୋସିଏଶନ ସମ୍ପାଦକ ଶିତେନ୍ଦ୍ର ନାଥ ଦାସ ପ୍ରକାଶ କରିଛନ୍ତି। ଓଡ଼ିଶା ଦଳ ଭଲ ପ୍ରଦର୍ଶନ କରିବ ବୋଲି ସଭାପତି ଭୂପିନ୍ଦର ସିଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରିବା ସହ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।




## ଟାଇକୋଫେଷ୍ଟ ଟାଏକ୍ୱୋଣ୍ଡୋ ଲାଗି ୧୨ ମନୋନୀତ

ଭୁବନେଶ୍ୱର, ୨୫ା୧୨(ସମିସ)



କୋଲକାତାରେ ଡିସେମ୍ବର ୨୭ରୁ ୨୯ ତାରିଖଯାଏ ଆୟୋଜିତ ହେବ ଓପନ ନ୍ୟାସନାଲ ଟାଏକ୍ୱୋଣ୍ଡୋ ଚାମ୍ପିଅନସିପ୍ ଟାଇକୋଫେଷ୍ଟ। ଏହି ପ୍ରତିଯୋଗିତାରେ ସମଗ୍ର ଭାରତବର୍ଷରୁ ୫୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଏଥିରେ କଟକସ୍ଥିତ ଏସ୍‌ଏନ୍ ଟାଏକ୍ୱୋଣ୍ଡୋ ଏକାଡେମୀର ୧୨ ଜଣ ପ୍ରତିଯୋଗୀ ଭାଗ ନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେମାନେ ହେଲେ ପ୍ରତ୍ୟୁଷା ପ୍ରିୟଦର୍ଶିନୀ, ପ୍ରତୀକ୍ଷା ଦାସ, ସୁଜେନ ଜୁବେର, ସୋନମ ମାହେଶ୍ୱରୀ, ହର୍ଷିତ ସିଂ, ଆଲୀହା ଆରିନ୍, ରୀଦାନ ଜୁବେର, ଭୌମିକ ଦାସ, ଅଙ୍କିତ ସାହୁ, ସ୍ୱୟମ ମହାପାତ୍ର, ଅଭିଷେକ ଧଳସାମନ୍ତ, କୈରଭ ଅଲି ଖାନ୍। ଦଳ ସହ ମହାଜାବିନ ଆଲାମ ଓ ସୟଦ ଅଲି ପ୍ରଶିକ୍ଷକ ଭାବେ ଦଳ ସହ ଯାତ୍ରା କରିବେ।

## ଅଲ୍‌ଇଣ୍ଡିଆ ଓପନ କରାଟେ ଉଦ୍‌ଯାପିତ



ଭୁବନେଶ୍ୱର, ୨୫ା୧୨(ସମିସ)

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଚାଲିଥିବା ସର୍ବଭାରତୀୟ ଓପନ କରାଟେ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ୪ ଦିନ ଧରି ଆୟୋଜିତ ଏହି ପ୍ରତିଯୋଗିତାରେ ଓଡ଼ିଶା ଦଳଗତ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଓଡ଼ିଶାର ପ୍ରତିଯୋଗୀମାନେ ୯୦ ଶତକଡ଼ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଓଡ଼ିଶା ରାଜ୍ୟ କରାଟେ ସଂଘ ଦ୍ୱାରା ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲାବେଳେ ଉତ୍କଳ କରାଟେ ସ୍କୁଲ୍‌ର ପ୍ରତିଷ୍ଠାତା ହରିପ୍ରସାଦ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କରାଟେ ସଂଘ ଉପସଭାପତି ସନତ୍ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ଜାତୀୟ ସ୍କୁଲ କ୍ରୀଡ଼ା | ରଗ୍‌ବୀ ଫାଇନାଲରେ ଓଡ଼ିଶା ବାଳକ ଓ ବାଳିକା

ଭୁବନେଶ୍ୱର, ୨୫ ।୧୨ (ସମିସ): ଓଡ଼ିଶା ସରକାରଙ୍କ ମାଧ୍ୟମିକ ଶିକ୍ଷା ପରିଷଦ ଏବଂ କିଟ୍ ଓ କିସ୍‌ର ମିଳିତ ଆନୁକୂଲ୍ୟରେ ଚାଲିଥିବା ଜାତୀୟ ସ୍କୁଲ କ୍ରୀଡ଼ାର ରଗ୍‌ବୀରେ ରାଜ୍ୟର ଉଭୟ ବାଳକ ଓ ବାଳିକା ଦଳ ଫାଇନାଲରେ ପ୍ରବେଶ କରିଛି। ସୋମବାର ଖେଳାଯାଇଥିବା ବାଳକ ବିଭାଗ ସେମିଫାଇନାଲରେ ଓଡ଼ିଶା ୧୫-୦ ସ୍କୋରରେ ଦିଲ୍ଲୀକୁ ପରାସ୍ତ କରିଛି। ସେହିଭଳି ବାଳିକା ବିଭାଗ ସେମିଫାଇନାଲ ଓଡ଼ିଶା ଓ ତାମିଲନାଡୁ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମଧ୍ୟ ଓଡ଼ିଶା ସମାନ ୧୫-୦ ସ୍କୋରରେ ବିଜୟୀ ହୋଇ ଫାଇନାଲରେ ସ୍ଥାନ ପକ୍କା କରିଥିଲା। ଉଭୟ ବିଭାଗର ଫାଇନାଲ ମଙ୍ଗଳବାର ଖେଳାଯିବ। ଏଥିରେ ଓଡ଼ିଶା ବାଳିକା ଓ ବାଳକ ଦଳ ବିହାରକୁ ଭେଟିବାର କାର୍ଯ୍ୟସୂଚୀ ରହିଛି। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ସାଂସଦ ଓଡ଼ିଶାର ଉଭୟ ବାଳକ ଓ ବାଳିକା ଦଳକୁ ଅଭିନନ୍ଦନ ଜଣାଇଛନ୍ତି।



ମାଧ୍ୟମିକ ଶିକ୍ଷା ପରିଷଦର ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାଶ, କିଟ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାସ, ଶାରୀରିକ ଶିକ୍ଷା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ସପନ କୁମାର ଜେନା, କୈଳାଶ ଚନ୍ଦ୍ର ପ୍ରଧାନ, କିସ୍‌ର ଉପକ୍ରୀଡ଼ା ନିର୍ଦ୍ଦେଶକ ରୁଦ୍ରକେଶ ଜେନାଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ସଫଳତାର ସହ ଆଗେଇ ଚାଲିଛି।

## ଫାଓ ୟୁଥ୍ ଲିଗ୍: ଶ୍ରୀଜଲଙ୍କ ହ୍ୟାଟ୍ରିକରେ ଆର୍‌ଡୋର୍ ୧୧-୦ରେ ବିଜୟୀ

କଟକ,୨୫ା୧୨(ସମିସ)

ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ଆନୁକୂଲ୍ୟରେ କଟକରେ ଚାଲିଥିବା ୟୁଥ୍ ଲିଗ୍‌ରେ ସୋମବାର ୧୩ବର୍ଷରୁ କମ୍ ବୟସ ବର୍ଗର ଦୁଇଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଆରଡୋର ଫୁଟବଲ ଏକାଡେମୀ ଏବଂ ନୀତା ଫୁଟବଲ ଏକାଡେମୀ ବିଜୟୀ ହୋଇଛନ୍ତି।

ବିଡ଼ାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଆରଡୋର ଏକାଡେମୀ ୧୧-୦ ଗୋଲରେ ରାଇଜିଂ ଷ୍ଟାରକୁ ପରାସ୍ତ କରିଥିଲା। ଆରଡୋର ପକ୍ଷରୁ ଶ୍ରୀଜଲ କିସକୁ ସର୍ବାଧିକ ୩ଟି ଗୋଲ ସ୍କୋର କରିଥିଲେ। ଆୟୁଷ ଗୋପ, ସୁମିତ ଏକ୍କା ୨ଟି ଲେଖାଏ, ଏହସାସ ପାଙ୍ଗୀ, ବାବା ସାନ ହେମ୍ବ୍ରମ, ଲକି ମିର୍ଦ୍ଧା, ଶ୍ରେୟାସ ପାଢ଼ୀ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏଠାରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ୍‌ରେ ନୀତା ଫୁଟବଲ ଏକାଡେମୀ ୧-୦ ଗୋଲରେ କଳିଙ୍ଗନଗର ସ୍ପୋର୍ଟସ ଏକାଡେମୀକୁ ପରାସ୍ତ କରିଥିଲା। ନୀତା ଏକାଡେମୀର ସାମ ସାୱିୟା ଏକମାତ୍ର ଗୋଲଟି ଦେଇଥିଲେ।

## ସର୍ବଭାରତୀୟ ଓଡ଼ଗାଁ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

# କଟକ ୟଙ୍ଗ୍ ଉତ୍କଳ ୬-୨ରେ ବିଜୟୀ



ଓଡ଼ଗାଁ,୨୫ ।୧୨(ସମିସ)

ଓଡ଼ଗାଁ କପ୍ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ୫ମ ସଂସ୍କରଣର ଦ୍ୱିତୀୟ ଦିବସ ମ୍ୟାଚ ସୋମବାର ସୋନପୁର ରାମଧୁନ କ୍ଲବ ଓ କଟକ ୟଙ୍ଗ ଉତ୍କଳ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚରେ ୟଙ୍ଗ ଉତ୍କଳ ୬-୨ ଗୋଲରେ ବିଜୟୀ ହୋଇଛି। ଖେଳ ପ୍ରଥମାର୍ଦ୍ଧର ୫ ମିନିଟରେ ୟଙ୍ଗ୍ ଉତ୍କଳ ଦଳର ୨୩ନଂ. ଜର୍ସି ସତ୍ୟନାରାୟଣ ପ୍ରଧାନ ପ୍ରଥମ ଗୋଲ ଦେଇଥିଲେ। ୨୭ତମ ମିନିଟରେ ୧୨ ନଂ. ଜର୍ସି ବାପୁନି ବିନ୍ଧାଣୀ ୨ୟ ଏବଂ ୩୬ ଓ ୪୦ତମ ମିନିଟରେ ୧୦ ନଂ. ଜର୍ସି ପରିଧାନ ଖେଳାଳି ଚିଣ୍ଟୁ ସାମଲ କ୍ରମାଗତ ଦୁଇଟି ଗୋଲ ଦେଇଥିଲେ। ଏହାପରେ ଦ୍ୱିତୀୟାର୍ଦ୍ଧରେ ୟଙ୍ଗ ଉତ୍କଳ ପକ୍ଷରୁ ସୁନୀଲ ସୋରେନ ୫ମ ଓ ଗଣେଶ ସେଠୀ ୬ଷ୍ଠ ଗୋଲ ସ୍କୋର କରି ଦଳ ପାଇଁ ବିଜୟର ପଥ ପରିଷ୍କାର କରିଥିଲେ। ଅପରପକ୍ଷରେ ସୋନପୁରର ରାମଧୁନ ଦଳ ପକ୍ଷରୁ ରଘୁ ହେମ୍ବ୍ରମ ଓ ଲକି ଗୋଟିଏ ଲେଖାଏ ଗୋଲ୍ ଦେଇ ପରାଜୟ ବ୍ୟବଧାନକୁ କମାଇଥିଲେ।

ସୋମବାର ଖେଳକୁ ରାଜୁ ମହାନ୍ତି ପରିଚାଳନା କରିଥିବାବେଳେ ଟୁଲୁ ସିଂ, ଶଶିକାନ୍ତ ଦାସିଆ, ଜଗନ୍ନାଥ ପରିଡା ଲାଇନରେ ସହାୟତା କରିଥିଲେ। ଓଡ଼ଗାଁ ବିଡ଼ିଓ ଜିତେନ୍ଦ୍ର କୁମାର ନାୟକ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥିରୂପେ ସ୍ଥାନୀୟ ପିମିଟ୍ କଲେଜର ନିର୍ଦ୍ଦେଶକ ସୁଶୀଲ କୁମାର ପ୍ରଧାନ, ଅଧ୍ୟକ୍ଷ ସୁରେଶ କୁମାର ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟା ବିରଜାଲକ୍ଷ୍ମୀ ସାହୁ, ଝିଲି ପ୍ରଧାନ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। କଟକ ଦଳର ୧୦ ନଂ ଜର୍ସି ଚିଣ୍ଟୁ ସାମଲ ଶ୍ରେଷ୍ଠ ଖେଳାଳି ଭାବରେ ମୁଖ୍ୟ ଅତିଥିମାନଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ମଙ୍ଗଳବାର ସ୍ପୋର୍ଟସ ହଷ୍ଟେଲ କଟକ ଓ ୟୁନାଇଟେଡ଼ ଏଫ୍‌ସି ଗଣ୍ଡରପୁର ମଧ୍ୟରେ ଖେଳ ଅନୁଷ୍ଠିତ ହେବ।



# କ୍ରୀଡ଼ା



ସକାଳ
www.sakalaepaper.com

## ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟେଷ୍ଟ ଆଜିଠାରୁ

# ପ୍ରଥମ ସିରିଜ୍ ବିଜୟ ଲକ୍ଷ୍ୟରେ ଭାରତ

ସେଞ୍ଚୁରିଆନ, ୨୫।୧୨(ଏଜେନ୍ସି)

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଆସନ୍ତାକାଲି (ମଙ୍ଗଳବାର)ଠାରୁ ଆରମ୍ଭ ହେବ। ଦକ୍ଷିଣ ଆଫ୍ରିକା ଅନ୍ତର୍ଜାତୀୟ କ୍ରିକେଟକୁ ଫେରିବା ପରେ ଭାରତ ଏହି ଦେଶକୁ ୮ ଥର ଗସ୍ତ କରିଛି। ଏହା ମଧ୍ୟରୁ କେବଳ ଥରେ ଦଳ ଟେଷ୍ଟ ସିରିଜ୍ ବିଜୟୀ ହେବାର ସମ୍ଭାବନା ୨୦୧୦-୧୧ ସିରିଜ୍‌ରେ ସୃଷ୍ଟି କରିଥିଲା। ଏହି ଟୁର୍‌ରେ ଭାରତ ପ୍ରଭାବୀ ପ୍ରଦର୍ଶନ କରିଥିଲେ ମଧ୍ୟ ସିରିଜ୍ ୧-୧ରେ ଡ୍ର ରହିଥିଲା। କହିବାକୁ ଗଲେ ଦକ୍ଷିଣ ଆଫ୍ରିକାରେ ଟେଷ୍ଟ ସିରିଜ୍ ଜିତିବାକୁ ଏହି ସିରିଜ୍ ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରିଥିଲା। କିନ୍ତୁ ଏଥିରେ ଦଳ ବିଜୟୀ ହୋଇ ପାରି ନଥିଲା। ମଙ୍ଗଳବାରଠାରୁ ଦୁଇ ଦେଶ ମଧ୍ୟରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଆରମ୍ଭ ହେବ। ସେଞ୍ଚୁରିଆନରେ ପ୍ରଥମ ଟେଷ୍ଟ ଖେଳାଯିବ। ଏହି ଟେଷ୍ଟରେ ଯେଉଁ ଦଳ ବିଜୟୀ ହେବ, ସେହି ଦଳ ଏହି ସିରିଜ୍ କବ୍‌ଜା କରିବାର ଯଥେଷ୍ଟ ସମ୍ଭାବନା ରଖିଛି। ଅନ୍ୟ ଟେଷ୍ଟ ମ୍ୟାଚ୍‌ଟି କେପ୍‌ଟାଉନ୍‌ରେ ଖେଳାଯିବ। ଟେଷ୍ଟ ମୁକାବିଲା ପୂର୍ବରୁ ଉଭୟ ଦଳ ଭଲ ଖେଳି ମଧ୍ୟ ଦିନିକିଆ ବିଶ୍ୱକପ୍‌ରେ ଚାମ୍ପିଅନ୍ ହୋଇପାରି ନାହାନ୍ତି। ଉଭୟ ଦଳ ମଧ୍ୟ ଏବେଠାରୁ ଆସନ୍ତାବର୍ଷ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ଲାଗି ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଯାହା ଫଳରେ ଟେଷ୍ଟ ଫର୍ମାଟରେ ଖେଳିବାକୁ ହେଲେ ସେମାନଙ୍କୁ ଖୁବ୍‌ଶୀଘ୍ର ଏଥିରେ ଖାପ୍ ଖୁଆଇବାକୁ ହେବ। ନଚେତ ଦକ୍ଷିଣ ଆଫ୍ରିକାରେ ଟେଷ୍ଟ ସିରିଜ୍ ଜିତିବା ଭାରତୀୟଙ୍କ ଲାଗି ସ୍ୱପ୍ନ ହୋଇ ରହିଯିବ।

**ଖେଳ ଆରମ୍ଭ: ଅପରାହ୍ଣ ୧ଟା ୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ, ହଟ୍ ଷ୍ଟାର।**



ଅନ୍ୟପକ୍ଷରେ ଘରୋଇ ମାଟିରେ ଭାରତ ବିପକ୍ଷରେ ଟେଷ୍ଟ ସିରିଜ୍ ଅପରାଜେୟ ରହିବାର ରେକର୍ଡ ବଜାୟ ରଖିବାକୁ ଘରୋଇ ଦକ୍ଷିଣ ଆଫ୍ରିକା ଦଳ ବେଶ ଆଶାୟୀ। ଟେମ୍ବା ବଭୂମାଙ୍କ ଦଳ ଗତ ମାର୍ଚ୍ଚ ମାସଠାରୁ କୌଣସି ଟେଷ୍ଟ ଖେଳିନାହାଁନ୍ତି। ଏହା ସତ୍ତ୍ୱେ ସେମାନେ ଭାରତକୁ କଡ଼ା ଟକ୍କର ଦେବା ସହ ଚଳିତ ସିରିଜ୍‌ରେ କ୍ରିକେଟରୁ ଅବସର ନେବାକୁ ଘୋଷଣା କରିଥିବା ପୂର୍ବତନ ଅଧିନାୟକ ଡିନ୍ ଏଲ୍‌ଗାରଙ୍କୁ ବିଜୟ ସହ ବିଦାୟ ଦେବାକୁ ଯୋଜନା କରିଛନ୍ତି। ଉଭୟ ଦଳର ଯୋଜନାରେ ବର୍ଷା ପ୍ରତିବନ୍ଧକ ସାଜିବାର ଯଥେଷ୍ଟ ସମ୍ଭାବନା ରହିଛି।

ଏହି ଟେଷ୍ଟରେ ଭାରତ ଚୂଡାନ୍ତ ଏକାଦଶ ଚୟନ ନେଇ ଦ୍ୱନ୍ଦ୍ୱରେ ରହିଛି। ଯଦିଓ ଦଳ ଜଣେ ସ୍ପିନର ଭାବେ ରବିନ୍ଦ୍ର ଜାଡେଜାଙ୍କୁ ଖେଳାଇବାକୁ ପସନ୍ଦ କରିବ। ଅଶ୍ୱିନଙ୍କ ସ୍ଥାନରେ ଶାର୍ଦ୍ଦୁଳ ଠାକୁର ଓ ମୁକେଶ କୁମାରଙ୍କ ସ୍ଥାନରେ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ଖେଳାଇବାର ସମ୍ଭାବନା ରହିଛି। ଏଠାରେ ପିଚ୍ ଫାଷ୍ଟ ବୋଲରଙ୍କୁ ସୁହାଇଥାଏ। ଦକ୍ଷିଣ ଆଫ୍ରିକା ଏଠାରେ ୨୮ ଟି ମ୍ୟାଚ୍ ଖେଳି ୨୨ଟିରେ ବିଜୟୀ ହୋଇଛି। କିନ୍ତୁ ଏଠାରେ ଭାରତ ଶେଷଥର ଖେଳିଥିବା ଟେଷ୍ଟରେ ୧୧୩ ରନ୍‌ରେ ବିଜୟୀ ହୋଇଥିଲା। ଏହି ଧାରା ବଜାୟ ରଖିବ ବୋଲି ଭାରତୀୟ ଅଧିନାୟକ ରୋହିତ ଶର୍ମା ଆଶା କରୁଛନ୍ତି। ରୋହିତଙ୍କ ସହ ଯଶସ୍ୱୀ ଜୟସ୍ୱାଲ ପାଳି ଆରମ୍ଭ କରିବେ। ଶୁବମାନ ଗିଲ୍, ବିରାଟ କୋହଲି, ଶ୍ରେୟସ ଆୟର, ୱିକେଟରକ୍ଷକ ଲୋକେଶ ରାହୁଲ ଓ ଅଲରାଉଣ୍ଡର ରବିନ୍ଦ୍ର ଜାଡେଜାଙ୍କ ଉପରେ ବ୍ୟାଟିଂ ନିର୍ଭର କରୁଛି। ଯଶପ୍ରୀତ ବୁମ୍‌ରା, ମହମ୍ମଦ୍ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା ଓ ଶାର୍ଦ୍ଦୁଳ ଠାକୁରଙ୍କ ପରି ୪ଜଣ ଫାଷ୍ଟ ବୋଲରଙ୍କୁ ଭାରତ ଖେଳାଇପାରେ।

ଟେମ୍ବା ବଭୂମାଙ୍କ ନେତୃତ୍ୱରେ ଗଠିତ ଦକ୍ଷିଣ ଆଫ୍ରିକା ଦଳ ମଧ୍ୟ ୪ଜଣ ଫାଷ୍ଟ ବୋଲରଙ୍କୁ ନେଇ ଏହି ମ୍ୟାଚରେ ଖେଳିବ। ମାର୍କୋ ଜାନସେନ, ଜେରାଲ୍ଡ କୋଏଜି, କାଗିସୋ ରବାଡ଼ା ଓ ଲୁଙ୍ଗି ଏନ୍‌ଗିଡିଙ୍କ ବୋଲରଙ୍କୁ ମୁକାବିଲା କରିବା ଲାଗି ଭାରତୀୟ ଦଳ ପ୍ରସ୍ତୁତ ରହିବା ଆବଶ୍ୟକ।

### ସମ୍ଭାବ୍ୟ ଖେଳାଳି ଦଳ

**ଭାରତ** : ରୋହିତ ଶର୍ମା (ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ଶୁବମାନ ଗିଲ୍, ବିରାଟ କୋହଲି, ଶ୍ରେୟସ ଆୟର, ଲୋକେଶ ରାହୁଲ (ୱିକେଟରକ୍ଷକ), ରବିନ୍ଦ୍ର ଜାଡେଜା, ଯଶପ୍ରୀତ ବୁମ୍‌ରା, ମହମ୍ମଦ୍ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା ଓ ଶାର୍ଦ୍ଦୁଳ ଠାକୁର।
ରିଜର୍ଭ- ରବିଚନ୍ଦ୍ରନ ଅଶ୍ୱିନ, ଶ୍ରୀକର ଭରତ, ଅଭିମନ୍ୟୁ ଈଶ୍ୱରନ, ମୁକେଶ କୁମାର।

**ଦକ୍ଷିଣ ଆଫ୍ରିକା** : ଡିନ୍ ଏଲଗାର, ଆଇଡେନ୍ ମାର୍କରାମ, ଟୋନି ଡି ଜୋର୍ଜି, ଟେମ୍ବା ବଭୂମା (ଅଧିନାୟକ), ଡେଭିଡ୍ ବେଡିଙ୍ଗହାମ୍/ କିଗାନ ପିଟରସନ, କାଏଲ ଭେରିନ୍ (ୱିକେଟରକ୍ଷକ), କେଶବ ମହାରାଜ, ମାର୍କୋ ଜାନସେନ, ଜେରାଲ୍ଡ କୋଏଜି, କାଗିସୋ ରବାଡ଼ା ଓ ଲୁଙ୍ଗି ଏନ୍‌ଗିଡି।
ରିଜର୍ଭ- ୱିଆନ ମୁଲ୍ଡର, ନାନ୍ଦ୍ରେ ବର୍ଗର, ଟ୍ରିଷ୍ଟାନ ଷ୍ଟବ୍ସ।

# ଧୋନି-ପନ୍ତ ପାଳିଲେ ବଡ଼ଦିନ



ନୂଆଦିଲ୍ଲୀ, ୨୫ ।୧୨ (ଏଜେନ୍ସି)

ସାରା ବିଶ୍ୱରେ ସୋମବାର ପବିତ୍ର ବଡ଼ଦିନକୁ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଇଛି। ଏଥିରୁ କ୍ରୀଡ଼ାଜଗତ ମଧ୍ୟ ବାଦ୍ ପଡ଼ିନି। କାର୍ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ପ୍ରାୟ ଏକ ବର୍ଷ ସମୟ ହେବ ଧିରେ ଧିରେ ସୁସ୍ଥ ହେଉଥିବା ଭାରତୀୟ କ୍ରିକେଟ୍ ଦଳର ଅଭିଜ୍ଞ ୱିକେଟ୍‌କିପର ଋଷଭ ପନ୍ତ ମଧ୍ୟ ବଡ଼ଦିନ ପାଳନ କରିଛନ୍ତି। ଭାରତୀୟ ଦଳର ପ୍ରାକ୍ତନ ଅଧିନାୟକ ମହେନ୍ଦ୍ର ସିଂଙ୍କ ପରିବାର ଓ ସାଙ୍ଗସାଥୀଙ୍କ ଗହଣରେ ପନ୍ତ ବଡ଼ଦିନକୁ ଧୁମ୍‌ଧାମରେ ପାଳିଥିବା ଜଣାପଡ଼ିଛି। ଯେଉଁଥିରେ ଧୋନିଙ୍କ ପତ୍ନୀ ସାକ୍ଷୀ ଓ ଝିଅ ଜିଭା ମଧ୍ୟ ରହିଛନ୍ତି। ସାମାଜିକ ଗଣମାଧ୍ୟମରେ ଜିଭା ସେୟାର କରିଥିବା ଫଟୋରେ ସାଙ୍ଗସାଥୀଙ୍କ ଗହଣରେ ଧୋନି, ସାକ୍ଷୀ ଓ ପନ୍ତ ସାନ୍ତାକ୍ଲଜ ଟୋପି ପରିଧାନ କରି ଠିଆ ହୋଇଥିବା ଦେଖିବାକୁ ମିଳିଛି। ସେହିଭଳି ବିଶ୍ୱକପ୍ ବିଜୟୀ ଅଧିନାୟକ ଅଷ୍ଟ୍ରେଲିଆର ପ୍ୟାଟ୍ କମିନ୍ସଙ୍କ ସହ ଡେଭିଡ୍ ୱାର୍ଣ୍ଣର ମଧ୍ୟ ବଡ଼ଦିନକୁ ପାଳନ କରିଥିବାର ଫଟୋ ସାମାଜିକ ଗଣମାଧ୍ୟମରେ ସେୟାର କରିଛନ୍ତି।

# ଦ.ଆଫ୍ରିକାରେ ଭାରତ ଜିତିଛି ୪ଟି ଟେଷ୍ଟ

ସେଞ୍ଚୁରିୟନ, ୨୫ ।୧୨ (ଏଜେନ୍ସି)

ଦୀର୍ଘ ୫ ମାସର ବ୍ୟବଧାନ ପରେ ଭାରତୀୟ ଦଳ ରେଡ୍‌ବଲ୍ ଅର୍ଥାତ୍ ଟେଷ୍ଟ କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ କରିଛି। ଦକ୍ଷିଣ ଆଫ୍ରିକା ଗସ୍ତରେ ଥିବା ଭାରତୀୟ କ୍ରିକେଟ୍ ଦଳ ମଙ୍ଗଳବାରଠାରୁ ଘରୋଇ ଦଳ ବିପକ୍ଷରେ ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ। ସ୍ଥାନୀୟ ସୁପର୍ ସ୍ପୋର୍ଟ୍ସ ପାର୍କରେ ପ୍ରଥମ ମ୍ୟାଚ୍ ଖେଳାଯିବ। ଅଧିନାୟକ ରୋହିତ୍ ଶର୍ମାଙ୍କ ସମେତ ବିରାଟ କୋହଲିଙ୍କ ଭଳି ବରିଷ୍ଠ ଖେଳାଳି ପ୍ରଥମଥର ଲାଗି ବିଶ୍ୱକପ୍ ଫାଇନାଲ ପରାଜୟ ପରେ ମଇଦାନକୁ ଓହ୍ଲାଇବେ। ଟି-୨୦ ସିରିଜ ୧-୧ରେ ଅମୀମାଂସିତ ରହିବା ପରେ ଦିନିକିଆ ସିରିଜକୁ ଭ୍ରମଣକାରୀ ଭାରତ ୨-୧ରେ ଜିତିନେଇଥିଲା।

### ■ ଏମାନେ ଯଦି ....

- ଦକ୍ଷିଣ ଆଫ୍ରିକାରେ ବିରାଟ କୋହଲି କେବଳ ୫୦ରୁ ଊର୍ଦ୍ଧ୍ୱ ହାରରେ ରନ୍ ସଂଗ୍ରହ କରିଛନ୍ତି। ୫ଟି ପାଳିରୁ ଅଧିକ ବ୍ୟାଟିଂ କରିଥିବା ଭାରତୀୟ ବ୍ୟାଟରଙ୍କ ମଧ୍ୟରେ କୋହଲି ପାଳି ପ୍ରତି ୫୧.୩୫ ହାରରେ ରନ୍ ସଂଗ୍ରହ କରିଛନ୍ତି। ତାଙ୍କ ପଛକୁ ସଚିନ ତେନ୍ଦୁଲକର ୪୬.୪୪ ହାରରେ ରନ୍ କରିଛନ୍ତି।
- ଭାରତୀୟ ସ୍ପିନର ଅଶ୍ୱିନ ଯଦି ଏହି ସିରିଜ୍‌ରେ ୧୧ଟି ୱିକେଟ ନେବେ, ତେବେ ବିଶ୍ୱର ୯ମ ବୋଲର ଭାବେ ସେ ୫୦୦ ୱିକେଟ କ୍ଲବ୍‌ରେ ସାମିଲ ହେବେ।
- କେଶବ ମହାରାଜ ଏହି ସିରିଜ୍‌ରେ ୧୩ଟି ୱିକେଟ ନେଲେ ଦକ୍ଷିଣ ଆଫ୍ରିକାର ଜଣେ ସ୍ପିନର ଭାବେ ସର୍ବାଧିକ ୱିକେଟ ନେବାର ରେକର୍ଡ କରିବେ। ହଗ୍ ଟେଫିଲ୍ଡ ୧୭୦ଟି ୱିକେଟ ନେଇ ପ୍ରଥମ ସ୍ଥାନରେ ଅଛନ୍ତି।
- ଦକ୍ଷିଣ ଆଫ୍ରିକା ଅଧିନାୟକ ଆଉ ୩ ରନ୍ କଲେ ଟେଷ୍ଟ କ୍ରିକେଟରେ ୩,୦୦୦ ରନ୍ ପୂରଣ କରିବେ।
- ଭାରତୀୟ ଖେଳାଳି ଶୁବମାନ ଗିଲ ଆଉ ୩୪ ରନ୍ କରିପାରିଲେ ଟେଷ୍ଟ କ୍ରିକେଟରେ ୧,୦୦୦ ରନ୍ ପୂରଣ କରିବାକୁ ସମର୍ଥ ହେବେ।

ଏବେ ଭାରତର ଲକ୍ଷ୍ୟ ଟେଷ୍ଟ ସିରିଜ ଉପରେ। କିନ୍ତୁ ରେକର୍ଡ ଉପରେ ନଜର ପକାଇଲେ ଦକ୍ଷିଣ ଆଫ୍ରିକା ମାଟିରେ ଟେଷ୍ଟରେ ଭାରତର ରେକର୍ଡ ଅତ୍ୟନ୍ତ ନୈରାଶ୍ୟଜନକ ରହିଛି।

ଟେଷ୍ଟ ଇତିହାସ ଉପରେ ନଜର ପକାଇଲେ ଭାରତ ଓ ଦକ୍ଷିଣ ଆଫ୍ରିକା ୧୯ ୯୨ ନଭେମ୍ବର ୧୩ରେ ସର୍ବପ୍ରଥମଥର ଲାଗି ଟେଷ୍ଟ ମ୍ୟାଚରେ ସାମ୍ନାସାମ୍ନି ହୋଇଥିଲେ। ଅଦ୍ୟବଧି ଦୁଇ ଦଳ ମଧ୍ୟରେ ୪୨ ଟେଷ୍ଟ ମ୍ୟାଚ୍ ଖେଳାଯାଇଛି। ଏଥିରେ ଦକ୍ଷିଣ ଆଫ୍ରିକା ୧୭ ଟେଷ୍ଟ ଜିତି ସାମାନ୍ୟ ଅଗ୍ରଣୀ ରହିଛି। ଭାରତ ୧୫ ଟେଷ୍ଟରେ ବିଜୟୀ ହୋଇଥିବାବେଳେ ୧୦ଟି ମ୍ୟାଚ୍ ଅମୀମାଂସିତ ରହିଛି। ଯଦି ଦକ୍ଷିଣ ଆଫ୍ରିକା ମାଟିରେ ଭାରତର ଟେଷ୍ଟ ପ୍ରଦର୍ଶନ ଉପରେ ଆଲୋକପାତ କରାଯାଏ ତେବେ ଏହା ଅତ୍ୟନ୍ତ ନୈରାଶ୍ୟଜନକ ରହିଛି। ଭାରତ ବର୍ତ୍ତମାନ ସୁଦ୍ଧା ଦକ୍ଷିଣ ଆଫ୍ରିକା ମାଟିରେ ଘରୋଇ ଦଳ ବିପକ୍ଷରେ ୨୩ଟି ଟେଷ୍ଟ ଖେଳି ମାତ୍ର ୪ଟି ଜିତିଥିବାବେଳେ ୧୨ ମ୍ୟାଚରେ ପରାଜୟର ସାମ୍ନା କରିଛି। ୭ଟି ମ୍ୟାଚ୍ ବିନା ଫଳାଫଳରେ ଶେଷ ହୋଇଛି। ଦକ୍ଷିଣ ଆଫ୍ରିକା ମାଟିରେ ଭାରତ ଶେଷଥର ଲାଗି ୨୦୨୧ ବକ୍ସିଂ ଡେ' ଟେଷ୍ଟରେ ଘରୋଇ ଦଳ ବିପକ୍ଷରେ ୧୧୩ ରନରେ ବିଜୟୀ ଲାଭ କରିଥିଲା।

■ ମିଷ୍ଟର ଆଣ୍ଡ ମିସ୍ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

# ଭବାନୀଶଙ୍କରଙ୍କୁ ସ୍ୱର୍ଣ୍ଣ ଓ ମଧୁସ୍ମିତାଙ୍କୁ ରୌପ୍ୟ

ପୁରୀ,୨୫।୧୨(ସମିସ): ୱାର୍ଲ୍ଡ ଫିଟ୍‌ନେସ ଫେଡେରେଶନ ଓ କଳିଙ୍ଗ ବଡି ବିଲ୍ଡିଂ ଆଣ୍ଡ ଫିଟ୍‌ନେସ ଆସୋସିଏଶନ ସହଭାଗିତାରେ ରାଜସ୍ଥାନରେ ଅନୁଷ୍ଠିତ ହୋଇଯାଇଛି ମିଷ୍ଟର ଓ ମିସ୍ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା। ଏଥିରେ ୧୮ ଟି ରାଜ୍ୟରୁ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଯେଉଁଥିରେ ଲିଜେଣ୍ଡ ଜିମ୍ ପକ୍ଷରୁ ଜଣେ ଲେଖାଏ ମହିଳା ଓ ପୁରୁଷ ଭାଗ ନେଇଥିବାବେଳେ ଉଭୟ ପୁରୀ ପାଇଁ ପଦକ ହାତେଇଛନ୍ତି। ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଭବାନୀଶଙ୍କର ସ୍ୱର୍ଣ୍ଣ ପଦକ ହାତେଇଥିବାବେଳେ ଡେନିମ୍ ମଡେଲରେ କାଂସ୍ୟ ପଦକ ଜିତିଛନ୍ତି। ସେହିଭଳି ମିସ୍ ଇଣ୍ଡିଆ ଗ୍ଲାମର ଓ ଫିଗରରେ ରୌପ୍ୟ ପଦକ ହାତେଇଛନ୍ତି ମଧୁସ୍ମିତା ରଥ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱର୍ ଅଫିସିଆଲ ଥିବା ବେଳେ କଳିଙ୍ଗ ବଡି ବିଲ୍‌ଡିଙ୍ଗ ଓ ଫିଟ୍‌ନେସ ଆସୋସିଏଶନର ଚିଫ୍ ପାର୍ଟନ ଗୌରୀଶଙ୍କର ସିଂହାରୀ ଓ ୱାର୍ଲଡ ଫିଟ୍‌ନେସ ଫେଡେରେଶନ ଓଡିଶା ସଭାପତି ରଞ୍ଜନ ମହାନ୍ତିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହା ପରିଚାଳିତ ହୋଇଥିଲା।



ଇଣ୍ଡିଆନ ସୁପର ଲିଗ୍

# ଅପରାଜେୟ ଲକ୍ଷ୍ୟରେ ଓଡ଼ିଶା ଏଫ୍‌ସି

ଭୁବନେଶ୍ୱର, ୨୫।୧୨(ସମିସ)

ଇଣ୍ଡିଆନ ସୁପର ଲିଗ୍ ଫୁଟବଲରେ ଭୁବନେଶ୍ୱର ଭିତ୍ତିକ ଫ୍ରାଞ୍ଚାଇଜ୍ ଓଡ଼ିଶା ଫୁଟବଲ କ୍ଲବ୍ ଭଲ ଫର୍ମରେ ରହିଛି। ଦଳ ଏବେ ପଏଣ୍ଟ ସାରଣୀର ୫ମ ସ୍ଥାନରେ ରହିଛି। ଏଏଫ୍‌ସି ଓ ଆଇଏସଏଲ୍‌ରେ ଗତ ୯ଟି ମ୍ୟାଚ୍‌ରେ ଏହି ଦଳ ପରାଜିତ ହୋଇନାହିଁ। ଏଭଳି ସ୍ଥିତିରେ ଦଳର ମନୋବଳ ଦୃଢ଼ ରହିଛି ଓ ଆତ୍ମବିଶ୍ୱାସର ସହ ମୁକାବିଲା କରିବାକୁ ପ୍ରସ୍ତୁତ ରହିଛି। ଏହି ଅବସରରେ ନୂଆଦିଲ୍ଲୀରେ ମଙ୍ଗଳବାର ପଞ୍ଜାବ ଫୁଟବଲ କ୍ଲବ୍ ସହ ଓଡ଼ିଶା ଏଫ୍‌ସିର ମୁକାବିଲା ହେବ। ଏହି ମୁକାବିଲା ଲାଗି ଓଡ଼ିଶା ଦଳ ଜୋରଦାର ପ୍ରସ୍ତୁତି କରିଥିଲେ ମଧ୍ୟ ପ୍ରମୁଖ ଖେଳାଳି ପୁଇଏଟାଙ୍କ ଅନୁପସ୍ଥିତି ଦଳକୁ ଅଡୁଆରେ ପକାଇପାରେ। ତାଙ୍କ ସ୍ଥାନରେ ନୂଆ ଖେଳାଳି ସୁଯୋଗ ନେବାକୁ ପ୍ରଶିକ୍ଷକ ଆହ୍ୱାନ ଦେଇଛନ୍ତି।

● କ୍ଲବ୍-୭୩ର ସୁବର୍ଣ୍ଣଜୟନ୍ତୀ ସମାରୋହ

# ଆଜିଠାରୁ ନିଖିଳ ଓଡ଼ିଶା ଫୁଟବଲ

ଭୁବନେଶ୍ୱର, ୨୫।୧୨ (ସମିସ)

ରାଜ୍ୟର ଅନ୍ୟତମ ଅଗ୍ରଣୀ କ୍ରୀଡ଼ାନୁଷ୍ଠାନ ଭୁବନେଶ୍ୱରର କ୍ଲବ୍-୭୩ ପ୍ରତିଷ୍ଠା ହେବାର ୫୦ ବର୍ଷ ପୂରଣ କରିବାକୁ ଯାଉଛି। ଏହାର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅବସରରେ ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏଥିରେ ମୋଟ ୮ଟି ଦଳ ଅଂଶଗ୍ରହଣ କରୁଥିଲାବେଳେ ପ୍ରତ୍ୟେକ ଦିନ ୨ଟି ଲେଖାଏଁ ମ୍ୟାଚ୍ ଖେଳାଯିବ। ୪ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାର ଫାଇନାଲ ଖେଳ ଡିସେମ୍ବର ୨୯ ତାରିଖ ଶୁକ୍ରବାର ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ପ୍ରତିଯୋଗିତାରେ ଚାମ୍ପିଅନ୍ ଦଳକୁ ଟ୍ରଫି ସହ ଏକ ଲକ୍ଷ ଟଙ୍କା ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୫୦,୦୦୦ ଟଙ୍କା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି।

**ଖେଳସୂଚୀ:** ୨୬।୧୨- (୧) କିଶୋର କ୍ଲବ୍ ବନାମ କିଟ୍ ଫୁଟବଲ ଏକାଡେମୀ, (୨)- ୟୁନିଟ-୬ ଆଥ୍‌ଲେଟିକ ଆସୋସିଏସନ ବନାମ ରାଇଜିଂ ଷ୍ଟୁଡେଣ୍ଟ, କଟକ, ୨୭।୧୨- (୧) ସନ୍‌ରାଇଜ୍ କ୍ଲବ୍, କଟକ ବନାମ ସମ୍ବଲପୁର ଫୁଟବଲ ଏକାଡେମୀ, (୨)- ଇଣ୍ଡିପେଣ୍ଡେଣ୍ଟ କ୍ଲବ୍, କଟକ ବନାମ ଫୁଲବାଣୀ ଫୁଟବଲ ଏକାଡେମୀ, ୨୮।୧୨- ଉଭୟ ସେମିଫାଇନାଲ, ୨୯।୧୨- ଫାଇନାଲ।

**ଭେନ୍ୟୁ-**ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆ।

# ଜୟଶ୍ରୀ ଭାରତୀୟ କବାଡ଼ି ମହାସଂଘର ଯୁଗ୍ମ ସମ୍ପାଦିକା

କଟକ,୨୫।୧୨(ସମିସ)

ଭାରତୀୟ କବାଡି ମହାସଂଘର ଯୁଗ୍ମ ସମ୍ପାଦିକା ଭାବେ ଓଡ଼ିଶାର ଜୟଶ୍ରୀ ସ୍ୱାଇଁ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। କବାଡି ମହାସଂଘ ପଦବୀରେ ଅବସ୍ଥାପିତ ହେବା କ୍ଷେତ୍ରରେ ଜୟଶ୍ରୀ ପାଲଟିଛନ୍ତି ପ୍ରଥମ ଓଡ଼ିଆ। ଫେଡେରେଶନର ଏକମାତ୍ର ମହିଳା ପ୍ରାର୍ଥିନୀ ଭାବେ ସେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସର୍ବପ୍ରଥମ କରି ମହାସଂଘରେ ଜଣେ ଓଡ଼ିଆ ସ୍ଥାନ ପାଇଥିବାରୁ ରାଜ୍ୟ କବାଡି ଜଗତରେ ଖୁସିର ମାହୋଲ ଖେଳି ଯାଇଛି। ପ୍ରକାଶ ଯୋଗ୍ୟ, ଜୟଶ୍ରୀ ହେଉଛନ୍ତି ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ କବାଡି ଖେଳାଳି। ଟିକଟ ନିରୀକ୍ଷିକା ଭାବେ କାର୍ଯ୍ୟ କରୁଥିବା ଜୟଶ୍ରୀ ବହୁବର୍ଷ ଧରି ରେଳବାଇ ମହିଳା ଦଳର ମୁଖ୍ୟ ପ୍ରଶିକ୍ଷିକା ଭାବେ ଦାୟିତ୍ୱ ତୁଲାଉଛନ୍ତି। ଏପରିକି ଜାତୀୟ ଚୟନ କମିଟିର ସଦସ୍ୟା ଏବଂ ରାଜ୍ୟ କବାଡି ସଂଘର ସହ ସମ୍ପାଦିକା ମଧ୍ୟ ରହିଛନ୍ତି। ରାଜ୍ୟ କବାଡି ସଂଘ ସଭାପତି ଡଃ ଶରତ କୁମାର ସାହୁ, ଉପସଭାପତି ପୃଥ୍ୱୀରାଜ ପଟ୍ଟନାୟକ, ସମ୍ପାଦକ ଅଜୟ କୁମାର ବେହେରା, କୋଷାଧ୍ୟକ୍ଷ ବିକ୍ରମ କୁମାର ପ୍ରଧାନ, ଯୁଗ୍ମ ସମ୍ପାଦକ ସୂର୍ଯ୍ୟକାନ୍ତ ମହାନ୍ତି, ରେଫରୀ ବୋର୍ଡ ଅଧ୍ୟକ୍ଷ ପଦ୍ମଚରଣ ପ୍ରଧାନ, ଚୟନ କମିଟି ଅଧ୍ୟକ୍ଷ ଶୁଭ୍ରାଂଶୁ ଶେଖର ବେହେରା ପ୍ରମୁଖ ଜୟଶ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ଅଲ୍ଟିମେଟ ଖୋ ଖୋ-୨

# ୱାରିୟର୍ସଙ୍କୁ ହରାଇଲା ଜାଏଣ୍ଟସ

କଟକ,୨୫।୧୨(ସମିସ): ସ୍ଥାନୀୟ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଅଲ୍ଟିମେଟ ଖୋ ଖୋର ଦ୍ୱିତୀୟ ସଂସ୍କରଣ ଖେଳାଯାଉଛି। ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଗୁଜରାଟ ଜାଏଣ୍ଟସ ୪୧-୩୦ ପଏଣ୍ଟରେ ରାଜସ୍ଥାନ ୱାରିୟର୍ସଙ୍କୁ ହରାଇ ଅଭିଯାନ ଆରମ୍ଭ କରିଛି। ବିଜୟୀ ଜାଏଣ୍ଟସ ଦଳ ସ୍କାଏ ଡାଇଭରେ ୧୨, ପୋଲ ଡାଇଭରେ ୪, ଟଚ୍ ପଏଣ୍ଟରେ ୨୨ ଏବଂ ବୋନସ ଭାବେ ୩ ପଏଣ୍ଟ ପ୍ରାପ୍ତ କରିଥିଲା। ଅପରପକ୍ଷରେ ରାଜସ୍ଥାନ ୱାରିୟର୍ସ ସ୍କାଏ ଡାଇଭରେ ୧୨, ପୋଲ ଡାଇଭରେ ୬, ଟଚ୍ ପଏଣ୍ଟରେ ୧୨ ପଏଣ୍ଟ ପାଇଥିବାବେଳେ କୌଣସି ବୋନସ୍ ପଏଣ୍ଟ ହାତେଇ ପାରି ନଥିଲା। ଗୁଜରାଟ ବିଜୟରେ ପି ନାରାସାୟ ସର୍ବାଧିକ ୮ ଏବଂ ସଙ୍କେତ କଦମ ଓ ସୁୟାସ ଗାର୍ଗାଟେ ୬ ପଏଣ୍ଟ ଲେଖାଏ ଅବଦାନ ଦେଇଥିଲେ। ରାଜସ୍ଥାନ ନିମନ୍ତେ ୮ ପଏଣ୍ଟ ସଂଗ୍ରହ କରିଥିବା ସୌରଭ ଗାଜେ ଶ୍ରେଷ୍ଠ ଆଟାକର୍ ଏବଂ ମ୍ୟାଚ୍‌ରେ ୨ ମିନିଟ ୨୩ ସେକେଣ୍ଡ ବିତାଇଥିବା ଗୁଜରାଟର ଶୁଭମ ଥୋରାଟ ଶ୍ରେଷ୍ଠ ଡିଫେଣ୍ଡର ବିବେଚିତ ହୋଇଛନ୍ତି। ଅନ୍ୟପକ୍ଷରେ ୱାରିୟର୍ସ ଦଳର ଏହା ହେଉଛି କ୍ରମାଗତ ଦ୍ୱିତୀୟ ପରାଜୟ। ଉଦ୍‌ଘାଟନୀ ମ୍ୟାଚ୍‌ରେ ଓଡ଼ିଶା ଜଗରନଟ୍ସଠାରୁ ୱାରିୟର୍ସ ପରାସ୍ତ ହୋଇଥିଲା।

ଏହି ମୁକାବିଲାରେ ରାଜସ୍ଥାନ ୱାରିୟର୍ସ ଦଳ ଟସ୍ ଜିତି ଚେଜ୍ କରିବାକୁ ନିଷ୍ପତ୍ତି ନେଇଥିଲା। କିନ୍ତୁ ପ୍ରଥମ ସାତ ମିନିଟରେ ମାତ୍ର ୭ ଖେଳାଳିଙ୍କୁ ଆଉଟ୍ କରିପାରିଥିବାବେଳେ ଗୁଜରାଟର ଦ୍ୱିତୀୟ ବ୍ୟାଚ୍‌ରୁ ଅଭିନନ୍ଦ ପାଟିଲ ପାୱାର ପ୍ଲେ'ରେ ଦୁଇଟି ପଏଣ୍ଟ୍ ନେଇଥିଲେ। ଫଳରେ ପ୍ରଥମ ଇନିଂସ୍‌ରେ ରାଜସ୍ଥାନ ୧୪-୨ରେ ଅଗ୍ରଣୀ ହାସଲ କରିଥିଲା। ଦ୍ୱିତୀୟ ଇନିଂସରେ ଗୁଜରାଟ ଜାଏଣ୍ଟସ ଦଳଦମଦାର ପ୍ରତ୍ୟାବର୍ତ୍ତନ କରି ମ୍ୟାଚ୍‌କୁ ୨୩-୧୪ ପଏଣ୍ଟରେ ପହଞ୍ଚାଇଥିଲା। ପରବର୍ତ୍ତୀ ୨ଟି ଇନିଂସ୍‌ରେ ମଧ୍ୟ ଜାଏଣ୍ଟସ ଖେଳାଳିମାନେ ଚମତ୍କାର ପ୍ରଦର୍ଶନ ଜାରି ରଖିଥିଲେ। ତୃତୀୟ ଇନିଂସ୍‌ରେ ପଏଣ୍ଟ ହାସଲର ସୁଯୋଗ ହାତଛଡ଼ା କରି ରାଜସ୍ଥାନ ୱାରିୟର୍ସ ମାତ୍ର ୬ ପଏଣ୍ଟ ପାଇଥିଲା। ମ୍ୟାଚ୍‌ର ଅନ୍ତିମ ପର୍ଯ୍ୟାୟରେ ୱାରିୟର୍ସ ଖେଳାଳିମାନେ ସଂଘର୍ଷ କରି ସୁଦ୍ଧା ବିଜୟଠାରୁ ୧୧ ପଏଣ୍ଟ ପଛରେ ରହି ଯାଇଥିଲେ।



ରାଜସ୍ଥାନ ଓ ଗୁଜରାଟ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଉତ୍କଣ୍ଠାପୂର୍ଣ୍ଣ ମୁହୂର୍ତ୍ତ।

### ବିଜୟ ଧାରା ବଜାୟ ଲକ୍ଷ୍ୟରେ ଜଗରନଟ୍ସ

ଘରୋଇ ଓଡ଼ିଶା ଜଗରନଟ୍ସ ଦଳ ବିଜୟ ଧାରା ଅବ୍ୟାହତ ଲକ୍ଷ୍ୟରେ ରହିଛି। ପ୍ରଥମ ମୁକାବିଲାରେ ରାଜସ୍ଥାନ ୱାରିୟର୍ସଙ୍କୁ ସହଜରେ ପରାସ୍ତ କରିଥିବା ଜଗରନଟ୍ସ ମଙ୍ଗଳବାର ଦ୍ୱିତୀୟ ମ୍ୟାଚ୍‌ରେ ଚେନ୍ନାଇ କୁଇକ୍ ଗନ୍ସକୁ ଭେଟିବ। ପ୍ରଥମ ବିଜୟ ପଏଣ୍ଟ ହାତେଇବା ପରେ ଡିଫେଣ୍ଡି ଚାମ୍ପିଅନ ଜଗରନଟ୍ସ ଦଳର ସମସ୍ତ ଖେଳାଳିଙ୍କ ମନୋବଳ ଦୃଢ଼ ହୋଇଛି ବୋଲି କୋଚ୍ ବିନୟ ଜୈସୱାଲ କହିଛନ୍ତି। ସେ କହିଥିଲେ ଯେ, ଦଳରେ ଏକାଧିକ ନବାଗତ ଖେଳାଳିଙ୍କୁ ସାମିଲ କରାଯାଇଛି। ବଡ ପ୍ଲାଟଫର୍ମରେ ସେମାନେ ପୂର୍ବରୁ କେବେ ଖେଳି ନାହାନ୍ତି। ଏଣୁ ସନ୍ତୁଳନ ରକ୍ଷା କରାଯାଇ ଦଳ ଗଠନରେ ଗୁରୁତ୍ୱ ଦିଆଯିବ। ଅଲ୍ଟିମେଟ ଖୋ ଖୋରେ ଭାଗ ନେଇଥିବା ସମସ୍ତ ଦଳ ଶକ୍ତିଶାଳୀ। ଏଣୁ ଏଥିପାଇଁ ସ୍ୱତନ୍ତ୍ର ଭାବେ ଗେମ୍ ପ୍ଲାନ ପ୍ରସ୍ତୁତ କରାଯାଇଛି ବୋଲି ସେ କହିଥିଲେ। ଜଗରନଟ୍ସ ଅଧିନାୟକ ଦୀପେଶ ମୋରେ ମଧ୍ୟ ଘରୋଇ ପରିବେଶରେ ଦଳର ପ୍ରଦର୍ଶନ ପ୍ରଭାବଶାଳୀ ରହିବ ବୋଲି ଆଶା ବ୍ୟକ୍ତ କରିଛନ୍ତି। ମଙ୍ଗଳବାର ସନ୍ଧ୍ୟା ୭.୩୦ରେ ଓଡ଼ିଶା ଜଗରନଟ୍ସ ଏବଂ ଚେନ୍ନାଇ କୁଇକ ଗନ୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ।

### କୁଇକ୍ ଗନ୍ସର ବିଜୟ ଅଭିଯାନ

ସୋମବାର ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚରେ ତେଲଗୁ ଯୋଦ୍ଧାସକୁ ୬ ପଏଣ୍ଟ (୩୨-୩୮)ରେ ଚେନ୍ନାଇ କୁଇକ୍ ଗନ୍ସ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି। କୁଇକ୍ ଗନ୍ସର ଧ୍ରୁବେଶ ସାଲୁଙ୍କେ ସର୍ବାଧିକ ୧୦ ପଏଣ୍ଟ କରିଥିଲେ। ବିଜୟ ସହ ଚେନ୍ନାଇ ୩ ପଏଣ୍ଟ ପାଇ ଖାତା ଖୋଲିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର